

‘ଡନ୍ ୩’ରେ ହ୍ରିତିକ

▶ପୃଷ୍ଠା ୧୨ ଦେଖନ୍ତୁ...


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-188 ◆SATURDAY ◆3 JANUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୮୮ ◆ଶନିବାର ◆୩ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଡେଲିଭରୀ ବଏ, କ୍ୟାବ୍ ଡ୍ରାଇଭରଙ୍କୁ ମିଳିବ ବୀମା

**ପଞ୍ଜୀକରଣ ପାଇଁ ୯୦ ଦିନ କାମ କରିଥିବା ଜରୁରୀ**

■ ନୂଆଦିଲ୍ଲୀ, ୨।୧ (ଏଜେନ୍ସି): ଦେଶର ଦ୍ରୁତ ଗତିରେ ବଢୁଥିବା ଗିଗ୍ ଅର୍ଥନୀତିକୁ ମିଳିବ ଆଇନଗତ ସୁରକ୍ଷା। ନୂତନ ସାମାଜିକ ସୁରକ୍ଷା ସଂହିତାରେ ଗିଗ୍ ୱାର୍କର, ଯେପରିକି ଜୋମାଟୋ, ସ୍ୱିଗି ଏବଂ ବ୍ଲିଙ୍କିଟ୍ ସମେତ ଅନ୍ୟାନ୍ୟ କମ୍ପାନୀର ଡେଲିଭରି ବୟ ଏବଂ କ୍ୟାବ୍ ଡ୍ରାଇଭରମାନଙ୍କୁ ସାମାଜିକ ସୁରକ୍ଷା ପରିସରଭୁକ୍ତ କରାଯାଇଛି। ସେମାନଙ୍କୁ ଏଣିକି ଜୀବନ ବୀମା, ସ୍ୱାସ୍ଥ୍ୟ ବୀମା ଏବଂ ଦୁର୍ଘଟଣାଜନିତ ବୀମା କଭର ମିଳିବ। ସରକାର ଏଥିପାଇଁ ଚିଠା ନିୟମ ଜାରି କରିଛନ୍ତି। ଏହି ନିୟମ ଅନୁଯାୟୀ, ସାମାଜିକ ସୁରକ୍ଷା ଲାଭ ପାଇବା ପାଇଁ ଯୋଗ୍ୟ ହେବା ନିମନ୍ତେ ଗୋଟିଏ କମ୍ପାନୀ (ଏଗ୍ରିଗେଟର) ସହିତ ଜଡ଼ିତ କର୍ମଚାରୀମାନଙ୍କୁ ସେହି କମ୍ପାନୀରେ ବର୍ଷରେ ଅତି କମ୍‌ରେ ୯୦ ଦିନ କାମ କରିଥିବା ଜରୁରୀ। ଏକାଧିକ ପ୍ଲାଟଫର୍ମରେ କାମ କରୁଥିବା ବ୍ୟକ୍ତିଙ୍କ ପାଇଁ ଏହି ସୀମା ୧୨୦ ଦିନ ରଖାଯାଇଛି। ଯଦି ଜଣେ ବ୍ୟକ୍ତି ଗୋଟିଏ ଦିନରେ ତିନୋଟି ଭିନ୍ନ କମ୍ପାନୀରେ କାମ କରନ୍ତି, ତେବେ ଏହାକୁ ତିନି ଦିନ ଗଣନା କରାଯିବ, ଯାହା ୧୨୦ ଦିନର କୋଟା ପୂରଣ କରିବା ସହଜ କରିବ। ଏହି ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ପାଇଁ ସରକାର ପଞ୍ଜୀକରଣକୁ ବାଧ୍ୟତାମୂଳକ କରିଛନ୍ତି। ୧୬ ବର୍ଷରୁ ଅଧିକ ବୟସର ପ୍ରତ୍ୟେକ ଗିଗ୍ କର୍ମଚାରୀଙ୍କୁ ପଞ୍ଜୀକରଣ ▶ପୃଷ୍ଠା-୭

**ଫାଶ୍‌ଟ୍ୟାଗ୍ ୟୁଜର୍ସଙ୍କୁ ଆଶ୍ୱସ୍ତି**

## ଫେବୃଆରୀରୁ ରହିବନି କେୱାଇଭି ଝିନ୍‌ଝଟ୍

■ ନୂଆଦିଲ୍ଲୀ, ୨।୧ (ଏଜେନ୍ସି): ଫାସ୍‌ଟ୍ୟାଗ ପ୍ରସଙ୍ଗରେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚ୍‌ଏଆଇ) ବଡ଼ ନିଷ୍ପତ୍ତି ନେଇଛି। ଏଣିକି ବନ୍ଦ ହେବ କାର, ଜିପ୍ ଏବଂ ଭ୍ୟାନ ଭଳି ଚାରି ଚକିଆ ଗାଡ଼ି ପାଇଁ ନୂଆ ଫାସ୍‌ଟ୍ୟାଗ ଜାରି ସମୟରେ ଆବଶ୍ୟକ ହେଉଥିବା ‘ନୋ ୟୋର ଭେଇକିଲ’ (କେୱାଇଭି) ପ୍ରକ୍ରିୟା। ଏହି ପରିବର୍ତ୍ତନ ୨୦୨୬ ଫେବୃଆରୀ ପହିଲାଠାରୁ ଲାଗୁ ହେବ। ଏହା ଫାସ୍‌ଟ୍ୟାଗ ୟୁଜର୍ସଙ୍କୁ ବଡ଼ ଆଶ୍ୱସ୍ତି ଦେଇଛି। କାରଣ ଫାସ୍‌ଟ୍ୟାଗ ଆକ୍ଟିଭ ହେବା ପରେ ଦେଖାଦେଉଥିବା ସମସ୍ୟା ଏଣିକି ଦୂର ହୋଇଯିବ। କେଓ୍ୱାଇଭିର ଉଦ୍ଦେଶ୍ୟ ହେଉଛି ଫାସ୍‌ଟ୍ୟାଗ ଠିକ୍ ଭାବେ ଗାଡ଼ିରେ ଲଗାଯିବା ଏବଂ ଏହା ପ୍ରକୃତ ମାଲିକଙ୍କ ସହ ଜଡ଼ିତ ରହିଛି କି’ ନାହିଁ ତାହା ସୁନିଶ୍ଚିତ କରିବା। ଏହାଦ୍ୱାରା ଭୁଲ ବ୍ୟବହାର, ନକଲି ଟ୍ୟାଗ କିମ୍ବା ଭୁଲ ଗାଡ଼ି ଦ୍ୱାରା ଲିଙ୍କ୍ ହେବା ଭଳି ଅସୁବିଧା ରହି ନ ଥାଏ। ଏହି ଯାଞ୍ଚ ବାହାନ ପୋର୍ଟାଲରେ ପଞ୍ଜିକୃତ ଥିବା ଗାଡ଼ିର ସବିଶେଷ ରେଜିଷ୍ଟ୍ରେସନର ତଥ୍ୟ ଅନୁସାରେ ହୋଇଥାଏ। ଏସବୁ ଯାଞ୍ଚ ବାଦ୍ ଗାଡ଼ିରେ ପୂର୍ବରୁ କୌଣସି ଆକ୍ଟିଭ ଫାସ୍‌ଟ୍ୟାଗ ଅଛି କି ନାହିଁ , ଯଦି ଅଛି ତାହା କଳା ତାଲିକାଭୁକ୍ତ ହୋଇନାହିଁ ତ। ତାହା କେୱାଇଭି ପ୍ରକ୍ରିୟାରେ ଯାଞ୍ଚ କରାଯାଇଥାଏ। ପୂର୍ବରୁ ଫାସ୍‌ଟ୍ୟାଗ ଆକ୍ଟିଭ ହେବା ପରେ, ବେଳେବେଳେ କେଓ୍ୱାଇଭିର ଯାଞ୍ଚ କରିବାକୁ ▶ପୃଷ୍ଠା-୭




# ବାୟୁରେ ବିଷ ନିଃଶ୍ୱାସକୁ ପାଉନି ବିଶ୍ୱାସ

## ଦେଶର ୯ ଅତିପ୍ରଦୂଷିତ ସହର ମଧ୍ୟରେ ଓଡ଼ିଶାର ୬



**୩୮୦ ଏକ୍ୟୁଆଇ ସହ ତାଳଚେର ସ୍ଥିତି ସାଙ୍ଘାତିକ୍**

**ରାଜ୍ୟର ୬ ସହରରେ ଏକ୍ୟୁଆଇ ୩୦୦ ଉପରେ**

**ଏବେ ଦେହକୁ ଅହିତକର ହେଲାଣି ‘ସକାଳ ବୁଲା’**

**ଗୁରୁଚାପ ବଳୟ ଯୋଗୁଁ ଆଗକୁ ବଢ଼ିପାରୁନି ବାୟୁ**

■ ଭୁବନେଶ୍ୱର, ୨।୧ (ସମିସ): ଜୀବନ ଜିଇଁବାର ପ୍ରମୁଖ ମାଧ୍ୟମ ବାୟୁ ବା ପବନ ଏବେ ମଣିଷର ବିଶ୍ୱାସ ହରାଇ ବସିଛି। ଅତି ସମ୍ବେଦନଶୀଳ ଆଡ଼କୁ ଗତି କରୁଛି ରାଜ୍ୟରେ ବାୟୁ ପ୍ରଦୂଷଣ ସ୍ଥିତି। ସଂପ୍ରତି ବାୟୁ ଏତେମାତ୍ରାରେ ବିଷାକ୍ତ ବା ପ୍ରଦୂଷିତ ହୋଇଯାଇଛି ଯେ ନିଃଶ୍ୱାସ-ପ୍ରଶ୍ୱାସ ବେଳେ ନାକ ରୁନ୍ଧି ହୋଇ ଯାଉଛି। ସ୍ୱଚ୍ଛ ବାୟୁ ଟିକିଏ ବିନା ଜୀବନ ଯେମିତି ଦୁର୍ବିସହ ହୋଇଯାଇଛି। ଦେଶ-ବିଦେଶ ସବୁଠି ଏବେ ଏହି ସମସ୍ୟାର ସମାଧାନ ମୁଖ୍ୟ ଆହ୍ୱାନ ହୋଇଛି। ଡାକ୍ତରଙ୍କ ମତରେ ସକାଳ ବୁଲା (ମର୍ଣ୍ଣିଂ ୱାକ୍) ସ୍ୱାସ୍ଥ୍ୟ ପାଇଁ ହିତକର ହୋଇଥିବା ବେଳେ ସାମ୍ପ୍ରତିକ ସ୍ଥିତିରେ ଏହି ‘ସକାଳ ବୁଲା’ ଅହିତକର ସାବ୍ୟସ୍ତ ହେଲାଣି।


ଦେଶର ରାଜଧାନୀ ଦିଲ୍ଲୀରେ ବାୟୁ ପ୍ରଦୂଷଣ ସମସ୍ୟା ଉତ୍କଟ ରୂପ ନେଇଥିବା ବେଳେ ଓଡ଼ିଶା ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ରାଜ୍ୟରେ କ୍ରମାଗତ ଭାବେ ଗଲା ୨-୩ ଦିନ ହେବ ଘନ କୁହୁଡ଼ି ଲୋକଙ୍କୁ କଲବଲ କରୁଥିବାବେଳେ ପ୍ରଦୂଷଣ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ବାୟୁମଣ୍ଡଳରେ ଛୋଟ୍ ଛୋଟ୍ ପାର୍ଟିକିଲ୍ (କଣିକା)ମାନ ଭାସମାନ ଅବସ୍ଥାରେ ରହୁଛନ୍ତି। ଏହା ଦିନ ତମାମ୍ ରହୁଥିଲେ ମଧ୍ୟ ସକାଳ ଓ ସନ୍ଧ୍ୟା ସମୟରେ ଅଧିକ ପ୍ରଭାବ ପକାଉଛନ୍ତି। ଫଳସ୍ୱରୂପ ଏବେ ବିନା ମାସ୍କରେ ବୁଲାବୁଲି ସ୍ୱାସ୍ଥ୍ୟ ପାଇଁ ଘାତକ ହୋଇଛି। ଏହି ସମୟରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଜାରି ▶ପୃଷ୍ଠା-୭

## ଓଡ଼ିଶା ଉପରେ ଘନ କୁହୁଡ଼ି; ବିମାନସେବା ବାଧାପ୍ରାପ୍ତ

■ ଭୁବନେଶ୍ୱର, ୨।୧ (ସମିସ): ବିମାନ ସେବା ପାଇଁ କାଳ ସାଜିଛି ଘନ କୁହୁଡ଼ି। ରାଜ୍ୟରେ ଗତ ୨-୩ ଦିନ ହେବ ଘନ କୁହୁଡ଼ି ଯୋଗୁଁ ଦୃଶ୍ୟମାନ କ୍ଷମତା ଯଥେଷ୍ଟ ହ୍ରାସ ପାଉଛି। ଭୁବନେଶ୍ୱରରେ ଏହି ସ୍ଥିତି ଅତି ସମ୍ବେଦନଶୀଳ ଅବସ୍ଥାରେ ରହୁଛି। ଫଳରେ ସକାଳ ସମୟରେ ବିମାନ ଉଡ଼ାଣ ଓ ଅବତରଣରେ ଗୁରୁତର ସମସ୍ୟା ସୃଷ୍ଟି କରିଛି। ଗୁରୁବାର ପରି ଶୁକ୍ରବାର ମଧ୍ୟ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ବିମାନ ସେବାରେ ଗୁରୁତର ବ୍ୟାଘାତ ସୃଷ୍ଟି ହୋଇଛି। ଯଦିଓ ଶୁକ୍ରବାର କୁହୁଡ଼ିର ପ୍ରଭାବ ସାମାନ୍ୟ କମ୍ ଥିଲା, ମାତ୍ର ଏୟାରପୋର୍ଟ ଅଞ୍ଚଳରେରେ ଦୃଶ୍ୟମାନ କ୍ଷମତା ୪୦୦ ମିଟର ତଳେ ରହିଥିଲା। ବିମାନର ଉଡ଼ାଣ ଓ ଅବତରଣ ପାଇଁ ଅତି କମ୍‌ରେ ୫୫୦ ମିଟର ଦୃଶ୍ୟମାନ କ୍ଷମତା ଆବଶ୍ୟକ ହେଉଥିବାରୁ ସେବା ପ୍ରଭାବିତ ହୋଇଥିଲା।

ବିମାନବନ୍ଦର ନିର୍ଦ୍ଦେଶକ ପସନ୍ନ ପ୍ରଧାନ କହିଛନ୍ତି ଯେ, ସକାଳ ସମୟରେ ରନୱେ ଦୃଶ୍ୟମାନ କ୍ଷମତା କମ ଥିଲା। ତେଣୁ ଗତକାଲି ଭଳି ଆଜି ମଧ୍ୟ କିଛି ବିମାନ ବାତିଲ କରାଯାଇଛି ଓ କିଛି ବିମାନ ▶ପୃଷ୍ଠା-୭

## ଆଜି ଦେଖାଯିବ ସୁପର୍‌ମୁନ୍



**ଏବର୍ଷ ୩ଟି ‘ସୁପରମୁନ୍’, ୩ଟି ‘ମାଇକ୍ରୋମୁନ୍’**

■ ଭୁବନେଶ୍ୱର, ୨।୧ (ସମିସ): ଆସନ୍ତା ଜାନୁଆରୀ ୩ ତାରିଖ ପୌଷ ପୂର୍ଣ୍ଣମୀରେ ଦୃଶ୍ୟମାନ ହେବ ୨୦୨୬ ମସିହାର ପ୍ରଥମ ସୁପର୍‌ମୁନ୍। ସେହିଦିନ ପୂର୍ଣ୍ଣମୀ ସମୟରେ ଚନ୍ଦ୍ର ପ୍ରାୟ ୩ ଲକ୍ଷ ୬୨ହଜାର କିଲୋମିଟର ନିକଟରେ ରହିବ। ତେଣୁ ସାଧାରଣ ଦିନର ପୂର୍ଣ୍ଣଚନ୍ଦ୍ରଠାରୁ ଏହା ପ୍ରାୟ ୧୪% ବଡ଼ ସହ ୩୦% ଉଜ୍ଜ୍ୱଳ ଦେଖାଯିବ। ସେହିପରି ୨୦୨୬ ମସିହାରେ ଦ୍ୱିତୀୟ ସୁପରମୁନ୍ ନଭେମ୍ବର ୨୪ ଓ ଶେଷ ସୁପରମୁନ୍ ଟି ଡିସେମ୍ବର ୨୩ ତାରିଖରେ ଦେଖାଯିବା ସହ ମେ ୧, ମେ ୩୧ ଏବଂ ଜୁନ୍ ୨୯ ତାରିଖରେ ମାଇକ୍ରୋମୁନ୍ ବା ଛୋଟ ଚନ୍ଦ୍ର ଦେଖାଯିବ। ଏଗୁଡ଼ିକ ଗୋଟିଏ ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟ, ଯାହାକୁ ଖାଲି ଆଖିରେ ଦେଖିହେବ। ତେବେ ଆକାଶ ମେଘମୁକ୍ତ ତଥା କୁହୁଡ଼ିମୁକ୍ତ ରହିଲେ ଜାନୁଆରୀ ୩ ତାରିଖ ଦିନ ଏହାକୁ ସୂର୍ଯ୍ୟାସ୍ତ ପରଠାରୁ ସାରା ରାତି ଓଡ଼ିଶା ତଥା ଭାରତର ସବୁ ଅଞ୍ଚଳରୁ ଖାଲି ଆଖିରେ ଦେଖିହେବ ବୋଲି ଜନବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି। ସୁପର୍‌ମୁନ୍ ଏକ ସାଧାରଣ ମହାଜାଗତିକ ଘଟଣା। ଏହାର କୌଣସି ପ୍ରଭାବ ପୃଥିବୀ କିମ୍ବା ମାନବ ସମାଜ ଉପରେ ପଡ଼େନାହିଁ ବୋଲି ଡ. ପଟ୍ଟନାୟକ କହିଛନ୍ତି।

‘ସୁପରମୁନ୍’ ଶବ୍ଦଟି ପ୍ରଥମେ ଆମେରିକାର ଜ୍ୟୋତିଷ ରିଚାର୍ଡ ନଲ୍ ୧୯୭୯ ମସିହାରେ ପ୍ରଚଳନ କରିଥିଲେ। ଧୀରେ ଧୀରେ ସୁପରମୁନ ଶବ୍ଦଟି ଖୁବ୍ ଲୋକପ୍ରିୟ ହୋଇ ଏବେ ବହୁଳ ଭାବରେ ବ୍ୟବହାର ହେଉଛି। ଚନ୍ଦ୍ର ପୃଥିବୀ ଚାରିପଟେ ପ୍ରାୟ ୨୭.୫ ଦିନରେ ଥରେ ଏକ ଅଣ୍ଡାକୃତି ପଥରେ ବୁଲିଥାଏ। ସବୁଠାରୁ ନିକଟରେ ଥିଲାବେଳ ଚନ୍ଦ୍ର ଆମଠାରୁ ପ୍ରାୟ ୩.୫୬ ଲକ୍ଷ କିଲୋମିଟର ଦୂରରେ ରହିଥାଏ ଏବଂ ଧୀରେଧୀରେ ୪.୦୬ ଲକ୍ଷ କିଲୋମିଟର ଦୂରକୁ ଚାଲିଯାଇଥାଏ। ଜ୍ୟୋତିଷ ରିଚାର୍ଡ ନଲ୍‌ଙ୍କ ପରିଭାଷାରେ ଯଦି ଚନ୍ଦ୍ର ଆମଠାରୁ ୩.୬୩ ଲକ୍ଷ କିଲୋମିଟର ବା ତା’ଠାରୁ ନିକଟରେ ଥିବା ସମୟରେ ଏକ ପୂର୍ଣ୍ଣମୀ ପଡ଼ିଥାଏ, ତା’ହେଲେ ସେହି ଚନ୍ଦ୍ରକୁ ସୁପରମୁନ କୁହାଯାଏ।

## ୧୦ରୁ ମିଳିବ ଗ୍ରୀନ୍ ଷ୍ଟିକର




**ଆର୍‌ଟିଓରେ ଧାଡ଼ି ଲଗାଇବେ ପିୟୁସିସି କରିଥିବା ଗାଡ଼ି ମାଲିକ**

■ ଭୁବନେଶ୍ୱର, ୨।୧ (ସମିସ): ପ୍ରଦୂଷଣ ପ୍ରମାଣପତ୍ରକୁ ନେଇ ପରିବହନ ବିଭାଗର ତୋଗଲକୀ ନୀତି ଏବେ ସାଧାରଣ ଲୋକଙ୍କୁ ଅତିଷ୍ଠ କରିଛି। ପ୍ରଥମେ ପିୟୁସିସି ଅର୍ଥାତ୍ ପ୍ରଦୂଷଣ ପ୍ରମାଣପତ୍ର ନ ଦେଲେ ପେଟ୍ରୋଲ ଡ଼ିଜେଲ ମିଳିବ ନାହିଁ ବୋଲି ନିର୍ଦ୍ଦେଶ ଜାରି କଲେ। ଲୋକମାନେ ଖିରାତରାରେ ପିୟୁସିସି କରିବାକୁ ଧାଡ଼ି ଲଗାଇଲେ। ଏବେ ପୁଣି ଏହି ପ୍ରମାଣପତ୍ର ଅବଧି ମାର୍ଚ୍ଚ ମାସକୁ ବୃଦ୍ଧି କରାଯାଇଛି ଓ ଆସନ୍ତା ୧୦ ତାରିଖରୁ ପ୍ରଦୂଷଣ ପରୀକ୍ଷା କେନ୍ଦ୍ରରେ ନନ୍ ପଲ୍ୟୁଟିଂ ଭେହିକିଲ୍ (ଏନ୍‌ପିଭି) ଗ୍ରୀନ ଷ୍ଟିକର ମିଳିବ ବୋଲି ସରକାର ଘୋଷଣା କରିଛନ୍ତି। ଏହି ଷ୍ଟିକରରେ ଗାଡ଼ି ନମ୍ବର ଓ ପ୍ରମାଣପତ୍ରର ଅବଧି ଉଲ୍ଲେଖ ରହିବ। ମାତ୍ର ଯେଉଁମାନେ ପ୍ରଦୂଷଣ ପ୍ରମାଣପତ୍ର କରି ସାରିଛନ୍ତି, ସେମାନେ ଆର୍‌ଟିଓ ଅଫିସରୁ ଆବଶ୍ୟକ ପ୍ରମାଣପତ୍ର ଦେଖାଇ ନିଜନିଜର ଷ୍ଟିକର ସଂଗ୍ରହ କରିବେ। ଅର୍ଥାତ୍ ପ୍ରଦୂଷଣ ପ୍ରମାଣପତ୍ର ଯନ୍ତ୍ରଣା ପରେ ପୁଣି ଆରଟିଓ କାର୍ଯ୍ୟାଳୟରେ ଗାଡ଼ିମାଲିକଙ୍କୁ ଧାଡ଼ି ଲଗାଇବାକୁ ପଡ଼ିବ।

ପରିବହନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ଆରଟିଓ କାର୍ଯ୍ୟାଳୟରେ ଏହି ଗ୍ରୀନ ଷ୍ଟିକର ପ୍ରଦାନ କରାଯିବ। ଯେଉଁମାନଙ୍କର ୧୦ ତାରିଖ ପୂର୍ବରୁ ପଲ୍ୟୁସନ ସାର୍ଟିଫିକେଟ ରହିଛି, ସେମାନେ ଏହି ଗ୍ରୀନ ଷ୍ଟିକର ନେଇପାରିବେ। ଯେଉଁମାନେ ୧୦ ତାରିଖ ପରେ ପିୟୁସିସି କରିବେ, ସେମାନେ ତତ୍କାଳ ପିୟୁସିସି ସେଣ୍ଟରରୁ ହିଁ ଗ୍ରୀନ ଷ୍ଟିକର ନେବେ ବୋଲି କୁହାଯାଇଛି। ଏହି ଗ୍ରୀନ୍ ଷ୍ଟିକର ପ୍ରଦାନ କରିବାକୁ ଆରଟିଓ ଅଫିସରେ ଏକ ସ୍ପେସାଲ ସେଣ୍ଟର ଖୋଲାଯିବ। ▶ପୃଷ୍ଠା-୭

**ବଡ଼ଦାଣ୍ଡରେ ସିରିଜ୍ ଦୁର୍ଘଟଣା; ସ୍କୁଟିକୁ ଘୋଷାଡ଼ି ନେଲା ବୋଲେରୋ**

## ଜେଜେ ସାମ୍ନାରେ ଚାଲିଗଲା ନାତିର ଜୀବନ



**ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ; ୪ଲକ୍ଷ ଟଙ୍କାର ସହାୟତା ଘୋଷଣା**

■ ପୁରୀ, ୨।୧ (ସମିସ): ନୂଆବର୍ଷ ଆରମ୍ଭରେ ବଡ଼ଦାଣ୍ଡରେ ଘଟିଛି ବଡ଼ ଦୁର୍ଘଟଣା। ଜେଜେ ଆଖି ଆଗରେ ନାତିର ଜୀବନ ଯାଇଛି। ବଳଗଣ୍ଡି ଛକରେ ଦ୍ରୁତଗାମୀ ବୋଲେରୋ ଏକ ସ୍କୁଟିକୁ ଧକ୍କା ଦେଇ ଘୋଷାଡ଼ି ନେବାରୁ ଏହି ଦୁଃଖଦ ଘଟଣା ଘଟିଛି। ମୃତ ନାବାଳକଜଣଙ୍କ ଟାଉନ୍ ଥାନା କୁମୁଟି ସାହିର ନିରଞ୍ଜନ ଦେଙ୍କ ପୁଅ ଶ୍ରେୟାଂଶ (୫)। ଏହି ଦୁର୍ଘଟଣାରେ ଶ୍ରେୟାଂଶର ଜେଜେ ନୀଳକଣ୍ଠ ଦେ ଏବଂ ଅନ୍ୟ ଜଣେ ନାବାଳକ ରୋହିତ ସାହୁ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ▶ପୃଷ୍ଠା-୭

**ବାଇକ୍-ବସ୍ ମୁହାଁମୁହିଁ**

## ୩ ସାଙ୍ଗ ମୃତ

■ ରାଇରଙ୍ଗପୁର, ୨।୧ (ସମିସ): ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଭାଲୁବସା ନିକଟସ୍ଥ ରାଣୀବନ୍ଧ ସମ୍ମୁଖ ଦେଇ ଯାଇଥିବା ୨୨୦ନଂ ଜାତୀୟ ରାଜପଥରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣା ୩ ସାଙ୍ଗଙ୍କ ଜୀବନ ନେଇଛି। ବାଇକ୍‌କୁ ଏକ ଦ୍ରୁତଗାମୀ ବସ୍ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ମୃତକମାନେ ହେଲେ, ତିରିଂ ଥାନା ଅନ୍ତର୍ଗତ ରତନସାହି ଗ୍ରାମର ବିକାଶ ବେହେରା (୨୬), ଝାଡ଼ଖଣ୍ଡ ଷଢ଼େଇକଳା ଥାନା ଅନ୍ତର୍ଗତ ଆଦିତ୍ୟପୁର ଅଞ୍ଚଳର ପ୍ରବୀର ଦେବବର୍ମା (୨୬) ଏବଂ ତ୍ରିପୁରା ରାଜ୍ୟର ସିପାହୀଜୋଲା ଜିଲ୍ଲାର ବିଶାଳଗଡ଼ ଥାନା ଅନ୍ତର୍ଗତ ବିକାଶ ଦେବବର୍ମା (୨୮)। ▶ପୃଷ୍ଠା-୭

**ଟ୍ରେଡ଼ିଂ ଆଳରେ ୪୦ କୋଟି ଚଳୁ**

## ପ.ବଙ୍ଗରୁ ମାଷ୍ଟରମାଇଣ୍ଡ ଗିରଫ

■ ଭୁବନେଶ୍ୱର, ୨।୧ (ସମିସ): ଟ୍ରେଡ଼ିଂ ଆଳରେ ଶହ ଶହ ଲୋକଙ୍କ ୪୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ ଅଭିଯୁକ୍ତ ଅମିତ ମଣ୍ଡଳଙ୍କୁ ପଶ୍ଚିମବଙ୍ଗରୁ ଗିରଫ କରିଛି ଇଓଡ଼ବ୍ଲ୍ୟୁ। ତାଙ୍କର ଘର ପଶ୍ଚିମବଙ୍ଗ ବାଙ୍କୁରା ଜିଲା ଅମ୍ରିତପୁରର ଅଞ୍ଚଳରେ, ତାଙ୍କ ଠାରୁ ଏକ ଲାପଟପ୍ ଜବତ ହୋଇଛି। ସେଥିରେ ନିବେଶକାରୀଙ୍କ ତାଲିକା ଓ ଜମା ଟଙ୍କା ସମ୍ବନ୍ଧୀୟ ତଥ୍ୟ ରହିଛି। ଠକେଇ ଟଙ୍କାକୁ ସେ ନୂଆ କମ୍ପାନୀ କଳ୍ପମିତ୍ କନସୋଲଟାନ୍ସି ପ୍ରାଇଭେଟ୍ ଲିଃରେ ନିବେଶ କରିଥିବା ନେଇ କ୍ରାଇମ୍‌ବ୍ରାଞ୍ଚ ସୂଚନା ଦେଇଛି। ଗିରଫ ପରେ ତାଙ୍କୁ ପଶ୍ଚିମବଙ୍ଗରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇ ଶନିବାର କଟକସ୍ଥିତ ସ୍ୱତନ୍ତ୍ର ଇଓଡବ୍ଲ୍ୟୁ କୋର୍ଟକୁ ଚାଲାଣ କରାଯାଇଛି।

ଅମିତ ଓ ତାଙ୍କ ଏଜେଣ୍ଟମାନେ ସାଧାରଣ ଲୋକଙ୍କ ଠାରୁ ଟ୍ରେଡ଼ିଂ ଆଳରେ ଟଙ୍କା ଉଠାଇଥିଲେ। ମାସିକ ୩.୫ ପ୍ରତିଶତରୁ ୭ ପ୍ରତିଶତ ସୁଧ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଭିଯୁକ୍ତମାନେ ଭୁବନେଶ୍ୱର ଓ ଅନୁଗୁଳର ବିଭିନ୍ନ ହୋଟେଲରେ ବୈଠକ କରାଇ ନିବେଶକାରୀଙ୍କୁ ନିବେଶ କରିବାକୁ ପ୍ରବର୍ତ୍ତାଇ ଥିଲେ। ବିଶ୍ୱାସ ଜନ୍ମାଇବାକୁ ସେ ନିବେଶ ସାର୍ଟିଫିକେଟ୍ ପ୍ରଦାନ କରୁଥିଲେ। ଏହା ସହ ଆରମ୍ଭରୁ କିଛି ଲୋକଙ୍କୁ ଟଙ୍କା ପ୍ରତିଶ୍ରୁତି ମୁତାବକ ଫେରାଇ ଦେଇଥିଲେ। ଅମିତ ୪ବର୍ଷ ମଧ୍ୟରେ ଓଡ଼ିଶାର ୫ଶହ ▶ପୃଷ୍ଠା-୭

**ସାଟେଲାଇଟ୍ ସର୍ଭେ ତଥ୍ୟକୁ ନେଇ ସରକାର-ଚାଷୀ ମୁହାଁମୁହିଁ**

# ଟୋକନ୍ ନ ଦେବାକୁ ସର୍ଭେ ଫନ୍ଦି !



**୨୫ ଲକ୍ଷ ପ୍ଲଟରୁ ୧୯ ଲକ୍ଷ ପ୍ଲଟର ତଥ୍ୟ ମିଛ: ସରକାର**

**ପଞ୍ଜୀକୃତ ୮୦% ଜମିରେ ହୋଇନାହିଁ ଧାନଚାଷ !**

■ ଭୁବନେଶ୍ୱର, ୨।୧ (ସମିସ): ଧାନ ଚାଷ ହୋଇଥିବା ଜମି ପରିମାଣକୁ ଆଧାର କରି ପ୍ରଦାନ ତଥ୍ୟର ପଞ୍ଜୀକରଣ ପରେ ରାଜ୍ୟ ସରକାର ଚାଷୀଙ୍କୁ ଧାନ ବିକ୍ରି ପାଇଁ ଟୋକନ ପ୍ରଦାନର ବ୍ୟବସ୍ଥା କରିଛନ୍ତି। ଏହି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ପଞ୍ଜୀକରଣ ତଥ୍ୟ ଯାଞ୍ଚ କରିବାକୁ ସରକାର ସାଟେଲାଇଟ୍ ସର୍ଭେର ବ୍ୟବସ୍ଥା କରିଛନ୍ତି। ତେବେ ଚଳିତ ଖରିଫ ଋତୁର ସାଟେଲାଇଟ୍ ସର୍ଭେ ତଥ୍ୟକୁ ନେଇ ସରକାର-ଚାଷୀ ମୁହାଁମୁହିଁ ହୋଇଛନ୍ତି। ଚାଷୀମାନେ ଦେଇଥିବା ସତ୍ୟପାଠ ଅନୁସାରେ ସମପରିମାଣ ଜମିରେ ପ୍ରକୃତ ଧାନଚାଷ ହୋଇ ନ ଥିବା ସାଟେଲାଇଟ୍ ସର୍ଭେରୁ ଜଣାପଡ଼ିଥିବା ସରକାର କହୁଥିବା ବେଳେ ଧାନ ବିକ୍ରି ଟୋକନ ନ ଦେବାକୁ ‘ସାଟେଲାଇଟ୍ ସର୍ଭେ’ ବାହାନାରେ ସରକାର ଫନ୍ଦି କରୁଥିବା ଚାଷୀ ଅଭିଯୋଗ କରିଛନ୍ତି। ସାଟେଲାଇଟ୍ ସର୍ଭେ ଜରିଆରେ ପଞ୍ଜୀକୃତ ପ୍ଲଟର ତଥ୍ୟ ବାହାର କରି ଏଥିରେ ଧାନ ଚାଷ ହୋଇଛି କି ନାହିଁ ଅନୁଧ୍ୟାନ ପରେ ସମବାୟ ବିଭାଗ ଚାଷୀମାନଙ୍କୁ ଧାନ ବିକ୍ରି ଟୋକନ ପ୍ରଦାନ କରୁଛି। ପ୍ରତ୍ୟେକ ପଞ୍ଜିକୃତ ଜମିର ତିନି ପର୍ଯ୍ୟାୟରେ ସର୍ଭେ କରାଯାଇ ଏହାର ବୈଧତା ଯାଞ୍ଚ କରାଯାଉଛି। ଏଥି ନିମନ୍ତେ ଉପଗ୍ରହ ଦ୍ୱାରା ଉତ୍ତୋଳିତ ଫଟୋର ସହାୟତା ନିଆଯାଉଛି। ବୈଷୟିକ ବିଦ୍ୟାର ଉପଯୋଗ କରାଯାଇ ଧାନକିଣାରେ ସ୍ୱଚ୍ଛତା ଅଣାଯିବା ସହ ପ୍ରକୃତ ଚାଷୀମାନଙ୍କ ସ୍ୱାର୍ଥ ରକ୍ଷା କରାଯାଇ ପାରୁଛି ବୋଲି ସରକାର କହୁଛନ୍ତି। ମାତ୍ର ଯେଉଁ ପ୍ଲଟରେ ଧାନ ଚାଷ କରିଥିବା ପଞ୍ଜୀକରଣ କରିଛନ୍ତି, ସେଠାରେ ଧାନ ଚାଷ ହୋଇ ନ ଥିବା ସରକାର କହୁଛନ୍ତି ।

ସୂଚନା ଅନୁସାରେ ବର୍ତ୍ତମାନ ସୁଦ୍ଧା ରାଜ୍ୟର ୩୦ଟି ଜିଲ୍ଲାର ୨୬ ଲକ୍ଷ ୧୪ ହଜାର ୧୩୭ଟି ପ୍ଲଟ ମଧ୍ୟରୁ ୨୪ ଲକ୍ଷ ୯୪ ହଜାର ୪୩୭ ଟି ପ୍ଲଟର କ୍ଷେତ୍ରୀୟ ସର୍ବେକ୍ଷଣ ଶେଷ ହୋଇଛି। ସର୍ବେକ୍ଷଣର ତଥ୍ୟ ▶ପୃଷ୍ଠା-୭

## ଓଡ଼ିଶାରେ ଟନ୍ ଟନ୍ ଝାଡ଼ଖଣ୍ଡ ଧାନ



**ଅଧିକ ଏମ୍‌ଏସ୍‌ପି ପାଇଁ ଓଡ଼ିଶାରେ ଧାନ ବିକିବାକୁ ପ୍ରୟାସ**

**ଓଡ଼ିଶା ‘ଲ୍ୟାମ୍ପ୍ସ’ରେ ବିକ୍ରି କରିବା ପାଇଁ ଚାଲିଛି ଯୋଜନା**

■ ରାଇରଙ୍ଗପୁର, ୨।୧ (ସମିସ): ଓଡ଼ିଶାରେ ବିକ୍ରି ହେବା ପାଇଁ ଝାଡ଼ଖଣ୍ଡ ରାଜ୍ୟର ଟନ ଟନ ଧାନ ଅପେକ୍ଷା କରିରହିଛି। ଓଡ଼ିଶାରେ ଧାନର ଏମଏସପି ମୂଲ୍ୟ ଅଧିକ ଥିବାରୁ ଅର୍ଥ ରୋଜଗାର କରିବାକୁ ଦଲାଲ ସକ୍ରିୟ ହୋଇଛନ୍ତି। ଏଭଳି ଘଟଣା ମୟୂରଭଞ୍ଜ ଓ ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଦେଖିବାକୁ ମିଳିଛି। ଅସ୍ଥାୟୀ ଗୋଦାମ କରି ଧାନ ଗଚ୍ଛିତ କରି ରଖିଛନ୍ତି।

ଗତ ଡିସେମ୍ବର ୨୬ରୁ ପର୍ଯ୍ୟାୟକ୍ରମେ ମୟୂରଭଞ୍ଜ ଜିଲ୍ଲାରେ ଧାନମଣ୍ଡି ଖୋଲିବା ସହ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଯାହାକୁ ନେଇ ପୂର୍ବରୁ ଚାଷୀଙ୍କ ନାମ ପଞ୍ଜୀକରଣ ହୋଇଛି। ତେବେ ଓଡ଼ିଶା ସରକାର ଧାନ ଏମଏସପି ମୂଲ୍ୟ ଝାଡ଼ଖଣ୍ଡ ତୁଳନାରେ ମୂଲ୍ୟ ଅଧିକ କରିଛନ୍ତି। ଯାହାକୁ ନେଇ ଦଲାଲ ଗ୍ରୁପ୍ ସକ୍ରିୟ ହୋଇଛନ୍ତି। ସୀମାନ୍ତବର୍ତ୍ତୀ ଜାମଦା ବ୍ଲକ ଅନ୍ତର୍ଗତ ବଡ଼ଦୁନ୍ଦୁ ଲ୍ୟାମ୍ପରେ ଉକ୍ତ ଝାଡ଼ଖଣ୍ଡ ଧାନ ବିକ୍ରୟକରିବାକୁ ଯୋଜନା ହୋଇଛି। ଏହାକୁ ନେଇ ପୂର୍ବରୁ ଝାଡ଼ଖଣ୍ଡ ଓ ଓଡ଼ିଶାର କିଛି ଦଲାଲ ମିଶି ଓଡ଼ିଶା ଚାଷୀଙ୍କୁ ଟଙ୍କା ପ୍ରଲୋଭନ ଦେଖାଇ ନିଜ ଟିମ୍‌ରେ ସାମିଲ କରିଛନ୍ତି। ବର୍ଷ ସାରା ଚାଷ ନ କରି ଭଲ ଟଙ୍କା ଦେବାର ପ୍ରଲୋଭନ ଦେଖାଇ ମଣ୍ଡିରେ ତାଙ୍କ ଧାନ ବିକ୍ରି କରିବାକୁ ଚାଷୀ ଭାବେ ପଞ୍ଜୀକରଣ କରାଇଛନ୍ତି। ତେବେ ଝାଡ଼ଖଣ୍ଡରେ ଚାଷ ହୋଇଥିବା ଉକ୍ତ ଧାନ ସୀମାନ୍ତ ଦେଇ ଓଡ଼ିଶାକୁ ପ୍ରବେଶ କରୁଛି। ସୀମାନ୍ତରେ ଢିଲା ଯାଞ୍ଚ ପ୍ରକ୍ରିୟା ଥିବା ବେଳେ ବିଳମ୍ବିତ ରାତି କିମ୍ବା ଭୋର ସମୟରେ ଓଡ଼ିଶାକୁ ପ୍ରବେଶ କରି ଧାନ ଗଚ୍ଛିତ ହୋଇ ରହିଛି। ▶ପୃଷ୍ଠା-୭

# ଜଳସେଚନ ବିଭାଗ ଯନ୍ତ୍ରୀଙ୍କ ବଦଳି ଓ ଆଦେଶ ବାତିଲକୁ ନେଇ ଚର୍ଚ୍ଚା




**ଚାନ୍ଦବାଲି, ୨୧(ସମିସ)**

ଚାନ୍ଦବାଲି ବ୍ଲକରେ ସରକାରୀ ଅଧିକାରୀଙ୍କ ବଦଳି ହେବା ଓ ପୁଣି କିଛିଦିନ ଅନ୍ତରରେ ବାତିଲ ହେବା ଏବେ ଚର୍ଚ୍ଚାର ବିଷୟ ହୋଇଛି। କିଛିଦିନ ପୂର୍ବରୁ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ବଦଳି ହେବା ଓ ପୁଣି କିଛିଦିନ ପରେ ବାତିଲ ହେବା ଘଟଣା ଉପରେ ଚର୍ଚ୍ଚା ଥମି ନ ଥିବାବେଳେ ବିବାଦରେ ଛନ୍ଦି ହୋଇଥିବା ଜଳସେଚନ ବିଭାଗର ଜଣେ ଯନ୍ତ୍ରୀଙ୍କ ବଦଳି ହେବା, ଗୋଟିଏ ମାସ ପୂରି ନ ଥିବାବେଳେ ବଦଳି ଆଦେଶ ବାତିଲ ହେବାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

ସୂଚନା ମୁତାବକ, ଏହି ଉପଖଣ୍ଡର ଚାନ୍ଦବାଲି ସେକ୍ସନ (୧)ରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ବାଣୀଶ୍ରୀ ନାୟକଙ୍କ ବଦଳି ନେଇ ଗତମାସ ୩ ତାରିଖ ଦିନ ଚଣ୍ଡିଖୋଲସ୍ଥ ମହାନଦୀ, ବ୍ରାହ୍ମଣୀ, ବୈତରଣୀ ବେଶିନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା। ଏଥିରେ ଶ୍ରୀମତୀ ନାୟକଙ୍କୁ ଜାରକା ଜଳସେଚନ ବିଭାଗ ଯୋକାଡିଆ ସେକ୍ସନକୁ ବଦଳି ହୋଇଥିବା ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା। ତେଣୁ ତାଙ୍କୁ ଉକ୍ତ ସେକ୍ସନରୁ ରିଲିଭ କରି ଦିଆଯାଇଥିଲା। ତେବେ ପୁଣିଥରେ ସେହି ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଚଳିତ ମାସ ୨୩ ତାରିଖ ଦିନ ଶ୍ରୀମତୀ ନାୟକଙ୍କ ବଦଳି ଆଦେଶ ବାତିଲ ହେବା ସହ ପୁଣିଥରେ ତାଙ୍କୁ ଚାନ୍ଦବାଲି ସେକ୍ସନ (୧)ରେ ସହକାରୀ ଯନ୍ତ୍ରୀ ଭାବେ ନିଯୁକ୍ତି ଦିଆଯାଇଛି। କେବଳ ସେତିକି ନୁହେଁ ତୁରନ୍ତ ସେଠାରୁ ସେ ରିଲିଭ୍ ହୋଇ ଚାନ୍ଦବାଲିରେ ଚଳିତ ମାସ ୨୬ ତାରିଖ ଦିନ କାର୍ଯ୍ୟରେ ଯୋଗଦାନ କରିବା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଉକ୍ତ ଉପଖଣ୍ଡରେ ୪ ବର୍ଷରୁ ଊର୍ଦ୍ଧ୍ୱ ହେବ ସେ କାର୍ଯ୍ୟରତ ଥିଲେ। ପୁଣିଥରେ ଉକ୍ତ ସ୍ଥାନରେ ନିଯୁକ୍ତିକୁ ନେଇ ପ୍ରଶ୍ନ ଉଠିଛି।

# ନବବର୍ଷ ବନ୍ଧୁ ମିଳନ ଓ କବିତା ପାଠୋତ୍ସବ



**ଭଣ୍ଡାରିପୋଖରୀ,୨୧(ସମିସ):** ବାରିକପୁର ବଜାରସ୍ଥିତ ଉତ୍କଳମଣି ସାହିତ୍ୟ ସଂସଦ ଆନୁକୂଲ୍ୟରେ ନବବର୍ଷ ବନ୍ଧୁ ମିଳନ, କବିତା ପାଠୋତ୍ସବ ଓ ନାଟ୍ୟକାର ଗଙ୍ଗାଧର ଦାସଙ୍କ ସ୍ମୃତିସଭା ଅକ୍ଷୟ ମହାନ୍ତିଙ୍କ ସଭାପତିତ୍ୱରେ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଶ୍ରୀ ଶ୍ରୀ ଅନନ୍ତେଶ୍ୱର ମହାଦେବଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ କବିତା ପାଠ ଓ ନାଟ୍ୟକାର ଗଙ୍ଗାଧର ଦାସଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ସଂଗୀତଜ୍ଞ ନାରାୟଣ ପୋଥାଳ, ମାନସ କୁମାର ପକ୍ଷତ୍ର, ପ୍ରଦୀପ ବାନାର୍ଜୀ, ସନ୍ତୋଷ କୁମାର ସାହୁ, ଭାସ୍କର ଚନ୍ଦ୍ର ଉପାଧ୍ୟାୟ, ଉଷା ରାଣୀ ଦାସ, କରୁଣାକର ବାରିକ, ଡା. ନିରଞ୍ଜନ ଓଝା, ଜଗନ୍ନାଥ ନାୟକ, ଶରତ ବାରିକ, ସତ୍ୟବ୍ରତ ଦାସ, ଭାସ୍କର ଦାସ ପ୍ରମୁଖ କବିତା ପାଠ ଓ ଆଲୋଚନା କରିଥିଲେ। ପୁରୁଷୋତ୍ତମ ଧଳ ସ୍ୱାଗତ ଭାଷଣ ଓ ଶ୍ରୀକାନ୍ତ ଦାସ ଧନ୍ୟବାଦ ଦେଇଥିଲେ।

# ରେମାଳ ନଦୀରେ ଲୀନହେବ ଅମରକୋଲା ଗାଁ



**ଆନନ୍ଦପୁର, ୨୧ (ସମିସ):** ପ୍ରତିବର୍ଷ ବର୍ଷାଦିନେ ରେମାଳ ନଦୀ ଭୟଙ୍କର ରୂପ ଧାରଣ କରୁଛି। କୂଳ ଖାଇବା ସହ ଜନବସତି ଆଡ଼କୁ ମାଡ଼ିଆସୁଛି। ବିଭିନ୍ନ ସମୟରେ ଅତଡ଼ା ଖସୁଥିବାରୁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ୍ ଦରଡ଼ିପାଳ ପଞ୍ଚାୟତର ଅମରକୋଲା ଗ୍ରାମରେ। ଦିନକୁ ଦିନ ରେମାଳ ନଦୀ ଆଁ ଭିତରକୁ ଚାଲିଯାଉଛି ଅମରକୋଲା ଗାଁ। ଗ୍ରାମର ବହୁ ଚାଷଜମି ନଦୀଗର୍ଭରେ ଲୀନ ହୋଇଗଲାଣି। ଛଅବର୍ଷ ମଧ୍ୟରେ ଗ୍ରାମର ମଦନ ଦେହୁରୀ, ଦିବାକର ଦେହୁରୀ, ରମାକାନ୍ତ ଦେହୁରୀ, ରବୀନ୍ଦ୍ର ନାହାକ, ସରୋଜ ନାହାକଙ୍କ ଜମି ନଦୀଗର୍ଭକୁ ଚାଲିଯାଇଛି। ଶାଳପଡ଼ା ଜଳସମ୍ପଦ ବିଭାଗ ଦ୍ୱାରା ନିର୍ମାଣ ହୋଇଥିବା ସ୍ପର୍ କିଛିମାତ୍ରାରେ ସୁରକ୍ଷ ଦେଉଥିଲେ ବି ତାହା ଯଥେଷ୍ଟ ହେଉନି। ପ୍ରଶାସନ ତୁରନ୍ତ କୌଣସି ପଦକ୍ଷେପ ନନେଲେ ଆଗାମୀ ଦିନରେ ସମ୍ପୂର୍ଣ୍ଣ ଗାଁ ନଦୀଗର୍ଭରେ ଲୀନ ହୋଇଯିବ ବୋଲି ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ବି କୌଣସି ପଦକ୍ଷେପ ନିଆଯାଉନି। ଆଗାମୀ ଦିନରେ ସେମାନେ ଏନେଇ ମୁଖ୍ୟମନ୍ତ୍ରୀଙ୍କ ଜଣାଇବେ ବୋଲି ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କୁ ଯୋଗାଯୋଗ କରିବାରୁ, ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଓଏଭି ଛାତ୍ର ଜୋନାଲ ପ୍ରତିଯୋଗିତାକୁ ଉତ୍ତୀର୍ଣ୍ଣ

**ଆନନ୍ଦପୁର, ୨୧ (ସମିସ):** କେନ୍ଦୁଝରଠାରେ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ଶାଳପଡ଼ାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୩ ଜଣ ପ୍ରତିଯୋଗୀ କୃତିତ୍ୱ ଅର୍ଜନକରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଥିବାରୁ ବିଭିନ୍ନ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଏହି ପ୍ରତିଯୋଗୀମାନେ କୋଲକାତାଠାରେ ହେବାକୁ ଥିବା ଜୋନାଲସ୍ତରୀୟ ପ୍ରତିଯୋଗିତାକୁ ଉତୀର୍ଣ୍ଣ ହୋଇଛନ୍ତି। କାର୍ଯ୍ୟକ୍ରମର ଶେଷ ଦିନରେ ମୋଟ୍ ୨୮ଟି ପ୍ରକଳ୍ପକୁ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ କରାଯାଇଥିବାବେଳେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଶାଳପଡ଼ାର ଦୁଇ ଛାତ୍ର ଆଦ୍ୟସ୍ରଷ୍ଟା ପଟ୍ଟନାୟକ ଓ ଦେବାଞ୍ଜନ ଘଡ଼ାଇ ଏଥିରେ ସାମିଲ୍ ଅଛନ୍ତି। ଏହାସହ ବିଦ୍ୟାଳୟର ଛାତ୍ର ଆଦ୍ୟସ୍ରଷ୍ଟା ପଟ୍ଟନାୟକ ଓ ବି ଯଶସ୍ୱୀ ପ୍ରିତମ୍ କାର୍ଯ୍ୟକ୍ରମର ପ୍ରଥମ ଦିନରେ ସମ୍ପାଦିତ ହୋଇଥିବା ସାଇନ୍ସ କୁଇଜ୍ ଓ ସାଇନ୍ସ ସେମିନାରରେ ଦ୍ୱିତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୋରବ ଆଣିଛନ୍ତି। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ସୌମ୍ୟରଂଜନ ବେହେରା ଛାତ୍ରଛାତ୍ରୀ ଅଭିଭାବକ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ସେମାନଙ୍କ ନିଷ୍ଠା ଓ ଅଧ୍ୟବସାୟ ପାଇଁ ଧନ୍ୟବାଦ ଜଣାଇବା ସହ ଆଗାମୀ ଦିନରେ ଆହୁରି ଅନେକ ସଫଳତା ଓ ଗୌରବ ଆଣିବା ପାଇଁ ପ୍ରେରଣା ଦେଇଛନ୍ତି।

# ୭ ମାସ ହେଲା ଅନ୍ଧାରରେ ଗୋବିନ୍ଦପୁର ହାଟ

- ହାଇମାଷ୍ଟ ଲାଇଟ୍ ଅଚଳ
- ମରାମତି ପାଇଁ ଅଞ୍ଚଳବାସୀଙ୍କ ଦାବି

**ଅସୁରାଳି, ୨୧(ସମିସ):** ଧାମନଗର ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ସର୍ବପୁରାତନ ୩୫ ବର୍ଷର ହାଟ ଗୋବିନ୍ଦପୁର ହାଟ। ଏହି ହାଟ ୭ ମାସ ଧରି ଅନ୍ଧାରରେ ଚାଲିଆସୁଛି। ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ସମୟରେ ହାଟ ଓ ଶନିମନ୍ଦିର ଆଗରେ ହାଇମାଷ୍ଟ ଲାଇଟ୍ ସ୍ଥାପିତ ହୋଇଥିଲା। ଦୁଃଖର କଥା, ୭ ମାସ ହେଲା ଦୁଇଟି ଲାଇଟ୍ ଅଚଳ ହୋଇପଡ଼ିଛି। ଏହି ହାଟରେ ଉପରେ ବହୁ ବେପାରୀ ନିର୍ଭର କରନ୍ତି। ଆଲୋକ ବ୍ୟବସ୍ଥା ନ ଥିବାରୁ ବେପାରୀ ଓ ଗ୍ରାହକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାତିରେ ଅନ୍ଧାର ଯୋଗୁଁ ଟ୍ରାଫିକ୍ ସମସ୍ୟା ବଢ଼ିଯାଉଛି। ବ୍ୟବସାୟିକ କାରବାରରେ ମନୋଭାବୀ ପ୍ରଭାବ ପଡୁଛି। ଗ୍ରାହକ ନିରାପତ୍ତା ଅଭାବରେ ହାଟକୁ ଆସିବାରେ ଭୟ କରୁଛନ୍ତି। ହାଟ ପରିଚାଳନା କମିଟିର ମୁଖ୍ୟ ବାଇଧର ବସନ୍ତିଆ, ଚନ୍ଦ୍ରମଣି ଜେନା, ବିଷ୍ଣୁମୋହନ ଜେନା, ତ୍ରିଲୋଚନ ସ୍ୱାଇଁ, ପାଗଳ ଜେନା, ହୃଦାନନ୍ଦ ସେଠୀ, ମାଧବାନନ୍ଦ ଜେନା, ଅନନ୍ତ ନାଥ, ଘନଶ୍ୟାମ ସେଠୀ, ଗାଙ୍ଗୁରାମ ବାରିକ, ହୃଦାନନ୍ଦ ସେଠୀ ପ୍ରମୁଖ ପ୍ରଶାସନଙ୍କୁ ଶୀଘ୍ର ଆଲୋକ ବ୍ୟବସ୍ଥାର ପୁନଃକାର୍ଯ୍ୟକ୍ଷମ କରିବାକୁ ନିବେଦନ କରିଛନ୍ତି। ଗୋବିନ୍ଦପୁର ହାଟ କେବଳ ବ୍ୟବସାୟୀଙ୍କ ପାଇଁ ନୁହେଁ, ସ୍ଥାନୀୟ ଅର୍ଥନୀତି ଓ ସାମାଜିକ ଜୀବନର ମଧ୍ୟକେନ୍ଦ୍ର। ଅଚଳ ଲାଇଟ୍‌ର ମରାମତି କରାଗଲେ, ହାଟର ପୁରୁଣା ଉତ୍ସାହ ଫେରିବ ବୋଲି ସାଧାରଣରେ କୁହାଯାଇଛି।

# ହରେକୃଷ୍ଣ ମହତାବଙ୍କ ଶ୍ରାଦ୍ଧ ଦିବସ



**ଧାମନଗର, ୨୧(ସମିସ):** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ମୁଖ୍ୟମନ୍ତ୍ରୀ, ନବ ଉତ୍କଳର ନିର୍ମାତା, ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ୩୯ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଧାମନଗରସ୍ଥ ମହତାବ ସେବା ସଦନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ସେବା ସଦନ ପରିସରରେ ଥିବା ଡକ୍ଟର ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ମହତାବ ସେବା ସଦନର ପରିଚାଳକ ତଥା ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ବରିଷ୍ଠ ନାଗରିକ ପରିଷଦର ସଭାପତି ସାମ୍ବାଦିକ ଅନୀଲ କୁମାର ବାରିକ, ସାଧାରଣ ସମ୍ପାଦକ ସଚିକାନ୍ତ ପଣ୍ଡା, ଶିକ୍ଷାବିତ୍ ରସାନନ୍ଦ ମହାପାତ୍ର, କୃଷ୍ଣଚନ୍ଦ୍ର ଜେନା, ସେକ ଜାଫର ଅଲ୍ଲୀ, ରଜତ ପଣ୍ଡା, ଦୁର୍ଗାପ୍ରସାଦ ମହାପାତ୍ର, ସରୋଜ କୁମାର ସେଠୀ, ଗୋଲାମ ଜିଲାନି ହବିବ, ଆଇନଜୀବୀ ଅମରେନ୍ଦ୍ର ମହାନ୍ତି, ପ୍ରଧାନଶିକ୍ଷକ ମନୋଜ କୁମାର ସିଂହ, ଧାମନଗର ୟୁକୋ ବ୍ୟାଙ୍କ ମୁଖ୍ୟ ପରିଚାଳକ ପ୍ରଭାତ କୁମାର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ଅଭିମନ୍ୟୁ ମଲ୍ଲିକ, ହୃଦାନନ୍ଦ କର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହତାବଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବରିଷ୍ଠ ସାମ୍ବାଦିକ ସୁଧାକର ଦାଶ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ସ୍ଥାଣୁ ପାଲଟିଛି ତିହିଡ଼ି ତହସିଲ

# ହାଇୱାରେ ହେଉଛି ଓଭରଲୋଡିଂ ବାଲି ପରିବହନ




**ଦୋଳସାହି, ୨୧(ସମିସ):** ଜିଲ୍ଲା ପ୍ରଶାସନ ଆଖି ଆଗରେ ହାଇୱାରେ ହେଉଛି ଓଭରଲୋଡିଂ ବାଲି ପରିବହନ। ତିହିଡ଼ି ତହସିଲର ବିଭିନ୍ନ ଅଞ୍ଚଳକୁ ଭଦ୍ରକ-ଚାନ୍ଦବାଲି ରାଜପଥରେ ଶହ ଶହ ସଂଖ୍ୟାରେ ଓଭରଲୋଡିଂ ହାଇୱା ଯାତାୟତ କରୁଥିବାବେଳେ ପ୍ରଶାସନ ପକ୍ଷରୁ ଜରିମାନା କଟାଯାଉ ନ ଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଓଭରଲୋଡିଂ ହାଇୱା ମାଲିକ ବେପାର ବେପରୁଆ ଭାବେ ବେପାର କରୁଥିବାବେଳେ ରାଜସ୍ୱ ହାନୀ ହେଉଥିବା ନେଇ ଅଭିଯୋଗ ହେଉଛି। ସେହିପରି ଏହି ଓଭରଲୋଡିଂ ହାଇୱାରୁ ବାଲି ଉଡ଼ି ଯାତାୟତ କରୁଥିବା ଯାତ୍ରୀଙ୍କ ଆଖିରେ ପଡୁଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ଯୁବ ବ୍ୟବସାୟୀଙ୍କ ପରଲୋକ



**ଚାନ୍ଦବାଲି, ୨୧(ସମିସ):** ଦିଗଛିଆ ବଜାରର ଯୁବ ବ୍ୟବସାୟୀ ରମେଶ ଦାଶଙ୍କ ପରଲୋକ ହୋଇଯାଇଛି। ତାଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ନାଲଗୁଣ୍ଡା ପଞ୍ଚାୟତ ଇଟୁଆ ଗ୍ରାମର ରମେଶ ଦାଶ ନିକଟସ୍ଥ ଦିଗଛିଆ ବଜାରରେ ଦୀର୍ଘଦିନ ହେବ କଲ୍ୟାଣୀ ମିଷ୍ଟାନ୍ନ ଭଣ୍ଡାର ଏଣ୍ଡ ହୋଟେଲ ଚଳାଇ ଆସୁଥିଲେ। ସେ ଜଣେ ମେଳାପି ଓ ପରୋପକାରୀ ବ୍ୟକ୍ତି ଥିଲେ। ଗତକାଲି ସେ ରାତିରେ ଦୋକାନ ବନ୍ଦ କରି ଶୋଇଥିଲେ। ସକାଳୁ ଆଉ ଉଠି ନ ଥିଲେ। ଯେତେ ଡାକିଲେ ମଧ୍ୟ କବାଟ ଖୋଲି ନ ଥିଲେ। ଶେଷରେ କବାଟ ତାଡି ଦେଖିବା ବେଳକୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ତାଙ୍କୁ ପରିବାର ଲୋକେ ତିହିଡି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କର ହୃଦଘାତରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତାଙ୍କ ବିୟୋଗରେ ଦିଗଛିଆ ବଜାର ସହ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏ ନେଇ ଦିଗଛିଆ ବଜାରର ସମସ୍ତ ଦୋକାନ ବନ୍ଦ ରହିଥିଲା।

# ଜଙ୍ଗଲ ନିଆଁ ରୋକିବାକୁ ୧୭୦୦ କିମି ଫାୟାର୍ ଲାଇନ୍

**କେନ୍ଦୁଝର,୨୧(ସମିସ):** କେନ୍ଦୁଝର ଡିଭିଜନରେ ପ୍ରତ୍ୟେକ ବର୍ଷ ଅନେକ ଜଙ୍ଗଲରେନିଆଁଲାଗିବ୍ୟାପକଜଙ୍ଗଲପୋଡ଼ିପାଉଁଶହେଉଛି।ଫଳରେଜଙ୍ଗଲରେ ରହୁଥିବା ବନ୍ୟପ୍ରାଣୀ ଏବଂ ପକ୍ଷୀ ନିଜର ଆଶ୍ରୟସ୍ଥଳ ହରାଉଛନ୍ତି। ଜଙ୍ଗଲରେ ନିଆଁ ରୋକିବା ପାଇଁ ଜିଲ୍ଲାସ୍ତରୀୟ କାର୍ଯ୍ୟ ଯୋଜନା ପ୍ରସ୍ତୁତି ବୈଠକ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଡିଏଫଓ ଡିଏଫ୍ଓ ଧନରାଜ ଏଚଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏ ସମ୍ପର୍କିତ ଆଲୋଚନା ହୋଇଥିଲା। ବିଗତ ୩ ବର୍ଷର ତଥ୍ୟ ଅନୁସାରେ ୧୭ଟି ବିଟ୍ ଅଞ୍ଚଳ ଅଧିକ ସମ୍ବେଦନଶୀଳ, ୩୬ଟି ବିଟ୍ ଅଞ୍ଚଳ ମଧ୍ୟମ ସମ୍ବେଦନଶୀଳ, ୫୬ଟି ବିଟ୍ ଅଞ୍ଚଳ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ଜଙ୍ଗଲ ନିଆଁ ରୋକିବା ପାଇଁ ୧୨ଟି ବଲେରୋ ଗାଡି, ୧୭୭ଟି ଫାୟାର ବ୍ଲୋୟର ମହଜୁଦ ଥିବାବେଳେ ୧୨୦ ଜଣ ଫାୟାର ସ୍କ୍ୱାଡ ନିୟୋଜିତ ହେବେ। ଚଳିତ ବର୍ଷ ୧୭୦୦ କିଲୋମିଟର ଫାୟାର ଲାଇନ କରିବାକୁ ଜାନୁୟାରୀ ମାସ ମଧ୍ୟରେ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ୮୦୦ କିଲୋମିଟର ଫାୟାର ଲାଇନ କାମ ଶେଷ ହୋଇଗଲାଣି। କେନ୍ଦୁଝର ଡିଭିଜନର ୭ଟି ରେଞ୍ଜରେ ୭୦୦ଟି ବନ ସୁରକ୍ଷା ସମିତିକୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି।

ଯେଉଁ ବନ ସୁରକ୍ଷା ସମିତି ଅଧିନରେ ଥିବା ଜଙ୍ଗଲ ରେ ନିଆଁ ଲାଗିବ ନାହିଁ ତାଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଚଳିତ ବର୍ଷ ୪୩୦ଟି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଜିଲ୍ଲାସ୍ତରୀୟ କାର୍ଯ୍ୟ ଯୋଜନା ପ୍ରସ୍ତୁତି ବୈଠକରେ ଆନନ୍ଦପୁର ବନ୍ୟପ୍ରାଣୀ ଡିଏଫଓ ପ୍ରଶାନ୍ତ କୁମାର ପଣ୍ଡା, ଏସିଏଫ୍ ପ୍ରତିକ ପ୍ରକାଶ ଇନ୍ଦୁଲକର, ଅଶୋକ କୁମାର ଦାସ, ଡ ସୁଦିପ୍ତ କୁମାର ପଣ୍ଡା, ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ଏଡିଏଚ ଗୋବିନ୍ଦଚନ୍ଦ୍ର ମେହେରଙ୍କ ସମେତ ବହୁ ଅଧିକାରୀ, ପ୍ରେସ କ୍ଲବର ସଭାପତି ମତ ରଖିଥିଲେ।

## ପଦ୍ମପୁର ବଜାରରେ କୁଢ଼କୁଢ଼ ଆବର୍ଜନା

# କାମରେ ଆସୁନି ଶୌଚାଳୟ; ଖୋଲା ପରିସ୍ରା, ପିଣ୍ଡି ନାହିଁ କି ପାଣି ନାହିଁ

**କେନ୍ଦୁଝର, ୨୧(ସମିସ)**



ବହୁବାର ପଦ୍ମପୁର କୃଷକ ବଜାର ସମସ୍ୟା ସମ୍ବନ୍ଧରେ ଅଭିଯୋଗ କରାଯାଇ ଆସୁଥିଲେ ମଧ୍ୟ ଏହାର ପରିଚାଳନା ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଉ ନଥିବାରୁ ଧୀରେ ଧୀରେ ବଜାର ପରିସର ଅଳିଆ ଆବର୍ଜନାର କୁଣ୍ଡରେ ପରିଣତ ହେଲାଣି। ପରିସ୍ଥିତି ଅସମ୍ଭାଳ ହେବାରେ ଲାଗିଲାଣି। କୁଢ଼ କୁଢ଼ ଆବର୍ଜନାରେ ଭାସୁଛି ବଜାର ପରିସର। ଆର୍‌ଏମ୍‌ସି ବଜାର କମିଟି ପଦକ୍ଷେପ ଗ୍ରହଣ କରୁ ନଥିବା ଅଭିଯୋଗ ହୋଇଛି। କିଛିମାସ ତଳେ ବଜାର ପରିସରରେ ଅଳିଆ ଆବର୍ଜନା ହୋଇଥିବାରୁ ଅଭିଯୋଗ ପରେ ସଫାସୁତୁରା କରାଯାଇଥିଲା। ବର୍ତ୍ତମାନ ପୂର୍ବପରି ବଜାର ନିକଟରେ କୁଢ କୁଢ ଆବର୍ଜନା ପରିପୂର୍ଣ୍ଣ ହୋଇଛି। ପଦ୍ମପୁର ଆଖପାଖ ଅଞ୍ଚଳର ପରିବା ଚାଷୀ ଓ ବ୍ୟବସାୟୀଙ୍କ ପାଇଁ ବସିବା ପାଇଁ ଜାଗା ନିଅଣ୍ଟ ଥିବାବେଳେ ନୂଆଁ ବଜାର ଖୋଲା ଯାଉ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସେଠାରେ ଥିବା ଶୌଚାଳୟ ଭାଙ୍ଗି ଯାଇଛି। ଫଳରେ ପରିବା ବ୍ୟବସାୟୀଙ୍କ ସମେତ ସାଧାରଣ ଲୋକମାନେ ଏଣେତେଣେ ପରିସ୍ରା କରୁଛନ୍ତି। ସେହି ସ୍ଥାନରେ କୁଢ କୁଢ ଅଳିଆ ଆବର୍ଜନା ପଡ଼ି ରହିଛି। ଫଳରେ ସେହି ବଜାର ଦେଇ ଲୋକମାନେ ଚଳାଚଳ କଲାବେଳେ ନାକଟେକି ଚାଲି ପାରୁନାହାନ୍ତି। ଦୁର୍ଗନ୍ଧମୟ ପରିବେଶ କାରଣରୁ ନାନାଦି ରୋଗବ୍ୟାଧି ସୃଷ୍ଟି ହେଉଛି। ସେତିକି ନୁହେଁ; ବଜାରରେ ପାଣି ପାଇପ୍ ଲାଗିଥିବା ସତ୍ତ୍ୱେ ଚାଷୀଙ୍କୁ ପାଣି ସୁବିଧା ମିଳୁନି। ଏହି ବଜାର ଆରଏମ୍‌ସି ବଜାର କମିଟି ଦାୟିତ୍ୱରେ ରହିଛି। ବ୍ୟବସାୟୀ ଏବଂ ପରିବା ବ୍ୟବସାୟୀ ତଥା ଚାଷୀ ଖରା ବର୍ଷାରୁ ରକ୍ଷା ପାଇବା ପାଇଁ ପିଣ୍ଡି ଉପରେ ଛପର କରାଯାଇନାହିଁ। ଏନେଇ ଚାଷୀ ବ୍ୟବସାୟୀଗଣ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଠାରେ କଳିଙ୍ଗ ପିଅର ଶୁଦ୍ଧତା ଶ୍ରେଷ୍ଠତା ସତେଜତା ବୋର୍ଡ ମରାଯାଇଛି; ହେଲେ ତାହା ବ୍ୟତିକ୍ରମ ଦେଖାଦେଇଛି। ଏହି ଦିଗରେ ତୁରନ୍ତ ଜିଲ୍ଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ପ୍ରଦୂଷଣ ବଢ଼ାଉଛି ଭୋଜିସ୍ଥଳର ପ୍ଲାଷ୍ଟିକ୍ ଓ ଥର୍ମକୋଲ୍

**ଚମ୍ପୁଆ, ୨୧(ସମିସ):** ନବବର୍ଷ ନିମନ୍ତେ ବଣଭୋଜି ବର୍ତ୍ତମାନ ମଣିଷ ସମାଜ ପାଇଁରେ ପରମ୍ପରା ପାଲଟି ଯାଇଥିବା ବେଳେ ଡିସେମ୍ବରରୁ ପ୍ରାୟତ ଏହି ବଣ ଭୋଜି ଆରମ୍ଭ ହୋଇଯାଇଥାଏ। କେଉଁଠି ପରିବାର ସଦସ୍ୟମାନେ ମିଳିତ ଭାବରେ ଭୋଜି କରନ୍ତି ତ କେଉଁଠି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଷ୍ଟଡିଟୁର ଓ ବଣଭୋଜିର କରାଯାଇଥାଏ। ଅବସର ବିନୋଦନ ହେଉ ବା ମାନସିକତାର ପରିବର୍ତ୍ତନ ପାଇଁ ନବବର୍ଷ ଉପଲକ୍ଷେ ପର୍ଯ୍ୟଟନସ୍ଥଳୀଠାରୁ ଆରମ୍ଭ କରି ନଦୀତଟ, ଜଙ୍ଗଲ ପାହାଡ଼ ଘେରା ମନୋରମ ସ୍ଥାନରେ ଏହି ଭୋଜି କରାଯାଉଥିବା ବେଳେ ପରିବେଶ ପ୍ରତି ଧ୍ୟାନ ଦେଉ ନଥିବା ପ୍ରାୟତ ଦେଖିବାକୁ ମିଳିଛି। ଏଥିନିମନ୍ତେ ଆବଶ୍ୟକ ସଚେତନତାର ଅଭାବ ଏବେ ବି ରହିଛି। ଭୋଜିରେ ବ୍ୟବହାର ପ୍ଲାଷ୍ଟିକ ଗ୍ଲାସଠାରୁ ଆରମ୍ଭ କରି ଥର୍ମକୋଲର ଥାଳି ପରିବେଶ ପ୍ରଦୂଷଣର ମାଧ୍ୟମ ପାଲଟିଛି। ଏହାର ବ୍ୟବହାର ପ୍ରତି ଅଙ୍କୁଶ ନଥିବା ଦେଖିବାକୁ ମିଳିଛି। ଚମ୍ପୁଆ ସଦର ମହକୁମାର ରାମତୀର୍ଥ, କେଶରିକୁଣ୍ଡ, ମିରିଗିସିଙ୍ଗା, ଦୋମୁହାଁଣି ସମେତ ବ୍ଲକର ବହୁ ସ୍ଥାନରେ ଡିସେମ୍ବର ମାସରୁ ବଣଭୋଜି ଆରମ୍ଭ ହୋଇଯାଇଥାଏ। ସହଜ ଓ ସୁବିଧା ପାଇଁ ବଣଭୋଜି ଦଳ ନିର୍ଭୟରେ ବେଆଇନ ପ୍ଲାଷ୍ଟିକ ବ୍ୟବହାର କରିଚାଲିଛନ୍ତି। ଏକପଟେ ସରକାର ଏହି ପ୍ଲାଷ୍ଟିକ ଓ ଥର୍ମକୋଲ



ବ୍ୟବହାର ଉପରେ ଅଙ୍କୁଶ ଲଗାଇଥିଲେ ବି ଏହାର ବ୍ୟବହାର ଓ ବିକ୍ରି କମିବା ବଦଳରେ ବଢିବାରେ ଲାଗିଛି। ନାମକୁ ମାତ୍ର ଚଢାଉକରି ପ୍ରଶାସନ କିଛିଅର୍ଥ ଜରିମାନା ଆଦାୟ କରି ଚୁପଚାପ ବସିରହୁଥିବାରୁ ଚଢ଼ଉର ଦିନକ ପରେ ବଜାରରେ ଯଥାପର ତଥା ପୂର୍ବ ପରିସ୍ଥିତି ଦେଖିବାକୁ ମିଳୁଛି। ନଦୀକୂଳ ବଣଭୋଜି ସ୍ଥାନରେ କୁଢକୁଢ ପ୍ଲାଷ୍ଟିକ ଓ ଥର୍ମକୋଲ ପଡିରହୁଥିବା ବେଳେ ଅନେକ ସମୟରେ ଏହା ନଦୀଜଳକୁ ପ୍ରଦୂଷଣ କରିବାର ପ୍ରମୁଖ ଭୂମିକା ଗ୍ରହଣ କରୁଛି।

ସକାଳ THE SAKALA



## ଫଟୋଗ୍ରାଫର ରାଜେଶ ପାଣିଙ୍କ ହତ୍ୟାକାରୀଙ୍କୁ ଧରିବାରେ ପୁଲିସ ବିଫଳ

# ଆନ୍ଦୋଳନ ଡାକରା ଦେଲା ପରଜଙ୍ଗ କଂଗ୍ରେସ

ପରଜଙ୍ଗ, ୨।୧(ସମିସ)

ବହୁଚର୍ଚ୍ଚିତ ଫଟୋଗ୍ରାଫର ରାଜେଶ ପାଣି ହତ୍ୟାକାଣ୍ଡକୁ ଦେଢ଼ମାସ ବିତିଯାଇଥିଲେ ମଧ୍ୟ ହତ୍ୟାକାରୀଙ୍କୁ ଧରିବାରେ କାମାକ୍ଷାନଗର ପୁଲିସ ବିଫଳ ହୋଇଛି। ଏହାର ପ୍ରତିବାଦରେ ପରଜଙ୍ଗ କଂଗ୍ରେସ ଆନ୍ଦୋଳନ ଡାକରା ଦେଇଛି।

ପରଜଙ୍ଗ ଥାନା ସାଆନ୍ଦା ଗ୍ରାମର ରାଜେଶ ଗତ ନଭେମ୍ବର ୧୩ ତାରିଖ କାମାକ୍ଷାନଗର ଥାନା ମୁକ୍ତାପଶି ଗ୍ରାମକୁ ଏକ ନିର୍ବନ୍ଧ ଭିଡିଓ ସୁଟିଂ ନିମନ୍ତେ ପତ୍ନୀକୁ କହି କ୍ୟାମେରା ସରଞ୍ଜାମ ଧରି ଘରୁ ବାହାରି ଯାଇଥିଲେ। ତେବେ ସେ ଆଉ ଘରକୁ ଫେରି ନ ଥିଲେ। ତାଙ୍କ ଫୋନ ମଧ୍ୟ ବନ୍ଦ ଥିବାରୁ ପତ୍ନୀଙ୍କର ସନ୍ଦେହ ହୋଇଥିଲା। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କ ସନ୍ଧାନ ମିଳି ନ ଥିଲା। ପରଦିନ ମୁକ୍ତାପଶି ଗ୍ରାମ ମହୋତ୍ସବ ଖନ୍ଦା ପୋଖରୀରେ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ପୋଖରୀ ହୁଡ଼ାରେ ତାଙ୍କ ବାଇକ୍ ରହିଥିବା ବେଳେ ନିକଟରେ ଥିବା ଏକ ମଣ୍ଡପ ଉପରେ ବାଇକ୍ ଚାବି ରହିଥିଲା। କାମାକ୍ଷାନଗର ପୁଲିସ ଓ ଅଗ୍ନିଶମ କର୍ମଚାରୀ ମୃତଦେହ ଉଦ୍ଧାର କରିଥିଲେ। ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ରାଜେଶଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇ ପୋଖରୀରେ ଫିଙ୍ଗି ଦିଆଯାଇଥିବା ତାଙ୍କ ଶଳା ଅର୍ଜିତ ପଣ୍ଡା କାମାକ୍ଷାନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଇତିମଧ୍ୟରେ ଦେଢ଼ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ପୁଲିସ ଘଟଣାର ପର୍ଦ୍ଦାଫାଶ କରିପାରି ନାହିଁ। ଏ ନେଇ ପରଜଙ୍ଗ ବ୍ଲକ କଂଗ୍ରେସ କମିଟି ସଂଯୋଜକ ଅବିନାଶ ପଣ୍ଡାଙ୍କ ନେତୃତ୍ୱରେ ରାମଚନ୍ଦ୍ର ସାହୁ, କେନ୍ଦୁ ଜେନା, କଙ୍କଡ଼ାହାଡ଼ ବ୍ଲକ କାରଗୋଳା ପଞ୍ଚାୟତର ପୂର୍ବତନ ସରପଞ୍ଚ ରଞ୍ଜିତ ସିଂ ପ୍ରମୁଖ ରାଜେଶଙ୍କ ପରିବାରକୁ ଭେଟିବା ସହ ଆସନ୍ତା ୧୦ ତାରିଖ ସୁଦ୍ଧା ଯଦି ଘଟଣା ଉପରୁ ପୁଲିସ ପରଦା ନ ଉଠାଏ ତେବେ ୧୧ ତାରିଖ କଂଗ୍ରେସ ପକ୍ଷରୁ ବାରିହାପୁରଠାରେ ୫୩ନଂ ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ଜିଲ୍ଲାପାଳ, କାମାକ୍ଷାନଗର ଉପଜିଲ୍ଲାପାଳ, ଏସ୍‌ଡିପିଓ, ପରଜଙ୍ଗ ତହସିଲଦାର, ଥାନାଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି। ଯଦି କୌଣସି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟିହୁଏ ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ଚେତାବନୀ ଦେଇଛନ୍ତି।

## ଛୋଟ ଏକ ପ୍ରୟାସର ନିଆରା ନୂଆବର୍ଷ ପାଳନ



ଖଜୁରିଆକଟା, ୨।୧(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଖଜୁରିଆକଟାସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଛୋଟ ଏକ ପ୍ରୟାସ ପକ୍ଷରୁ ଗୁରୁବାର ଗରିବ ଅସହାୟଙ୍କ ବସ୍ତିରେ ଛୋଟ ପିଲାମାନଙ୍କୁ ନେଇ ନିଆରା ଢଙ୍ଗରେ ନୂତନବର୍ଷ ପାଳନ କରାଯାଇଛି। ଭୋଜିଭାତ ମଦମାଂସ କିମ୍ବା ନାଚଗୀତରେ ସହ ଲକ୍ଷାଧିକ ଟଙ୍କା ଉଡ଼ାଇ ସମସ୍ତେ ନବବର୍ଷ ପାଳୁଥିବାବେଳେ ଏହି ଅନୁଷ୍ଠାନ ହିନ୍ଦୋଳ ଏନସି ୱାର୍ଡ ନଂ-୧୫ସ୍ଥିତ କୁଳିଆଡୁଟା ହରିଜନ ବସ୍ତିରେ ଗରିବଙ୍କୁ ଶୁଖିଲା ଖାଦ୍ୟ, ବସ୍ତ୍ର, କମ୍ବଳ ଇତ୍ୟାଦି ବଣ୍ଟନ କରି ସେମାନଙ୍କ ମୁହଁରେ ହସ ଫୁଟାଇ ସେମାନଙ୍କ ପିଲାମାନଙ୍କ ହାତରେ କେକ କାଟି ନୂଆବର୍ଷ ପାଳନ କରିଛି। ଏଥିରେ ବସ୍ତି ବାସିନ୍ଦା ଅତ୍ୟନ୍ତ ଖୁସି ହୋଇଥିବା ବେଳେ ନୂତନ ବର୍ଷ ପାଳନ ଆନନ୍ଦ ଉଠାଇଛନ୍ତି। ଏହି ଅବସରରେ ଏକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବସ୍ତିର ମାନସ ନାଏକଙ୍କ ପରିବାରକୁ ଅନୁଷ୍ଠାନର କର୍ମକର୍ତ୍ତାମାନେ ସମବେଦନା ଜଣାଇ ଶୁଖିଲା ଖାଦ୍ୟ, ବସ୍ତ୍ର, କମ୍ବଳ ଆଦି ଦେବାସହ ସବୁ କ୍ଷେତ୍ରରେ ତାଙ୍କ ପରିବାର ସାଥୀରେ ଠିଆ ହେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ



ପରଜଙ୍ଗ, ୨।୧(ସମିସ): ପରଜଙ୍ଗ ବ୍ଲକର ବିଭିନ୍ନ ବସ୍ତି, ସାହିରେ ନୂତନ ବର୍ଷର ପ୍ରଥମ ଦିବସରେ ୟୁଥ୍ ୟୁନାଇଟେଡ ଫର୍ ସଷ୍ଟେନେବଲ ଏନଭର୍ଣ୍ଣମେଣ୍ଟ ଟ୍ରଷ୍ଟ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଆମ୍ବପଳାଶ ପଞ୍ଚାୟତର ଜାମୁନାଳି ଓ ସିଂହଡ଼ା ଗ୍ରାମର ଦଳିତ ସାହିରେ ଟ୍ରଷ୍ଟ ସଦସ୍ୟ ସତ୍ୟନାରାୟଣ ସାମଲ, ଖଗେଶ୍ୱର ଭୂତିଆ, ପପୁ ସାହୁ, ପୂଜାରାଣୀ ଭୁକ୍ତାଙ୍କ ସମେତ ଖବରଦାତା ଅମରେନ୍ଦ୍ର ଦାସ, ଶାନ୍ତନୁ ଭୁକ୍ତା ପ୍ରମୁଖ ଶୀତବସ୍ତ୍ର ବଣ୍ଟନ କରିଛନ୍ତି। ଏପରି ସାମାଜିକ କାର୍ଯ୍ୟ ଆଗକୁ ଜାରି ରହିବ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି।

ଗଁଦିଆ: ନୂଆବର୍ଷର ପ୍ରଥମ ଦିବସରେ ଆଞ୍ଚଳିକ ସେବା ସଂଗଠନ ପକ୍ଷରୁ ଗଁଦିଆ ବ୍ଲକର ବିଭିନ୍ନ ସାହିବସ୍ତିରେ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ପରୁହଖୋଜ ପଞ୍ଚାୟତ ବାଣିଆପଡ଼ା ଦେହୁରୀସାହି ଓ ଗଁଦିଆ ଗ୍ରାମ ଦଳିତ ସାହି ଏବଂ ଦେହୁରୀ



ସାହିର ଅସହାୟ ଗରିବ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଆଞ୍ଚଳିକ ସେବା ସଂଗଠନର ଉପଦେଷ୍ଟା ଗଣେଶ୍ୱର ପ୍ରଧାନ, ସଭାପତି ଅଜିତ ରାଉତ, ଉପସଭାପତି ତାପସ ରାଉତ, କୋଷାଧ୍ୟକ୍ଷ ପ୍ରଭାସ ସାହୁ, ସଦସ୍ୟ ରମାକାନ୍ତ ସାହୁ, ନିତ୍ୟାନନ୍ଦ ସାହୁ, ମକାରଧ୍ୱଜ ପାତ୍ର, ବିଜୟ ପ୍ରଧାନ, ପ୍ରକାଶ ବାରିକ, ବୁଲୁ ସାହୁ ପ୍ରମୁଖ ଉପସ୍ଥିତ ରହି ବଣ୍ଟନରେ ସହଯୋଗ କରିଥିଲେ।

## ଖଙ୍କିରାରେ ସେବା ସମବାୟ ସମିତି ଉଦଘାଟିତ




ଗଁଦିଆ, ୨।୧(ସମିସ): ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକ ଖଙ୍କିରା ଗ୍ରାମରେ ଖଙ୍କିରା ପ୍ରାଥମିକ କୃଷି ସମବାୟ ସମିତି ଉଦଘାଟିତ ହୋଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ସମବାୟ ସମିତି ସମୂହର ଉପନିବନ୍ଧକ ଉମାଶଙ୍କର ଦାସ, ସହକାରୀ ନିବନ୍ଧକ ଅନନ୍ୟା ଶର୍ମା ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ପାତ୍ର ଗ୍ରାମବାସୀଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣିଥିଲେ। କୃଷିର ଉନ୍ନତି ତଥା ଜଳସେଚନ ଦିଗରେ ଡାହିବନ୍ଧକୁ କାର୍ଯ୍ୟକ୍ଷମ କରିବା ଓ ସୀମାନ୍ତ କଳକଳା ରାସ୍ତାର ଉନ୍ନତୀକରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ।

## ଚଳିତ ବର୍ଷ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଉଫୁନାର ଦାବି



ଢେଙ୍କାନାଳ, ୨।୧(ସମିସ): ନୂଆବର୍ଷ ଉପଲକ୍ଷେ ଉଫୁନା ପକ୍ଷରୁ ଏକ ବନ୍ଧୁମିଳନ ଆୟୋଜନ କରାଯାଇଥିଲା। ଏଥିରେ ୟୁନେସ୍କୋର ରାଜ୍ୟ ଆବାହକ ତଥା ଉଫୁନାର ସାଧାରଣ ସମ୍ପାଦକ କବି ବାହାଦୁର ପାଟସାହାଣୀ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସରକାର ଢେଙ୍କାନାଳରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ବଜେଟରେ ଅନୁଦାନ ବ୍ୟବସ୍ଥା କରିଛନ୍ତି। ଏଥିପାଇଁ ଉଫୁନାର ରାଜ୍ୟ ସଭାପତି ତଥା ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। କଲେଜ ପାଇଁ ଆବଶ୍ୟକ ଜାଗା ବ୍ୟବସ୍ଥା ମଧ୍ୟ ହୋଇଛି। ଚଳିତ ଶିକ୍ଷାବର୍ଷରେ ମେଡିକାଲ କଲେଜରେ ନାମଲେଖା କରିବା ପାଇଁ ସରକାରଙ୍କ ପାଖରେ ଦାବି କରାଯାଇଛି। ବୈଠକରେ ସମାଜବାଦୀ ନେତା ସରୋଜ ଶତପଥୀ, ସମାଜସେବୀ ଲକ୍ଷ୍ମୀଧର ବାରିକ, ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ, ବିପିନି ବେହେରା, ଇଂ ଡମ୍ବରୁଧର ପଣ୍ଡା, ଇଂ ଯୁଧିଷ୍ଠିର ସାହୁ, ଉପେନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇଥିଲେ। ବିଚିତ୍ରାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଏମଜିଏମ ନିମିଧା କାରଖାନାରେ ନବବର୍ଷ ପାଳିତ



ଢେଙ୍କାନାଳ, ୨।୧(ସମିସ): ନୂତନ ବର୍ଷର ଶୁଭ ସକାଳରେ ଏମଜିଏମ ଷ୍ଟିଲ ଡିଭିଜନ ୦୧, ନିମିଧା କାରଖାନାର କର୍ମଚାରୀ ଓ ଶ୍ରମିକମାନେ ପୂର୍ବ ବର୍ଷର ସଫଳତାର ଅନୁଭବ ସହ ଆଗାମୀ ବର୍ଷ ପାଇଁ ସଙ୍କଳ୍ପବଦ୍ଧ ହୋଇ ଉତ୍ସାହର ସହ ନୂଆବର୍ଷ ପାଳନ କରିଛନ୍ତି। କାରଖାନାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀକାନ୍ତ ବେହେରା ଉପସ୍ଥିତ କର୍ମଚାରୀ ଓ ଶ୍ରମିକମାନଙ୍କୁ କମ୍ପାନୀର ଅଧ୍ୟକ୍ଷ ପଦ୍ମଲୋଚନ ମହାନ୍ତିଙ୍କ ତରଫରୁ ନୂତନ ବର୍ଷର ଶୁଭେଚ୍ଛା ଓ ବାର୍ତ୍ତା ଜଣାଇଥିଲେ। ଅଧ୍ୟକ୍ଷଙ୍କ ବାର୍ତ୍ତା ମାଧ୍ୟମରେ ବିଗତ ବର୍ଷର ସଫଳ କାର୍ଯ୍ୟ ନିଷ୍ପାଦନ ପାଇଁ ସମସ୍ତ କର୍ମଚାରୀ ଓ ଶ୍ରମିକଙ୍କୁ ଧନ୍ୟବାଦ ଜଣାଇବା ସହ ଚଳିତ ବର୍ଷ କାରଖାନାର ମୂଳ ଲକ୍ଷ୍ୟ ଓ ଉତ୍ପାଦନ ବୃଦ୍ଧି ପାଇଁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ସମସ୍ତଙ୍କ ପରିବାରର ସୁଖସମୃଦ୍ଧି କାମନା କରିଥିଲେ।

## ଡିଆଇଇଟି ଛାତ୍ର ପରିଷଦର ଶପଥ ଗ୍ରହଣ ଉତ୍ସବ



ଢେଙ୍କାନାଳ, ୨।୧(ସମିସ): ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଛାତ୍ର ପରିଷଦର ଶପଥ ଗ୍ରହଣ ଉତ୍ସବ ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ୧୬ ବିଭାଗ ପାଇଁ ମନୋନୀତ ଛାତ୍ର ପ୍ରତିନିଧିମାନେ ପଦ ଓ ଗୋପନୀୟତାର ଶପଥପାଠ କରିଥିଲେ। ସଭାପତି ଭାବେ ଯଜ୍ଞପ୍ରସାଦ ଶତପଥୀ, ଉପସଭାପତି ରଶ୍ମିରଞ୍ଜନ ନାୟକ ଓ ସାଧାରଣ ସମ୍ପାଦକ ଭାବେ ସ୍ନିଗ୍ଧା ସାହୁ ଶପଥ ନେଇଛନ୍ତି। ସେହିପରି ସାଂସ୍କୃତିକ ସମ୍ପାଦକ ହରିହର ରାଉଳ, କ୍ରୀଡ଼ା ସମ୍ପାଦକ ଆଶୁତୋଷ ମହାନ୍ତି, ମୋ କର୍ତ୍ତବ୍ୟ ଅଭିଯାନ ସଂଯୋଜକ ସୋୟାଂଶୁ ପଟ୍ଟନାୟକ, ମାଗାଜିନରେ ଏମଏସ ମରଜ୍ୟୋତି, ଶୃଙ୍ଖଳାରେ ଜିତୁ ଦେହୁରୀ, ସୂଚନା ଓ ଲୋକସମ୍ପର୍କ ବିଭାଗରେ ଅନସୂୟା ପାତ୍ର, ବଗିଚାରେ ନିଖିଳ ନାୟକ, ସ୍ୱାସ୍ଥ୍ୟ ଓ ପରିମଳରେ ଅନ୍ନପୂର୍ଣ୍ଣା ବେହେରା, ସେମିନାର ସମ୍ପାଦକ ଭାବେ ଶୁଭଲକ୍ଷ୍ମୀ ଦାଶ, ବିଜ୍ଞାନ ବିଭାଗରେ ଲଲାଟେନ୍ଦୁ ରାଉତ, ଗୁଣାତ୍ମକ ଆକଳନରେ ମେଘନା ମନସ୍ୱିନୀ ମହାନ୍ତି, ପ୍ରେସରେ ସୂର୍ଯ୍ୟକାନ୍ତି ଭୋଇ ଓ ଡକୁମେଣ୍ଟେସନରେ ଡେଭିଡ ବେଶ୍ରା ଶପଥ ଗ୍ରହଣ କରିଛନ୍ତି।

ଶପଥ ଗ୍ରହଣ ପରେ ସମସ୍ତ ଛାତ୍ର ପ୍ରତିନିଧିଙ୍କୁ ଫୁଲ ଦେଇ ସ୍ୱାଗତ କରାଯାଇଥିଲା। ଛାତ୍ର ପରିଷଦ ଉପଦେଷ୍ଟା ତଥା ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ପ୍ରତିଭା ଦଳେଇ ଶପଥପାଠ କରାଇଥିଲେ। ପ୍ରଶିକ୍ଷିକା ପ୍ରଭାତୀ ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ର ପରିଷଦ ମାଧ୍ୟମରେ ଦକ୍ଷ ନେତୃତ୍ୱ ତିଆରି ହୋଇପାରିବ ବୋଲି ଅଧ୍ୟକ୍ଷ ସାହୁ ବକ୍ତବ୍ୟରେ କହିଥିଲେ।

## ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା




ପରଜଙ୍ଗ, ୨।୧(ସମିସ): ପରଜଙ୍ଗ ମହାବିଦ୍ୟାଳୟ ଗଣିତ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ସଚ୍ଚିଦାନନ୍ଦ ପ୍ରଧାନ ସେବାରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ କଲେଜ ଅଧ୍ୟକ୍ଷା ସ୍ମିତାରାଣୀ ସାହୁଙ୍କ ଅଧ୍ୟକ୍ଷତାରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ବିକାଶ ପ୍ରଧାନ, ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରସନ୍ନ କୁମାର ସାହୁ, ସଂସ୍କୃତ ଅଧ୍ୟାପକ ବିଶିକେଶନ କର୍ଣ୍ଣ, ନୃତତ୍ତ୍ୱ ବିଭାଗ ମୁଖ୍ୟ ଜୟଯୁକ୍ତା ପଟ୍ଟନାୟକ ଯୋଗଦେଇ ପ୍ରାଧ୍ୟାପକ ପ୍ରଧାନଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିବା ସହ ଅବସର ପରବର୍ତ୍ତୀ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ।

## ଧର୍ମପରାୟଣ ବ୍ୟକ୍ତିଙ୍କ ବିୟୋଗରେ ଶୋକ



ଗଁଦିଆ, ୨।୧(ସମିସ): ଗଁଦିଆ ବ୍ଲକ ଲାଉଲଇ ଗ୍ରାମର ଅବସରପ୍ରାପ୍ତ କର୍ମଚାରୀ, ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ସଦସ୍ୟ ତଥା ଧର୍ମପରାୟଣ ବ୍ୟକ୍ତି ରବିନାରାୟଣ ପୃଷ୍ଟିଙ୍କର ପବିତ୍ର ମଙ୍ଗଳବାର ବିଳମ୍ବିତ ରାତିରେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲରେ ପରଲୋକ ହୋଇଛି। ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ ଓଡ଼ିଶାର ସଭାପତି ତଥା ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟକାରୀ ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ ଓ ଅବସରପ୍ରାପ୍ତ ବିଚାରପତି ତଥା ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ମୁଖ୍ୟ ଉପଦେଷ୍ଟା ଭିକାରୀ ଚରଣ ରାଉତ ଶୋକ ପ୍ରକାଶ କରିବା ସହ ପରିବାର ସଦସ୍ୟଙ୍କୁ ସମବେଦନା ଜ୍ଞାପନ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସାନଭାଇ ବ୍ରହ୍ମାନନ୍ଦ, ପୁତୁରା ବିଜୟ, ଭଣଜା ପ୍ରଦୀପ, ଦିଲୀପ, ପ୍ରତାପ, ନାରାୟଣ, ମଣ୍ଟୁ, ଜ୍ୱାଇଁ ଅଭୟ, ଜିତେନ୍ଦ୍ରଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ଏକମାତ୍ର ପୁଅ ବିଶ୍ୱରଞ୍ଜନ ମୁଖାଗ୍ନି ଦେଇଥିଲେ।

## ସନ୍ତୋଷୀ ମା'ଙ୍କ ୧୪ତମ ବାର୍ଷିକୋତ୍ସବ ଉଦଯାପିତ



ଢେଙ୍କାନାଳ, ୨।୧(ସମିସ): ଢେଙ୍କାନାଳ ପୌରପରିଷଦ ୫ନଂ ୱାର୍ଡର କୋହିନୂର ହଷ୍ଟେଲ ପାଖରେ ଥିବା ମା' ସନ୍ତୋଷୀଙ୍କ ମନ୍ଦିରରେ ୧୪ତମ ବାର୍ଷିକୋତ୍ସବ ଉଦଯାପିତ ହୋଇଛି। ୩୧ ତାରିଖ ବଡ଼ଜୋରାଠାରୁ ପୂଜାର୍ଚ୍ଚନା କରାଯାଇ କଳସଯାତ୍ରା କରାଯିବା ପରେ ଅଧିବାସ ପୂଜା କରାଯାଇଥିଲା। ପ୍ରତ୍ୟେକ ଦିନ ସୂର୍ଯ୍ୟପୂଜା, ଗୋ ପୂଜା, ଶାଳାପୂଜା, କଳସ ପୂଜା, ମଣ୍ଡଳ ପୂଜା, ଷୋଡ଼ଶ ଉପଚାର ପୂଜା, ଚଣ୍ଡୀ ପାଠ, ସପ୍ତଚଣ୍ଡୀ ଆହୁତି, ଯଜ୍ଞ ଓ ବିଭିନ୍ନ ଭୋଗ ଲାଗି କରାଯାଇଥିଲା। ୧ ତାରିଖ ୭୦୦ରୁ ଊର୍ଦ୍ଧ୍ୱ ଭକ୍ତ ପ୍ରସାଦ ସେବନ କରିଥିଲେ। ଶୁକ୍ରବାର ପୂର୍ଣ୍ଣାହୁତି ପ୍ରଦାନ କରାଯାଇଛି। ମନ୍ଦିର ପୂଜକ ଅଶୋକ କୁମାର ମିଶ୍ର, ମୁଖ୍ୟ ପୂଜକ ସାରଙ୍ଗଧର ମିଶ୍ର, ସହଯୋଗୀ ପ୍ରକାଶ କୁମାର ମିଶ୍ର, ରଞ୍ଜନ କୁମାର ପତି ଓ ପ୍ରମୋଦ କୁମାର ମିଶ୍ର ପ୍ରମୁଖ ପୂଜାକାର୍ଯ୍ୟ ତୁଲାଇଥିଲେ। କର୍ତ୍ତା ଭାବେ କମିଟି ସମ୍ପାଦକ ବନ ବାହାଦୁର ଓ ପାର୍ବତୀ ବାହାଦୁର ଦାୟିତ୍ୱ ତୁଲାଇଥିଲେ। ସଭାପତି ପ୍ରକାଶ ଚନ୍ଦ୍ର କୁଅଁର, ସଦସ୍ୟ ଶଶିକାନ୍ତ ରାଉତ, ଜିତେନ୍ଦ୍ର ସାହୁ, ବିକ୍ରମ ନାୟକ, ଭବାନୀ ଶଙ୍କର ଦାସ, ଜ୍ଞାନରଞ୍ଜନ ବିଶ୍ୱାଳ, ବଳରାମ ବିଶ୍ୱାଳ, ସୁବ୍ରତ ସାମଲ, କୃତିଦୀପନ ସାମଲ, ନଗେନ ବେହେରା, ସୁପ୍ରତ ଦାସ, ମୁନା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜେବିଆର ହସ୍ପିଟାଲ ତରଫରୁ ମାଗଣା ସ୍ୱାସ୍ଥ୍ୟ ଶିବିର



ପରଜଙ୍ଗ, ୨।୧(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ସାନ୍ଧା ତଳବେରଣା ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପରିସରରେ ଜେବିଆର ହସ୍ପିଟାଲ ଆନୁକୂଲ୍ୟରେ ପ୍ରୟାସ ଆମର ସହଯୋଗ ଆପଣଙ୍କର ସେବା ସଂଗଠନ ଏବଂ ବାଗ୍‌ଦେବୀ କ୍ଲବ ସହଯୋଗରେ ଶୁକ୍ରବାର ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଜେବିଆର ହସ୍ପିଟାଲର ଭେଷଜ ବିଶେଷଜ୍ଞ ଡା. ଶକ୍ତିବ୍ରତ ଚୌଧୁରୀ, ଶିଶୁ ରୋଗ ବିଶେଷଜ୍ଞ ଡା. ଚନ୍ଦନ ମାର୍ଣ୍ଡି, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. କେକେ ଦାସଙ୍କ ସମେତ ଚିକିତ୍ସାଳୟର କର୍ମଚାରୀ ଅର୍ଚ୍ଚନା ବେହେରା, ଶ୍ୱେତାଲିନା ଦାସ, କ୍ରିଷ୍ଟାପ୍ରିୟ ଧଳ, ଅର୍ଚ୍ଚନା ସାହୁ, ସୁଶୀଲ ମହାନ୍ତି, ଶିବାନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ମୋଟ ୩୦୯ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ପ୍ରୟାସ ସେବା ସଂଗଠନର ପ୍ରତିଷ୍ଠାତା ଅଶୋକ ପଣ୍ଡା, ବାଗ୍‌ଦେବୀ କ୍ଲବ ସଦସ୍ୟ ସନ୍ଦୀପ ପଣ୍ଡା, ପ୍ରୀତିରଞ୍ଜନ ପାଳ, ଦିବ୍ୟରଞ୍ଜନ ପଣ୍ଡା, ସୌମ୍ୟରଞ୍ଜନ ପଣ୍ଡା, ସୋମନାଥ ପଣ୍ଡା, ଆଲୋକ ପଣ୍ଡା, ରଞ୍ଜିତ ମହାରଣା, ଶୁଭମ ସ୍ୱାମୀ, ଜ୍ୟୋତିରଞ୍ଜନ ପଣ୍ଡା, ରାକେଶ ପଣ୍ଡା, ସାୟମ ପଣ୍ଡା. ସେଣ୍ଟ ଜାଭିୟର୍ସ ହାଇସ୍କୁଲର ପ୍ରିନ୍ସିପାଲ ଦୀପକ ପଣ୍ଡା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ଜିଲ୍ଲାର ବିଭିନ୍ନ କୋର୍ଟରେ ସରକାରୀ ଓକିଲ ନିଯୁକ୍ତ

ଢେଙ୍କାନାଳ, ୨।୧(ସମିସ)



ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଅଦାଲତରେ ସରକାରୀ ଓକିଲ (ପିପି) ଓ ଅତିରିକ୍ତ ସରକାରୀ ଓକିଲ ନିଯୁକ୍ତ କରାଯାଇଛି। ଜିଲ୍ଲା ତଥା ସେସନ୍ସ ଅଦାଲରେ ସରକାରୀ ପ୍ଲିଡର ଭାବେ ନବକିଶୋର ଗୁରୁ ନିଯୁକ୍ତି ପାଇଥିବା ବେଳେ ସ୍ପେଶାଲ ପିପି ଭାବେ ସଞ୍ଜୟ କୁମାର ମିଶ୍ର, ଶିବପ୍ରସାଦ ସାହୁଙ୍କୁ ନିଯୁକ୍ତି ପ୍ରଦାନ କରଯାଇଛି। ସେହିପରି ଏଡି କମ୍ ଭିଜିଲାନ୍ସ ସ୍ପେସାଲ ଜଜଙ୍କ ଅଦାଲତରେ ଅତିରିକ୍ତ ପିପି ଭାବେ ସତ୍ୟନାରାୟଣ ସାହୁ, ସିଜେଏମଙ୍କ ଅଦାଲତରେ ଆସୋସିଏଟ ଲୟର ଭାବେ ସୁଶାନ୍ତ କୁମାର ପାଣିଗ୍ରାହୀ, ସହକାରୀ ପିପି ଭାବେ ସୂର୍ଯ୍ୟମଣି ଧଳ, ସିଭିଲ କୋର୍ଟ ରେଜିଷ୍ଟ୍ରାରଙ୍କ ଅଦାଲତରେ ସନ୍ତୋଷ କୁମାର ମହାପାତ୍ର, ସିଭିଲ ଜଜ ସିନିୟର ଡିଭିଜନଙ୍କ ଅଦାଲତରେ ଅତିରିକ୍ତ ସରକାରୀ ପ୍ଲିଡର ଭାବେ ଚତୁର୍ଭୁଜ ନନ୍ଦ, ସିଭିଲ ଜଜ ଏଲଆରଙ୍କ ଅଦାଲତରେ ସହକାରୀ ସରକାରୀ ପ୍ଲିଡର ଭାବେ ବିଜୟକୁମାର ସାହୁ, ସିଭିଲ ଜଜ ସିନିୟର ଡିଭିଜନ ମହିଳା ଅଦାଲତରେ ଆସୋସିଏଟ ଲୟର ଭାବେ ପ୍ରକାଶ ରାଉତ, ସହକାରୀ ପିପି ଭାବେ ନିରୁପମା ମାଝୀ, ଅର୍ଜୁନ କୁମାର ସାହୁ, ଅତିରିକ୍ତ ସିଭିଲ ଜଜ ସିନିୟର ଡିଭିଜନରେ ସହକାରୀ ସରକାରୀ ପ୍ଲିଡର ଭାବେ ଭାବଗ୍ରାହୀ ପଣ୍ଡା, ସିଭିଲ ଜଜ୍ ସିନିୟର ଡିଭିଜନ ତଥା ଏସଡିଜେଏମଙ୍କ ଅଦାଲତରେ ସହକାରୀ ସରକାରୀ ପ୍ଲିଡର ଭାବେ ଯୁଗଳ କିଶୋର ସାହୁ, ଅତିରିକ୍ତ ପିପି ଭାବେ ଶୁଭଶ୍ରୀ ରାଉତ, ପଦ୍ମଭୂଷଣ ସାହୁ, ବିଜୟ କୁମାର ମଲ୍ଲିକ, ଜେଏମଏଫସି (କଗଟେକିଂ) ଙ୍କ ଅଦାଲତରେ ସହାକାରୀ ପିପି ଭାବେ ବିଘ୍ନେଶ୍ୱର ଦୋରା, ରଞ୍ଜିତା ମିଶ୍ର, ଜେଏମଏଫସିଙ୍କ ଅଦାଲତରେ ଅତିରିକ୍ତ ପିପି ଭାବେ ଚିରଞ୍ଜୀବ ନନ୍ଦ, ରତ୍ନପ୍ରଭା ସ୍ୱାଇଁ, ପିଏମଜେଜେବି ଅଦାଲତରେ ଏପିପି ଭାବେ ପ୍ରଶାନ୍ତ କୁମାର ରାଉତ, ବସନ୍ତ କୁମାର ରଥ, ସିଭିଲ ଜଜ ପ୍ରୋବେସନରେ ଏପିପି ଭାବେ କିଶୋର କୁମାର ରାଉତ, ଅନସୂୟା ମିଶ୍ର, ଜେଏମଏଫସି ଏଲଆରରେ ଏପିପି ଭାବେ ବିକାଶ କୁମାର ସାହୁ, ସୂର୍ଯ୍ୟନାରାୟଣ ସାହୁ, ଗଁଦିଆ ସିଭିଲଜଜ ଜୁନିୟର ଡିଭିଜନ କମ ଜେଏମଏଫସିରେ ଅତିରିକ୍ତ ସରକାରୀ ପ୍ଲିଡର ଭାବେ ବିକ୍ରମ କେଶରୀ ସାହୁ ଓ ଏପିପି ଭାବେ ଜୟକୃଷ୍ଣ ସାହୁ, ହିନ୍ଦୋଳ ସିଭିଲ ଜଜ ସିନିୟର ଡିଭିଜନରେ ଅତିରିକ୍ତ ସରକାରୀ ପ୍ଲିଡର ଭାବେ କ୍ଷିତୀଶ କୁମାର ସାହୁ, ସହକାରୀ ଓକିଲ ଭାବେ ଅରୁଣ କୁମାର ଦାସ, ଏଡିଜେଏମଙ୍କ ଅଦାଲତରେ ଏପିପି ଭାବେ ସଞ୍ଜୟ କୁମାର ପଟ୍ଟନାୟକ, ପ୍ରଦୀପ କୁମାର ମିଶ୍ର, ଜେଏମଏଫସିଙ୍କ ଅଦାଲତରେ ଏପିପି ଭାବେ ସନ୍ତୋଷ କୁମାର ବେହେରା, ଦୀପ୍ତିରେଖା ପ୍ରଧାନ, ଓଡ଼ାପଡ଼ା ଜେଏମଏଫସିଙ୍କ ଅଦାଲତରେ ନିଶିକାନ୍ତ ସାହୁ, କାମାକ୍ଷାନଗର ଅତିରିକ୍ତ ଜିଲ୍ଲା ଜଜଙ୍କ ଅଦାଲତରେ ସ୍ପେଶାଲ ପିପି ଭାବେ ସୂର୍ଯ୍ୟକାନ୍ତ ବିଶ୍ୱାଳ, ପ୍ରଦ୍ୟୁମ୍ନ କୁମାର ଦାଶ, ସିଭିଲ ଜଜ ସିନିୟର ଡିଭିଜନଙ୍କ ଅଦାଲତରେ ଅତିରିକ୍ତ ସରକାରୀ ପ୍ଲିଡର ଭାବେ ପବିତ୍ର ମୋହନ ବିଶ୍ୱାଳ, ସହକାରୀ ଓକିଲ ଭାବେ ଅଜିତ କୁମାର ତ୍ରିପାଠୀ, ସିଭିଲ ଜଜ ଜୁନିୟର ଡିଭିଜନ ଏସଡିଜେଏମଙ୍କ ଅଦାଲତରେ ଅତିରିକ୍ତ ସରକାରୀ ପ୍ଲିଡର ଭାବେ ଦେବୀଦ ସାମଲ, ଏପିପି ଭାବେ ପ୍ରଦୀପ୍ତ କୁମାର ସାହୁ, ଭୁବନ ସିଭିଲ ଜଜ ଜୁନିୟର ଡିଭିଜନ ଜେଏମଏଫସିଙ୍କ ଅଦାଲରେ ଅତିରିକ୍ତ ସରକାରୀ ପ୍ଲିଡର ଭାବେ ଶ୍ରୀନିବାସ ଗୁରୁ, ପରଜଙ୍ଗ ସିଭିଲଜଜ ଜୁନିୟର ଡିଭିଜନ ଜେଏମଏଫସିଙ୍କ ଅଦାଲରେ ଅତିରିକ୍ତ ସରକାରୀ ପ୍ଲିଡର ଭାବେ ବିପିନ ପାଣି, ଏପିପି ଭାବେ ସନ୍ତୋଷ କୁମାର ସାହୁ, ପ୍ରଦୀପ କୁମାର ସାହୁ, ଅରବିନ୍ଦ ସାହୁ, କଙ୍କଡ଼ାହାଡ଼ ସିଭିଲଜଜ ଜୁନିୟର ଡିଭିଜନ ଜେଏମଏଫସିଙ୍କ ଅଦାଲରେ ଏପିପି ଭାବେ କରୁଣାକର ମହନ୍ତ, ହିନ୍ଦୋଳ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଏପିପି ଭାବେ ଦେବାନନ୍ଦ ପଟ୍ଟନାୟକ ଏବଂ ବଳରାମ ଲେଙ୍କାଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ସେହିପରି ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଭାବେ ଓଡ଼ାପଡ଼ାରେ ଏପିପି ଭାବେ ପ୍ରଦୀପ ଚନ୍ଦ୍ର ନାଥ, କାମାକ୍ଷାନଗରରେ ପ୍ରବୋଧ କୁମାର ସାମଲ, ମୃତ୍ୟୁଞ୍ଜୟ ନନ୍ଦ, ଦୀପକ କୁମାର ପାତ୍ର, ପ୍ରଶାନ୍ତ କୁମାର ସାହୁ ଏବଂ ପରଜଙ୍ଗରେ ବେଣୁଧର ସାହୁଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

● କଂଗ୍ରେସର ଅଭିଯୋଗ

# ପାକ୍ସ ସମ୍ପାଦକ ମିଲରଙ୍କ ଦଲାଲ ହୋଇଛନ୍ତି, ସରକାରୀ ଆଦେଶରେ ଚାଲିଛି କଟଣି ଛଟଣି



ଦେବଗଡ଼, ୨।୧(ସମିସ): ଦେବଗଡ଼ ଜିଲ୍ଲାରେ ୫୧ ସେବା ସମବାୟ ସମିତି ଜରିଆରେ ମଣ୍ଡି ଖୋଲାଯାଇଛି । ଚାଷୀଙ୍କ ଠାରୁ ବିନା କଟଣି ଛଟଣିରେ ଧାନ କ୍ରୟ ପାଇଁ ଜିଲ୍ଲା ପ୍ରଶାସନ ବ୍ୟବସ୍ଥା କରିଛି । ହେଲେ ଅଧିକାଂଶ ମଣ୍ଡିରେ ସେବା ସମବାୟ ସମିତି ସମ୍ପାଦକ ମାନେ ମିଲରଙ୍କ ଦଲାଲ ସାଜି ଚାଷୀଙ୍କୁ ଶୋଷଣ କରୁଥିବା ନେଇ ଜିଲ୍ଲା କଂଗ୍ରେସ ଅଭିଯୋଗ କରିଛି । ସରକାରଙ୍କ ପକ୍ଷରୁ ମଣ୍ଡିରେ କଟଣି ଛଟଣି ବିନା ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରାଯାଉଥିବା ନେଇ ଡିଣ୍ଡିମ ପିଟା ଯାଉଥିବା ବେଳେ ମଣ୍ଡିରେ ବାସ୍ତବିକ ସ୍ଥିତି ଭିନ୍ନଥିବା କଂଗ୍ରେସ କହିଛି । ଚାଷୀଙ୍କ ଅଭିଯୋଗ ଆଧାରରେ ଆଜି ରିଆମାଳ ବ୍ଲକ ଅଧୀନ ତାବଡା ଧାନ ମଣ୍ଡିରେ ଚାଷଙ୍କ ଠାରୁ କ୍ୱିଣ୍ଟାଲ ପିଛା ସାଢ଼େ ୪ କେଜି ଧାନ କଟଣି ଛଟଣି କରାଯାଉଥିବା ଅଭିଯୋଗ ପାଇ ଜିଲ୍ଲା କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳ ସେଠାକୁ ଯାଇ ଘଟଣା ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ସେଥିରେ ଚାଷୀଙ୍କ ଅଭିଯୋଗର ସତ୍ୟତା ଥିବା ଜାଣିବାକୁ ପାଇଥିଲେ । ତାବଡା ସମବାୟ ସମିତି ସମ୍ପାଦକଙ୍କ ନିକଟରେ ପ୍ରତିବାଦ କରିବାରୁ ତାଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଥିବା ସେ ପ୍ରକାଶ କରିଥିଲେ । ଫଳରେ କଂଗ୍ରେସ କାର୍ଯ୍ୟକର୍ତ୍ତା ଓ ପାକ୍ସ ସମ୍ପାଦକଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । ଏ ସମ୍ପର୍କରେ ଜିଲ୍ଲାପାଳ ଓ ଉପ ନିବନ୍ଧକଙ୍କ ନିକଟରେ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯିବା ସହ ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ଏଥିସହ ଯେଉଁ ଚାଷୀଙ୍କ ଠାରୁ ଧାନ କଟାଯାଇଛି ସେମାନଙ୍କୁ ଧାନ ଫେରସ୍ତ ନଚେତ ଓଜନରେ ସାମିଲ କରିବା ଓ ଉକ୍ତ ପାକ୍ସ ସମ୍ପାଦକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମଧ୍ୟ ଦାବି କରାଯାଇଛି । ସେହିପରି ଦାବି ପୂରଣ ନହେଲେ ଆସନ୍ତା ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ ପାଇଁ ଚେତାବନୀ ଦିଆଯାଇଥିବା ଜଣାପଡ଼ିଛି ।

**ବନ୍ଧବାହାଲ ଧନୁଯାତ୍ରା ଷଷ୍ଠ ଦିବସ**

# ବେନିଭାଇଙ୍କୁ ଆଣିବାକୁ ଅକ୍ରୁରଙ୍କ ଗୋପପୁର ଯାତ୍ରା

ଇବଥର୍ମାଲ, ୨।୧(ସମିସ)

ଝାରସୁଗୁଡ଼ା ଜିଲ୍ଲା ପ୍ରସିଦ୍ଧ ଧନୁଯାତ୍ରାର ଷଷ୍ଠ ଦିବସ ଅତିକ୍ରାନ୍ତ ହୋଇଛି । କୃଷ୍ଣଙ୍କୁ ହତ୍ୟା ପାଇଁ ସବୁଚେଷ୍ଟାରେ ବିଫଳ ହେଲାପରେ କଂସ ହତାଶ ହୋଇଛି । ପରନ୍ତୁ ହତାଶାକୁ ଚାପିରଖି କଂସର ରାଜଦ୍ୱରେ ରାଜଦରବାର ଉଠୁଛି ପଡୁଛି । ରାଜାମାନଙ୍କ ପରାମର୍ଶରେ ବଳପାଇ ତଥା ଦେବର୍ଷି ନାରଦଙ୍କ ପରାମର୍ଶ କ୍ରମେ କଂସ ରାଜା ଧନୁଯାତ୍ରା କରିବାକୁ ପ୍ରସ୍ତୁତ ହୋଇଛନ୍ତି । ଧନୁଯାତ୍ରାକୁ କୃଷ୍ଣ ବଳରାମଙ୍କୁ ନିମନ୍ତ୍ରଣ ପାଇଁ ଅକ୍ରୁରଙ୍କୁ ଗୋପପୁର ପ୍ରେରଣ ଦୃଶ୍ୟ ଅଭିନୀତ ହୋଇଛି । ଶ୍ରୀକୃଷ୍ଣଙ୍କ ଭକ୍ତିରେ ପାଗଳ ଅକ୍ରୁର ଗୋପପୁର ଯାଇ କୃଷ୍ଣଙ୍କୁ ସାଙ୍ଗରେ ମଥୁରା ଆଣିବା ଭାବନାରେ ଆତ୍ମହରା ହୋଇ ପଡ଼ିଛନ୍ତି । ମହାରାଜା ଅକ୍ରୁରଙ୍କୁ ପଠେଇ ସାରି ଆରାଧ୍ୟ ଦେବଦେବ ମହାଦେବଙ୍କୁ କଠୋର ତପସ୍ୟା କରି ରୁଦ୍ର ଷୋଡ ପ୍ରାପ୍ତ କରିଛନ୍ତି । ପରେ କୃଷ୍ଣଙ୍କୁ ମାରିପାରିବେ ବୋଲି ଆଶ୍ୱସ୍ତ ହୋଇ ନୃତ୍ୟଗୀତରେ ନିଜକୁ ବୁଡାଇ ରଖିଛନ୍ତି । ରାତ୍ରିରେ ଶୋଇ କଂସ ସ୍ୱପ୍ନରେ କୃଷ୍ଣଙ୍କୁ ଦର୍ଶନ କରି ଭୟଭୀତ ହେବା ଶୀତୁଆ ରାତିରେ ଦର୍ଶକ ବେଶ ଉପଭୋଗ କରିଛନ୍ତି । ଅନ୍ୟପଟେ କଳିଯୁଗରେ ଦ୍ୱାପର



ଛାପ ଧନୁଯାତ୍ରାରେ ଦେଖିବାକୁ ମିଳିଛି । ପ୍ରଭୁ ଶ୍ରୀକୃଷ୍ଣ ଭାଇ ବଳରାମଙ୍କ ସହ ଗୋପପୁର ପରିଭ୍ରମଣ ବେଳେ ଘରେ ଘରେ ପୂଜାର୍ଚ୍ଚନା ଦୃଶ୍ୟ ଲୋକଙ୍କୁ ଭାବାବେଗରେ ବୁଡେଇ ଦେଇଛି । ସ୍ଥାନୀୟ ଯମୁନା ପୋଖରୀରେ ରାଧା ଓ କୃଷ୍ଣଙ୍କ ନାବକେଳି ଉତ୍ସବ ବିପୁଳ ଉତ୍ସାହ ଓ ଉଦ୍ଦୀପନାର ସହ ସମ୍ପନ୍ନ ହୋଇଛି । ଏହା ଦେଖିବାକୁ ପୋଖରୀ ଚର୍ତୁପାଶ୍ୱର୍ରେ ବିପୁଳ ଜନ ସମାଗମ ହୋଇଥିଲା । ପରବର୍ତ୍ତୀ ସମୟରେ ଲୀଳାମୟଙ୍କ ଷୋହଳକୁଞ୍ଜ ଲୀଳାରେ ଦର୍ଶକ ମୁଗ୍ଧ ଥିବା ବେଳେ ଗୋପରେ ଅକ୍ରୁରଙ୍କ ପ୍ରବେଶ ଆହୁରି ଭାବାତୁର ପରିବେଶ ସୃଷ୍ଟି କରିଛି । ଶ୍ରୀକୃଷ୍ଣ ଅକ୍ରୁରଙ୍କ ଆଗମନ ବିଷୟରେ ଜାଣି ଭକ୍ତର ମନୋବାଞ୍ଛା ପୂରଣ କରି ତାଙ୍କୁ ଦିବ୍ୟ ଚତୁର୍ଦ୍ଧା ରୂପରେ ଦର୍ଶନ ଦେଇଛନ୍ତି । ସେତେବେଳେ ଭକ୍ତ ଅକ୍ରୁର ଭକ୍ତିଭାବ କଣ୍ଠରେ ସାଲବେଗଙ୍କ ଭଜନରୁ ଗାଇ ଉଠିଛନ୍ତି, "ଯେତେ ବେଳେ କୃଷ୍ଣ ଗାଇ ଦୁହୁଁଥିଲେ ଅକ୍ରୁର ଗଣିତ ଗଲାଣି, ଗାଈ ଦୁହୁଁଦୁହୁଁ କେଶ ଫିଟିଗଲା ଚତୁର୍ଭୁଜ ହେଲେ ଅନନ୍ତ ନାହିଁ ନାହିଁ ତ, ଜଗବନ୍ଧୁ ପରି ଜଣେ ସାମନ୍ତ ନାହିଁ ନାହିଁ ତ ।" ଆଜି ମହାରାଜଙ୍କ ନିମନ୍ତ୍ରଣ ରକ୍ଷାକରି ରାଜ ଅତିଥି ଭାବେ ବ୍ରଜରାଜନଗର ବିଧାୟକ ତଥା ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ, ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ, ରାଜ୍ୟ ଯୁବ ବିଜେପି ଉପସଭାପତି ବିଶ୍ୱଜିତ



ଷଡଙ୍ଗୀ, ଜିଲ୍ଲା ବିଜେପି ଉପ ସଭାପତି ନୱଲ ଅଗ୍ରୱାଲ ଯୋଗଦେଇଥିବା ବେଳେ ସଭାରେ କମିଟିର ସାଧାଣ ସମ୍ପାଦକ ପ୍ରେମାନନ୍ଦ ସାହୁ ସଭାପତିତ୍ୱ କରିଥିଲେ । କାର୍ଯ୍ୟକ୍ରମରେ କମିଟି ସଭାପତି ବେଣୁଧର ସିଂହ, ଉପଦେଷ୍ଟା ପ୍ରସନ୍ନ ସିଂହ, ନବୀନ ବୁଦ୍ଧିଆ, ବିଜୟ ପରିଡ଼ା, କୃଷ୍ଣଚନ୍ଦ୍ର ସିଂହ ପ୍ରମୁଖ ସହଯୋଗ କରିଥିଲେ । ମଞ୍ଚ ସଞ୍ଚାଳନ କାର୍ଯ୍ୟକାରୀ ସଭାପତି ଉମାକାନ୍ତ ପଣ୍ଡା କରିଥିଲେ ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମିଳିଲା ଘର ଓ ଭୂମିହୀନଙ୍କୁ ଜମିପଟ୍ଟା

ଝାରସୁଗୁଡ଼ା, ୨।୧(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଝାରସୁଗୁଡ଼ା ଇଞ୍ଜିନିୟରିଂ ସ୍କୁଲ୍ ପରିସରରେ ବିଭିନ୍ନ ସରକାରୀ ଯୋଜନାରେ ଉପକୃତ ହୋଇଥିବା ହିତାଧିକାରୀମାନଙ୍କୁ କାର୍ଡ ବଣ୍ଟନ କରାଯାଇଛି । କାର୍ଯ୍ୟକ୍ରମରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଏବଂ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ହିତାଧିକାରୀମାନଙ୍କୁ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ସହାୟତାରାଶି, ଜମିପଟ୍ଟା ଏବଂ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି । ସହରାଞ୍ଚଳରେ ବାସହୀନ ପରିବାରଙ୍କୁ ନିଜସ୍ୱ ପକ୍କାଘର ଯୋଗାଇଦେବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ଅଧୀନରେ ୭୧ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ପ୍ରତି ହିତାଧିକାରୀଙ୍କୁ ଗୃହ ନିର୍ମାଣ ନିମନ୍ତେ ୨.୫ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ପ୍ରଦାନ କରାଯାଉଛି । ଜିଲ୍ଲାର ଭୂମିହୀନ ଲୋକଙ୍କୁ ସ୍ଥାୟୀ ଠିକଣା ଦେବା ପାଇଁ ବସୁନ୍ଧରା ଯୋଜନା ଅନୁଯାୟୀ ୧୫୭



ଜଣ ହିତାଧିକାରୀଙ୍କୁ ଭୂମିପଟ୍ଟା ପ୍ରଦାନ କରାଯାଇଛି । ଏହି ଅଭିଯାନରେ ଯୋଗ୍ୟ ବ୍ୟକ୍ତିଙ୍କୁ ବାସଗୃହ ନିର୍ମାଣ ପାଇଁ ୨ ଡେସିମିଲ୍ ଲେଖାଏଁ ଜମି ଯୋଗାଇ ଦିଆଯାଇଛି । ଶିକ୍ଷା କ୍ଷେତ୍ରରେ ସମାନତା ଆଣିବା ପାଇଁ ସରକାରଙ୍କ ପକ୍ଷରୁ ୧୦ ଜଣ ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ ମାଗଣା ଲାପଟପ୍ ପ୍ରଦାନ କରାଯାଇଛି । ଶ୍ରମ ଏବଂ ରାଜ୍ୟ କର୍ମଚାରୀ ବୀମା ବିଭାଗ ପକ୍ଷରୁ ଶ୍ରମିକ କଲ୍ୟାଣ ନିମନ୍ତେ ବ୍ୟାପକ ସହାୟତାରାଶି ବଣ୍ଟନ କରାଯାଇଛି । ବିବାହ ସହାୟତା ଯୋଜନାରେ ୧୧ ଜଣ ହିତାଧିକାରୀଙ୍କୁ କନ୍ୟା ପିଛା ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି । ସେହିପରି ଅସଂଗଠିତ କ୍ଷେତ୍ରର ୨ ଜଣ ଶ୍ରମିକଙ୍କ ମୃତ୍ୟୁ ହେତୁ ସେମାନଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଅନ୍ୟ ୭ ଜଣ ଉତ୍ତରାଧିକାରୀଙ୍କୁ ଜଣ ପିଛା ୩.୦୫ ଲକ୍ଷ ଟଙ୍କାର ମୃତ୍ୟୁକାଳୀନ ସହାୟତାରାଶି ପ୍ରଦାନ କରାଯାଇଛି । ଜିଲ୍ଲାର ବେକାର ଯୁବକଯୁବତୀଙ୍କୁ

**୨୮୨ରୁ ଊର୍ଦ୍ଧ୍ୱ ହିତାଧିକାରୀ ଉପକୃତ**

ରୋଜଗାରକ୍ଷମ କରିବା ପାଇଁ ଜିଲ୍ଲା ନିଯୋଜନ କାର୍ଯ୍ୟାଳୟ ମାଧ୍ୟମରେ ୧୪ ଜଣ ଯୋଗ୍ୟ ପ୍ରାର୍ଥୀଙ୍କୁ ବିଭିନ୍ନ ଘରୋଇ ସଂସ୍ଥାରେ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି । ଏହି ସମାରୋହରେ ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ତହସିଲଦାର, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନର ବହୁ ବରିଷ୍ଠ ପଦାଧିକାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ମୁରଲିପାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମାଧାନ ପାଇଁ ଦାବିପତ୍ର

ଝାରସୁଗୁଡ଼ା, ୨।୧(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଅଧୀନ ସରକାରୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମୁରଲିପାଲିର ବିଭିନ୍ନ ସମସ୍ୟାର ସମାଧାନ ତଥା ଭିତ୍ତିଭୂମି ବିକାଶ ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ତଥା ବ୍ରଜରାଜନଗର ବିଧାୟକ ସୁରେଶ ପୂଜାରୀଙ୍କୁ ୧୯ ଖଣ୍ଡ ମୌଜା ବାସୀ ଦାବି ଜଣାଇଛନ୍ତି । ଶୁକ୍ରବାର ସ୍ଥାନୀୟ ବିଧାୟକ ତଥା ଓଡ଼ିଶା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ୧୯ ଖଣ୍ଡ ମୌଜା ପୀଥିଣ୍ଡା ଗସ୍ତରେ ଆସିଥିଲେ । ଏହି ସମୟରେ ୧୯ ଖଣ୍ଡ ମୌଜାର ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହ ଆଲୁମିନି ସଂଘ ସଭାପତି ବ୍ରଜକିଶୋର ପଧାନ ସାକ୍ଷାତ କରି ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ପାଇଁ ଆଲୋଚନା କରିବା ସହିତ ଦାବିପତ୍ର ପ୍ରଦାନ କରାଯାଇଥିଲା । ପ୍ରମୁଖ ଦାବି ଗୁଡିକ ମଧ୍ୟରେ ଦୀର୍ଘ ଦିନ ଧରି ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଅନୁଦାନ ଆସିଥିଲେ ମଧ୍ୟ ସ୍କୁଲ ବିଲଡିଂ କାମ ଆରମ୍ଭ ହେଉ ନଥିବା, ପାଖାପାଖି ୬୦୦ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଛାତ୍ରୀଙ୍କ ସଂଖ୍ୟା ଅଧିକ ଥିଲେ ମଧ୍ୟ ଛାତ୍ରୀ ନିବାସ ନଥିବା, ଭିତ୍ତିଭୂମିର ବିକାଶ ପାଇଁ ୫ ଏକର ଜମିର ବ୍ୟବସ୍ଥା, ପାଠାଗାର ନିର୍ମାଣ, ଏନସିସି ଏବଂ ଏନଏସଏସ ତାଲିମ ପାଇଁ ବ୍ୟବସ୍ଥା, ମିନି ଷ୍ଟାଡିୟମ ନିର୍ମାଣ, ଯୁକ୍ତ ଦୁଇ ବିଜ୍ଞାନ ଏବଂ ବାଣିଜ୍ୟ ବିଷୟରେ ପାଠ ପଢ଼ିବାର ବ୍ୟବସ୍ଥା, ଯୁକ୍ତ ଦୁଇ କଳା ପାଇଁ ଅନ୍ୟ ବିଷୟ ଯଥା ଶିକ୍ଷା, ହିନ୍ଦୀ, ସାଇକୋଲୋଜି, ସମାଜ ବିଜ୍ଞାନ ଇତ୍ୟାଦି ପଢ଼ିବା ପାଇଁ ଆବଶ୍ୟକ ଅନୁମତି, ଅଡିଟୋରିୟମ ହଲ ନିର୍ମାଣ, ସ୍କୁଲ ଜମି ଚିହ୍ନଟ ସହ ବାଉଣ୍ଡରୀ ନିର୍ମାଣ ଇତ୍ୟାଦି ପାଇଁ ଦାବି କରାଯାଇଛି । ଏ ସମ୍ପର୍କରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ଜନସାଧାରଣଙ୍କୁ ଆଶ୍ୱାସନା ଦେଇଛନ୍ତି ।

● ସମସ୍ୟା ସମାଧାନ ଦାବି

# ରିଆମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨ ଘଣ୍ଟା ତାଲା

ରିଆମାଳ, ୨।୧(ସମିସ): ଦେବଗଡ଼ ଜିଲ୍ଲା ରିଆମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ସମସ୍ୟାକୁ ନେଇ ପଞ୍ଚସଖା ଶିକ୍ଷା ସେତୁ, ଅଭିଭାବକ ମାନେ ଶୁକ୍ରବାର ୨ ଘଣ୍ଟା ତାଲା ପକାଇ ଆନ୍ଦୋଳନ କରିଛନ୍ତି । ଶିକ୍ଷକ ଅଭାବ, ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି, ବିଦ୍ୟାଳୟ ଅନୁଦାନର ସଠିକ ଉପଯୋଗ ନ ହେବା, କୋଠା ଓ ଶୌଚାଳୟର ମରାମତି ପାଇଁ ଜିଲ୍ଲା ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅବଗତ କଲେ ମଧ୍ୟ କେହି କର୍ଣ୍ଣପାତ କରି ନ ଥିଲେ । ଫଳରେ ଏହାର ପ୍ରତିବାଦ ସ୍ୱରୂପ ବାଧ୍ୟ ହୋଇ ଆଜି ବିଦ୍ୟାଳୟରେ ତାଲା ପକା ଯାଇଥିଲା । ଖବର ପାଇ ବ୍ଲକ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କାଲୋ ପହଞ୍ଚି ଦୁଇ ଜଣ ଶିକ୍ଷକ ଅଶୋକ ସାହୁ, ସତ୍ୟ ନାରାୟଣ ସାହୁଙ୍କୁ ନିଯୁକ୍ତ କରିଛନ୍ତି । ପୂର୍ବରୁ ରଞ୍ଜୁଲତା ସାହୁଙ୍କୁ ନିଯୁକ୍ତି କରାଯାଇଥିଲା । ବର୍ତ୍ତମାନ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀଙ୍କ ସହ ୯ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି । ପ୍ରଧାନଶିକ୍ଷୟିତ୍ରୀଙ୍କୁ ୧୫ ଦିନ ମଧ୍ୟରେ ବଦଳି କରିଯିବ ଏବଂ ଯଥାଶୀଘ୍ର କୋଠା ଓ ଶୌଚାଳୟର ମରାମତି କରାଯିବା ବୋଲି ଶିକ୍ଷା ଅଧିକାରୀ ପ୍ରତିଶ୍ରୁତି ପତ୍ର ଦେବା ପରେ ତାଲା ଖୋଲାଯାଇ ପାଠପଢ଼ା ସ୍ୱାଭାବିକ ହୋଇଥିଲା । ଏହି ବିଦ୍ୟାଳୟଟି ୧୯୫୯ ରେ ସ୍ଥାପିତ ହୋଇଥିଲା । ଏକ ଆଦର୍ଶ ବିଦ୍ୟାଳୟ ଭାବେ ଜିଲ୍ଲାରେ ଏହାର ପରିଚୟ ରହିଛି । ଏହାସତ୍ତ୍ୱେ ବିଦ୍ୟାଳୟର ସମସ୍ୟା ନେଇ ବ୍ଲକ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜଣା ଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା । ଯଦ୍ୱାରା ବିଦ୍ୟାଳୟର ପଞ୍ଚସଖା ଶିକ୍ଷା ସେତୁ ସଭାପତି ଯୋଗେଶ୍ୱର ବିଶ୍ୱାଳ, ରମାକାନ୍ତ ପ୍ରଧାନ, ବିରେନ୍ ପ୍ରଧାନ, ପ୍ରଶାନ୍ତ ନାୟକ, ଅରକ୍ଷିତ ବିଶ୍ୱାଳ, ଅଜୟ ନାୟକ, ପ୍ରଫୁଲ୍ଲ ବିଶ୍ୱାଳ, ଅଞ୍ଜଳୀ ମାଝି, ପ୍ରିୟମ୍ବଦା ବେହେରା, ପାର୍ବତୀ ବେହେରା ସମେତ ବହୁ ଅଭିଭାବକ ଏକାଠି ହୋଇ ପ୍ରତିବାଦ କରିଥିଲେ । ବ୍ଲକ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କାଲୋ ପହଞ୍ଚି ସମାଧାନ କଲା ପରେ ପାଠପଢ଼ା ସ୍ୱାଭାବିକ ହୋଇଥିଲା । ଏହି ବିଦ୍ୟାଳୟ ସହ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଜଡିତ ରହିଛି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ପାଠ୍ୟକ୍ରମ ଥିବା ବେଳେ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି ।

# ୩୩ତମ ଦେବଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ

ଦେବଗଡ଼, ୨।୧(ସମିସ): ଜିଲ୍ଲା ଯୁବ ଏକତା ମଞ୍ଚ ଓ ଜିଲ୍ଲା ମହିଳା ଏକତା ମଞ୍ଚ ଆନୁକୂଲ୍ୟରେ ଦେବଗଡ଼ ଜିଲ୍ଲାର ୩୩ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ଗୋପବନ୍ଧୁ ଛକ ନିକଟସ୍ଥ ଅସ୍ଥାୟୀ ସାଂସ୍କୃତିକ ମଣ୍ଡପରେ ଆୟୋଜିତ ଖୋଲା ମଞ୍ଚରେ ଆୟୋଜିତ କାର୍ଯ୍ୟକ୍ରମକୁ ଦେବଗଡ଼ ଜିଲ୍ଲା ନାଗରିକ କମିଟି ସଭାପତି ସୁଶୀଲ କପରଦାର, ଜିଲ୍ଲା ବରିଷ୍ଠ ନାଗରିକ ଫୋରମର ସଭାପତି ରାମଚନ୍ଦ୍ର ମହାପାତ୍ର, ନାଟ୍ୟକାର ମାର୍କଣ୍ଡେଶ୍ୱର ଶତପଥୀ, ଜିଲ୍ଲା ବ୍ରାହ୍ମଣ ସମାଜର ସଭାପତି ଅଶୋକ ମିଶ୍ର, ଆମ୍ବେଦକର ସାମାଜିକ ପରିବର୍ତ୍ତନ ମଞ୍ଚ ସଭାପତି ଚୌଧୁରୀ ବେହେରା, ବରିଷ୍ଠ ସାମ୍ବାଦିକ ମିତ୍ରଭାନୁ ମହାପାତ୍ର, ବରିଷ୍ଠ ନାଗରିକ ତାରାକାନ୍ତ ମହାପାତ୍ର, ଯୁଧିଷ୍ଠିର ଦାଶ, ଶ୍ରୀମନ୍ତ ସାହୁ, ନିରଞ୍ଜନ ଦ୍ୱିବେଦୀ ଓ ଆଇନଜୀବୀ ମନୋଜ ପାଢ଼ୀଙ୍କ ସମେତ ବହୁ ବୁଦ୍ଧିଜୀବୀ, ବିଶିଷ୍ଟ ବ୍ୟକ୍ତି, ବରିଷ୍ଠ ନାଗରିକ, ଜିଲ୍ଲା ଯୁବ ଏକତା ମଞ୍ଚ ଓ ଜିଲ୍ଲା ମହିଳା ଏକତା ମଞ୍ଚର କର୍ମକର୍ତ୍ତା ମାନେ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରିତମ ବେହେରାଙ୍କ ସଂଯୋଜନାରେ ଅଲୋଚନା ସଭା ଆୟୋଜିତ ହୋଇଥିଲା । ବକ୍ତାମାନେ ୧୯୯୪ ମସିହାରେ ଅକ୍ଲାନ୍ତ ପରିଶ୍ରମ କରି ଦେବଗଡ଼ ସବଡିଭିଜନକୁ ନେଇ ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓ ତତ୍କାଳୀନ ଦେବଗଡ଼ ବିଧାୟକ ପ୍ରଦୀପ୍ତ ଗଙ୍ଗଦେବଙ୍କ ସମେତ ବହୁ ସମ୍ମାନସ୍ପଦ ନେତା ଓ ବିଶିଷ୍ଟ ବ୍ୟକ୍ତିଙ୍କ ସ୍ମୃତି ଚାରଣ କରିଥିଲେ । ଏଥିସହିତ ଦେବଗଡ଼ ଜିଲ୍ଲା ପ୍ରତିଷ୍ଠା ହେବାର ୩୨ ବର୍ଷ ମଧ୍ୟରେ ଦେବଗଡ଼ ଜିଲ୍ଲାର ଆଶାନୁରୂପ ବିକାଶ ହୋଇ ନଥିବା ପ୍ରକାଶ କରିଥିଲେ । ନିର୍ବାଚିତ ଲୋକ ପ୍ରତିନିଧି, ଜିଲ୍ଲା ପ୍ରଶାସନ ଓ ଜିଲ୍ଲାବାସୀ ସକାରାତ୍ମକ ମନୋଭାବ ରଖି ଏକତ୍ର ପ୍ରୟାସ କଲେ ଜିଲ୍ଲାର ସାମୂହିକ ବିକାଶ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା । ଏହି ଅବସରରେ ଜନ୍ମାଜୟ ନାୟକଙ୍କ ସଂଯୋଜନାରେ ସ୍ଥାନୀୟ କଣ୍ଠଶିଳ୍ପୀ ଓ ନୃତ୍ୟ ଶିଳ୍ପୀ ମାନଙ୍କୁ ନେଇ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବାସହ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ଆୟୋଜନରେ ଜିଲ୍ଲା ଯୁବ ଏକତା ମଞ୍ଚର ଆବାହକ ସୁରଞ୍ଜିତ ମହାପାତ୍ର, ସନ୍ତୋଷ ଦେବତା, ମାନସ ଦ୍ୱିବେଦୀ, ଅହିଂଶା ନାୟକ, ଜିଲ୍ଲା ମହିଳା ଏକତା ମଞ୍ଚର ରାଜଶ୍ରୀ ପାତ୍ର, ରଞ୍ଜିତା ସାହୁ, ମିନାକ୍ଷୀ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଷ୍ଟଲ

ଝାରସୁଗୁଡ଼ା, ୨।୧(ସମିସ): ଝାରସୁଗୁଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ବିଟିଏମ ପଡ଼ିଆରେ ୧ରୁ ୫ ତାରିଖ ଯାଏଁ ହେବାକୁ ଥିବା ଜିଲ୍ଲା ମହୋତ୍ସବ ଦୁଲଦୁଲି ଠାରେ ଶୁକ୍ରବାର ସଚେତନତା ଷ୍ଟଲ ଉଦ୍‌ଘାଟିତ ହୋଇଯାଇଛି । ଷ୍ଟଲଟିକୁ ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକ ଉଦ୍‌ଘାଟନ କରିଥିଲେ । କାର୍ଯକ୍ରମରେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ଅଧ୍ୟକ୍ଷ ଅଶ୍ୱିନୀ ନାୟକ, ପରିବାର ଅଦାଲତର ବିଚାରପତି ଲୋକନାଥ ସାହୁ, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ସଦାଶିବ ଜେନା, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ (ପକ୍ସୋ କୋର୍ଟ) ପୂଜା ଷଡ଼ଙ୍ଗୀ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ମୃତିରଞ୍ଜନ ମହାପାତ୍ର, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ, ଦେୱାନି ବିଚାରପତି (ଏଲ.ଆର୍) ଦେବଶ୍ରୀ ସାହୁ, ସିଭିଲ କୋର୍ଟ ରେଜିଷ୍ଟ୍ରାର ରାଜେନ୍ଦ୍ର ଦାସ, ଦେୱାନି ବିଚାରପତି ଡ.ସନ୍ଧ୍ୟା ରଥ, ଦେୱାନି ବିଚାରପତି (ମହିଳା ନ୍ୟାୟାଳୟ) ପ୍ରତ୍ୟୁଷା କିରଣ, ଏସଡିଜେଏମ ଗାୟତ୍ରୀ ମିଶ୍ର, ଦେୱାନି ବିଚାରପତି ମୋନାଲିସା ପ୍ରଧାନ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (କଗନିଜେନ୍ସ) ସୁପ୍ରାସି ସୋନାଲି ମହାପାତ୍ର ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନର୍ମଦା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଏହି ଷ୍ଟଲରେ ଜଣେ ଓକିଲ ଏବଂ ଦୁଇ ଜଣ ପାରା ଲିଗାଲ ସ୍ୱେଚ୍ଛାସେବୀ ରହି ଆଇନ୍ ସେବା ଅଧିନିୟମ ୧୯୮୭ରେ ମାଗଣା ଆଇନ୍ ପରାମର୍ଶ ଓ ସେବା, ଲୋକ ଅଦାଲତ, ଜନ ଉପଯୋଗୀ ସେବା ପାଇଁ ସ୍ଥାୟୀ ଲୋକ ଅଦାଲତର ପ୍ରତିଷ୍ଠା, ମଧ୍ୟସ୍ଥତା ମାଧ୍ୟମରେ ବିବାଦର ଆପୋଷ ସମାଧାନ, ରାଷ୍ଟ୍ରୀୟ ଆଇନ୍ ସେବା ସହାୟତା ନମ୍ବର- ୧୫୧୦୦ ଇତ୍ୟାଦି ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ । ଏହାସହ ଆଇନ ସେବା ସମ୍ପର୍କିତ ବିଭିନ୍ନ ଅଭିଯୋଗ ମଧ୍ୟ ନିର୍ଦ୍ଧାରିତ ଫର୍ମରେ ଗ୍ରହଣ କରାଯିବ ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣ ଝାରସୁଗୁଡ଼ା ପକ୍ଷରୁ ସୂଚନା ଦିଆଯାଇଛି ।

# କାହା ପକେଟକୁ ଯାଉଛି ସ୍ଥାନୀୟ ଗାଡ଼ିରୁ ଟୋଲ ଅସୁଲି ଟଙ୍କା



● ଲୁଟ୍ ଅଭିଯୋଗ ଆଣିଲେ ବିଜେଡି ନେତା

● ଆଧାର ଦେଖାଇ ଯିବାକୁ କହିଲେ ଜିଲ୍ଲା ବିଜେପି ସଭାପତି

ଝାରସୁଗୁଡ଼ା, ୨।୧(ସମିସ)

ଲଖନପୁର ବ୍ଲକ ଗୋବିନ୍ଦପୁର ଠାରେ ଏନଏଚଏଆଇ ପକ୍ଷରୁ ବସାଯାଇଥିବା ଟୋଲଗେଟ୍‌କୁ ନେଇ ସବୁବେଳେ ବିବାଦ ଲାଗି ରହିଥିବା ବେଳେ ଏବେ ନୂଆଁ ବିବାଦ ମୁଣ୍ଡ ଟେକିଛି । ଗତ ୧୮ ତାରିଖରୁ ଟୋଲଗେଟରେ ସ୍ଥାନୀୟ ଗାଡି ମାନଙ୍କଠାରୁ ଟୋଲ୍ ଆଦାୟ ଆରମ୍ଭ ହେବା ପରେ ବିରୋଧ ଆରମ୍ଭ ହୋଇଛି । ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ବ୍ଲକର ଜନସାଧାରଣ ନିଜ ବ୍ଲକ ମୁଖ୍ୟାଳୟକୁ ଗଲେ ଟୋଲ୍ ଦେବା ପାଇଁ ବାଧ୍ୟ ହେଉଛନ୍ତି । ଏନେଇ ଟୋଲ୍ ଅସୁଲିରେ ଜନସାଧାରଣ ସହଯୋଗ କରୁ ନଥିବାରୁ ପୁଲିସ ମୁତୟନ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଝାରସୁଗୁଡ଼ା ଜିଲ୍ଲା ଏସପିଙ୍କୁ ପତ୍ର ଲେଖିବା ପରେ ଚର୍ଚ୍ଚା ଜୋର ଧରିଛି ।


ପୂର୍ବରୁ ବିଜେଡି ସରକାର ଥିବା ସମୟରେ ଲଖନପୁର ବ୍ଲକ ଏନଏଚ ୪୯ ଗୋବିନ୍ଦପୁର ସ୍ଥିତ ଟୋଲଗେଟରେ ସ୍ଥାନୀୟ ଗାଡି ଗୁଡିକରୁ ଟୋଲ ଟିକସ ଆଦାୟ କରାଯାଉ ନଥିଲା । କିନ୍ତୁ ବର୍ତ୍ତମାନ ସ୍ଥାନୀୟ ଗାଡିରୁ ମଧ୍ୟ ଟୋଲ ଆଦାୟ କରାଯାଉଥିବା ଅଭିଯୋଗ ହେଉଛି । ଲଖନପୁର ବ୍ଲକ ସଦରମହକୁମାକୁ ୧୯ଖଣ୍ଡ ମୌଜା ସମେତ ଜାମଗାଁ, ପଞ୍ଚଗାଁ ଆଦି ବିଭିନ୍ନ ପଞ୍ଚାୟତର ଜନସାଧାରଣ ପ୍ରତିଦିନ ନିଜର ସରକାରୀ କିମ୍ବା ବେସରକାରୀ କାର୍ଯ୍ୟ କରିବା, ଚିକିତ୍ସା ପାଇଁ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ତହସିଲ କାର୍ଯ୍ୟାଳୟ ସହିତ ଜିଲ୍ଲା ସଦର ମହକୁମାକୁ ନିଜର ଦୈନନ୍ଦିନ କାର୍ଯ୍ୟରେ ପ୍ରାୟତଃ ଯିବା ଆସିବା କରିଥାନ୍ତି । ସେହି ଜନସାଧାରଣଙ୍କୁ ଗୋବିନ୍ଦପୁର ଟୋଲଗେଟରେ ପ୍ରତିଦିନ ଟୋଲ ଫି ଦେବା ବୋଝ ଉପରେ ନଳିତା ବିଡ଼ା ସଦୃଶ୍ୟ ହୋଇଛି । ପ୍ରଥମେ ସ୍ଥାନୀୟ ହାଲୁକା ଯାନ ଗୁଡିକରୁ ଟୋଲ ଫି ଆଦାୟ ହେଉ ନଥିବା ବେଳେ ବର୍ତ୍ତମାନ ନୂତନ ସରକାର ଆସିଲା ପରେ ଟୋଲ ପ୍ଲାଜା କର୍ତ୍ତୃପକ୍ଷଙ୍କ ଦାଦାଗିରି ବୃଦ୍ଧି ପାଇବାରେ ଲାଗିଛି । ସ୍ଥାନୀୟ ଯାନବାହନ ଗୁଡିକରୁ ଟୋଲ ଫି ଆଦାୟ କରାଯାଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏଥିରେ ସରକାରୀ ଦଳର ନେତାଙ୍କ ହାତ ଅଛି ବୋଲି ବିରୋଧି ଅଭିଯୋଗ କରିବା ସହ ଯଦି ସରକାରୀ ଦଳର ନେତାଙ୍କ ହାତ ନାହିଁ ତେବେ ସେମାନେ ଏହାକୁ ବନ୍ଦ କରି ସ୍ୱଚ୍ଛତାର ପ୍ରମାଣ ଦିଅନ୍ତୁ ବୋଲି କହିଛନ୍ତି । ସେପଟେ ଟୋଲ ଗେଟରେ ସ୍ଥାନୀୟ ଲୋକଙ୍କୁ ଲୁଟ ନେଇ ସାମ୍ବାଦିକ ମାନଙ୍କ ପକ୍ଷରୁ ଅଭିଯୋଗକୁ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ତଥା ବ୍ରଜରାଜନଗର ବିଧାୟକ ସୁରେଶ ପୂଜାରୀ ପଚାରିବାରୁ ସ୍ଥାନୀୟ ଗାଡି ମାଲିକଙ୍କ ଠାରୁ ବେଆଇନ ଟୋଲ ଆଦାୟ ବିଷୟରେ ଅବଗତ ନାହାନ୍ତି ଏବଂ ଅଭିଯୋଗ ଆସିଲେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

**ଏମାନଙ୍କ ମତରେ...**



କାହା ନିର୍ଦ୍ଦେଶରେ ଟୋଲଗେଟ କର୍ତ୍ତୃପକ୍ଷ ସ୍ଥାନୀୟ ଗାଡି ଗୁଡିକରୁ ଟୋଲ ଫି ଆଦାୟ କରୁଛନ୍ତି? ସବୁଠାରେ ସ୍ଥାନୀୟ ଗାଡିକୁ ଟୋଲ ଛାଡ ଥିବା ବେଳେ ଏହି ବେଇଆନ କାର୍ଯ୍ୟ ପଛରେ କୌଣସି ସରକାରୀ ଦଳର ବ୍ୟକ୍ତିଙ୍କର ହାତ ଥିବା କାରଣରୁ ଟୋଲଗେଟ କର୍ତ୍ତୃପକ୍ଷଙ୍କ ସାହସ ବୃଦ୍ଧି ପାଉଛି । ଏହି ବେନିୟମ କାର୍ଯ୍ୟକୁ କଂଗ୍ରେସ ସମ୍ପୂର୍ଣ୍ଣ ଭାବେ ବିରୋଧ କରୁଛି ଏବଂ ଏଥିରୁ ବିରତ ନହେଲେ ଆଗାମୀ ଦିନରେ ସ୍ଥାନୀୟ ଜନସାଧାରଣଙ୍କ ସହିତ କଂଗ୍ରେସ ଛିଡା ହୋଇ ରାସ୍ତାରୋକ କରି ଏହାକୁ ଉଚ୍ଛେଦ କରିବ ।

**ଜୀବନ ସାର୍ଥକ, ଜିଲ୍ଲା କଂଗ୍ରେସ ସଭାପତି**



ରାଜ୍ୟରେ ବିଜେପି ସରକାର ଆସିଲା ପରେ ମନଇଚ୍ଛା ସବୁଠି ଟଙ୍କା ଆଦାୟରେ ଲିପ୍ତ ରହିଛି । ସେହିଥିରୁ ବାଦ ପଡ଼ିନି ଗୋବିନ୍ଦପୁର ଟୋଲଗେଟ । ଏଥିପାଇଁ ସ୍ଥାନୀୟ ଜନସାଧାରଣ ହଇରାଣ ହେଉଛନ୍ତି । ଏଥିରୁ ସରକାରୀ ଦଳ ନିବୃତ ରହୁ ନହେଲେ ଆନ୍ଦୋଳନ ଜୋରଦାର ହେବ ।

**ହରିଶ ଗଣତ୍ରା, ଜିଲ୍ଲା ବିଜେଡି ସଭାପତି**



ଯେଉଁ ମାନଙ୍କ ସମସ୍ୟା ହେଉଛି ଲୋକାଲ ଆଧାର କାର୍ଡରେ ରେଜିଷ୍ଟ୍ରେସନ କରିଲେ ଟୋଲ ଟଙ୍କା ଦେବାକୁ ପଡ଼ିବ ନାହିଁ ।

**ରଘୁନନ୍ଦନ ପଣ୍ଡା, ଜିଲ୍ଲା ବିଜେପି ସଭାପତି**



ବିନା କୌଣସି ଆନୁଷଙ୍ଗିକ ବ୍ୟବସ୍ଥା କରି, ଆବଶ୍ୟକ ସେବା ଯୋଗାଇବାରେ ବିଫଳ ଥିବା ଟୋଲଗେଟ ଏବେ ପିକନିକ ସିଜନକୁ ଦୃଷ୍ଟିରେ ରଖି ଲୁଟ କରୁଛନ୍ତି । ଯାହାର ଜବାବ ଆଗାମୀ ଦିନରେ ଦିଆଯିବ । ଏହା ସହ କାହା ପକେଟ ଗରମ ପାଇଁ ଏହି ଆଦାୟ ହେଉଛି ତାହା ସ୍ପଷ୍ଟ କରାଯାଉ ।

**ପ୍ରମୋଦ ଗଡ଼ତିଆ, ଜିଲ୍ଲା ବିଜେଡି ସମ୍ପାଦକ**



# ଭୁବନେଶ୍ୱର ସିଟି

## ଲକ୍ଷ୍ମୀସାଗର ଅଞ୍ଚଳ ଅଶାନ୍ତ

# ହର୍ଣ୍ଣମରାରୁ ଗୋଷ୍ଠୀ ସଂଘର୍ଷ; ୧୦ ଆହତ, ଦୁଇ ଗୁରୁତର

ଭୁବନେଶ୍ୱର, ୨।୧(ସମିସ): ରାଜଧାନୀର ଲକ୍ଷ୍ମୀସାଗର ଅଞ୍ଚଳ ଅଶାନ୍ତ ହୋଇପଡ଼ିଛି। ଝିମିଟି ଖେଳରୁ ମହାଭାରତ ସୃଷ୍ଟି ଭଳି ଏକ ସାମାନ୍ୟ ଗାଳିଗୁଲଜ ଏବଂ ଗାଡି ହର୍ଣ୍ଣ ମରାକୁ ନେଇ ଶୁକ୍ରବାର ସନ୍ଧ୍ୟାରେ ଲକ୍ଷ୍ମୀସାଗର ଚିନ୍ତାମଣିଶ୍ୱର ବଡ଼ପୋଖରୀ ନିକଟସ୍ଥ ମଙ୍ଗଳାମନ୍ଦିର ସାମ୍ନାରେ ଗୋଷ୍ଠୀ ସଙ୍ଘର୍ଷ ହୋଇଛି। ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇ ପରସ୍ପରକୁ ଆକ୍ରମଣ କରିଥିଲେ। ଉଭୟ ଗୋଷ୍ଠୀର ସଦସ୍ୟମାନେ ଢେଲା, ପଥର, ବାଡ଼ି, ଲୁହା ପାଇପ୍‌ରେ ଆକ୍ରମଣ କରିଥିଲେ। ଉଭୟ ଗୋଷ୍ଠୀ ମଧ୍ୟରେ ଏଭଳି ତାଣ୍ଡବ ପରିସ୍ଥିତି ଲାଗି ରହିଥିଲା। ଏଥିରେ ୧୦ ସଦସ୍ୟ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ଜଣ ଗୁରୁତର ଭାବେ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ଆହତମାନେ ହେଲେ ଚିନ୍ତାମଣିଶ୍ୱର ଅଞ୍ଚଳର ବାଦଲ ପ୍ରଧାନ, ରୁଦ୍ର ପ୍ରତାପ ସିଂ।

**■ ମନ୍ଦିର ଆଗରେ ଖଣ୍ଡଯୁଦ୍ଧ, କେୟାର ଟେକର ଆହତ**
**■ ଚମ୍ପଟ ମାରିଥିବା ୭ ଯୁବକଙ୍କୁ ଖୋଜୁଛି ପୁଲିସ**





ପୁଲିସ ସୂଚନା ମୁତାବକ, ସନ୍ଧ୍ୟା ସମୟରେ ମଙ୍ଗଳାମନ୍ଦିର ସାମ୍ନାରେ ୯ ଜଣ ଯୁବକ ୩ଟି ବାଇକ୍‌ରେ ଆସି ଏକତ୍ରିତ ହୋଇଥିଲେ। ଏମାନଙ୍କ ମଧ୍ୟରୁ ଅଧିକାଂଶ ନିଶାଶକ୍ତ ଅବସ୍ଥାରେ ଥିଲେ। ଗାଡ଼ି ହର୍ଣ୍ଣମରାକୁ ନେଇ ସେମାନେ ନିଜ ନିଜ ଭିତରେ ପାଟିତୁଣ୍ଡ ହୋଇଥିଲା। କିଛି ସମୟ ମଧ୍ୟରେ ଉଭୟ ପରସ୍ପରକୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ମନ୍ଦିର କେୟାରଟେକର ସେମାନଙ୍କୁ ବୁଝାଇବା ସହ ମନ୍ଦିର ସାମ୍ନାରେ ଏଭଳି ପାଟିତୁଣ୍ଡ କରିବାକୁ ବାରଣ କରିଥିଲେ। ହେଲେ କେହି ଶୁଣିବା ପରିସ୍ଥିତିରେ ନ ଥିଲେ। ଓଲଟା କେୟାରଟେକରଙ୍କୁ ଆକ୍ରମଣ କରିଥିଲେ। କେୟାର ଟେକର ମଧ୍ୟ ଏଥିରେ ଆହତ ହୋଇଥିଲେ। ଯୁବକମାନଙ୍କ ଏଭଳି ଉତ୍ପାତ କରିଥିଲେ ଯେ, କିଛି ସମୟ ମଧ୍ୟରେ ସ୍ଥାନୀୟ ଲୋକଙ୍କ ସହ ତାଙ୍କର ପାଟିତୁଣ୍ଡ ଏବଂ ଖଣ୍ଡଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିଲା।

ଉପସ୍ଥିତ ଥିବା ସମସ୍ତ ଯୁବକଙ୍କୁ ସଂଘବଧ ଭାବେ ଆକ୍ରମଣ କରିଥିଲେ। ଯାହାକୁ ଯେମିତି ପାରିଲେ ପିଟି ଚାଲିଲେ। ଗଣ୍ଡଗୋଳ କରୁଥିବା ୯ ଯୁବକଙ୍କୁ ନିସ୍ତୁକ ମାଡ଼ ମାରିବାରୁ ଏହି ଯୁବକମାନେ ତୁରନ୍ତ ଘଟଣା ସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ। ସେହି ବାଟରେ ଯିବା ଆସିବା କରୁଥିବା ଲୋକେ ମଧ ଆକ୍ରମଣକାରୀଙ୍କ କବଳରୁ ବର୍ତ୍ତୀ ନ ଥିଲେ। ସ୍ଥାନୀୟ ଅଞ୍ଚଳବାସୀଙ୍କ ସମେତ ବାଟୋଇ ମଧ୍ୟ ଆହତ ହୋଇଥିବା ଜଣାପଡ଼ିଛି। ସେତେବେଳକୁ ୩ଟି ବାଇକ୍‌ରେ ଆସିଥିବା ୭ଜଣ ଯୁବକ ଫେରାର ହୋଇଯାଇଥିଲେ। ଦୁଇ ଜଣ ରହିଯାଇଥିଲେ। ସେମାନଙ୍କୁ ଅନ୍ୟଗୋଷ୍ଠୀର ଲୋକେ ନିସ୍ତୁକ ମାଡ ମାରିବାରୁ ଉଭୟ ଗୁରୁତର ଆହତ ହୋଇ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

ତେବେ ଆହତଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ ଏହା ଦୁଇ ସାହି ମଧ୍ୟରେ ହର୍ଣ୍ଣ ବଜାଇବାକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଛି। ଉପରସାହିର କିଛି ଯୁବକମାନେ ବାଇକ୍‌ରେ ଯାଉଥିଲା ବେଳେ ତଳସାହି ଲୋକେ ହର୍ଣ୍ଣ ବଜାଇବାକୁ କେନ୍ଦ୍ର କରି ଆକ୍ରମଣ କରିଛନ୍ତି। ଅନ୍ୟପକ୍ଷରେ ରାଜଧାନୀରେ ଗୋଷ୍ଠୀ ସଙ୍ଘର୍ଷ ଜନିତ ମାମଲା ଏବେ ବଢ଼ିବାରେ ଲାଗିଛି। କିଛିଦିନ ତଳେ ନୟାପଲ୍ଲୀ ଅଞ୍ଚଳରେ ଗୋଷ୍ଠୀ ସଂଘର୍ଷ ଯୋଗୁଁ ଜଣଙ୍କୁ ଆକ୍ରମଣ କରାଯାଇଥିଲା। ହସ୍ପିଟାଲରେ ପଡ଼ି ପଡ଼ି ତାଙ୍କର ମୃତ୍ୟୁ ହୋଇଥିଲା। ସେହିପରି ଭରତପୁର ଥାନା ଅଞ୍ଚଳରେ ଜମିବାଡିକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ ହୋଇଥିଲା।

# ବାଇକ୍ ଚୋରକୁ ୨ ବର୍ଷ ଜେଲ୍



ଭୁବନେଶ୍ୱର, ୨।୧(ସମିସ): ମଟରସାଇକଲ୍ ଚୋରକୁ ଦୁଇ ବର୍ଷ ଜେଲ୍‌ଦଣ୍ଡ ଶୁଣାଇଲେ ସବ୍ ଡିଭିଜନାଲ୍ ମାଜିଷ୍ଟ୍ରେଟ୍ କୋର୍ଟ ଭୁବନେଶ୍ୱର। ସଜା ପାଇଥିବା ବ୍ୟକ୍ତି ଜଣଙ୍କ ହେଲେ ଅଭିରାମ ପ୍ରଧାନ। ଏକ ମୋଟରସାଇକେଲ୍ ଚୋରି ମାମଲାରେ ତାଙ୍କୁ ସଜା ଶୁଣାଯାଇଛି। ଅଦାଲତରେ ମୋଟ ୭ଜଣ ସାକ୍ଷୀଙ୍କ ବୟାନ ଏବଂ ୧୬ ପ୍ରଯୁଜ୍ୟ ଦସ୍ତାବିଜ ଦାଖଲ ହୋଇଥିଲା।

ପୁଲିସ ସୂଚନା ମୁତାବକ, ଅଭିଯୋଗକାରୀ ବିଶାଲ୍ ସିଂହ ବିହାର ରାଜ୍ୟ ପାଟନା ନିବାସୀ। ସେ ମୈତ୍ରୀବିହାର ଥାନା ଅନ୍ତର୍ଗତ ଜୟଦେବ ବିହାରର ଲେନ ନମ୍ବର-୧୧ ରେ ରହିଆସୁଛନ୍ତି। ଗତବର୍ଷ ୨୮ ନଭେମ୍ବରରେ ସେ ଏକ ମୋଟରସାଇକେଲକୁ ଘର ସମୁଖରେ ରଖିଥିଲେ। ସେଠାରୁ ତାଙ୍କ ମୋଟରସାଇକେଲ ଚୋରିକରି ହୋଇଯାଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଏସ୍‌ଆଇ ସୁରଛ ବେହେରାଙ୍କୁ ଏହି ମାମଲାର ତଦନ୍ତ ଭାର ଦିଆଯାଇଥିଲା। ସେ ଅଭିଯୁକ୍ତ ବଳରାମ ପ୍ରଧାନଙ୍କୁ ଗିରଫ କରିଥିଲେ। ବଳରାମ ହେପାଜତରୁ ଅଭିଯୋଗକାରୀଙ୍କ ଚୋରି ମୋଟରସାଇକେଲ ଜବତ ହୋଇଥିଲା। -ହୋଚିମିନ୍

# ନାଁ ପକାଇଲା ଗାଁ ଜ୍ୱାଇଁ ଶଶୁରଘର ଗାଁରୁ ବାଇକ୍ ଚୋରି

ନନ୍ଦନକାନନ, ୨।୧(ସମିସ): ବାଇକ ଚୋରି ଅଭିଯୋଗରେ ନନ୍ଦନକାନନ ପୁଲିସ ଏହି ଥାନା ଅନ୍ତର୍ଗତ କଲ୍ୟାଣପୁର ହରିଜନ ସାହିର ଦୀପକ ନାଏକ (୨୬) ନାମକ ଜଣେ ଯୁବକକୁ ଗିରଫ କରି କୋର୍ଟ ଚଲାଣ କରିଛି। ପୁଲିସ ସୂଚନା ଅନୁସାରେ ଅଭିଯୋଗକାରୀ ନହରକଣ୍ଟା ଗ୍ରାମର ବାସୁଦେବ ବେହେରା ଗତକାଲି କୌଣସି କାର୍ଯ୍ୟରେ ତାଙ୍କ ଶଶୁର ଘର କଲ୍ୟାଣପୁର ଆସିଥିଲେ। ବାହାରେ ଗାଡି ରଖିଥିଲେ। ଶଶୁରଘରୁ ବହିରି ଦେଖିଲା ବେଳକୁ ତାଙ୍କ ବାଇକ ସେଠାରେ ନଥିଲା। ଏନେଇ ସେ ନନ୍ଦନକାନନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ତଦନ୍ତ କରି ଅଭିଯୁକ୍ତ ଦୀପକକୁ ନନ୍ଦନକାନନ ପୁଲିସ ଗିରଫ କରି କୋର୍ଟ ଚଲାଣ କରିବା ସହ ତା ଠାରୁ ଚୋରି ବାଇକ ଜବତ କରିଛି।

# ଲୁଟେରାକୁ ଧରି ଗାଁ ଲୋକ ପୁଲିସ ଜିମା ଦେଲେ



ବାଲିଅନ୍ତା, ୨।୧(ସମିସ): ବାଲିଅନ୍ତା ଥାନା ପୁଲିସ ପ୍ରତାପରୁଦ୍ରପୁର ପଞ୍ଚାୟତ ଅଧୀନ ପାରିବାସୁଦେଇପୁର ଛକରେ ଜଣେ ସିନ୍ଧି ଲୁଟେରାକୁ ସ୍ଥାନୀୟ ଲୋକେ କାବୁ କରି ବାଲିଅନ୍ତା ପୁଲିସ ଜିମା ଦେଇଛନ୍ତି। ବାଲିଅନ୍ତା ଥାନା ପୁଲିସ ଲୁଟେରାକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ବାଲିଅନ୍ତା ଥାନା ଅଞ୍ଚଳରେ ସିନ୍ଧି ଚୋରି ବୃଦ୍ଧି ପାଉଛି। ଗତ ୨ ଦିନ ତଳେ ବାସୁଦେଇପୁର ଗ୍ରାମର ପ୍ରଦୀପ୍ତ ପଣ୍ଡାଙ୍କ ଭେରାଇଟି ଷ୍ଟୋରରୁ ବିଭିନ୍ନ ମୂଲ୍ୟବାନ ସାମଗ୍ରୀ ଏବଂ କ୍ୟାସ ଡ୍ରରୁ ନଗଦ ୨ ହଜାର ଟଙ୍କା ଲୁଟ ହୋଇଯାଇଥିଲା। ଏସମ୍ପର୍କରେ ସେ ବାଲିଅନ୍ତା ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୁଲିସ ସିନ୍ଧି ଚୋରକୁ ଠାବ କରିବାରେ ସକ୍ଷମ ହୋଇନଥିଲା। ସ୍ଥାନୀୟ ଲୋକେ ସିସି କ୍ୟାମେରା ଯାଞ୍ଚ କରି ସିଲୁ ଭୋଇ ନାମକ ଜଣେ ଯୁବକ ଲୁଟ କରୁଥିବା ଜାଣିବାକୁ ପାଇଥିଲେ। ହେଲେ ପୁଲିସ ସିଲୁକୁ କାବୁ କରିବାରେ ବିଫଳ ହୋଇଥିଲା। ସିଲୁ ଆଜି ବଜାରରେ ବୁଲୁଥିବା ବେଳେ ସ୍ଥାନୀୟ ବ୍ୟବସାୟୀ କାବୁ କରି ବାଲିଅନ୍ତା ପୁଲିସକୁ ଫୋନ କରି ଜଣାଇଥିଲେ। ପୁଲିସ ପହଞ୍ଚିବା ପରେ ସିଲୁକୁ ହସ୍ତାନ୍ତର କରିଥିଲେ।

# ରାସ୍ତାରୁ ହଟିଲା ଜବରଦଖଲ

ଯାଁଳା, ୨।୧(ସମିସ): ଜଟଣୀ ତହସିଲ ଯାଁଳା ପଞ୍ଚାୟତ ରାଧାଚରଣପୁର ମୌଜାରେ ଶୁକ୍ରବାର ସରକାରୀ ରାସ୍ତାରୁ ଜବରଦଖଲ ଉଚ୍ଛେଦ ହୋଇଛି। ଜଟଣୀ ତହସିଲ ପକ୍ଷରୁ ଏହି ଉଚ୍ଛେଦ ପ୍ରକ୍ରିୟାରେ ଆଜି ଗୋଟିଏ ନିର୍ମାଣାଧୀନ ଘରକୁ ଭଙ୍ଗା ଯାଇଛି। ସେହିଭଳି ଗଙ୍ଗପଡ଼ା ଗ୍ରାମରେ ଗୋଟିଏ ପାଚେରିକୁ ଜବରଦଖଲ ଉଚ୍ଛେଦ କରାଯାଇଥିବା ଜଣାପଡ଼ିଛି। ଜଟଣୀ ଅତିରିକ୍ତ ତହସିଲଦାର ଅଶୋକ ସ୍ୱାଇଁ, ଇନଫୋଭ୍ୟାଲି ଥାନା ପୁଲିସ ସହଯୋଗରେ ଏହି ଜବରଦଖଲ ଉଚ୍ଛେଦ କରାଯାଇଛି। ସରକାରୀ ଜମିକୁ ଜବରଦଖଲରୁ ନମୁକୁଳିବା ପର୍ଯ୍ୟନ୍ତ ଏଭଳି ଉଚ୍ଛେଦ ପ୍ରକ୍ରିୟା ଚାଲୁ ରହିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି।

ରାଧାଚରଣପୁର ଗ୍ରାମର ଜଣେ ବ୍ୟକ୍ତି ସରକାରୀ ରାସ୍ତାକୁ ଜବର ଦଖଲ କରି ଏକ ସ୍ଥାୟୀ ଗୃହ ନିର୍ମାଣ କରୁଥିଲେ। ସ୍ଥାୟୀ ଗୃହ ନିର୍ମାଣ ଫଳରେ ଗ୍ରାମ ରାସ୍ତା ସଙ୍କୁଚିତ ହେବା ସହ ଯାତାୟତରେ ବାଧାପ୍ରାପ୍ତ ହେଉଥିଲା। ଏହା ସହ ଗ୍ରାମର ଯାନିଯାତ୍ରା ସମୟରେ ମଧ ବହୁ ଅସୁବିଧା ସୃଷ୍ଟି ହେଉଥିଲା। ଏନେଇ ଗତ କିଛିଦିନ ହେବ ଗ୍ରାମରେ ଅସନ୍ତୋଷ ଲାଗି ରହିଥିଲା। ପରେ ଗ୍ରାମବାସୀମାନେ ଏନେଇ ଜଟଣୀ ତହସିଲରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଜଟଣୀ ତହସିଲ ପକ୍ଷରୁ ମାପଚୁପ କରି ରାସ୍ତାରୁ ଜବରଦଖଲ ଉଚ୍ଛେଦ କରିଛନ୍ତି। ସେହିଭଳି ଗଙ୍ଗପଡ଼ା ଗ୍ରାମରେ ରାସ୍ତା ଜବରଦଖଲ କରିଥିବା ଜଣେ ବ୍ୟକ୍ତିଙ୍କ ପାଚେରି ମଧ ଭଙ୍ଗାଯାଇଛି।

# ସ୍ୱାମୀଙ୍କ ମୁଣ୍ଡରେ ବୋତଲ ଭାଙ୍ଗି ସ୍ତ୍ରୀଙ୍କୁ ଆକ୍ରମଣ; ୨ ଗିରଫ





ଭୁବନେଶ୍ୱର, ୨।୧(ସମିସ): ସ୍ୱାମୀଙ୍କୁ ମୁଣ୍ଡରେ ବୋତଲ ଭାଙ୍ଗିବା ସହ ସ୍ତ୍ରୀଙ୍କୁ ଆକ୍ରମଣ ଅଭିଯୋଗରେ ଇନ୍‌ଫୋସିଟି ଥାନା ପୁଲିସ ଆକ୍ରମଣ ଅଭିଯୋଗରେ ୨ଦୁର୍ବୃତ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅଜୟ ବାରିକ ଏବଂ ଆଲୋକ ବସନ୍ତରା। ଅଭିଯୋଗକାରୀ ଦେବୀପ୍ରସାଦ ମହାରଣାଙ୍କ ଲିଖିତ ରିପୋର୍ଟ ଆଧାରରେ ଇନଫୋସିଟି ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା।

ପୁଲସ ସୂଚନା ମୁତାବକ, ଅଭିଯୋଗକାରୀ ଦେବୀପ୍ରସାଦ ପତ୍ନୀ ଏବଂ ପୁଅ ସହିତ କଳାରାହାଙ୍ଗାରେ ଥିବା ମହାବୀର ସେଲୁନକୁ ଯାଇଥିଲେ। କିଛି ସମୟ ପରେ ସେମାନେ ସେଲୁନ ବାହାରକୁ ଆସି ୨ ଅଭିଯୁକ୍ତଙ୍କୁ ଛିଡା ହୋଇଥିବାର ଦେଖିଥିଲେ। ଅଭିଯୁକ୍ତମାନେ ତାଙ୍କ ପତ୍ନୀ ଏବଂ ପୁଅକୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଦେବୀପ୍ରସାଦ ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ବୋତଲରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ପତ୍ନୀଙ୍କୁ ମଧ୍ୟ ମାରଧର କରିଥିଲେ। ଯାହାଫଳରେ ଅଭିଯୋଗକାରୀଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଅଭିଯୁକ୍ତମାନେ ଏହାସହ ସେମାନଙ୍କୁ ଜୀବନରୁ ମାରି ଦେବାକୁ ମଧ୍ୟ ଧମକ ଦେଇଥିଲେ।

## କଳାରାହାଙ୍ଗରୁ ହଟିଲା ଜବରଦଖଲ

# ବିଡିଏକୁ ଫେରିବ ୧୩ ଏକର ସରକାରୀ ଜମି

ଭୁବନେଶ୍ୱର, ୨।୧(ସମିସ): ବିଡିଏ ପକ୍ଷରୁ ପଟିଆ ମୌଜାରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଏହି ଉଚ୍ଛେଦରେ ୧୦୦ ବର୍ଗ ମିଟର ଅଞ୍ଚଳରେ ନିର୍ମାଣ ହୋଇଥିବା ଏକ ପକ୍କା ଘରକୁ ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି। ଏହାସହିତ ୧୭ଟି ଆଜ୍‌ବେଷ୍ଟସ୍ ଘରକୁ ମଧ ଭାଙ୍ଗି ଦିଆଯାଇଛି। ମୋଟ୍ ୦.୨୦୦ ଡେସିମଲ୍ ଜମିକୁ ଜବରଦଖଲମୁକ୍ତ କରାଯାଇଛି। ଏହା ଆଂଶିକ ଉଚ୍ଛେଦ, ଆଗାମୀ ଦିନରେ ଉଚ୍ଛେଦ ପ୍ରକ୍ରିୟା ଜାରି ରହିବ ବୋଲି ବିଡିଏ ପକ୍ଷରୁ ସୂଚନା ଦିଆଯାଇଛି।

କଳାରାହାଙ୍ଗ ଏବଂ ପଟିଆ ଅଞ୍ଚଳରେ ୧୨ରୁ ୧୩ ଏକର ମୁଲ୍ୟବାନ ସରକାରୀ ଜମି ରହିଛି। ଯାହାକୁ ରାଜ୍ୟ ସରକାର ବିଡିଏକୁ ପ୍ରଦାନ କରିଥିଲେ। ହେଲେ କିଛି ଲୋକ ବହୁଦିନ ହେବ ଏହି ମୁଲ୍ୟବାନ ସରକାରୀ ଜମିକୁ ଜବରଦଖଲ କରି ରଖିଥିଲେ। ଜମି ଦଲାଲମାନେ ବହୁ ଜମିକୁ ପ୍ଲଟିଂ କରି ବିକ୍ରି କରିଛନ୍ତି। କିଛିଦିନ ତଳେ ବିଡିଏ ଏହି ଜମିର ସ୍ଥିତାବସ୍ଥା ଦେଖିବାକୁ ଯାଇଥିଲା। ହେଲେ ଏତେ ମାତ୍ରାରେ ଜବରଦଖଲ ହୋଇଥିବା ଜଣିବା ପରେ ଏହାକୁ ଭାଙ୍ଗିବାକୁ ନିଷ୍ପତ୍ତି ନେଇଥିଲା। ଏହି କ୍ରମରେ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ଏହି ଉଚ୍ଛେଦରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଦେବରାଜ ସେଠୀ, ଲିଆସନିଂ ଅଫିସର ସୁଭ୍ରାଂଶୁ ଶେଖର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସୁରକ୍ଷାକୁ ଦୃଷ୍ଟିରେ ରଖି ଘଟଣାସ୍ଥଳରେ ପୁଲିସ ମୁତୟନ ହୋଇଥିଲା।

# ବର୍ଷକରେ ୯୧ ଏକର ସରକାରୀ ଜମି ଜବରଦଖଲ ମୁକ୍ତ

**କେବେ ହଟିବ ଶ୍ୟାମପୁର ଜବରଦଖଲ**

ଭୁବନେଶ୍ୱର, ୨।୧(ସମିସ): ରାଜଧାନୀରେ ସରକାରୀ ଜମି ଜବରଦଖଲ ଏକ ରୋଗ ଭାବେ ଉଭା ହେଲାଣି। ବାହୁବଳ, ପ୍ରଶାସନ ଏବଂ ପୁଲିସକୁ ହାତ କରି ସ୍ଥାନୀୟ ଲୋକେ ଜମି ଜବରଦଖଲ କରି ଚାଲିଛନ୍ତି। ଦିନ ଦ୍ୱି ପହରେ ବିଭିନ୍ନ ସରକାରୀ ଜମି କବଜ୍ଜା ହୋଇଯାଉଛି। ସରକାରୀ ଜମିକୁ ଖୁଲମ୍‌ଖୁଲା ପ୍ଲଟିଂ କରି ବିକ୍ରି କରାଯାଉଛି। ଜବରଦଖଲ ଯେତେ ଉଚ୍ଛେଦ କରା ଯାଉ ନାଆ କାହିଁକି, ପୁଣି ଯାହାକୁ ସେଇଆ ଭଳି ପରିସ୍ଥିତି ସୃଷ୍ଟି ହେଉଛି। ଗୋଟିଏ ପଟେ ଜବର ଦଖଲ ଉଚ୍ଛେଦ ହେଉଛି ଆଉ ଗୋଟିଏ ପଟେ ଜବରଦଖଲ ବଢ଼ିଚାଲିଛି।

କିଛିଦିନ ତଳେ ଇନ୍‌ଫୋସିଟି ଥାନା ଅଞ୍ଚଳରେ ଚୁନ ପକାଇ ଜବରଦଖଲ କରାଯାଉଥିଲା। ଖୁଲମ୍‌ଖୁଲଲା ସରକାରୀ ଜମିର ବୋଲି ଲାଗିଥିଲା। ଏହାର ଭିଡିଓକୁ ବୋଲି ଲଗାଉଥିବା ଲୋକେ ଭାଇରାଲ କଲେ। ହେଲେ କୌଣସି ଜଣେ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ତଦନ୍ତ ଆଳରେ ବିଏମ୍‌ସି ଚୁପ୍‌ଚାପ୍ ବସିଗଲା। ଏଭଳି ଭାବେ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଜମି ଜବରଦଖଲ କରାଯାଉଥିଲେ ମଧ ପ୍ରଶାସନ ଓ ପୁଲିସ ନିରବ ରହିଛି।


ଚଳିତ ବର୍ଷ ବିଡିଏ ରେକର୍ଡ ସଂଖ୍ୟକ ଜବରଦଖଲ ଉଚ୍ଛେଦ କରିଛି। ସିଏମ୍‌ସି କାର୍ଯ୍ୟକ୍ରମ ଅଧୀନରେ ମୋଟ୍ ୪୨୯ ଟି ଉଚ୍ଛେଦ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ହେଲେ ମାତ୍ର ୨୫୪ କାର୍ଯ୍ୟକ୍ରମକୁ ସଫଳତା ମିଳିଥିଲା। ଏହି ସଂଖ୍ୟା ୨୦୨୪ ତୁଳନାରେ ବହୁ ଅଧିକ। ୨୦୨୪ ମସିହାରେ ୯୬ଟି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା ବେଳେ ମାତ୍ର ୬୭ଟି କାର୍ଯ୍ୟକ୍ରମକୁ ସଫଳତା ମିଳିଥିଲା। ପୁଲିସ ଅନୁପସ୍ଥିତି କାରଣ ଏବଂ ଅନ୍ୟାନ୍ୟ କାରଣରୁ ଜବରଦଖଲ ସମ୍ଭବ ହୋଇ ପାରି ନ ଥିବା ଜଣାପଡ଼ିଛି। ସେହିପରି ୨୦୨୫ ମସିହା ଡିସେମ୍ବର ପର୍ଯ୍ୟନ୍ତ ମୋଟ୍ ୯୧ଏକର ସରକାରୀ ଜମି ଜବରଦଖଲ ମୁକ୍ତ ହୋଇଥିଲା।

ବିଡିଏ ଅନ୍ୟ ବିଭାଗ ଜମିକୁ ଜବରଦଖଲମୁକ୍ତ କରୁଛି। ହେଲେ ଶ୍ୟାମପୁର ମୌଜାରେ ୬୮ଏକର ସରକାରୀ ଜମିକୁ ବେସରକାରୀ ଲୋକେ ପ୍ଲଟିଂ କରି ବିକ୍ରି କରିଦେଲେ। ବିଡିଏ ସବୁ ଜାଣି ଚୁପ୍ ଚାପ୍ ବସି ରହିଛି। ଫାଇଲ କେବଳ ନାଲି ଫିତା ତଳେ ଗୋଟିଏ ଟେବୁଲରୁ ଆଉ ଏକ ଟେବୁଲକୁ ବୁଲୁଛି। ହେଲେ କାମ ଆଗକୁ ବଢ଼ି ପାରୁ ନାହିଁ। ବିଡିଏର ଏଭଳି ପାତାର ଅନ୍ତର ନୀତିକୁ ଲୋକେ କଟୁ ସମାଲୋଚନା କରୁଥିଲେ ମଧ୍ୟ ବିଡ଼ିଏ କୌଣସି ପ୍ରତିଶ୍ରୁତି ଦେଉ ନାହିଁ। କେବଳ ପୁଲିସ ମିଳୁନି, ବିଧାନସଭା ଚାଲିଛି ଆଉ ପର୍ବାଣ ସମୟ ପରେ ଭଙ୍ଗାଯିବ କହି ସମୟ ଗଡ଼ାଇ ଚାଲିଛି।






















## କମିସନରେଟ୍ ପୁଲିସରେ ଛିଣ୍ଡୁନି ଅଙ୍କ

# ମାସେ ଧରି ଚାଲିଛି ବଦଳି ପାଲା




- ବଦଳିରେ ଏକାଧିକ ହସ୍ତକ୍ଷେପ, ବହୁ ଲୋକଙ୍କ ମାମଲତି
- ପୁଣି ବଦଳିଲେ ଏସିପି, ଇନ୍ସପେକ୍ଟର
- ଜଣେ ବଦଳାଉଛି, ଆଉ ଜଣେ ଅଟକାଉଛି

ଭୁବନେଶ୍ୱର, ୨।୧(ସମିସ): କମିଶନରେଟ୍‌ରେ ଛିଣ୍ଡୁନି ବଦଳି ଅଙ୍କ। ମାସେ ଧରି ଚାଲିଛି ପୁଲିସର ବଦଳି ପର୍ବ। ଏହା ମଧ୍ୟରେ ବହୁ ଅଧିକାରୀ ବଦଳିଲେଣି। କିଏ କମିସନରେଟ୍ ବାହାରକୁ ଚାଲିଯାଉଛି। ଆଉ କିଏ କମିଶନରେଟ୍ ବାହାରୁ କମିସନରେଟ୍ ଭିତରକୁ ପସିଆସୁଛି। ଏପରି ବହୁ ଅଧିକାରୀ ଅଛନ୍ତି ଯାହାର ବଦଳି ଅର୍ଡର ତ ବାହାରିଥିଲା ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ। ହେଲେ ପୁଣି ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଅଟକିଗଲା। ଜଣାପଡ଼ିଲା ଯେ ସେ ଆଉ ଭୁବନେଶ୍ୱର କିମ୍ବା କଟକ ଛାଡି ଯାଉ ନାହାନ୍ତି। ଯେଉଁଠି ଥିଲେ ସେଇଠି ହିଁ ପୁଣି ରହିଗଲେ। ତାହା ପୁଣି କେବଳ ଲୋକଙ୍କ ସ୍ୱାର୍ଥ ଏବଂ ପ୍ରଶାସନିକ ଆବଶ୍ୟକତା ପାଇଁ ପୁଲିସର ବରିଷ୍ଠ ଅଧିକାରୀ କିମ୍ବା ରାଜନେତାଙ୍କ କିଛି ବି ହାତ ନାହିଁ।

ରାଜଧାନୀକୁ ହତ୍ୟା, ଗଣଦୁଷ୍କର୍ମ ଏବଂ ବୋମା ମାଡ ଭଳି ଅପରାଧ ଗ୍ରାସି ଗଲାଣି। ହେଲେ ପୁଲିସ କିନ୍ତୁ ବଦଳି ଗେମ୍ ମାତିଛି। ଜଣେ ନିଷ୍ପତ୍ତି ନେଲା ବେଳକୁ ଆଉ ଜଣେ ପଲଟାଇ ଦେଉଛି। ଭିନ୍ନ ଭିନ୍ନ ଅଧିକାରୀଙ୍କ ଇଙ୍ଗିତରେ ବାହାରୁଛି ପୁଲିସ ବଦଳିର ଭିନ୍ନ ଭିନ୍ନ ଅର୍ଡର। ଏହାପରେ ବଦଳିକୁ ନେଇ ରାଜନୈତିକ ଚାପ ବି ପଡୁଛି। ରାଜନେତାଙ୍କ ଅଲଗା ସୁପାରିସ୍। ତାକୁ ପୁଲିସର ଉପରିସ୍ଥ ଅଧିକରୀଙ୍କୁ ଶୁଣିବାକୁ ପଡୁଛି। ୨୦୦୮ରୁ କମିସନରେଟ୍ ପୁଲିସ ଆରମ୍ଭ ହେଲାଣି। ଏଠାରେ ବଦଳି ହୁଏ। ହେଲେ ଏତେ ଲଗାତାର ବ୍ୟବଧାନରେ ବଦଳି ପୂର୍ବରୁ କେବେ କେହି ଦେଖି ନାହାନ୍ତି ବୋଲି ଜଣେ ପୁଲିସ ଅଧିକାରୀ ତାଙ୍କ ନାମ ଗୋପନ କରିବା ସର୍ତ୍ତରେ କହିଛନ୍ତି। ପୁଲିସରେ ବଦଳି ପଛରେ ଏକାଧିକ ମୂରବୀଙ୍କ ମୁଣ୍ଡ କାମ କରୁଛି। ତେଣୁ ଜଣେ ବଦଳାଉଛି, ଆଉ ଜଣେ ଅଟକାଉଛି। ତେଣୁ ଏଭଳି ହେଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ଗତ କିଛିଦିନ ତଳେ ଇନ୍ସପେକ୍ଟର ବଦଳି ହେଲା, ମାତ୍ର ୬ ଦିନ ମଧ୍ୟରେ ୪ଜଣ ଥାନା ଅଧିକାରୀଙ୍କ ବଦଳି ବାତିଲ ହୋଇଗଲା। ଯାହା ବରିଷ୍ଠ ଆଇପିଏସ୍ ତଥା କମିସନରେଟ ପୁଲିସର ମୁଖିଆଙ୍କ ନିଷ୍ପତ୍ତି ନେବାର ପାରିବା ପଣିଆକୁ ପଦାରେ ପକାଇଦେଲା। ଗତ ଡିସେମ୍ବର ୧୨ ତାରିଖରେ ୧୦ଜଣ ଇନ୍ସପେକ୍ଟରଙ୍କ ବଦଳି ହୋଇଥିଲା। ପୁଣି ୧୫ତାରିଖ ଦିନ ୨ଜଣ ଇନ୍ସପେକ୍ଟରଙ୍କର ବଦଳି ହେଲା। ପ୍ରଥମ ନିର୍ଦ୍ଦେଶନାମାରେ କଟକ ମହିଳା ଥାନା ଅଧିକାରୀ ବିୟୁଟି ମହାନ୍ତିଙ୍କୁ ନନ୍ଦନକାନନ ଥାନା ଓ କଟକ ଡିସିଆରବିର ତେରେସ୍କେଭା ମହାପାତ୍ରଙ୍କୁ କଟକ ମହିଳା ଥାନା ଅଧିକାରୀ ଭାବେ ଦାୟିତ୍ୱ ମିଳିଥିଲା। ହେଲେ ମାତ୍ର କିଛିଦିନ ପରେ କଟକ ମହିଳା ଥାନା ଅଧିକାରୀ ବିୟୁଟି ମହାନ୍ତି ଓ କଟକ ଡିସିଆରବିର ଇନ୍ସପେକ୍ଟର ତେରେସ୍କେଭା ମହାପାତ୍ରଙ୍କ ବଦଳି ନିଷ୍ପତ୍ତି ପ୍ରତ୍ୟାହାର କରି ପୂର୍ବ ପଦବୀରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଜଟଣୀ ଥାନା ଅଧିକାରୀ ଷ୍ଟାଲିନ୍ ବିଶ୍ୱାଳଙ୍କର ନୂଆପଲ୍ଲୀ ଥାନାକୁ ହୋଇଥିବା ବଦଳିକୁ ବାତିଲ କରି ପୂର୍ବବତ୍ ଜଟଣୀ ଥାନାରେ କାର୍ଯ୍ୟ କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କମିସନରେଟ୍ ପୁଲିସରେ ମାସେ ହେବ ଏଭଳି ପାଲା ଚାଲିଛି, ଯାହା ବନ୍ଦ ହେବାର ନାଆ ଧରୁନି। ଏସବୁ କଥା କାନକୁ ଶୁଣିବାକୁ ଅସହଜ ହେଉଥିଲେ ମଧ୍ୟ କମିସନରେଟ ପୁଲିସ ଏହି ଆଶ୍ଚର୍ଯ୍ୟକୁ ବାସ୍ତବ ରୂପ ଦେଇଛି। ଆଉ ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ କମିସନରେଟେ ପୁଲିସରେ ସବୁ କିଛି ଠିକ୍ ଚାଲିନି।

ଶୁକ୍ରବାର କମିସନରେଟ୍ ପୁଲିସ ଅଞ୍ଚଳରେ ପୁଣି ବଦଳି ହୋଇଛି। ତିନି ଜଣ ଏସିପି ସୁଧାଂଶୁ ଭୂଷଣ ଜେନା ଏସିପି ଲାଲବାଗଙ୍କୁ କଟକ ଜୋନ୍-୫କୁ ବଦଳି କରାଯାଇଛି। ସେହିପରି ଏସିପି ମାନସ କୁମାର ସ୍ୱାଇଁଙ୍କୁ କମିସନରେଟ୍ ପୁଲିସ ବିଲ୍ଡିଂର ଗୋଟିଏ ରୁମ୍‌ରୁ ଆଉ ଗୋଟିଏ ରୁମ୍‌କୁ ବଦଳି କରାଯାଇଛି। ଏସିପି ବିଶ୍ୱଜିତ ମନୋବଧଙ୍କୁ ଏସିପି ଭୁବନେଶ୍ୱର ପୁଲିସ ଜିଲ୍ଲାରୁ ଟ୍ରାଫିକ୍ କଟକ-ଭୁବନେଶ୍ୱର ଏସିପି ଭାବେ ବଦଳି କରାଯାଇଛି। ଏମାନଙ୍କ ସହ ୧୮ଜଣ ଆଇଆଇସିଙ୍କୁ ମଧ୍ୟ ବଦଳି କରାଯାଇଛି।

# ଓଡିଶୀ ନୃତ୍ୟ ଉତ୍ସବରେ ଅଭିନୟ ଓ ନୃତ୍ୟ ପ୍ରଦର୍ଶନ

ଭୁବନେଶ୍ୱର, ୨।୧(ସମିସ): ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ର ଦ୍ୱାରା ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଅନ୍ତର୍ଜାତୀୟ ଓଡିଶୀ ନୃତ୍ୟ ଉତ୍ସବ ଚତୁର୍ଥ ଦିବସ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଦଳଗତ ନୃତ୍ୟ ପର୍ଯ୍ୟାୟରେ ଜୟ ଗଣେଶ କଳା ବିକାଶ କେନ୍ଦ୍ରର ଶିଳ୍ପୀମାନଙ୍କ ଦ୍ୱାରା କଳାବତୀ ପଲ୍ଲବୀ, ପରେ ପରେ ଏକକ ନୃତ୍ୟ ପର୍ଯ୍ୟାୟରେ ସୁନୀଲ ମହାଲିକଙ୍କ ଦ୍ୱାରା ସ୍ଥାୟୀନୃତ୍ୟ, ମୋନାଲିସା ଦାସଙ୍କ ଦ୍ୱାରା ଆରଭୀ ପଲ୍ଲବୀ, ଦ୍ୱୈତ ନୃତ୍ୟ ପର୍ଯ୍ୟାୟରେ ଅଭିଷିକ୍ତା ଘୋଷ ଓ ସମନ୍ୱିତା ବିଶ୍ୱାସଙ୍କ ଦ୍ୱାରା ଅଭିନୟ ମଙ୍ଗଳାଚରଣ, ଏକକ ନୃତ୍ୟରେ ଇପ୍ସିତା ମହାନ୍ତିଙ୍କ ଦ୍ୱାରା ଆରଭୀ ପଲ୍ଲବୀ, ଅନୁଷ୍କା ଦାସଙ୍କ ଦ୍ୱାରା ଅଭିନୟ ବାଜୁଛି ସାହି ବଜାରେ, ସ୍ୱର୍ଣ୍ଣପ୍ରଭା ମଙ୍ଗରାଜ ଓ ସିକୃତି ପଣ୍ଡାଙ୍କ ଦ୍ୱାରା ଶଙ୍କରାଭରଣ ପଲ୍ଲବୀ, ଆଦିତି ବୋଷଙ୍କ ଦ୍ୱାରା ଅଭିନୟ ମଲ୍ଲିମାଳ ଶ୍ୟାମକୁ ଦେବି, ଆକାଂକ୍ଷା ରାଉତରାୟଙ୍କ ଦ୍ୱାରା ଅଭିନୟ କିଏ ଲୋ ସଜନୀ କେଳି କଦମ୍ବ ମୂଳେ ଏବଂ ଶେଷରେ କଳାକଳ୍ପ ସାଂସ୍କୃତିକ ସଂସ୍ଥାନ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଦଳଗତ ନୃତ୍ୟାଭିନୟ ଜୟ ଜୟ ହେ ଗଜ ନାୟକ ପରିବେଷିତ ହୋଇଥିଲା। ଅପରାହ୍ନ ଅଧିବେଶନର ପ୍ରଥମ ପ୍ରସ୍ତୁତି ଥିଲା ନାଟ୍ୟ ଶାସ୍ତ୍ର ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଅଭିନୟ ସୁପର୍ଣ୍ଣ ରେଖା-ମାରିଚ ସମେତ ଏକକ, ଦ୍ୱୈତ୍ୟ ଓ ଦଳଗତ ନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି କାମନ୍ୟା ଦାସଙ୍କ ଦ୍ୱାରା ଅଭିନୟ ଶିବପଞ୍ଚକ, ଶ୍ରେୟା ମିଶ୍ର ଏବଂ ସାଇ ପାର୍ଥନା ରାଉତଙ୍କ ଦ୍ୱାରା ଶଙ୍କରାଭରଣ ପଲ୍ଲବୀ, କଲ୍ୟାଣୀ ମହାପାତ୍ରଙ୍କ ଦ୍ୱାରା ଅଭିନୟ ପ୍ରାଣ ସଜନୀରେ ବୁଡି ଗଲି ମୁଁ ଲାଜରେ, ଚିନ୍ତାମଣି ଲୁହା ଓ ସ୍ୱନନ୍ଦା ବିଶ୍ୱାଳଙ୍କ ଦ୍ୱାରା ଅଭିନୟ କୋଣାର୍କ କାନ୍ତି ଏବଂ ଶେଷରେ ଜ୍ୟୋତି କଳା ମନ୍ଦିର ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ମା' ହରଚଣ୍ଡୀ ପରିବେଷିତ ହୋଇଥିଲା। ସେହିପରି ସଂଧ୍ୟା ଅଧିବେଶନର ଏକକ, ଦ୍ୱୈତ୍ୟ ଓ ଦଳଗତ ନୃତ୍ୟ ସହ ନୃତ୍ୟାଭିନୟ ପରିବେଷିତ ହୋଇଥିଲା। ସଂଧ୍ୟାରେ ଅତିଥିଭାବେ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର କମିଶନର ତଥା ଶାସନ ସଚିବ ଡି ପ୍ରଶାନ୍ତ କୁମାର ରେଡ୍ଡୀ, ସଂସ୍କୃତି ବିଭାଗର ସଚିବ ତଥା ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ବିଜୟ କେତନ ଉପାଧ୍ୟାୟ, ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ ଓ ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ସୁଚିସ୍ମିତା ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଘରୋଇ ହସ୍ପିଟାଲରେ ଚିକିତ୍ସା ଅବହେଳା ଅଭିଯୋଗ

# ଅସ୍ତ୍ରୋପଚାର ପୂର୍ବରୁ ଯୁବକଙ୍କ ମୃତ୍ୟୁ

କଟକ, ୨।୧(ସମିସ): କଟକ ଜିଲ୍ଲା ଜଗତପୁରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଡାକ୍ତରଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁଁ ଜଣେ ଉଚ୍ଚଶିକ୍ଷିତ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି, ଯାହାକୁ ନେଇ ହସ୍ପିଟାଲ ପରିସରରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଗୋବିନ୍ଦପୁର ଥାନା ବଡ଼ବିଲ ସାଇଲୋ ଗାଁର ସ୍ୱରାଜ ବେହେରା (୨୬) ଗତ ଡିସେମ୍ବର ୧୨ ତାରିଖରେ ଏକ ସଡ଼କ ଦୁର୍ଘଟଣାରେ ଆହତ ହୋଇ ଜଗତପୁରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଗୋଡ଼ହାଡ଼ର ଅସ୍ତ୍ରୋପଚାର ପାଇଁ ଡାକ୍ତର ସମୟଧାର୍ଯ୍ୟ କରିବା ପରେ ତାଙ୍କୁ ଜାନୁଆରୀ ୨ ତାରିଖ ପୂର୍ବାହ୍ନ ୧୦ଟାରେ ଅପରେସନ୍ ଥିଏଟର ଓଟିକୁ ନିଆଯାଇଥିଲା। ମାତ୍ର ଅସ୍ତ୍ରୋପଚାର ଶେଷ ହେବାରେ ଅହେତୁକ ବିଳମ୍ବ ହେବାରୁ ପରିବାର ଲୋକେ ପଚରାଉଚରା କରିବା ପରେ ହସ୍ପିଟାଲ କର୍ତ୍ତୃପକ୍ଷ ସ୍ୱରାଜଙ୍କ ମୃତ୍ୟୁ ଘଟିଥିବା ସୂଚନା ଦେଇଥିଲେ। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ସ୍ୱରାଜଙ୍କ ମୃତ୍ୟୁ ପ୍ରାୟ ଦୁଇ ଘଣ୍ଟା ପୂର୍ବରୁ ହୋଇସାରିଥିଲେ ମଧ୍ୟ ହସ୍ପିଟାଲ କର୍ତ୍ତୃପକ୍ଷ ଏହାକୁ ଲୁଚାଇ ରଖିଥିଲେ। ସ୍ୱରାଜଙ୍କ ମୃତ୍ୟୁ ପାଇଁ ଡାକ୍ତରଙ୍କ ଅବହେଳା ଏବଂ ଭୁଲ୍ ଇଞ୍ଜେକ୍ସନ କିମ୍ବା ଆନାସ୍ଥେସିଆର ଓଭରଡୋଜ୍‌କୁ ପରିବାର ସଦସ୍ୟ ଦାୟୀ କରିଛନ୍ତି। ମୃତ ଯୁବକଙ୍କ ବଡ଼ଭାଇ ସରୋଜଙ୍କ କହିବା ଅନୁଯାୟୀ, ଅସ୍ତ୍ରୋପଚାର ପୂର୍ବରୁ ସ୍ୱରାଜ ସମ୍ପୂର୍ଣ୍ଣ ସୁସ୍ଥ ଥିଲେ ଏବଂ ସ୍ୱାଭାବିକ କଥାବାର୍ତ୍ତା କରୁଥିଲେ। ଘଟଣା ପରେ ସମ୍ପୃକ୍ତ ଅସ୍ଥିଶଲ୍ୟ ଓ ଆନାସ୍ଥେସିଆ ଡାକ୍ତର ହସ୍ପିଟାଲରୁ ଫେରାର ହୋଇଯାଇଥିବା ଅଭିଯୋଗ ହେବା ସହ ହସ୍ପିଟାଲ କର୍ତ୍ତୃପକ୍ଷ ମଧ୍ୟ କୌଣସି ସଠିକ୍ ଉତ୍ତର କିମ୍ବା ପ୍ରତିକ୍ରିୟା ଦେଇନାହାନ୍ତି। ଏହାକୁ ନେଇ ମୃତକଙ୍କ ସମ୍ପର୍କୀୟ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଜଗତପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ ସୂଚନା ଦେଇଛି।

# ବଡ଼ ମେଡିକାଲ / ଆଉଟ୍‌ଡୋର ଫାଙ୍କା; କ୍ଲିନିକ୍‌ରେ ଡାକ୍ତର

କଟକ, ୨।୧(ସମିସ): ଏସ୍‌ସିବି ମେଡିକାଲରେ ଡାକ୍ତରମାନେ ରୋଗୀସେବା ପ୍ରତି ଆଦୌ ଧ୍ୟାନ ଦେଉନାହାନ୍ତି। ଡ୍ୟୁଟି ସମୟରେ ହସ୍ପିଟାଲ ଛାଡ଼ି ଘରୋଇ କ୍ଲିନିକରେ ରୋଗୀ ଦେଖୁଛନ୍ତି। ଦୀର୍ଘଦିନ ଧରି ଏଭଳି ଘଟଣା ଚାଲି ଆସୁଥିଲେ ସୁଦ୍ଧା ଡାକ୍ତରମାନଙ୍କ 'ପ୍ରାଇଭେଟ୍ ପ୍ରାକ୍ଟିସ' ଉପରେ ଲଗାମ ଲାଗି ପାରୁନାହିଁ। ରାଜ୍ୟ ସରକାର ବଡ ମେଡିକାଲକୁ ଏମ୍ସ ପ୍ଲସ ଭାବେ ଗଢ଼ି ତୋଳିବାକୁ ଲକ୍ଷ୍ୟ ରଖିଛନ୍ତି। ହେଲେ 'ଏମ୍ସ' ଭଳି ଏଠାରେ ପ୍ରାଇଭେଟ ପ୍ରାକ୍ଟିସକୁ ବନ୍ଦ କରାଯାଉନାହିଁ। ସୂଚନା ଅଧିକାର ଆଇନ ଜରିଆରେ ମଧ୍ୟ ଏସ୍‌ସିବି କର୍ତ୍ତୃପକ୍ଷ ଡାକ୍ତରମାନଙ୍କ ଦୋଷଦୁର୍ବଳତାକୁ ଲୁଚାଉଛନ୍ତି। ବଡ ମେଡିକାଲର ଦୁର୍ବଳ ସ୍ୱାସ୍ଥ୍ୟସେବା ବିରୋଧରେ ଅଭିଯୋଗ ଉଠାଇବା ସହିତ ରାଜ୍ୟରେ ସ୍ୱାସ୍ଥ୍ୟସେବାର ହିତ ଦୃଷ୍ଟିରୁ ଏଭଳି ଘଟଣାର ତଦନ୍ତ କରାଯାଉ ବୋଲି ଦାବି କରି ସାମାଜିକକର୍ମୀ ଅଚ୍ୟୁତ କୁମାର ସାହୁ ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି ଲେଖିଛନ୍ତି।




ବଡ ମେଡିକାଲରେ ଡାକ୍ତରଙ୍କ ପ୍ରାଇଭେଟ ପ୍ରାକ୍ଟିସ ବନ୍ଦ କରାଯିବା ନେଇ ଦୀର୍ଘଦିନ ଧରି ଆଲୋଚନା ହୋଇ ଆସୁଛି। କିଛି ଦିନ ପୂର୍ବେ ସର୍ଜରୀ ବିଭାଗର ଆସୋସିଏଟ ପ୍ରଫେସର ତଥା ଅତିରିକ୍ତ ଅଧୀକ୍ଷକ ଡାକ୍ତର ଜ୍ୟୋତିର୍ମୟ ନାୟକ ପ୍ରାଇଭେଟ ପ୍ରାକ୍ଟିସକୁ ବିରୋଧ କରି ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇଥିଲେ। ଏ ଦିଗରେ ସରକାର ଦୃଷ୍ଟି ଦେବାକୁ ସେ ନିବେଦନ କରିଥିଲେ। ତେବେ ଘଟଣା ବାବଦରେ ଅଚ୍ୟୁତ ନିଜ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି କି, ଏସସିବିକୁ ଅନେକ ପ୍ରଫେସର, ଆସୋସିଏଟ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସର ସଠିକ ସମୟରେ ଆସୁନାହାନ୍ତି। କିଛିଜଣ ଦିନଦିନ ଧରି ମେଡିକାଲକୁ ନଆସି ଘରୋଇ ହସ୍ପିଟାଲରେ ରୋଗୀ ଦେଖୁଛନ୍ତି। ବଡ ମେଡିକାଲ ହେଉଛି ରାଜ୍ୟର ସର୍ବବୃହତ୍ତ ରେଫରାଲ ହସ୍ପିଟାଲ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଗୁରୁତର ରୋଗୀ ସ୍ଥାନାନ୍ତର ହୋଇ କଟକ ଆସୁଛନ୍ତି। ହେଲେ ରୋଗୀ ଅପେକ୍ଷାରେ ରହୁଥିଲେ ସୁଦ୍ଧା ଡାକ୍ତରଙ୍କ ଦେଖା ମିଳୁନାହିଁ। ସକାଳ ୯ଟାରୁ ଓପିଡି ଖୋଲୁଥିଲେ ବି ଦିନ ୧୧ଟା ପର୍ଯ୍ୟନ୍ତ ହସ୍ପିଟାଲରେ ଡାକ୍ତରଙ୍କ ପାଦ ପଡୁନାହିଁ। କେବଳ ବଡବଡ ବିପତ୍ତି ଘଟିବା ସମୟରେ ଡାକ୍ତରମାନେ ଏକଜୁଟ ହେଉଥିବା ଦେଖିବାକୁ ମିଳିଛି। ନଚେତ୍ କନିଷ୍ଠ ଡାକ୍ତରଙ୍କ ଆନ୍ଦୋଳନ ବେଳେ ବି ପ୍ରଫେସରମାନେ ମେଡିକାଲ ମୁହାଁ ହେଉନାହାନ୍ତି। ଘଟଣାର ତଦନ୍ତ ସଠିକ ଭାବେ କରାଗଲେ ଅନେକ ସଙ୍ଗୀନ ତଥ୍ୟ ସାମ୍ନାକୁ ଆସି ପାରିବ। ତଦନ୍ତରେ ସହରର ଅନେକ ସାମାଜିକକର୍ମୀ ସହଯୋଗ କରିବେ ବୋଲି ଅଚ୍ୟୁତ ଲିଖିତ ଭାବେ ଜଣାଇଛନ୍ତି।

# ଆୟୁର୍ବେଦ ଡାକ୍ତରଖାନାର ଉନ୍ନତି ପାଇଁ ଆୟୁଷ ନିର୍ଦ୍ଦେଶିକାଙ୍କୁ ଚିଠି


ଭୁବନେଶ୍ୱର, ୨।୧ (ସମିସ): ଭୁବନେଶ୍ୱର ଉପକଣ୍ଠ ତମାଣ୍ଡୋ ସ୍ଥିତ ସରକାରୀ ଆୟୁର୍ବେଦ ଡାକ୍ତରଖାନା ନାନା ସମସ୍ୟା ଦେଇ ଗତି କରୁଛି। ଉତ୍ତମ ଚିକିତ୍ସା ଯୋଗୁଁ ଏହି ଚିକିତ୍ସାଳୟ ପ୍ରତି ଲୋକଙ୍କ ଭରସା ବୃଦ୍ଧି ପାଇଛି। ଏଠାରେ ମହିଳା ଡାକ୍ତର ପ୍ରୀତି ନନ୍ଦା ମହାନ୍ତି ଏବଂ ଅନ୍ୟ ସହକର୍ମୀମାନେ କାର୍ଯ୍ୟ କରୁଛନ୍ତି। ମାତ୍ର ମୌଳିକ ସୁବିଧା ନ ଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ଡାକ୍ତରଖାନାକୁ ଚିକିତ୍ସିତ ହେବା ପାଇଁ ପ୍ରତ୍ୟେକ ଦିନ ଶତାଧିକ ରୋଗୀ ଆସୁଥିବାବେଳେ ଡାକ୍ତରଖାନାର ବାସ୍ତବ ସ୍ଥିତି ଭିନ୍ନ ରହିଛି। ଏଠାରେ ଶୌଚାଳୟ, ପାଣି ସଂଯୋଗ ବି ନାହିଁ। ଫଳରେ ରୋଗୀ ହନ୍ତସନ୍ତ ହେଉଛନ୍ତି। ସ୍ଥାୟୀ ବିଦ୍ୟୁତ ସଂଯୋଗ ନ ଥିବାରୁ ଅନ୍ୟର ସହାୟତାରେ ଡାକ୍ତରଖାନା ଆଲୋକିତ ହେଉଛି। ବର୍ଷା ଅସରାଏ ହେଲେ ଡାକ୍ତରଖାନା ଗୃହରେ ପାଣି ପଶି ଯାଉଛି। ନୂଆ ହସ୍ପିଟାଲ ନିର୍ମାଣ ପାଇଁ ସରକାରୀ ଜାଗା ଖଣ୍ଡେ ହୋଇପାରିଛି। ମାତ୍ର କିଛି ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀ ତାଙ୍କୁ ବଦନାମ କରିବାକୁ ଚାହୁଁଥିବା ଲୋକେ ଅଭିଯୋଗ କରିଛନ୍ତି। ଏହାର ସତ୍ୟାସତ୍ୟ ସନ୍ଧାନ କରି ବିହୀତ ପଦକ୍ଷେପ ନେବାକୁ ଗ୍ରାମବାସୀ ଆୟୁଷ ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ଏବଂ ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି ଲେଖିଛନ୍ତି। ଡାକ୍ତରଖାନାର ମୌଳିକ ସମସ୍ୟାକୁ ଦୂର କରିବା ପାଇଁ ଅନୁରୋଧ କରିଛନ୍ତି।

# ପଞ୍ଚାୟତସ୍ତରୀୟ ମିଳିତ ଜନ ଶୁଣାଣି

ଭୁବନେଶ୍ୱର, ୨।୧(ସମିସ): ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜିର ଗ୍ରାମ ପଞ୍ଚାୟତ ସ୍ତରୀୟ ପ୍ରତ୍ୟକ୍ଷ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ମିଳିତ ଜଣାଶୁଣାଣିରେ ୧୦ଟି ଅଭିଯୋଗକୁ ତତ୍କାଳ ସମାଧାନ କରାଯାଇଥିବା ବେଳେ ଅନ୍ୟ ସମସ୍ତ ଅଭିଯୋଗକୁ ବିଚାରକୁ ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଜିର ମିଳିତ ଜନଶୁଣାଣି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି, ଉପଜିଲ୍ଲାପାଳ ଡ. ମନୋରଞ୍ଜନ ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ବିଡିଓ ଦେବୀପ୍ରସାଦ ମହାନ୍ତି, ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ, ଜିଲ୍ଲା ସାଧାରଣ ଅଭିଯୋଗ ଆସିଷ୍ଟାଣ୍ଟ କଲେକ୍ଟର ଭୁବନେଶ୍ୱରୀ କହଁର ଉପସ୍ଥିତ ଥିଲେ।

# 'ପିଲାଙ୍କ ପାଇଁ ନିରାପଦ, ଅନ୍ତର୍ଭୁକ୍ତ ଶିକ୍ଷଣ ପରିବେଶ ଆବଶ୍ୟକ'

ଭୁବନେଶ୍ୱର, ୨।୧(ସମିସ): ପିପୁଲ୍ସ କଲଚରାଲ୍ ସେଣ୍ଟର (ପିକକ୍) ଓ ଏଇଆଇଏନର ମିଳିତ ସହଯୋଗରେ ସ୍କୁଲଗୁଡ଼ିକରେ ମାନସିକ ସ୍ୱାସ୍ଥ୍ୟ ଏବଂ ମାନସିକ ସୁରକ୍ଷାକୁ ଉନ୍ନତ କରିବା ପାଇଁ ଜାତୀୟ ୱେବିନାର 'ମାନସିକ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା: ପିଲାମାନଙ୍କ ପାଇଁ ଏକସୁରକ୍ଷିତ ଶିକ୍ଷଣ ପରିବେଶ ସୁନିଶ୍ଚିତ କରିବା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।



ଏଥିରେ ଭାରତୀୟ ଶିଶୁ କଲ୍ୟାଣ ପରିଷଦର ମହାସଚିବ ତଥା କ୍ଲିନିକାଲ ମନସ୍ତତ୍ତ୍ୱବିତ୍ ଡ. ମଧୁମିତା ଦାସ, ଭାରତ ସରକାରଙ୍କର ଶିକ୍ଷା ମନ୍ତ୍ରଣାଳୟର ଏନସିଆରଟିର ମନୋଦର୍ପଣ ସେଲ୍‌ଫର ପ୍ରଫେସର ବିନୋଦ କୁମାର ଶାନୱାଲ ଯୋଗ ଦେଇ ପିଲାମାନଙ୍କ ବିକାଶ ପାଇଁ ନିରାପଦ ଓ ଅନ୍ତର୍ଭୁକ୍ତ ଶିକ୍ଷଣ ଆବଶ୍ୟକ ବୋଲି ମତ ଦେଇଥିଲେ। ଟିସ୍, ସ୍କୁଲ୍ ଅଫ୍ ପବ୍ଲିକ୍ ପଲିସି ଆଣ୍ଡ ଗଭର୍ଣ୍ଣାନ୍ସ, ହାଇଦ୍ରାବାଦର ସହକାରୀ ପ୍ରଫେସର ଡ. ସୁନୟନା ସ୍ୱାଇଁ, ଡ. ସୁଭାଶିଷ ଭଦ୍ରା, ଡ. ଅସ୍ମିତା ନାୟକ ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟରେ କ୍ଲିନିକାଲ୍ ମନସ୍ତତ୍ତ୍ୱବିତ୍ ନିଯୁକ୍ତିକୁ ଗୁରୁତ୍ୱ ଦେଇଥିଲେ। ପିକକ୍‌ର ଅଧ୍ୟକ୍ଷା ଡ. ମିନାକ୍ଷୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମ୍ପାଦକ ରଞ୍ଜନ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ପିକକ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳର ବାର୍ଷିକ ଅଧିବେଶନ



ଭୁବନେଶ୍ୱର, ୨।୧(ସମିସ): ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ନ୍ୟାସୀ ମଣ୍ଡଳର ସଭାପତିସୀତା ବଲ୍ଲଭ ମହାପାତ୍ରଙ୍କ ପୌରୋହିତରେ ଅନୁଷ୍ଠିତ ସଭାରେ ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ର, ପୂର୍ବତନ କୁଳପତି କୁମରବର ଦାସ, ଅନନ୍ୟ ଜଗନ୍ନାଥ ସଂସ୍ଥାନର ପ୍ରତିଷ୍ଠାତା ପୀତବାସ ରାଉତରାୟ, ପ୍ରଫେସର ଶରତ ଚନ୍ଦ୍ର ରଥ, ନ୍ୟାସୀ ମଣ୍ଡଳର ଉପସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ମୈତ୍ରୀ:ସମ୍ପର୍କର ସେତୁ' ଓ ଅଲେଖ ନନ୍ଦୀଙ୍କ ରଚତ ପୁସ୍ତକ 'ନଗଫେଣୀ' ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ସମାଜସେବୀ ନିରଞ୍ଜନ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିରଜା ପ୍ରସାଦ ଶତପଥୀ ଓ କୈଳାଶ ଚନ୍ଦ୍ର ରଥ ପରିଚାଳନା କରିଥିଲେ।

# ୨୫ରୁ ଖଣ୍ଡଗିରି କୁମ୍ଭମେଳା

- ପ୍ଲାଷ୍ଟିକ ମୁକ୍ତ ମେଳାକୁ ଗୁରୁତ୍ୱ
- ଖାଦ୍ୟର ଯାଞ୍ଚ ସହ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ଶିବିର
- ମେଳା ଜଗିବ ୧୦୦ ସିସିଟିଭି କ୍ୟାମେରା

ଭୁବନେଶ୍ୱର, ୨।୧(ସମିସ): ଚଳିତ ମାସ ୨୫ ତାରିଖରୁ ଫେବୃଆରୀ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଖଣ୍ଡଗିରି କୁମ୍ଭ ମେଳା। ଯାତ୍ରା ସଂଳାପରେ ଦୁଲୁକିବ ଖଣ୍ଡଗିରି। ଚଳିତ ବର୍ଷ ଖଣ୍ଡଗିରି ମାଘମେଳାରେ ପ୍ରବଳ ଜନ ସମାଗମ ହେବାର ସମ୍ଭାବନା ଥିବାରୁ ଖଣ୍ଡଗିରି ଛକରୁ ରାସ୍ତା କାମ କରିବା ଏବଂ ପୋର୍ଟ ହୋଲ୍ ପାଇଁ ଆର୍ ଆଣ୍ଡ ବି. ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ମେୟର ସୁଲୋଚନା ଦାସ ଅଧ୍ୟକ୍ଷତାରେ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ କମିସନର ଚଞ୍ଚଳ ରାଣା, ଡେପୁଟି ମେୟର ମଞ୍ଜୁଲତା କହଁର, ଅତିରିକ୍ତ କମିସନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ମେଳା ପରିସରରେ ଜନସାଧାରଣଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା, ଅସ୍ଥାୟୀ ବିଦ୍ୟୁତ୍ ଯୋଗାଣ ଓ ଆଲୋକିକରଣ, ମେଳା ଅଞ୍ଚଳରେ ପରିମଳ ବ୍ୟବସ୍ଥା, ଅସ୍ଥାୟୀ ପାଇଖାନା ବ୍ୟବସ୍ଥା କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି। ମେଳା ଅଞ୍ଚଳରେ ବିଏମ୍‌ସି ପକ୍ଷରୁ ୨୪ ଘଣ୍ଟିଆ ଅସ୍ଥାୟୀ ସ୍ୱାସ୍ଥ୍ୟ ସେବା ଶିବିର ସହ ୩ଟି ଆମ୍ବୁଲାନ୍ସ ମୁତୟନ ରହିବ। ସେହିପରି ଅଗ୍ନିଶମ ବିଭାଗ ପକ୍ଷରୁ ମଧ୍ୟ ୨୪ ଘଣ୍ଟିଆ ଫାୟାର ଗାଡି ସଜାଗ ରହିବ। ଷ୍ଟଲ ଓ ଯାତ୍ରାପାଟି ମାଲିକଙ୍କଠାରୁ ରାଜସ୍ୱ ଆଦାୟ କରିବା ପାଇଁ ମଧ୍ୟ ନିଷ୍ପତ୍ତି ହେବା ସହ ଖଣ୍ଡଗିରି କୁମ୍ଭ ମେଳାର ଅବିଚ୍ଛେଦ୍ୟ ଅଙ୍ଗ ପାଟରା ଦୋକାନ ହୋଇଥିବାରୁ ଚଳିତ ବର୍ଷ ସେମାନଙ୍କୁ ଅଧିକ ଜାଗା ଦେବା, ଟ୍ରାଫିକ୍ ବ୍ୟବସ୍ଥାକୁ କଡାକଡି କରିବା, ପାର୍କିଂ ସ୍ଥାନ ବୃଦ୍ଧି କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଆଇନ ଶୃଙ୍ଖଳା ମେଳା ପାଇଁ ବଡ଼ ସମସ୍ୟା ହୋଇଥିବାରୁ ଅଧିକ ସଂଖ୍ୟକ ପୁଲିସ ମୁତୟନ କରାଯିବ। ସମସ୍ତ ମେଳା ଅଞ୍ଚଳକୁ ସିସିଟିଭି ନଜରରେ ରଖିବା ପାଇଁ ଚଳିତ ବର୍ଷ ୧୦୦ଟି ସିସିଟିଭି କ୍ୟାମେରା ଲାଗିବ। ସିସିଟିଭି କ୍ୟାମେର ପାଇଁ ଟେଣ୍ଡର କରାଯିବ। ସେହିପରି ପ୍ଲାଷ୍ଟିକ ବ୍ୟବହାର ରୋକିବା ଏବଂ ଖାଦ୍ୟର ଗୁଣାତ୍ମକ ମାନ ଯାଞ୍ଚ କରିବାକୁ ଖାଦ୍ୟ ନିରାପତ୍ତା ଟିମକୁ ଦାୟିତ୍ୱ ଦିଆଯିବା ସହ ପ୍ରତ୍ୟେକ ଦୋକାନୀ ଦୁଇଟି ଲେଖାଏଁ ଡଷ୍ଟବିନ୍ ନିଜ ଦୋକାନ ଆଗରେ ରଖିବାକୁ ମଧ୍ୟ ନିର୍ଦ୍ଦେଶ ହୋଇଛି। ଦିନକୁ ତିନୋଟି ପର୍ଯ୍ୟାୟରେ ୧୦୦ ଜଣ ସଫେଇ କର୍ମୀ ମେଳାସ୍ଥଳ ସଫା କରିବା ସହ ସଫେଇ ଗାଡ଼ି ମଧ୍ୟ ରହିବ। ତାସହିତ ସାଧୁସନ୍ଥଙ୍କ ରହଣି ପାଇଁ ସ୍ୱତନ୍ତ୍ର ଟେଣ୍ଟ, ପାହାଡ଼ ଉପରେ ଓ ତଳେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ପ୍ରଚୁର ପରିମାଣର ପାନୀୟ ଜଳ ବ୍ୟବସ୍ଥା କରାଯିବ। ତେବେ ଜାଗମରାର ଆରାଧ ଦେବାତା ପ୍ରଭୁ ଅନନ୍ତ କିଶୋର ଦେବଙ୍କ ଯାତ୍ରା ପାଇଁ ପୂର୍ବ ବର୍ଷ ଅପେକ୍ଷା ଅଧିକ ଅର୍ଥ ଦେବାକୁ କମିଟି ପକ୍ଷରୁ ଦାବି କରାଯାଇଥିବା ବେଳେ ବିଏମ୍‌ସି ପକ୍ଷରୁ ଚଳିତ ବର୍ଷ ୪ଲକ୍ଷ ୧୧ ହଜାର ଏବଂ ଯଜ୍ଞ ପାଇଁ ୧୦ ହଜାର ଟଙ୍କା ଦେବାକୁ କୁହାଯାଇଛି। ବୈଠକରେ ସିଟି ଇଂଜିନିୟର ନାରଦ ଚନ୍ଦ୍ର ରଥ, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ, ଦକ୍ଷିଣ-ପୂର୍ବ ଜୋନାଲ କମିଶନର ରାକେଶ ପାତ୍ରଙ୍କ ସମେତ ବିଭିନ୍ନ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ, କର୍ପୋରେଟର, ଜାଗମରା ଗ୍ରାମ୍ୟ କମିଟି, ଜାଗମରା ଯାତ୍ରା କମିଟି, ଖଣ୍ଡଗିରି କୁମ୍ଭମେଳା କମିଟି, କମିଶନରେଟ୍ ପୁଲିସ, ଟ୍ରାଫିକ ପୁଲିସ, ଅଗ୍ନିଶମ, ୱାଟକୋ, ଟିପିସିଡିଓଏଲ୍, ଆର୍ ଆଣ୍ଡ ବି, ଟ୍ୟୁରିଜିମ୍, ଏନ୍‌ଏଚଏଆଇ, ଏଏସ୍‌ଆଇ ଆଦି ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।



## ପୁନରୁଦ୍ଧାର ହେଉନି ରାଇରଙ୍ଗପୁର ସହରର ନାଳ

# ଅନାବନା ଗଛ ଓ ମାଟିରେ ପୋତିଗଲାଣି ମହାନାଳ

■ ଜଳ ନିଷ୍କାସନରେ ସାଜୁଛି ବାଧକ
■ ପୌରପାଳିକାର ଅବହେଳା ପାଇଁ ଧନ୍ଦୀ ହେଉଛନ୍ତି ଲୋକେ
■ ବର୍ଷାଦିନେ ବେହାଲ ହେଉଛି ରାଇରଙ୍ଗପୁର





ରାଇରଙ୍ଗପୁର, ୨।୧(ସମିସ): ବହୁ ପୁରାତନ ରାଇରଙ୍ଗପୁର ସହରରେ ପୌରପାଳିକା କାର୍ଯ୍ୟଧାରାରେ ଅବହେଳା ଯୋଗୁଁ ସହରବାସୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାଇରଙ୍ଗପୁର ସହର ମଧ୍ୟରେ ଥିବା ନାଳ, ମହାନାଳ ବର୍ଷ ବର୍ଷ ଧରି ପୁନରୁଦ୍ଧାର ହେଉନାହିଁ। ଫଳରେ ଜଳ ନିଷ୍କାସନରେ ସମସ୍ୟା ସୃଷ୍ଟି ହେଉଛି। ସହର ମଧ୍ୟରେ ପ୍ରବାହିତ ହେଉଥିବା ନାଳ, ମହାନାଳ ସ୍ଥିତି ଶୋଚନୀୟ ହୋଇପଡ଼ିଲାଣି। ରାଇରଙ୍ଗପୁର ପୌରପାଳିକା ନିଜର ବାସ୍ତବତା କାର୍ଯ୍ୟଠାରୁ ଦୂରେଇ ଯିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ନାଳ, ମହାନାଳ ସଫେଇ କାର୍ଯ୍ୟ ହେବାର ବର୍ଷ ବର୍ଷ ବିତିଯିବାରୁ ତାହା କାଳକ୍ରମେ ପୋତି ହୋଇଗଲାଣି। କ୍ରମାଗତ ଭାବେ ପୌରପାଳିକା ପକ୍ଷରୁ ଅନବନା ଗଛ କଟା ନ ଯିବା, ମାଟି ଓ ପଙ୍କ ଆଦି ସଫେଇ କରି ପୁନରୁଦ୍ଧାର ହେଉନାହିଁ। ଉଦ୍ଧାର କାର୍ଯ୍ୟ ଓ ଜବରଦଖଲ ଉଚ୍ଛେଦ ନ ହେବା ଫଳରେ ବର୍ତ୍ତମାନ ସ୍ଥିତି ଅଣାୟତ୍ତ ହୋଇପଡ଼ିଛି।

ମହାନାଳ ଉପରେ ବର୍ତ୍ତମାନ ସମୟରେ କିଛି ଜମି ମାଫିଆ ଓ ସ୍ୱାର୍ଥବାଦୀ ଲୋକଙ୍କ ଲୋଲୁପ ଦୃଷ୍ଟି ମଧ୍ୟ ପଡ଼ିଛି। ଧୀରେ ଧୀରେ ଜଳସ୍ରୋତକୁ ମାଟି ପକାଇ ସଙ୍କୁଚିତ କରି ଜବରଦଖଲ କରି ନିଜ ଆୟତ୍ତକୁ ନେଇସାରିଲେଣି। ଫଳରେ ସାମାନ୍ୟ ବର୍ଷା ହେଲେ ନାଳ ଓ ମହାନାଳର ପାଣି ପ୍ରବାହିତ ହେବାରେ ଅସୁବିଧା ହେବା ସହ ନାଳ ଓ ମହନାଳ ସଂଲଗ୍ନ ଅଞ୍ଚଳର ଲୋକଙ୍କ ଘରେ ନର୍ଦ୍ଦମା ପାଣି ପଶି ପୂତି ଗନ୍ଧମୟ ପରିବେଶ ସୃଷ୍ଟି କରୁଛି।ର ରାଇରଙ୍ଗପୁର ପୌରପାଳିକା ଅନ୍ତର୍ଗତ ୱାର୍ଡ ନମ୍ବର ୯, ଇଚିଣ୍ଡା ଫାଟକରୁ ବଜାରକୁ ଯିବା ମୁଖ୍ୟ ରାସ୍ତାରେ ଏଭଳି ସମସ୍ୟା ସୃଷ୍ଟି ହେଉଛି। ରାଇରଙ୍ଗପୁର ପୌରପାଳିକା ଅନ୍ତର୍ଗତ ସମସ୍ତ ୱାର୍ଡରୁ ନିଷ୍କାସିତ ଦୂଷିତ ଜଳ, ବର୍ଷାଜଳ ସମସ୍ତ ଡ୍ରେନରେ ଯାଇ ଉକ୍ତ ନାଳ, ମହାନାଳରେ ମିଶୁଛନ୍ତି। ଉକ୍ତ ଜଳ ମହାନାଳ ହୋଇ ନଦୀରେ ମିଶୁଛି। ପୌରପାଳିକା ପକ୍ଷରୁ ଏହାର ମାଷ୍ଟର ପ୍ଲାନ କରି ସମସ୍ତ ନାଳ ଓ ମହାନାଳ ଖନନ କରି ଗାଡୱାଲ, ପ୍ୟାଚିଂ କାର୍ଯ୍ୟ ସମ୍ପନ୍ନ କରି ଏହାର ପୁନରୁଦ୍ଧାର କରିବା ନିହାତି ଆବଶ୍ୟକ ଅଟେ।

ଅନ୍ୟପକ୍ଷରେ ଜବରଦଖଲକାରୀ ଯାଞ୍ଚ କରି ଉଚ୍ଛେଦ କରିବା ପ୍ରତି ପ୍ରଶାସନ ସ୍ଥାଣୁତା ପାଇଁ ମହାନାଳର ଶଯ୍ୟା ସଙ୍କୁଚିତ ହେଲାଣି। ଉପରମୁଣ୍ଡରୁ ବୋହି ଆସୁଥିବା ମାଟି ବାଲିରେ ଶଯ୍ୟା ପୋତି ହେବା ସହିତ ବୁଦା ଓ ଗଛ ଉଠି ପ୍ରବାହ ଜଳରାଶିର ବାଧକ ସାଜିଛି। ଯାହାଫଳରେ ସାମାନ୍ୟ ବର୍ଷାରେ ସ୍ଥିତି ବେହାଲ ହେଉଛି। ରାଇରଙ୍ଗପୁର ପୌରପାଳିକା ଲୋକ ଦେଖାଣିଆ ଡ୍ରେନ ସଫେଇ କାର୍ଯ୍ୟ ଜାରି ରଖିଥିବାବେଳେ ମହାନାଳ ପୁନରୁଦ୍ଧାର କାର୍ଯ୍ୟ ହେଉନାହିଁ। ଏ ନେଇ ପ୍ରକଳ୍ପ ପ୍ରସ୍ତୁତ ସହିତ ଟେଣ୍ଡର ପ୍ରକ୍ରିୟା ବିଭାଗ କରି ଖନନ, ସଫେଇ କାର୍ଯ୍ୟ ଠପ୍ ହୋଇପଡ଼ିଛି। ଫଳରେ ରାଇରଙ୍ଗପୁରର ସମସ୍ତ ସହରବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁନରୁଦ୍ଧାର କାର୍ଯ୍ୟ ହେଉ ନ ଥିବାରୁ ଉଦବୃତ୍ତ ଦୂଷିତ ଜଳ ସମାନ୍ୟ ବର୍ଷାରେ ଲୋକଙ୍କ ଘରକୁ ପ୍ରବେଶ କରୁଛି। କେତେକ ସ୍ଥାନରେ ଜନସାଧାରଣ ବାଧ୍ୟ ହୋଇ ନିଜେ ନିଜେ ନାଳ ସଫା କରିବାକୁ ବାଧ୍ୟ ହେଉଛନ୍ତି। ପୌରପାଳିକା ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣ ଟ୍ୟାକ୍ସ ଦେଉଥିବାବେଳେ ପୌରପାଳିକା ଏଥିପ୍ରତି ଦୃଷ୍ଟି ନ ଦେବା ଅପାରଗତାର ପରିଚୟ ଦେଇଛି। ଯାହା ପାଇଁ ସହରବାସୀ ସଭିଏଁ ନାକେଦମ ହୋଇଛନ୍ତି। ଉକ୍ତ ସମସ୍ୟା ନେଇ ସ୍ଥାନୀୟ ଜନପ୍ରତିନିଧି ମଧ୍ୟ ଏଥିପ୍ରତି ତିଳେ ହେଲେ ନିଘା ଦେଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏଭଳି ନାଳ, ମହାନାଳ ପୋତି ହେବା କାରଣରୁ ରାଇରଙ୍ଗପୁର ସହର ଆଗକୁ ଜଳ ନିଷ୍କାସନ ନେଇ ବଡ଼ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି। ଯାହାକୁ ନେଇ ବହୁ ଲୋକେ କ୍ଷତିଗ୍ରସ୍ତ ହେବା ସହ ବହୁ କଷ୍ଟର ସମ୍ମୁଖୀନ ହେବେ। ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନିଜସ୍ୱ ଜିଲ୍ଲାରେ ଏଭଳି ଅବସ୍ଥା ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଅଟେ। ବିଭାଗୀୟ ନିରବତା ପାଇଁ ସାଧାରଣ ଜନତା ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ସମସ୍ୟାର ତୁରନ୍ତ ସମାଧାନ ହେବାର ଆବଶ୍ୟକତା ରହିଛି। ନଚେତ ରାଇରଙ୍ଗପୁର ସହରବାସୀ ଯନ୍ତ୍ରଣା ଭୋଗିବାର ଆଶଙ୍କା ରହିଛି।

## କଳିଙ୍ଗନଗର ଗୁଳିକାଣ୍ଡ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି



ଶରତ, ୨।୧(ସମିସ):୨୦୦୬ ଜାନୁଆରୀ ମାସ ୨ ତାରିଖ ଦିନ ଯାଜପୁର ଜିଲ୍ଲା କଳିଙ୍ଗନଗର ଅଞ୍ଚଳରେ ଟାଟା କମ୍ପାନୀ ସ୍ଥାପନ କରାଯିବା ନିମନ୍ତେ ଜମି ଅଧିଗ୍ରହଣ କରାଯାଉଥିବା ସମୟରେ ସେଠାକାର ଆଦିବାସୀ ସମ୍ପ୍ରଦାୟର ଲୋକେ ଓ ପୁଲିସ ପ୍ରଶାସନ ମଧ୍ୟରେ ସଂଘର୍ଷ ଘଟିଥିଲା। ପୁଲିସ ଆନ୍ଦୋଳନକାରୀଙ୍କ ଉପରେ ଗୁଳି ଚଳାଇବାରୁ ୧୪ ଜଣରୁ ଅଧିକ ଆଦିବାସୀ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ ଓ ପ୍ରାୟ ୪୦ ଜଣରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିଲେ। ପ୍ରତ୍ୟେକ ବର୍ଷ ଆଜିର ଦିନରେ ସେଠାକାର ଆଦିବାସୀ ସମ୍ପ୍ରଦାୟର ଲୋକେ ଏକତ୍ରିତ ହୋଇ ସେମାନଙ୍କ ସମ୍ମାନାର୍ଥେ ସହିଦ ଦିବସ ପାଳନ କରିଥା'ନ୍ତି। ଏହି ୨୦ତମ ସହିଦ ଦିବସ ପାଳନ ଅବସରରେ ଆଜି ଶରତ ବିକାଶ ମଞ୍ଚର ସଦସ୍ୟ ଉକ୍ତ ସହିଦ ସ୍ଥଳକୁ ଯାଇ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବିକାଶ ମଞ୍ଚ ସଭାପତି ଗାମାଏ ରୀମିଲ ଗୋଇପାଇ, ଯୁଗ୍ମସମ୍ପାଦକ ନବୀନ ମୁଣ୍ଡରୀ, ତୁରାମ ବୁଳିଉଲି, ମାଣ୍ଡୁଆଲ ଗୋଇପାଇ ପ୍ରମୁଖ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମୟୂରଭଞ୍ଜ ମିଶ୍ରଣ ଦିବସ



ବାରିପଦା, ୨।୧(ସମିସ):ମୟୂରଭଞ୍ଜ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସଭାପତି ପ୍ରଦୀପ୍ତ କିଶୋର ପଣ୍ଡାଙ୍କ ସଭାପତିତ୍ୱରେ ସ୍ଥାନୀୟ କଲ୍ୟାଣୀ ମହିଳା ସମିତି ସଭାଗୃହରେ ମୟୂରଭଞ୍ଜ ମିଶ୍ରଣ ଦିବସ ପାଳିତ ହୋଇଯାଇଛି। ଭଞ୍ଜଶାସନରେ ମୟୂରଭଞ୍ଜର ବିକାଶ ଓ ଐତିହ୍ୟ ଅତୁଳନୀୟ ବୋଲି ଅଭିହିତ କରି ସ୍ୱାଧୀନତା ପରେ ଜିଲ୍ଲାକୁ ବାରମ୍ବାର ପ୍ରତାରିତ ଓ ଅବହେଳିତ କରାଯାଉଥିବାରୁ ସମସ୍ତେ କ୍ଷୋଭ ପ୍ରକାଶ କରିଛନ୍ତି। ଜିଲ୍ଲାରେ ପ୍ରଚୁର ଖଣିଜ ଓ ଜଙ୍ଗଲ ସମ୍ପଦ ଥିଲେ ମଧ୍ୟ ଏସବୁକୁ ଏପର୍ଯ୍ୟନ୍ତ କୌଣସି ସରକାର ଦୃଷ୍ଟି ଦେଉ ନ ଥିବା ଆଲୋଚନା ହୋଇଥିଲା। ଏପରିକି ରାଜତନ୍ତ୍ର ସମୟର ଶିଳ୍ପ ବନ୍ଦ ହୋଇଯାଇଥିଲେ ମଧ୍ୟ ସେଗୁଡିକର ପୁନରୁଦ୍ଧାର ହୋଇନାହିଁ। ମୁଖ୍ୟଅତିଥି ଭାବେ ପୂର୍ବତନ ମୟୂରଭଞ୍ଜ ସାଂସଦ ଇଂ ରାମଚନ୍ଦ୍ର ହାଁସଦା, ମୁଖ୍ୟବକ୍ତା ଭାବେ କବି ବିଷ୍ଣୁ ଶତପଥୀ, ଅତିଥି ଭାବେ ଶଶୀପ୍ରଭା ବିନ୍ଧାଣିଙ୍କ ସହିତ ଆଡଭୋକେଟ ବସନ୍ତ ମହାନ୍ତ, କୈବଲ୍ୟ ପ୍ରସାଦ ମହାପାତ୍ର, ରବିନାରାୟଣ ଚ୍ୟାଉପଟ୍ଟନାୟକ, ଡ. ପ୍ରକାଶ ଚନ୍ଦ୍ର ଦାଶ, ଡ. ଯତୀନ୍ଦ୍ର ନାଥ ସିଂହ ଯୋଗ ଦେଇଥିଲେ। ଡ. ସୁଶାନ୍ତ କୁମାର ପାତ୍ର ସଭା ପରିଚାଳନା କରିଥିବାବେଳେ ସାଧାରଣ ସମ୍ପାଦକ ଡ ଶ୍ୟାମସୁନ୍ଦର ଦାସ ଅତିଥି ପରିଚୟ ଓ କୁମାର ରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରି ଥିଲେ।

## ଶ୍ରଦ୍ଧାଞ୍ଜଳି ସଭା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ



ବଡ଼ସାହି, ୨।୧(ସମିସ): ମାନଗୋବିନ୍ଦପୁର ପଞ୍ଚାୟତ ନୁଣକୁଆ ଗ୍ରାମର ପ୍ରକୃତିପ୍ରେମୀ ସମାଜସେବୀ ସ୍ୱର୍ଗତ ଯଦୁନାଥ ବେହେରା ଗଛଲତା ଓ ପ୍ରକୃତିକୁ ପ୍ରାଣଭରି ଭଲ ପାଉଥିବାରୁ ତାଙ୍କର ପ୍ରଥମ ବାର୍ଷିକ ଶ୍ରାଦ୍ଧ ଦିବସରେ ବୃକ୍ଷରୋପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ନିମନ୍ତ୍ରିତ ଅତିଥି, ପୁଅଝିଅ, ଆତ୍ମୀୟସ୍ୱଜନ। ସ୍ୱର୍ଗତଃ ଯଦୁନାଥ ବେହେରାଙ୍କ ପୁତ୍ର ସରୋଜ କୁମାର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ଇଣ୍ଟରନ୍ୟାସନାଲ ନେଚରପ୍ୟାଥି ଅର୍ଗାନାଇଜେସନ ଓଡ଼ିଶାର ଉପସଭାପତି ତଥା ଭାରତୀୟ ରେଡକ୍ରସ ସୋସାଇଟିର ଭାଇସ ପେଟ୍ରୋନ ଡକ୍ଟର ରମାକାନ୍ତ ମହାନ୍ତ, ବିଶିଷ୍ଟ ଅତିଥି ଭାବେ ଇଂ ସରୋଜ କୁମାର ଦେ, ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ଅର୍ପିତା ଜେନା, ମୁଖ୍ୟବକ୍ତା ଭାବେ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବେତନଟୀ ସେବା କେନ୍ଦ୍ର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ବନିତା, ସମ୍ମାନିତ ବକ୍ତା ଭାବେ ଅଧ୍ୟାପକ ସୁଧାଂଶୁ ବେହେରା, ସାମ୍ବାଦିକ ଦୀପକ କୁମାର ମହାନ୍ତ, ଶିକ୍ଷକ ସତ୍ୟରଞ୍ଜନ ଦୁର୍ଗା, ଶିକ୍ଷୟିତ୍ରୀ ଶୁଚିସ୍ମିତା ଜେନା, ଶିକ୍ଷୟିତ୍ରୀ ରୀତାରାଣୀ ଦେ, ପ୍ରମିଳା ଜେନା, ଶରତ କୁମାର ଜେନା ପ୍ରମୁଖ ଯୋଗଦାନ କରି ସ୍ୱର୍ଗତ ଯଦୁନାଥ ବେହେରା ଜଣେ ମିଷ୍ଟଭାଷୀ, ପରୋପକାରୀ, ଧର୍ମପ୍ରାଣ, ପ୍ରକୃତିପ୍ରେମୀ ବ୍ୟକ୍ତି ଥିଲେ ବୋଲି ପ୍ରକାଶ କରିଥିଲେ। ସ୍ୱର୍ଗତ ଯଦୁନାଥ ବେହେରାଙ୍କ ପତ୍ନୀ ହେମଲତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼ସାହି ଓ ଭୀମଦା ଲ୍ୟାମ୍ପସରେ ଧାନମଣ୍ଡି ଉଦ୍‌ଘାଟିତ



ବଡ଼ସାହି, ୨।୧(ସମିସ): ବଡସାହି ବ୍ଲକ ଅଧୀନ ବଡସାହି ଲ୍ୟାମ୍ପସ ଓ ଭୀମଦା ଲ୍ୟାମ୍ପସରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ଏଥିରେ ବଡ଼ସାହି ବିଧାୟକ ସନାତନ ବିଜୁଳି, ଲ୍ୟାମ୍ପସ ସଭାପତି ଲକ୍ଷ୍ମୀ ସିଂ, ଏମଡି ଭଗବାନ ସାମନ୍ତରାୟ, ବ୍ଲକ କୃଷି ଅଧିକାରୀ, ପିପିଓ କାର୍ତ୍ତିକ ଚନ୍ଦ୍ର ପରିଡ଼ା, ଲ୍ୟାମ୍ପସର ସମସ୍ତ ନିର୍ଦ୍ଦେଶକ, ଚାଷୀ କମିଟି ସଦସ୍ୟଙ୍କ ସମେତ ବହୁ ଚାଷୀ ଉପସ୍ଥିତ ରହି ବିଧବଦ୍ଧ ଭାବେ ଏହି ମଣ୍ଡିର ଉଦଘାଟନ କରିଛନ୍ତି। ବିଧାୟକ ପୂର୍ବ ବର୍ଷମାନଙ୍କରେ ମଣ୍ଡିକୁ ନେଇ ଉପୁଜିଥିବା ସମସ୍ୟା ଚଳିତ ବର୍ଷ ନ ଉପୁଜିବ, ତାହା ଉପରେ ଗୁରୁତ୍ୱ ଦେବାକୁ କହିଛନ୍ତି। ବିଶେଷକରି ଧାନ କଟ୍‌ନୀ ଛଟନି, ମିଲରଙ୍କ ମନମାନି ଏସବୁ ଦିଗ ଉପରେ ନଜର ଦେବାକୁ ସ୍ପେସାଲ ଟାସ୍କଫୋର୍ସ ଗଠନ କରାଯାଇଛି। ଯାହାକି ଚଳିତ ବର୍ଷ ମଣ୍ଡିରେ ଧାନ କିଣାରେ କୌଣସି ସମସ୍ୟା ହେବ ନାହିଁ ବୋଲି ସୂଚନା ଦେଇଛନ୍ତି। ଏତଦବ୍ୟତୀତ କୌଣସି ଚାଷୀଙ୍କ ଟୋକନ ଯେପରି ବାଦ୍ ପଡ଼ି ନ ଯାଏ, ସେଥିପ୍ରତି ଧ୍ୟାନ ଦେବାକୁ କହିଛନ୍ତି। କ୍ଷୁଦ୍ର ଚାଷୀଙ୍କ ଧାନକୁ ପ୍ରଥମେ ଅଗ୍ରାଧିକାର ଦିଆଯିବ ଓ ମଣ୍ଡିରେ କିପରି ସଠିକ ଭାବେ ଧାନ କ୍ରୟ ହୋଇପାରିବ, ସେ ନେଇ ପ୍ରଶାସନ ସଜାଗ ଥିବା ଜଣାଯାଇଛି। ପ୍ରଥମ ଦିନରେ ବଡ଼ସାହି ଲ୍ୟାମ୍ପସରୁ ଆପୂର୍ବା ମିଲ ୪ ଜଣ ଚାଷୀଙ୍କଠାରୁ ୧୯ ୯.୩୧ କ୍ୱିଣ୍ଟାଲ ଓ ସିଦ୍ଧିବିନାୟକ ମିଲ୍ ଭୀମଦା ଲ୍ୟାମ୍ପସରୁ ୫ ଜଣ ଚାଷୀଙ୍କଠାରୁ ୧୮ ୯.୧୬ କ୍ୱିଣ୍ଟାଲ ଧାନ ସଂଗ୍ରହ କରିଥିବା ଜଣାଯାଇଛି।

## ଶିଶୁ ସାହିତ୍ୟିକ କୁମାର ବାବୁଲି ସମ୍ମାନିତ



ବଡ଼ସାହି, ୨।୧(ସମିସ): ବଲାଙ୍ଗୀର ଜିଲ୍ଲାର କଣ୍ଟାବାଞ୍ଜିଠାରେ ଅନୁଷ୍ଠିତ ନିର୍ଝରିଣୀ ଓ ଓଡ଼ିଶା ଶିଶୁକିଶୋର ଶିଶୁ ସାହିତ୍ୟ ଏକାଡେମୀ ଭୁବନେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ୧୪ତମ ବାର୍ଷିକ ଜାତୀୟସ୍ତରୀୟ ଶିଶୁ ସାହିତ୍ୟ ସାରସ୍ୱତ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡକ୍ଟର ରାମଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଫେସର ଡକ୍ଟର ଦାଶ ବେନହୁର, ଡକ୍ଟର ଧନଞ୍ଜୟ ସ୍ୱାଇଁ, ଡକ୍ଟର ବୀରେନ୍ଦ୍ର ମହାନ୍ତି, ଡକ୍ଟର ରମେଶ ପତ୍ରୀ, ଡକ୍ଟର ବନ୍ଦନା ହରିଚନ୍ଦନ, ଡକ୍ଟର ଯୁଗଳ କିଶୋର ଷଡ଼ଙ୍ଗୀ, ଡକ୍ଟର ଉଦୟ କିରୋଲା (ଉତ୍ତରାଖଣ୍ଡ) ଅତିଥି ରୂପେ ଯୋଗଦେଇ ଡକ୍ଟର କୁମାର ବାବୁଲିଙ୍କୁ ସଫଳ ସମ୍ପାଦକ ଓ ଶିଶୁ ସାହିତ୍ୟିକ ଭାବେ ସମ୍ମାନିତ କରିଥିଲେ। ପିତା ଉତ୍କଳରତ୍ନ ସ୍ୱର୍ଗତଃ ପଣ୍ଡିତ ଲକ୍ଷ୍ମୀଧର ରାଉତଙ୍କ ସହଚର୍ଯ୍ୟରେ ଆସି ସେ ଦୀର୍ଘଦିନରୁ ଶିଶୁ ସାହିତ୍ୟ ଉପରେ ଲେଖନୀ ଚାଳନା କରିଆସୁଥିବାବେଳେ ୧୯୮୮ରୁ ଓଡ଼ିଆ ମାସିକ ଶିଶୁ କିଶୋର ପତ୍ରିକା 'ଆମ ସୁନାଚାନ୍ଦ' ପ୍ରକାଶ କରିଆସୁଛନ୍ତି। ପାଞ୍ଚବର୍ଷ ହେଲା ଓଡ଼ିଶାର ଏକମାତ୍ର ମାସିକ ହିନ୍ଦୀ ଶିଶୁ ପତ୍ରିକା 'କାକଳୀ' ପ୍ରକାଶ କରି ବେଶ୍ ସଫଳତା ହାସଲ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ପିଲାଙ୍କ ପାଇଁ ତାଙ୍କର ୬ଟି ପୁସ୍ତକ ପ୍ରକାଶ ପାଇ ପିଲାଙ୍କର ପ୍ରିୟ ହୋଇପାରିଛି। ରାଜ୍ୟ ଓ ଜାତୀୟ ସ୍ତରରେ ସେ ବହୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ରାଜ୍ୟ ଓ ଜାତୀୟ ସ୍ତରର ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ଥିବାବେଳେ ସେ ରାଜ୍ୟସ୍ତରୀୟ ଅନୁଷ୍ଠାନ ବାଣୀପୀଠର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି। ଏତଦ୍‌ବ୍ୟତୀତ ସାହିତ୍ୟ ପତ୍ରିକା 'ପଲ୍ଲୀପ୍ରଭା'ର ମୁଖ୍ୟ ସମ୍ପାଦକ ଅଟନ୍ତି। ତାଙ୍କୁ ସଫଳ ସମ୍ପାଦକ ଓ ଶିଶୁ ସାହିତ୍ୟିକ ସମ୍ମାନ ମିଳିଥିବାରୁ ବାଣୀପୀଠ, ଆମ ସୁନାଚାନ୍ଦ ଜାତୀୟ ଶିଶୁ ସାହିତ୍ୟ ସଂସ୍ଥାନ, ଦୀନଦୁଃଖିନୀ ପାଠାଗାର, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଓଡ଼ିଆ ଲେଖକ ପରିଷଦ, ରାଷ୍ଟ୍ରଭାଷା ସାହିତ୍ୟ ସଂସ୍କୃତି ଏକାଡ଼େମୀ ଓ କାଶୀନାଥ ବିଦ୍ୟାପୀଠ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## କୁଳିଅଣା ଲ୍ୟାମ୍ପ୍‌ସରେ ଧାନମଣ୍ଡି ଉଦ୍‌ଘାଟିତ



କୁଳିଅଣା, ୨।୧(ସମିସ): ଚଳିତ ଖରିଫ ବର୍ଷ ୨୦୨୫-୨୬ ପାଇଁ ଓଡ଼ିଶା ସରକାରଙ୍କ ଖାଦ୍ୟ ଓ ସଂଗ୍ରହଣ ନୀତି ପରିପ୍ରେକ୍ଷୀରେ ଧାନର ଅଭାବୀ ବିକ୍ରି ରୋକିବା ଓ ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଯୋଗାଇ ଦେବା ନିମନ୍ତେ ଆଜି କୁଳିଅଣା ଲ୍ୟାମ୍ପ୍‌ସରେ ଧାନମଣ୍ଡି ଉଦଘାଟିତ ହୋଇଯାଇଛି। କୁଳିଅଣା ବ୍ଲକ ୮ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଦୁର୍ଗାଚରଣ ମାରାଣ୍ଡି ମୁଖ୍ୟଅତିଥି ଭାବେ ଯୋଗଦେଇ ଅନୁଷ୍ଠାନିକ ଭାବେ ମଣ୍ଡିକୁ ଉଦଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୯ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଆନନ୍ଦ ଚନ୍ଦ୍ର ଟୁଡୁ, ଅତିରିକ୍ତ ତହସିଲଦାର ପ୍ୟାରୀମୋହନ ହେମ୍ବ୍ରମ, କୁଳିଅଣା ଯୋଗାଣ ନିରୀକ୍ଷକ ଉତ୍କଳିକା ନାଏକ, କୁଳିଅଣା ରାଜସ୍ୱ ନିରୀକ୍ଷକ ଅଜିତ କୁମାର ସିଂହ, ଲ୍ୟାମ୍ପସ ସଭାପତି ଶରତ ଚନ୍ଦ୍ର ନାଏକ, ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ ନାଏକ, ବରିଷ୍ଠ ସମବାୟବିତ ତଥା ନିର୍ଦ୍ଦେଶକ ସୁଧାଂଶୁ କୁମାର ପାଣିଗ୍ରାହୀ, ଧାନ କ୍ରୟ କମିଟି ସଦସ୍ୟ ପଦ୍ମଲୋଚନ ସାହୁ, ବରିଷ୍ଠ ଚାଷୀ ବ୍ରଜମୋହନ ସାହୁ ପ୍ରମୁଖଙ୍କ ସହ ଲ୍ୟାମ୍ପ୍‌ସର ସମସ୍ତ ନିର୍ଦ୍ଦେଶକ ଉପସ୍ଥିତ ଥିଲେ। କୁଆବୁଡ଼ାସ୍ଥ ଏସଏସଏମ ଧାନ ମିଲର ଚାଷୀଙ୍କଠାରୁ ଧାନ କ୍ରୟ କରିଥିଲେ। ପ୍ରଥମ ଦିନରେ ୭ ଜଣ ଚାଷୀଙ୍କଠାରୁ ୨୦୦ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା। ଧାନ ର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଲ୍ୟାମ୍ପ୍‌ସର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## କୁଳପତିଙ୍କ ସହ ଏମ୍‌ସିଏଏମ୍ ଅଧ୍ୟକ୍ଷଙ୍କ ସୌଜନ୍ୟମୂଳକ ସାକ୍ଷାତ



ବାରିପଦା, ୨।୧(ସମିସ): ଶୁକ୍ରବାର ପୂର୍ବାହ୍ନରେ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରମୋଦ କୁମାର ଶତପଥୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ସୌଜନ୍ୟମୂଳକ ସାକ୍ଷ୍ୟାତ କରିଛନ୍ତି। ଏ ଅବସରରେ ଶ୍ରୀ ନାୟକ କୁଳପତିଙ୍କୁ ବୃକ୍ଷ ଓ ପୁଷ୍ପଗୁଚ୍ଛ ଦେଇ ନବବର୍ଷର ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସମ୍ପର୍କିତ ବିଭିନ୍ନ ଗଠନମୂଳକ ଆଲୋଚନା କରିଥିଲେ। ଶ୍ରୀ ନାୟକ ପୂର୍ବରୁ ଏହି ବିଶ୍ୱବିଦ୍ୟାଳୟର ସିନେଟ ଓ ଏକାଡେମୀକ କାଉନସିଲର ସଦସ୍ୟ ଥିଲେ। ଶ୍ରୀ ନାୟକ ରେଜିଷ୍ଟାର ଡ. ସୁନୀତା ସିଂ ଓ ପିଜି କାଉନସିଲ ଅଧ୍ୟକ୍ଷଙ୍କୁ ମଧ୍ୟ ସାକ୍ଷ୍ୟାତ କରି ଆଲୋଚନା କରିଥିଲେ। ଶ୍ରୀ ନାୟକଙ୍କ ସହ ଏମସିଏଏମର ଆଡମିନଷ୍ଟ୍ରେଟିଭ ବରସାର ତଥା ବିଏଏଲଏଲବି ବିଭାଗ ମୁଖ୍ୟ ଜ୍ଞାନରଞ୍ଜନ ପଣ୍ଡା, ଅଧ୍ୟାପକ ସମ୍ବିତ କୁମାର ମିଶ୍ର, ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର ସୁଶ୍ରୀ ନାୟକ ଓ ରେଡକ୍ରସ ଅଧିକାରିଣୀ ପୂଜା ଶତପଥି ମଧ୍ୟ କୁଳପତିଙ୍କୁ ଭେଟି ନବବର୍ଷର ଶୁଭେଚ୍ଛା ଜଣାଇଥିଲେ।

## ଟାଇଟନ ଡେନ୍ ଫିଟନେସ ଜୋନ୍ ଜିମ୍ ଉଦ୍‌ଘାଟିତ

ବାରିପଦା, ୨।୧(ସମିସ): ସ୍ଥାନୀୟ ମଧୁବନଠାରେ ଟାଇଟନ ଡେନ୍ ଫିଟନେସ ଜୋନ୍ ନାମକ ଜିମ୍ ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ବାରିପଦା ପୌରପାଳିକା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ, ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଓ ସମାଜସେବୀ କାଶୀନାଥ ରଣା ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଫିତା କାଟି ଜିମ୍‌କୁ ଉଦଘାଟନ କରିଥିଲେ। ବର୍ତ୍ତମାନ ଯୁବଗୋଷ୍ଠୀଙ୍କ ମଧ୍ୟରେ ସୁନ୍ଦର ସ୍ୱାସ୍ଥ୍ୟକୁ ନେଇ ଅନେକ ଉତ୍ସାହ ଥିବାବେଳେ ଏହାକୁ ଦୃଷ୍ଟିରେ ରଖି ଜିମ୍ ଖୋଲାଯାଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ବାରିପଦା ସହରର ପ୍ରମୁଖ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ସୁନ୍ଦରସ୍ୱାସ୍ଥ୍ୟ ନେଇ ସମସ୍ତଙ୍କୁ ନିୟମିତ ବ୍ୟାୟାମ କରିବା ପାଇଁ ଅତିଥିମାନେ ଉପଦେଶ ଦେଇଥିଲେ। ଲୋକଙ୍କ ଚାହିଦାକୁ ଦେଖି ଆଧୁନିକ ଶୈଳୀରେ ଜିମ୍ ଉପକରଣ ସହ ଟ୍ରେନରଙ୍କୁ ନେଇ ଏହା ଆରମ୍ଭ ହୋଇଛି। ଦେବାଶିଷ ବେହେରା, ଲକ୍ଷ୍ମୀକାନ୍ତ ବେହେରା, ଜୟପ୍ରକାଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ବନାଞ୍ଚଳସ୍ତରୀୟ ଗଜସାଥୀ ତାଲିମ ଶିବିର





କପ୍ତିପଦା, ୨।୧(ସମିସ): କପ୍ତିପଦା ବନାଞ୍ଚଳ ପରିସରରେ ବନାଞ୍ଚଳସ୍ତରୀୟ ଗଜସାଥି ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ବାରିପଦା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରୁ ସହକାରୀ ବନ ସଂରକ୍ଷକ ସେଖ ମେହର୍ ବାନ ଅଲ୍ଲୀ ଉପସ୍ଥିତ ରହି ହାତୀଙ୍କ ସୁରକ୍ଷା ପାଇଁ କେଉଁ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ, ତାହା ଆଲୋଚନା କରିଥିଲେ। କିପରି ହାତୀଙ୍କୁ ବୈଦ୍ୟୁତିକ ଚାର୍ଜ ନ ଲାଗିବ, ହାତୀଙ୍କୁ ସୁରକ୍ଷିତ ରଖିବା ସହ ହାତୀଙ୍କ କବଳରୁ ଲୋକଙ୍କୁ ସୁରକ୍ଷିତ ରଖିବା ସେହି ବିଷୟରେ ତାଲିମ ଦେଇଥିଲେ। ହାତୀର ସୁରକ୍ଷା ଓ ହାତୀଙ୍କଠାରୁ ଜନଜୀବନ ସୁରକ୍ଷାକୁ ମୁଖ୍ୟତଃ ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ। ଅନୁକମ୍ପା ମାଧ୍ୟମରେ କିପରି ସହଯୋଗ କରାଯାଇପାରିବ, ସେହି ବିଷୟରେ ଆଲୋଚନା କରିଥିଲେ। କପ୍ତିପଦା ବାନାଞ୍ଚଳ ଅଧିକାରୀ ଅଚ୍ୟୁତାନନ୍ଦ ଦାସ ଉପସ୍ଥିତ ରହି ଗଜସାଥିଙ୍କୁ ତାଙ୍କ ଦାୟିତ୍ୱ ସମ୍ବନ୍ଧରେ କହିଥିଲେ। ଗଜସାଥୀ କିପରି ଗାଁ ଲୋକ ଓ ବନ ବିଭାଗ ମଧ୍ୟରେ ଭଲ ସମ୍ପର୍କ ସ୍ଥାପନ କରିବେ, ସେହି ବିଷୟରେ ଆଲୋଚନା କରିଥିଲେ। ଉକ୍ତ ତାଲିମ ଶିବିରରେ ୫୦ ଜଣ ଗଜସାଥି ଉପସ୍ଥିତ ଥିଲେ। ବନାଞ୍ଚଳ ଅଧୀନରେ କାର୍ଯ୍ୟରତ ବନପାଳ, ବନରକ୍ଷୀ, କ୍ଷେତ୍ର ସଂଯୋଜକଙ୍କ ସହିତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। କପ୍ତିପଦା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମପଞ୍ଚାୟତରୁ ସରପଞ୍ଚଙ୍କ ଉପସ୍ଥିତରେ ଗଜସାଥିଙ୍କୁ ତାଙ୍କ ପୋଷାକ, ଆଲୋକ ପ୍ରଦାନ କରାଯାଇଥିଲା।



## ରାଜଧାନୀ ଉପକଣ୍ଠରେ ବିସ୍ମୟ ପଥର

# ଜଙ୍ଗଲ ମଝିରେ ବଢୁଛି ପଥର, ବଢୁଛି ବିଶ୍ୱାସ!

ଭୁବନେଶ୍ୱର, ୨।୧(ସମିସ): ବିଶ୍ୱାସ ଅବିଶ୍ୱାସ ଆଉ ଅନ୍ଧବିଶ୍ୱାସ। ସବୁ ପରେ ବି ରହିଛି ବିଜ୍ଞାନ ଆଉ ତାର କାରଣ। ଆଖିରେ ନ ଦେଖିଲା ଯାଏଁ କାହା ପାଇଁ କେବଳ ଗପ ନହେଲେ ପରୀ ରାଇଜର କଥା। ହେଲେ ଦେଖିବା ଲୋକ ତା ପଛରେ ଲାଗିଥାଏ ତା'ର କାରଣ ଖୋଜୁଥାଏ।

- **ସମୟ ସହ ପଥର ବୃଦ୍ଧି ପାଉଥିବା ଗ୍ରାମବାସୀଙ୍କ ବିଶ୍ୱାସ**
- **ଜଙ୍ଗଲ ଭିତରେ ଜମୁଛି ଭୋଜିଭାତର ଆସର**

ସେମିତି ଏକ କଥା ବିଶ୍ୱାସ ଯୋଗ୍ୟ ନ ହେଲେ ବି ସତ। ପଥର କାହା ପାଇଁ ସିନା ଅଟଳ, ସ୍ଥିର ହେଲେ ଏଠାରେ ବୃଦ୍ଧି ପାଇବାରେ ଲାଗିଛି ଏକ ଚମତ୍କୃତ ପଥର। ଯାହା ସାଧାରଣରେ ଆଲୋଚନା ସାଙ୍ଗକୁ ଆକର୍ଷଣ ସାଜିଛି।

ଏଭଳି କିଛି ଆକର୍ଷଣ ଦେଖିବାକୁ ମିଳୁଛି ଭୁବନେଶ୍ୱର ଉପକଣ୍ଠବର୍ତ୍ତୀ ଗାଁ ଦାସପୁର ଅଞ୍ଚଳରେ ପରିଲକ୍ଷିତ ହେଉଛି। କିଏ ତାକୁ ବିଶ୍ୱାସର ପ୍ରତୀକ ତ କିଏ ଚମ୍ତକାରୀ ପଥର ବୋଲି ଆଖ୍ୟା ଦେଉଛନ୍ତି। ଯେଉଁଠି ବର୍ଷ ବର୍ଷ ଧରି ପୂଜା ପାଉଛନ୍ତି ମା ବଡ ପଥର ଦାରିଆଣୀ। କଥାଟି ହେଲା ସହରଠୁ ୭ଶହ ୮ କିମି



ଦୂରରେ ଅର୍ଥାତ ଉପକଣ୍ଠବର୍ତ୍ତୀ ଦାସପୁର ଅଞ୍ଚଳରେ ଅବସ୍ଥିତ। ଏହି ସ୍ଥାନଟି ପଥର ତାରିଣୀ ଭାବେ ପରିଚିତ। ଯେଉଁଠି ପୂଜା ପାଆନ୍ତି ମା ବଡ଼ ପଥର ଦାରିଆଣୀ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ସମୟ ସହ ପଥରର ଆକାର ଧୀରେ ଧୀରେ ବୃଦ୍ଧି ପାଉଛି। ସ୍ଥାନୀୟ ଲୋକଙ୍କ ମତରେ ଶହ ଶହ ବର୍ଷ ଧରି ସେହି ପଥରଟି ସେଠାରେ ପୂଜା ପାଇ ଆସୁଛି। ଏହି ସ୍ଥାନଟି ଗାଁ ନିକଟ ଜଙ୍ଗଲ ଭିତରେ ଅବସ୍ଥିତ। ତେଣୁ ଲୋକମାନେ ଏଠାରେ ସାଧାରଣତଃ ବୁଲିବାକୁ, ବଣଭୋଜି ତଥା ପିକନିକ୍ କରିବାକୁ ଆସିଥାନ୍ତି। ସହରଠୁ ଟିକେ ଦୂରରେ ଥିବାରୁ ଅଧିକାଂଶ ଲୋକ ଏହି ସ୍ଥାନ ବିଷୟରେ ଜାଣି ନାହାନ୍ତି। ହେଲେ ଯେଉଁମାନେ ଏଠାକୁ ବୁଲିବାକୁ ଆସନ୍ତି, ଗ୍ରାମବାସୀଙ୍କଠୁ ପଥରର ବୃଦ୍ଧି ହେଉଥିବା କଥା ଶୁଣି ଆଶ୍ଚର୍ଯ୍ୟ ହୋଇଥାନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଏହି ପଥରକୁ କନ୍ଦା ପଥର ବୋଲି କୁହାଯାଏ। ଯାହା ଧୀରେ ଧୀରେ ବଢ଼ି ଚାଲିଛି।

ଏ ସମ୍ପର୍କରେ ଭାରତୀୟ ଭୂବୈଜ୍ଞାନିକ ସର୍ବେକ୍ଷଣ ସଂସ୍ଥା ଭୁବନେଶ୍ୱର ୟୁନିଟ୍‌ର ପୂର୍ବତନ ନିର୍ଦ୍ଦେଶକ କେ.ସି ଦାସ କୁହନ୍ତି, ନିୟମ କୁହେ ଆଖପାଖ ପରିବେଶ ଅନୁଯାୟୀ ଶହେ ବର୍ଷରେ ଗୋଟିଏ ପଥର ମାତ୍ର ଏକ ମିଲି ମିଟର ହିଁ ବଢ଼ିପାରେ ବା ତାର ସମ୍ଭାବନା ରହିଥାଏ। ଯଦି ଏଠାରେ ଟେଟୋନିକ ଫୋର୍ସ ବା ଭୂଚଳନ ଶକ୍ତି ଥିଲେ ଏହା ସମ୍ଭବ ହୋଇଥାନ୍ତି। ହେଲେ ଏଠାରେ ସେପରି କିଛି ଶକ୍ତିର ଆଭାସ ନାହିଁ। ଏହି କନ୍ଦା ପଥର ସାଧାରଣତଃ ମନ୍ଦିର ନିର୍ମାଣ କାର୍ଯ୍ୟରେ ଲାଗିଥାଏ। ଏପରି ପଥର ଖଣ୍ଡଗିରି ଏବଂ ଉଦୟଗିରିରେ ମଧ୍ୟ ଦେଖିବାକୁ ମିଳେ। ତେଣୁ ପଥର ଦାରିଆଣୀ ସ୍ଥାନରେ ଯେଉଁ ପଥର ବଢୁଥିବା କଥା କୁହାଯାଉଛି, ସେଠାରେ ଥିବା ପଥର ଚାରିପାଖରୁ ଧୀରେ ଧୀରେ ମାଟି ଧୋଇବା କାରଣରୁ ଏହି ପଥର ଉପରକୁ ଆସୁଥିବା କୁହାଯାଇପାରେ। ଫଳରେ ସ୍ଥାନୀୟ ଲୋକଙ୍କୁ ଏହାର ଆକାର ବଢୁଥିବା ଭଳି ଲାଗୁଛି ବୋଲି ସେ କହିଥିଲେ।

## ପୁଣ୍ୟତିଥିରେ ବିଜେଡି ପକ୍ଷରୁ ମହତାବଙ୍କୁ ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର, ୨।୧(ସମିସ): ହରେକୃଷ୍ଣ ମହତାବଙ୍କ ପୁଣ୍ୟତିଥି ଉପଲକ୍ଷେ ହରେକୃଷ୍ଣ ମହତାବ ପାଠାଗାର ଓ ବିଜେବି ନଗରଠାରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ସଞ୍ଚାଳନ କରିଥିଲେ। ପ୍ରଥମେ ମହତାବଙ୍କ ଜୀବନୀ ଉପରେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ ଶିକ୍ଷାବିତ୍ କାମଦେବ ମହାପାତ୍ର। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ମନୋରଞ୍ଜନ ମହାନ୍ତି, ଆନନ୍ଦ ସାମଲ, ପ୍ରିୟ ରଞ୍ଜନ ଦାସ, ଚିରଞ୍ଜିବୀ ଜେନା, ପ୍ରଧାପକ ରମେଶ ଚନ୍ଦ୍ର ପାତାଳ ସିଂ, ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ଲିଙ୍ଗରାଜ ଷଡ଼ଙ୍ଗୀ, ସୋନାଲି ଶୁଭଦର୍ଶିନୀ, ଶ୍ରଦ୍ଧାଞ୍ଜଳି ବେହେରା ପ୍ରମୁଖ ଯୋଗଦେଇ ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅମିତ୍ ପାତାଳ ସିଂ ଧନ୍ୟବାଦ୍ ଦେଇଥିଲେ।

## ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପୁରାତନ ଛାତ୍ର ସଂସଦର ବୈଠକ



ଭୁବନେଶ୍ୱର, ୨।୧(ସମିସ): ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପୁରାତନ ଛାତ୍ର ସଂସଦ ପକ୍ଷରୁ ଇଂରାଜୀ ନବବର୍ଷ ଅବସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ, ସମ୍ପାଦକ ରମେଶ ଚନ୍ଦ୍ର ପାତାଳ ସିଂ, କୋଷାଧ୍ୟକ୍ଷ ବିଜୟ କୁମାର ରାଉତ, କାର୍ଯ୍ୟକାରୀ ସଦସ୍ୟ ଚକ୍ରଧର ଦାଶ, ଉପଦେଷ୍ଟା ପ୍ରଦୀପ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଫେସର ଗୋସ୍ୱାମୀ ବିଭିନ୍ନ ଶିକ୍ଷା ସଂସ୍ଥାନ ତଥା କେନ୍ଦ୍ରିୟ ବିଦ୍ୟାଳୟ ସଂଗଠନ, ଜବାହାର ନବୋଦୟ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ ଶିକ୍ଷକ ନିଯୁକ୍ତି ପ୍ରତିଯୋଗିତାରେ ସଫଳତା ପାଇଁ ଛାତ୍ର ସଂସଦ ଦ୍ୱାରା ଯୋଗ୍ୟ ପ୍ରଶିକ୍ଷକର ବ୍ୟବସ୍ଥା କରିବା ପାଇଁ ମତ ପ୍ରକାଶ କରିଥିଲେ।

## କୃପାସାଗର ସାହୁଙ୍କ 'ଶ୍ରୀରାଧା' ପାଠକାର୍ପିତ



ଭୁବନେଶ୍ୱର, ୨।୧(ସମିସ): କଥାକାର ତଥା ଔପନ୍ୟାସିକ ଏବଂ ଭାରତୀୟ ରେଳ ଟ୍ରାଫିକ୍ ସେବାର ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ କୃପାସାଗର ସାହୁଙ୍କ ଗଳ୍ପ ସଙ୍କଳନ 'ଶ୍ରୀରାଧା' ଓ କୁସୁମିତା ସାହୁଙ୍କ ଇଂରାଜୀ ଶିଶୁ ଗଳ୍ପ ସଙ୍କଳନ 'ସାଧବ ଷ୍ଟୋରିଜ୍' ଗୁରୁବାର ବୁଦ୍ଧ ମନ୍ଦିର ପରିସରରେ ପାଠକାର୍ପିତ ହୋଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୂର୍ତ୍ତିଦେବୀ ଓ ଶାରଳା ପୁରସ୍କାର ପ୍ରାପ୍ତ କବି ହରପ୍ରସାଦ ଦାସ ଶ୍ରୀରାଧାଙ୍କ ରହସ୍ୟମୟ ଚରିତ୍ରକୁ ବିଶ୍ଳେଷଣ କରିଥିଲେ। ଉତ୍ସବରେ ମୁଖ୍ୟବକ୍ତାଭାବେ ପ୍ରାବନ୍ଧିକା ଡ. ବାସନ୍ତୀ ମହାନ୍ତି, ସମ୍ମାନିତ ଅତିଥିଭାବେ ସାହିତ୍ୟିକ ପ୍ରବୀର ପଟ୍ଟନାୟକ ଓ ଅନୁବାଦିକା ମାଳବିକା ପଟେଲ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲେଖକ ରାଧାମୋହନ ମହାପାତ୍ର, ପ୍ରାବନ୍ଧିକ ପୀତବାସ ରାଉତରାୟ, ପ୍ରିୟବ୍ରତ ପାତ୍ର, ବରିଷ୍ଠ କବି ନିରାକାର ଦାସ, ଶତଦ୍ରୁର ସମ୍ପାଦକ ଉପେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କବି ଓ ସ୍ତମ୍ଭକାର ଶ୍ରୁତକୀର୍ତ୍ତି ତ୍ରିପାଠୀ ଏହି ଉତ୍ସବକୁ ପରିଚାଳନା ଓ ସଂଯୋଜନା କରିଥିଲେ।

## ଦ୍ୱିତୀୟ ଦିନରେ ନନ୍ଦନକାନନରେ ୨୦ ହଜାର ପର୍ଯ୍ୟଟକ

ନନ୍ଦନକାନନ, ୨।୧(ସମିସ):ନୂଆବର୍ଷର ଦ୍ୱିତୀୟ ଦିନରେ ବି ନନ୍ଦନକାନନରେ ପର୍ଯ୍ୟଟକ ଭିଡ଼ ଜମିଥିଲା। ଶୁକ୍ରବାର ୨୦ହଜାର ୧୭୦ଜଣ ପର୍ଯ୍ୟଟକ ନନ୍ଦନକାନନ ବୁଲିବାକୁ ଟିକେଟ କାଟିଥିଲେ। ଅଫଲାଇନରେ ୧୬୬୪୮, ଅନଲାଇନ(ସଞ୍ଚାର)ରେ ୮୦୯, ହ୍ୱାଟଆପରେ ୨୦୨୧, ରୋପୱେରେ ୧୧ଜଣ ଟିକଟ ସଂଗ୍ରହ କରିଥିବାବେଳେ ନିଃଶୁଳ୍କ ୬୮୧ଜଣ ପର୍ଯ୍ୟଟକ ବୁଲିଥିଲେ। ସେହିପରି ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ଆଜି ୬୫୫ଜଣ ପର୍ଯ୍ୟଟକ ବୁଲି ଆସିଥିଲେ ବୋଲି ନନ୍ଦନକାନନ ପକ୍ଷରୁ ସୂଚନା ମିଳିଛି।

## ଲକ୍ଷ୍ମୀସାଗରରେ ସାଇ ଭଜନ ସନ୍ଧ୍ୟା



ଭୁବନେଶ୍ୱର, ୨।୧(ସମିସ): ପ୍ରତିବର୍ଷ ଭଳି କେ-୧ ଏଣ୍ଟରଟେନମେଣ୍ଟ ପକ୍ଷରୁ ଅନୁଷ୍ଠାନର ଅଧ୍ୟକ୍ଷ ମାନସ ଚୌଧୁରୀଙ୍କ ଆବାହକତ୍ୱରେ ୧୫ତମ ବିଶାଳ ସାଇ ଭଜନ ସନ୍ଧ୍ୟା ଭୁବନେଶ୍ୱର ଲକ୍ଷ୍ମୀସାଗର ମେଳଣ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ୫.୧୫ରେ ସନ୍ଧ୍ୟା ଆରତି ହୋଇ ୬ ଟାରେ ଭଜନ ଆରମ୍ଭ ହୋଇଥିଲା। ରାତି ପ୍ରାୟ ୧୦.୩୦ ମିନିଟ୍ ପର୍ଯ୍ୟନ୍ତ ଏହି ଭଜନ କାର୍ଯ୍ୟକ୍ରମ ଚାଲିବା ସହ ଏଥିରେ ହଜାର ହଜାର ସାଇ ଭକ୍ତ ଅଂଶ ଗ୍ରହଣ କରି ସାଇ ଭଜନ ଶ୍ରବଣରେ ନିଜକୁ ହଜାଇ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପିସିସି ସଭାପତି ଭକ୍ତ ଚରଣ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେବାସହିତ ତାଙ୍କର ସହଧର୍ମିଣୀ ସୁନନ୍ଦା ଦାସ ମଧ୍ୟ ଯୋଗ ଦେଇଥିଲେ। ମେ ଫେୟାର ଗ୍ରୁପର ଡାଇରେକ୍ଟର ପୂଜା ରାୟ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପୂର୍ବତନ ବିଧାୟକ ସମୀର ରାଉତରାୟ, ମଧ୍ୟମ ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା, କର୍ପୋରେଟର ଭରତ କୁମାର ଲେଙ୍କା, ମଞ୍ଜୁ ପରିଡ଼ା, ନବଜ୍ୟୋତି ପଟ୍ଟନାୟକ, ବିଶ୍ୱଜିତ ଦାସ, ରଣଜିତ ପାତ୍ର, ୟାସିର ନୱାଜ, ସିଦ୍ଧାର୍ଥ ଦାସ, ଅମୀୟ ପାଣ୍ଡବଙ୍କ ସମେତ ବହୁ ବିଶିଷ୍ଟ ଓ ରାଜନୈତିକ ବ୍ୟକ୍ତି ବିଶେଷ ଯୋଗ ଦେଇ ସାଇ ଭଜନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

କାର୍ଯ୍ୟକ୍ରମରେ ଜୱାନ କ୍ଲବର ସଭାପତି ମାନସ ରାଉତ, ଗୋପବନ୍ଧୁ କ୍ଲବ ସଭାପତି ଶରତ ଚନ୍ଦ୍ର ସାହୁ, ଲକ୍ଷ୍ମୀସାଗର ମେଳଣ ସଭାପତି ରମେଶ ଚନ୍ଦ୍ର ନାୟକ ଓ ସମାଜସେବୀ ଶ୍ରୀନିବାସ ରାଉତ, ସମୀର ରାଉତ ଓ ଜ୍ୟୋସ୍ନା ସେନାପତିଙ୍କୁ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ସୂଚାରୁ ରୂପେ ସମ୍ପାଦନ ପାଇଁ ସହଯୋଗ କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଡାକ୍ତର ସେବା ମହାପାତ୍ର ଓ ଦେବଦାସ ଛୋଟରାୟଙ୍କୁ 'ବୋଉ ମଣିଷ ସମ୍ମାନ'

ଭୁବନେଶ୍ୱର, ୨।୧(ସମିସ): ଶୁକ୍ରବାର ବୋଉ ଫାଉଣ୍ଡେସନ୍ ପକ୍ଷରୁ ଜୟଦେବ ଭବନରେ 'ବୋଉ ଦିବସ' ପାଳିତ ହୋଇଯାଇଛି। ସାରା ବିଶ୍ୱରେ 'ଶ୍ରୀଜଗନ୍ନାଥ' ନାମ ଉଚ୍ଚାରଣରେ ଯେପରି ଓଡ଼ିଆ ଓଡ଼ିଆ ଭାବ ମହକି ଉଠେ, ସେଇଭଳି ଦ୍ୱିତୀୟ ଓଡ଼ିଆ ମହକିଲା ଓଡ଼ିଆର ପରିଚିତି ଶବ୍ଦ ହେଉଛି 'ବୋଉ' ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଡାକ୍ତର ସେବା ମହାପାତ୍ର ଏବଂ ଦେବଦାସ ଛୋଟରାୟଙ୍କୁ 'ବୋଉ ମଣିଷ ସମ୍ମାନ-୨୦୨୬'

**ଏକାଦଶ ରାଜ୍ୟସ୍ତରୀୟ 'ବୋଉ ଦିବସ'**



ପ୍ରଦାନ କରାଯାଇଥିଲା। ଏହାସହ ୧୧ଜଣ ବୋଉଙ୍କୁ ସ୍ୱର୍ଗତା ଉମାରାଣୀ ଶତପଥୀ ସ୍ମାରକୀ ବୋଉ ପ୍ରଣାମ ସମ୍ମାନରେ ସମ୍ମାନିତା କରାଯାଇଥିଲା। ସେହିପରି ସ୍ୱର୍ଗତ ଗୋଷାମଣି ଦେବୀ ସ୍ମାରକୀ ବୋଉ ଆବେଗବାର୍ତ୍ତା ସମ୍ଭାରର ୫୦ଜଣ ଶ୍ରେଷ୍ଠ ଶିଶୁ ଏବଂ କିଶୋର ବାର୍ତ୍ତାବାହକଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଅତିଥି ଭାବେ ସୌମ୍ୟରଞ୍ଜନ ପଟ୍ଟନାୟକ, ପ୍ରଶାନ୍ତ ନନ୍ଦ, ବିଧାୟକ ବାବୁ ସିଂ, ରାଜନେତା ଗୋଲକ ମହାପାତ୍ର, ଶ୍ରୀମତୀ ତୃପ୍ତି ଦାସ, ଅପରାଜିତା ମହାନ୍ତି, ସଭାମୁଖ୍ୟ ଦାଶ ବେନହୁର, ସ୍ୱର୍ଗତା ଉମାରାଣୀ ଶତପଥୀଙ୍କ ସୁପୁତ୍ର ପ୍ରଦ୍ୟୁମ୍ନ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସିଦ୍ଧାର୍ଥ ମିଶ୍ର, ଛନ୍ଦା ମିଶ୍ର ବୋଉ ସମର୍ପିତ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମକୁ ଫାଉଣ୍ଡେସନ୍‌ର ଅଧ୍ୟକ୍ଷା ସଂଯୁକ୍ତା ଦାଶ, ସହ ପ୍ରତିଷ୍ଠାତ୍ରୀ ସସ୍ମିତା ଦାଶ, ଟ୍ରଷ୍ଟି ଜ୍ୟୋସ୍ନା ସେନାପତି ପ୍ରମୁଖ ପରିଚାଳନା କରିଥିବା ବେଳେ ସରୋଜିନୀ ପାଣି ସଞ୍ଚାଳନ କରିଥିଲେ ଏବଂ ସମସ୍ତ କାର୍ଯ୍ୟକ୍ରମକୁ ପରିକଳ୍ପନା କରିଥିଲେ ବୋଉ ଫାଉଣ୍ଡେସନର ପ୍ରତିଷ୍ଠାତା ଅତିଶ ମହାନ୍ତି।

## 'ବିନାଶାୟା ଦୃଷ୍କୃତା' ମଞ୍ଚସ୍ଥ | ନ୍ୟାୟ ନୁହେଁ; କେବଳ ତାରିଖ ମିଳେ

ଭୁବନେଶ୍ୱର, ୨।୧(ସମିସ): କେଉଁଠି ନ୍ୟାୟକୁ ଅପେକ୍ଷା କରି ଚାଷୀମାରୁଛି ତ ଆଉ କେଉଁ ଦିନ ଗଡ଼ି ଯାଉଛି ହେଲେ ନ୍ୟାୟ ମିଳୁନି। କ୍ୟାଲେଣ୍ଡରରେ ତାରିଖ ପରେ ତାରିଖ ଉପରେ ପଡ଼ିଯାଉଛି। ଏମିତି



ଏକ କାହାଣୀ ଉପରେ ଆଧାରିତ ନାଟକ 'ବିନାଶାୟା ଦୃଷ୍କୃତା' ଶୁକ୍ରବାର ଭଞ୍ଜକଳା ମଣ୍ଡପରେ ମଞ୍ଚସ୍ଥ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସାଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଙ୍ଘର ମିଳିତ ଅନୁକୂଲ୍ୟରେ ନାଟ୍ୟଧାରା ପକ୍ଷରୁ ଆୟୋଜିତ ଏହି ନାଟକକୁ ନାଟ୍ୟସଂସ୍କୃତିର ଅନୁଷ୍ଠାନ ରଙ୍ଗଭୂମି ଯାଜପୁର ଦ୍ୱାରା ପ୍ରାୟୋଜିତ ହୋଇଥିଲା। ଏହି ନାଟକକୁ ପ୍ରଫେସର ରାଧାରମଣ ଦାସ ରଚନା କରିଥିବା ବେଳେ ନିର୍ଦ୍ଦେଶନାରେ ପ୍ରଦୀପ୍ତ କୁମାର ସାମଲ(ମଣ୍ଟୁ), ସଙ୍ଗୀତରେ ଅଶୋକ ସାହୁ ରହିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୂର୍ବତନ ସଚିବ ପ୍ରଦୀପ କୁମାର ମିଶ୍ର ଯୋଗ ଦେଇଥିବା ବେଳେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ମଞ୍ଚ ଅଭିନେତା ଶଶି ଭୂଷଣ ପାଣି ଯୋଗଦେଇଥିଲେ। ସଂଘ ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ ସଭା ପରିଚାଳନା କରିଥିଲେ। ଉପ ସଭାପତି ଜିତେନ୍ଦ୍ର କୁମାର ପଟ୍ଟନାୟକ ସଭା କାର୍ଯ୍ୟରେ ସହଯୋଗ କରିଥିଲେ। ସଂଘର ଯୁଗ୍ମ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ। ଶେଷରେ ନାଟକର ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## କଳିଙ୍ଗନଗର କୁଶଳେଶ୍ୱର ମନ୍ଦିରରେ ଭାଗବତ ସପ୍ତାହ



ଭୁବନେଶ୍ୱର, ୨।୧(ସମିସ): କଳିଙ୍ଗନଗର (କେ-୮) କୁଶଳେଶ୍ୱର ମନ୍ଦିରର ପ୍ରତିଷ୍ଠା ଦିବସ ଓ ସପ୍ତାହବ୍ୟାପି ଭାଗବତ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଧାୟକ ବାବୁ ସିଂହ, ସାଂସଦ ଅପରାଜିତା ଷଡ଼ଙ୍ଗୀ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ଏଥିରେ ଆମ ଜଗନ୍ନାଥ ଅନୁଷ୍ଠାନ ସଭାପତି ଡ. ଭୁବନାନନ୍ଦ ଅଧିକାରୀ, ଲିଙ୍ଗରାଜ ଚଇନି ପ୍ରବକ୍ତା ଭାବେ ଯୋଗ ଦେଇଥିଲେ। ମନ୍ଦିର କମିଟି ସଭାପତି କମଳାକାନ୍ତ ପାଣିଗ୍ରାହୀ, ସମ୍ପାଦକ ରବୀନ୍ଦ୍ର କୁମାର ବେଉରିଆ, କୋଷାଧ୍ୟକ୍ଷ ତପନ କୁମାର ସ୍ୱାଇଁଙ୍କ ସମେତ ବିରଞ୍ଚି ଧଳ, ମମତା ଲେଙ୍କା, କବିତା ମହାନ୍ତି, ପ୍ରହ୍ଲାଦ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

## ସିପିଆଇ କାର୍ଯ୍ୟାଳୟରେ କମ୍ରେଡ୍ ବର୍ଦ୍ଧନଙ୍କ ସ୍ମୃତି ଦିବସ



ଭୁବନେଶ୍ୱର, ୨।୧(ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନଠାରେ ପାର୍ଟିର ପୂର୍ବତନ ସାଧାରଣ ସମ୍ପାଦକ କମ୍ରେଡ଼ ଏବି ବନ୍ଧନଙ୍କ ସ୍ମୃତି ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଭଗବତୀ ଭବନଠାରେ ତାଙ୍କର ସ୍ମୃତି ଦିବସ ପାଳନ ଅବସରରେ ପାର୍ଟିର ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର, ରାଜ୍ୟ ସହସମ୍ପାଦକ ଜୟନ୍ତ ଦାସ, ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ସୁର ଜେନା, ଭୁବନେଶ୍ୱର ଅଞ୍ଚଳ ସହସମ୍ପାଦକ ବିଶ୍ୱଜିତ ନାୟକ, ରାଜ୍ୟ କାର୍ଯ୍ୟାଳୟ ସମ୍ପାଦକ ଶିବ ଚରଣ ବେହେରାଙ୍କ ସମେତ ଉପସ୍ଥିତ ସାଥୀ ଓ ସମର୍ଥକମାନେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ବହି ଧରିବା ବୟସରେ ଧରିଛନ୍ତି ଭିକ୍ଷାଥଳି

ଭୁବନେଶ୍ୱର, ୨।୧(ସମିସ): ଦେହରେ ପଡ଼ିଛି ଲୁହାର ଗୋଲ ରିଙ୍ଗ୍ ଆଉ ହାତରେ ରହିଛ ଗୋଟେଏ ଷ୍ଟିଲ୍ ଡାଟିଆ। ବାବୁ ପଇସା ଟେ ଦିଅନ୍ତୁ ମା ପଇସା ଟେ ଦିଅନ୍ତୁ ବୋଲି ଛୋଟ ଛୋଟ ଛୁଆମାନେ ଲୋକଙ୍କ ପଛରେ ଗୋଡ଼ାଇ ଗୋଡ଼ାଇ ଭିକ ମାଗୁଛନ୍ତି। ଯେଉଁ ବୟସରେ ବହି ବସ୍ତାନି ଧରି ସ୍କୁଲରେ ପାଠ ପଢ଼ିବା କଥା ସେହି ବୟସରେ ହାତରେ ରହିଛି ଭିକ ଥାଳି। ଏହି ଛୋଟ ପିଲାମାନେ ଏତେ ବିକଳ ହୋଇ ପଇସା ମାଗୁଛନ୍ତି ଯେ ଚାଲିଯାଉଥିବା ଲୋକ କ୍ଷଣଟେ ରହି ଖୁଚୁରା ପଇସା ଖୋଜୁଛନ୍ତି। ଥିଲେ ଟଙ୍କାଟେ ଦଉଛନ୍ତି ନ ହେଲେ ଚାଲିଯାଉଛନ୍ତି।

ରାଜଧାନୀର ପ୍ରମୁଖ ଗହଳିପୂର୍ଣ୍ଣ ସ୍ଥାନ ମାର୍କେଟ ବିଲ୍ଡିଂ ସହ ବିଭିନ୍ନ ଟ୍ରାଫିକ୍, ଛକ, ପ୍ରମୁଖ ହାଟ ସହ ଛୋଟ ବଡ଼ ମନ୍ଦିର ଆଗରେ ଛୋଟ ଛୁଆମାନେ ବୁଲି ବୁଲି ଭିକ ମାଗୁଛନ୍ତି। ଏହି ପିଲା ସବୁ ଖୋର୍ଦ୍ଧା ପାଖାପାଖି ରହୁଥିବା ବେଳେ ସକାଳୁ ସକାଳୁ ବସ୍‌ରେ ଭୁବନେଶ୍ୱର ଆସି ପହଞ୍ଚି ଯାଉଛନ୍ତି। ଏହି ପିଲାଙ୍କ ସାଙ୍ଗରେ ସେମାନଙ୍କ ବାପା ମା ରହିଥିଲେ ମଧ୍ୟ ସମସ୍ତେ ଅଲଗା ଅଲଗା ଭିକ ମାଗୁଛନ୍ତି। ହେଲେ ଏତେ ଛୋଟ ଛୁଆଙ୍କୁ ଭିଗ ମାଗିବାକୁ ନେଇ ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି।

ସ୍ମାର୍ଟସିଟିକୁ ଭିକାରିମୁକ୍ତ କରିବା ପାଇଁ ବିଏମ୍‌ସି ପକ୍ଷରୁ ୨୦୨୧ ରେ 'ଏକାମ୍ର ନିଳୟ' ଯୋଜନା ଆରମ୍ଭ ହୋଇଥିଲା। ସହରର ୬ଟି ସ୍ଥାନରେ ଅସହାୟ ଲୋକ ଭିକ ମାଗୁଥିବା ବୟସ୍କ ଭିକାରି ମହିଳା ଓ ଭିକମାଗୁଥିବା ଛୋଟ ଛୁଆ, ଭିନ୍ନକ୍ଷମ ଭିକାରି, ବିକୃତ ମାନସିକ ଓ ଦୁର୍ବଳ ମାନସିକ ଲୋକ ଆଦିଙ୍କୁ ରଖା ଯିବାର ବ୍ୟବସ୍ଥା କରାଯାଇଛି। ଏଠାରେ ସେମାନଙ୍କୁ ରହିବା ସହିତ ଖାଦ୍ୟ ଦିଆଯାଉଛି। ଏଥିପାଇଁ ଅନେକ ସ୍ୱେଚ୍ଛାସେବୀ ଓ ସଙ୍ଗଠନ ଏହି କାମରେ ନିଯୋଜିତ ରହିଛନ୍ତି। ହେଲେ ଭିକାରୀଙ୍କ ସଂଖ୍ୟା କମିପାରୁନାହିଁ। ବିଶେଷ କରି ଏବେ ଛୋଟ ଛୁଆମାନେ ବିଭିନ୍ନ ଛକ ବଜାରରେ ବୁଲି ବୁଲି ଭିକ ମାଗୁଛନ୍ତି। ଏହି ପିଲାମାନଙ୍କ ଉପରେ ନା ବିଏମ୍‌ସି ର ଦୃଷ୍ଟି ପଡୁଛି ନା କେଉଁ ସଂଗଠନ କି ଶିଶୁ ବିଭାଗର କାହାର ବି ଦୃଷ୍ଟି ପଡୁନାହିଁ। ଫଳରେ ସହରରେ ଦିନକୁ ଦିନ ଛୋଟ ଛୁଆ ଭିକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଲାଣି।

ଏନେଇ ମାର୍କେଟ ବିଲ୍ଡିଂକୁ ଜିନିଷ କିଣିବାକୁ ଆସିଥିବା ପୁରୁଣା ଭୁବନେଶ୍ୱରର ସଂଗ୍ରାମ ମହାପାତ୍ର କୁହନ୍ତି ଏତେ ଛୋଟ ପିଲାମାନେ ଭିକ ମାଗୁଛନ୍ତି କେମିତି କାହା ଆଖିରେ ପଡୁନାହିଁ। ସମସ୍ତଙ୍କ ପାଇଁ ସବୁ ପ୍ରକାରର ଯୋଜନା ହେଉଛି ହେଲେ ଏହି ଯୋଜନା ଅଧାରୁ ବାଟବଣା ହେଉଛି ବୋଲି ସେ କହିଛନ୍ତି।

**ଭିକ ମାଗୁଛନ୍ତି କୁନି କୁନି ପିଲା**



ସମ୍ବଲପୁର ଜିଲ୍ଲାରେ ଖରିଫ୍ ଧାନକିଣା ଅବ୍ୟବସ୍ଥା ଜାରି

# ଧାନ ବିକିଲା ପରେ ବି ମିଳିନି ପାଉଣା

**ସମ୍ବଲପୁର, ୨।୧ (ସମିସ)**



ଚଳିତ ଖରିଫ୍ ଆରମ୍ଭରୁ ଧାନ ବିକ୍ରୟକୁ ନେଇ ଅବ୍ୟବସ୍ଥା ଲାଗିରହିଛି। ପ୍ରଥମେ ମଣ୍ଡି ଖୋଲିଲା, ମିଲର୍ ଧାନ ଉଠାଇଲେନି। ପୁଣି ଟୋକନ ଆସିଲାନି ଏବଂ ଏପର୍ଯ୍ୟନ୍ତ ପ୍ରାୟ ୧୫୦୦ ଚାଷୀଙ୍କ ପ୍ରଥମ ଟୋକନ ଆସିନାହିଁ। ପୁଣି ଯୋଗାଣ ମନ୍ତ୍ରୀଙ୍କ ଚାଷୀ ବିରୋଧି ମନ୍ତବ୍ୟକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଚାଷୀମାନଙ୍କ ସମସ୍ୟାର ସମାଧାନ ସକାଶେ ଉଦ୍ୟମ କରିବା ପରିବର୍ତ୍ତେ ଯାତ୍ରାପର୍ବରେ ହାତୀ ପିଠିରେ ବସି ବୁଲୁଛନ୍ତି। ଯୋଗାଣ ମନ୍ତ୍ରୀଙ୍କ ମିଛ ମନ୍ତବ୍ୟ ଏବଂ ଅପାରଗ ମୁଖ୍ୟମନ୍ତ୍ରୀଙ୍କୁ ବିରୋଧ କରି ବୁଧବାରଠାରୁ ସମ୍ବଲପୁର ଜିଲ୍ଲାର ବରେଇପାଲି, ସେରସୁଆଁତଲ ଓ ଧମା ଏବଂ ଠେମରା ଓ ଶାସନଠାରେ ଚାଷୀମାନେ ମୁଖ୍ୟମନ୍ତ୍ରୀ ଓ ଯୋଗାଣ ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି। ଏହାସହ ପଞ୍ଜିକୃତ ଜମି ଅନୁରୂପ ଶୀଘ୍ର ଟୋକନ ଜାରିକରିବା ଏବଂ ଆଗକୁ ଜିଲ୍ଲା ଧାନକ୍ରୟ ସମିତି (ଡିଏଲ୍‌ପିସି)କୁ ସମ୍ପୂର୍ଣ୍ଣ କ୍ଷମତା ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ମିଲ୍‌ରେ ଧାନ ଦେବାର ୧୫ ଦିନ ପରେ ବି ଧାନର ମୂଲ୍ୟ ମିଳିନଥିବା ଅଭିଯୋଗ ହୋଇଛି। ଏହି ଅର୍ଥ କୋଟି କୋଟି ଟଙ୍କାର ହେବ ବୋଲି କୁହାଯାଉଛି।ସମ୍ବଲପୁର ଜିଲ୍ଲାରେ ଟୋକନ ଆସିନଥିବାରୁ ଚାଷୀମାନେ ବାରମ୍ବାର ଆନ୍ଦୋଳନ କରୁଛନ୍ତି। ଯେଉଁ ଚାଷୀମାନଙ୍କ ଟୋକନ ଆସିଛି, ସେମାନେ ମଣ୍ଡିକୁ ଯାଇ ସେଠାରୁ ଧାର୍ଯ୍ୟ ହୋଇଥିବା ମିଲ୍‌କୁ ଯାଉଛନ୍ତି। ଦିନ ଦିନ ଧରି ମିଲ୍ ସମ୍ମୁଖରେ ଧାଡ଼ିରେ ରହି ଅନ୍‌ଲୋଡ୍ କରିବା ପର୍ଯ୍ୟନ୍ତ ହଜାର ହଜାର ଟଙ୍କା ଗାଡ଼ି ଭଡ଼ା ଦେଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏହାପରେ ବି ବିକ୍ରୟ ଧାନର ଦେୟ ମିଳିବାରେ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି। ନିୟମାନୁଯାୟୀ ଟୋକନ ନେଇ ମଣ୍ଡିକୁ ଯିବାପରେ ସେଠାରେ ଏଣ୍ଟ୍ରି କରି ମିଲ୍‌କୁ ପଠାଯାଇଥାଏ। ମିଲ୍‌ରେ ଧାନ ଅନ୍‌ଲୋଡ୍ କରିବାପରେ ସେମାନେ ରସିଦ୍ ଧରି ମଣ୍ଡିକୁ ଫେରି ସେଠାରେ ଆଇରିସ୍ ସ୍କାନିଂ କରିଥାନ୍ତି। ମିଲର୍ ମାନେ ଅନ୍‌ଲାଇନ୍ ଜରିଆରେ ଆକ୍ସେପ୍‌ଟାନ୍ସ ପଠାଇଥାନ୍ତି। ଆଇରିସ୍ ସ୍କାନିଂର ୪୮ ଘଣ୍ଟା ମଧ୍ୟରେ ବିକ୍ରୟ ଧାନର ପ୍ରାପ୍ୟ ଚାଷୀର ଆକାଉଣ୍ଟକୁ ଡିବିଟି ଜରିଆରେ ଆସିଯିବା କଥା। କିନ୍ତୁ ଜିଲ୍ଲାର ବହୁସଂଖ୍ୟକ ଚାଷୀଙ୍କ ଦେୟ ୧୫ ଦିନ ପରେ ବି ମିଳିନଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ଏନେଇ ସିଏସଓ ମିଲନ୍ ମାଝି କହିଛନ୍ତି, କେତେକ ଚାଷୀଙ୍କ ପାସବୁକ୍ ସମସ୍ୟା ଥିଲା। ଦୁଇ ଲକ୍ଷରୁ ଅଧିକ ଟଙ୍କା ନେଉନଥିଲା, ସେମାନଙ୍କୁ ବ୍ୟାଙ୍କରେ ଇ-କେୱାଇସି କରିବାକୁ କୁହାଯାଇଛି। ଏହାସହ ଧାନ ବିକ୍ରୟ ପରେ ମିଲର୍ ଆକ୍ସେପ୍‌ଟାନ୍ସ ଗୋଟେ ପ୍ରମୁଖ କାରଣ। ସେଥିରେ ମଧ୍ୟ ବିଳମ୍ବ ହେଉଥାଇପାରେ। ଆମ ପାଖକୁ ଅଭିଯୋଗ ଆସିଲେ ଆମେ ତାହାର ତୁରନ୍ତ ସମାଧାନ କରିବୁ। ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ଚାଷୀର ଟୋକନ ସମସ୍ୟା ଥିଲା, ବହୁତ ଚାଷୀଙ୍କ ପ୍ରଥମ ଟୋକନ ଏଯାଏ ଆସିନାହିଁ। ସମସ୍ୟାର ସମାଧାନ ନହୋଇ ପ୍ରତିଦିନ ନୂଆ ନୂଆ ସମସ୍ୟା ଆସୁଛି। ମିଲର୍ ଷ୍ଟେଟ୍‌ମେଣ୍ଟ ଦେଉ ବା ନଦେଉ ଚାଷୀ ଏବେ ବିକ୍ରୟ ଧାନର ପାଉଣା ନପାଇ ଚାଷୀ ହନ୍ତସନ୍ତ। ଅନ୍ୟପକ୍ଷରେ ଏବେ ଧାନ କିଣାବିକା ମନ୍ଥର ହୋଇଯାଇଛି। କୁଚିଣ୍ଡା ଉପଖଣ୍ଡରେ ପ୍ରାୟ ୫ ଲକ୍ଷ କ୍ୱିଣ୍ଟାଲରୁ ଅଧିକ ଧାନ ମଣ୍ଡି ମାନଙ୍କରେ ପଡ଼ିରହିଛି, ଖୋଲା ଆକାଶ ତଳେ ହାତୀର ଭୟଥିବା ସ୍ଥାନରେ ଚାଷୀମାନେ ଶୀତକାକରରେ ଜଗି ରହିଛନ୍ତି ବୋଲି ଶ୍ରୀ ଠାକୁର ମତବ୍ୟକ୍ତ କରିଛନ୍ତି।



ସମ୍ବଲପୁର : ବଡ଼ବଜାରସ୍ଥିତ ବିଦ୍ୟାଳୟ ସମ୍ମୁଖରେ କୁଢ଼ କୁଢ଼ ଆବର୍ଜନା

## ସମ୍ବଲପୁର-ସରଳା ଆଧୁନିକୀକରଣ ପାଇଁ ଟ୍ରେନ୍ ବାତିଲ

**ସମ୍ବଲପୁର, ୨।୧ (ସମିସ):** ସମ୍ବଲପୁର ରେଳମଣ୍ଡଳର ସମ୍ବଲପୁର- ସରଳା ମଧ୍ୟରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ଟ୍ରେନଗୁଡିକ ବାତିଲ ଏବଂ ଗତିପଥ ପରିବର୍ତ୍ତନ କରାଯାଇଥିବା ସୂଚନା ମିଳିଛି। ଟିଟିଲାଗଡ଼-ବିଳାସପୁର ପାସେଞ୍ଜର ୪ରୁ ୬ ତାରିଖ ପର୍ଯ୍ୟନ୍ତ ବାତିଲ ହୋଇଥିବା ବେଳେ ବିଳାସପୁର-ଟିଟିଲାଗଡ଼ ପାସେଞ୍ଜର ୩ରୁ ୫ ତାରିଖ ପର୍ଯ୍ୟନ୍ତ ବାତିଲ ରହିବ। ସେହିପରି ଟିଟିଲାଗଡ଼-ରାୟପୁର ପାସେଞ୍ଜର ୩ରୁ ୫ ତାରିଖ ପର୍ଯ୍ୟନ୍ତ ଏବଂ ରାୟପୁର-ଟିଟିଲାଗଡ଼ ପାସେଞ୍ଜର ୪ରୁ ୬ ତାରିଖ ପର୍ଯ୍ୟନ୍ତ ବାତିଲ ରହିବ ବୋଲି ସୂଚନା ମିଳିଛି। ସେହିପରି ରାଉରକେଲା-ପୁରୀ ଏକ୍ସପ୍ରେସ ୪ରୁ ୬ ତାରିଖ ପର୍ଯ୍ୟନ୍ତ ସରଳା-ସମ୍ବଲପୁର-ସମ୍ବଲପୁର ସିଟି ରୁଟ୍ ପରିବର୍ତ୍ତେ ସରଳା-ସମ୍ବଲପୁର ସିଟି ରୁଟ୍ ଦେଇ ଚଳାଚଳ କରିବ ଏବଂ ପୁରୀ-ରାଉରକେଲା ଏକ୍ସପ୍ରେସ ୪ ରୁ ୬ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ସିଟି-ସମ୍ବଲପୁର-ସରଳା ରୁଟ୍ ପରିବର୍ତ୍ତେ ସମ୍ବଲପୁର ସିଟି-ସରଳା ରୁଟ୍ ଦେଇ ଚଳାଚଳ କରିବ। ସେହିପରି ବିଶାଖାପାଟଣା-ଅମୃତସର ଏକ୍ସପ୍ରେସ ୬ ତାରିଖରେ ସମ୍ବଲପୁର ସିଟି-ସମ୍ବଲପୁର-ସରଳା ପରିବର୍ତ୍ତେ ସମ୍ବଲପୁର ସିଟି-ସରଳା ରୁଟ୍ ଦେଇ ଚଳାଚଳ କରିବ ବୋଲି ରେଳମଣ୍ଡଳ ପକ୍ଷରୁ ସୂଚାଯାଇଛି।

## ସମ୍ବଲପୁର ଦେଇ ଅଧିକ ବନ୍ଦେ ଭାରତ ଚଳାଚଳ ଦାବି

**ସମ୍ବଲପୁର, ୨।୧ (ସମିସ) :** ବନ୍ଦେ ଭାରତ ଏକ୍ସପ୍ରେସକୁ ୧୫୦ କିଲୋମିଟର ହାରାହାରି ବେଗ ଏବଂ ସମସ୍ତ ସ୍ଲିପର ସୁବିଧା ସହିତ ଚଳାଇବା ନିଷ୍ପତ୍ତିକୁ ସମ୍ବଲପୁର ସିଭିଲ ସୋସାଇଟି ସଭ୍ୟ ପ୍ରଫେସର ଶଙ୍କର ପ୍ରସାଦ ପତି ସ୍ୱାଗତ କରିବା ସହ ରେଳମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହାସହ ବନ୍ଦେ ଭାରତ ଟ୍ରେନ୍ ଭୁବନେଶ୍ୱରରୁ ସମ୍ବଲପୁର ଦେଇ ହାଇଦ୍ରାବାଦ ଏବଂ ରାୟପୁରରୁ ସମ୍ବଲପୁର ଦେଇ ବେଙ୍ଗାଲୁରୁକୁ ଚଳାଇବାକୁ ଅନୁରୋଧ କରିଛନ୍ତି। ପ୍ରଫେସର ପତି ଇ-ମେଲ ମାଧ୍ୟମରେ ରେଳ ବିଭାଗକୁ ଯାତ୍ରୀମାନଙ୍କ ପାଇଁ ସୁରକ୍ଷା ଏବଂ ସୁବିଧା ପାଇଁ ଭିତ୍ତିଭୂମି ଯୋଗାଇ ଦିଆଯିବାକୁ ଅନୁରୋଧ କରିଛନ୍ତି। ଏଥିସହ ବନ୍ଦେ ଭାରତ ଟ୍ରେନ ଗୁଡ଼ିକ ବହୁତ ବିଳମ୍ବରେ ଚାଲୁଛି। ସରକାର ଯେତେବେଳେ ବୁଲେଟ୍ ଟ୍ରେନ ପାଇଁ ନିଷ୍ପତ୍ତି ନେଉଛନ୍ତି, ଟ୍ରାକ୍‌ଗୁଡ଼ିକୁ ପରିବର୍ତ୍ତନ ଏବଂ ଉନ୍ନତ କରିବା ଆବଶ୍ୟକ। ବର୍ତ୍ତମାନ ସରକାର ବନ୍ଦେ ଭାରତ ଟ୍ରେନ୍‌ର ବେଗ ବୃଦ୍ଧି ସହ ସ୍ଲିପର ସୁବିଧା କରିବାକୁ ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ବନ୍ଦେ ଭାରତ ଟ୍ରେନ୍ ଭୁବନେଶ୍ୱରରୁ ସମ୍ବଲପୁର ଦେଇ ହାଇଦ୍ରାବାଦ ଏବଂ ରାୟପୁରରୁ ସମ୍ବଲପୁର ଦେଇ ବେଙ୍ଗାଲୁରୁ ଯାତ୍ରା କଲେ ଅଞ୍ଚଳବାସୀ ଉପକୃତ ହେବେ। ପଶ୍ଚିମ ଓଡ଼ିଶାରେ ଚିକିତ୍ସା ସେବା ବ୍ୟବସ୍ଥା ଦୁର୍ବିସହ ହୋଇପଡ଼ିଛି। ତେଣୁ ଏହି ଅଞ୍ଚଳର ଲୋକେ ରାୟପୁର, ଭୁବନେଶ୍ୱର ଏବଂ ବିଶାଖାପାଟଣା ପହଞ୍ଚିବା ପାଇଁ ସମୟ ନେଇପାରିବେ, ଏପରିକି ବହୁତ ଗୁରୁତର ରୋଗୀ ମଧ୍ୟ ଏୟାର ଲିଫ୍ଟ ସୁବିଧା ପାଇପାରିବେ ବୋଲି ପ୍ରଫେସର ପତି ପତ୍ରରେ ଉଲ୍ଲେଖ କରିଛନ୍ତି।

ଜାନୁଆରୀ ପହିଲାରୁ ନୂଆ ସମୟ ସାରଣୀ ଲାଗୁ

## ଚାଲିବ ସମ୍ବଲପୁର-ବୌଦ୍ଧ-ସମ୍ବଲପୁର ଟ୍ରେନ୍

**ସମ୍ବଲପୁର, ୨।୧ (ସମିସ) :** ନୂଆବର୍ଷରେ ଜାନୁଆରୀ ୧ରୁ ନୂତନ ସମୟ ସାରଣୀ ଜାରି କରିଛି ପୂର୍ବତଟ ରେଳପଥ। ସଂଶୋଧିତ ସମୟସାରଣୀରେ ନୂତନ ଟ୍ରେନ ପ୍ରଚଳନ, ବିଦ୍ୟମାନ ସେବାର ସମ୍ପ୍ରସାରଣ, ଟ୍ରେନ ଚଳାଚଳର ଫ୍ରିକ୍ୱେନ୍ସି ବୃଦ୍ଧି, ଅତିରିକ୍ତ ଷ୍ଟପେଜ୍, ଟ୍ରେନର ଗତି ବୃଦ୍ଧି ଏବଂ କାର୍ଯ୍ୟକ୍ଷମତା ଏବଂ ଯାତ୍ରୀ ସୁବିଧାକୁ ଉନ୍ନତ କରିବା ପାଇଁ ସମୟସାରଣୀର ପରିବର୍ତ୍ତନ ସମେତ ଅନେକ ଯାତ୍ରୀ ଅନୁକୂଳ ପଦକ୍ଷେପ ଅନ୍ତର୍ଭୁକ୍ତ କରାଯାଇଥିବା ସୂଚନା ଦିଆଯାଇଛି। ୬ଟି ଟ୍ରେନ୍ / ୩ ଯୋଡ଼ା ନୂତନ ଟ୍ରେନର ଚଳାଚଳ କରିବ। ତନ୍ମଧ୍ୟରେ ୧୯୦୨୧ / ୧୯୦୨୨ ଉର୍ଦ୍ଧ୍ୱନା-ବ୍ରହ୍ମପୁର-ଉର୍ଦ୍ଧ୍ୱନା (ସାପ୍ତାହିକ); ୧୮୩୧୧ / ୧୮୩୧୨ ସମ୍ବଲପୁର-ବୌଦ୍ଧ-ସମ୍ବଲପୁର (ସାପ୍ତାହିକ) ଏବଂ ୧୮୩୧୩ / ୧୮୩୧୪ ବୌଦ୍ଧ-ଭୁବନେଶ୍ୱରନୂଆ -ବୌଦ୍ଧ (ସାପ୍ତାହିକ) ରହିଛି। ୧୪ଟି ଟ୍ରେନ୍ / ୭ ଯୋଡ଼ା ଟ୍ରେନ ସେବାର ସମ୍ପ୍ରସାରଣ ହେବ। ହାଓଡ଼ା-ଟିଟଲାଗଡ଼-ହାଓଡ଼ା ଏକ୍ସପ୍ରେସ ଜୁନାଗଡ଼ ରୋଡ୍ ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବ। ସେହିପରି ବଲାଙ୍ଗିର-ସୋନପୁର-ବଲାଙ୍ଗିର ଯାତ୍ରୀ ସେବା ପୁରୁଣାକଟକ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି; ଭୁବନେଶ୍ୱର - ସୋନପୁର-ଭୁବନେଶ୍ୱର ସେବା ପୁରୁଣାକଟକ ପର୍ଯ୍ୟନ୍ତ ସମ୍ପ୍ରସାରିତ; ବିଶାଖାପାଟନମ୍ - ଭୁବନେଶ୍ୱର-ବିଶାଖାପାଟନମ୍ ଭୁବନେଶ୍ୱର-ନୂଆ ଷ୍ଟେସନ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି। ଭୁବନେଶ୍ୱର-ସିକନ୍ଦରାବାଦ -ଭୁବନେଶ୍ୱର ବିଶାଖା ଏକ୍ସପ୍ରେସ ଭୁବନେଶ୍ୱର-ନୂଆ ଷ୍ଟେସନ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି। ଛତ୍ରପତି ଶିବାଜୀ ମହାରାଜ ଟର୍ମିନାସ୍-ଭୁବନେଶ୍ୱର- ଛତ୍ରପତି ଶିବାଜୀ ମହାରାଜ ଟର୍ମିନାସ୍ କୋଣାର୍କ ଏକ୍ସପ୍ରେସ ଭୁବନେଶ୍ୱର-ନୂଆ ଷ୍ଟେସନ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି।

କେତେକ ଟ୍ରେନ ଚଳାଚଳରେ ବୃଦ୍ଧି କରାଯାଇଛି। ଉର୍ଦ୍ଧ୍ୱନା - ବ୍ରହ୍ମପୁର-ଉର୍ଦ୍ଧ୍ୱନା ଅମୃତ ଭାରତ ଏକ୍ସପ୍ରେସ ସାପ୍ତାହିକରୁ ବୃଦ୍ଧି କରାଯାଇ ସପ୍ତାହକୁ ତିନି ଦିନ କରାଯାଇଛି। ସେହିପରି ଟ୍ରେନ ଚଳାଚଳ ଦିନରେ ପରିବର୍ତ୍ତନ ମଧ୍ୟ କରାଯାଇଛି। ସିକନ୍ଦରାବାଦ ବିଶାଖାପାଟନମ୍ ସିକନ୍ଦରାବାଦ ବନ୍ଦେ ଭାରତ ବର୍ତ୍ତମାନ ସୋମବାର ବ୍ୟତୀତ ସମସ୍ତ ସପ୍ତାହ ଦିବସରେ ଚଳାଚଳ କରିବ ଏବଂ ରାଉରକେଲା ପୁରୀ-ରାଉରକେଲା ବନ୍ଦେ ଭାରତ ମଙ୍ଗଳବାର ବ୍ୟତୀତ ସମସ୍ତ ସପ୍ତାହ ଦିବସରେ ଚଳାଚଳ କରିବ। ଟ୍ରେନଗୁଡ଼ିକର ନମ୍ବରରେ ପରିବର୍ତ୍ତନ / ପରିବର୍ତ୍ତିତ ନମ୍ବର ଯାହାକି ଜାନୁଆରୀ ପହିଲାରୁ ଲାଗୁ ହୋଇଛି। ଟ୍ରେନଗୁଡ଼ିକର ଗତିରେ ବୃଦ୍ଧି କରାଯାଇଛି। ଅତିରିକ୍ତ ଷ୍ଟପେଜଗୁଡିକର ବ୍ୟବସ୍ଥା - ଲୋଇସିଂହା, ନରଲା ରୋଡ୍, ବୋଲଗଡ଼ ଟାଉନ ପିଏଚ୍, ସାନପଦର ପିଏଚ୍, ତରବୋଇ ପିଏଚ୍, ସାଖିଗୋପାଳ, ନରା ମାର୍ଥାପୁର, ମଞ୍ଚେଶ୍ୱର, ଭୁଷଣ୍ଡପୁର, ବୋଇଣ୍ଡା, ଥେରୁବାଲି, ଆମ୍ବୋଦଲା, ଦେଓଗାଁ ରୋଡ୍, ତାଳଚେର ରୋଡ୍ ଏବଂ ନିର୍ଗୁଣ୍ଡି ସମେତ ବିଭିନ୍ନ ଷ୍ଟେସନରେ ମୋଟ ୫୬ଟି ଟ୍ରେନକୁ ନୂତନ ଷ୍ଟପେଜ୍ ପ୍ରଦାନ କରାଯାଇଛି। ଯାତ୍ରୀମାନଙ୍କୁ ସେମାନଙ୍କ ଯାତ୍ରା ଯୋଜନା କରିବା ପୂର୍ବରୁ ସରକାରୀ ରେଳବାଇ ତଦନ୍ତ ପ୍ରଣାଳୀ ମାଧ୍ୟମରେ ଅପଡେଟ୍ ହୋଇଥିବା ଟ୍ରେନ୍ ସମୟସୂଚୀ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି।

'ମନରେଗା'ରେ ଅନିୟମିତତା

## ମିଥ୍ୟା ହାଜିରା ପକାଇ ଅର୍ଥ ଆତ୍ମସାତ ଅଭିଯୋଗ

**କୁଚିଣ୍ଡା, ୨।୧(ସମିସ)**

କୁଚିଣ୍ଡା ବ୍ଲକ ବାଉରୀଗୋଡା ଗ୍ରାମ ପଞ୍ଚାୟତର ବିଭିନ୍ନ ମନରେଗା ଯୋଜନାର କାମ ଗୁଡିକରେ ମିଥ୍ୟା ହାଜିରା ପକାଇ ବ୍ୟାପକ ଅର୍ଥ ଆତ୍ମସାତ କରାଯାଇଥିବାଅଭିଯୋଗହୋଇଛି।ସମାଜସେବୀ ତଥା ପାରୁଆଭାଡ଼ି ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଜଗଦୀଶ ଖଣ୍ଡେଲୱାଲ ବାଉରୀଗୋଡ଼ା ଗ୍ରାମ ପଞ୍ଚାୟତର ମନରେଗା ଯୋଜନାର ବିଭିନ୍ନ ଉନ୍ନୟନ କାମର ମଷ୍ଟରରୋଲରେ ମିଥ୍ୟା ହାଜିରା ପକାଇ ବ୍ୟାପକ ଅର୍ଥ ଆତ୍ମସାତ କରାଯାଉଥିବା ଅଭିଯୋଗ ଆଣିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ସମ୍ବଲପୁର ଓରମାସ ଅଧୀନରେ କଲଷ୍ଟର କୋଡିନେଟର ଭାବେ ସୁରଥ ପ୍ରଧାନ ଏବଂ ତାଙ୍କ ସ୍ତ୍ରୀ ସରସ୍ୱତୀ କାମ କରୁଛନ୍ତି ଏବଂ ମାସକୁ ମାସ ନିୟମିତ ଭାବେ ଦରମା ମଧ୍ୟ ନେଉଛନ୍ତି। ତା ସହିତ ସୁରଥ ନିଜ ଗ୍ରାମରେ ଏକ ଜନସେବା କେନ୍ଦ୍ର ଚଳାଉଛନ୍ତି ଏବଂ ସେଠାରେ ପ୍ରତିଦିନ କାମ କରୁଛନ୍ତି। ସେହିପରି ସରସ୍ୱତୀ ନର୍ସ ଟ୍ରେନିଂ ପାଇଁ ଅନେକ ଦିନ ଗ୍ରାମରୁ ବାହାରେ ରହୁଥିଲେ। ଏହା ସତ୍ତ୍ୱେ ବାଉରୀଗୋଡ଼ା ଗ୍ରାମ ପଞ୍ଚାୟତରେ ଚାଲୁଥିବା ଅଧିକାଂଶ ମନରେଗା କାମରେ ଏହି ଦୁହିଁଙ୍କର ହାଜିରା ପକାଯାଇ ହଜାର ହଜାର ଟଙ୍କା ଉଠାଇ ନିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ଏଥିସହ ଏହିପରି ଅନେକ ଲୋକଙ୍କ ଜାଲ ହାଜିରା ପକାଇ ଅର୍ଥ ଆତ୍ମସାତ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଯେଉଁମାନଙ୍କ ନାମରେ ମିଥ୍ୟା ହାଜିରା ପକାଯାଉଛି, ସେମାନେ ଟଙ୍କା ପାଉଛନ୍ତି ନା ସେମାନଙ୍କ ନାମରେ ଉଠାଯାଉଥିବା ଟଙ୍କାକୁ ଅନ୍ୟ କେହି ନେଉଛନ୍ତି, ତାହା ତଦନ୍ତ ସାପେକ୍ଷ। ଏହି ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀ ଖଣ୍ଡେଲୱାଲ ସମ୍ବଲପୁର ଜିଲ୍ଲାପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗପତ୍ର ପଠାଇ ଦାବି କରିଛନ୍ତି। ତେବେ ଏ ବାବଦରେ ମତାମତ ପାଇଁ ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ଏଡିଇଓ ନିଳୀମା ଦାସଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ସମସ୍ତ ମଷ୍ଟରରୋଲକୁ ଯାଞ୍ଚ କରି ନ ପାରିବାରୁ ଏପରି ଭୁଲ ହୋଇଛି; ତେବେ ଭବିଷ୍ୟତରେ ଅଧିକ ସତର୍କ ରହିବୁ ଏବଂ ଏପରି ଭୁଲ ଆଉ ହେବ ନାହିଁ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

## ଲୋକ ମହୋତ୍ସବ ରହଣୀ ଉପସମିତିର ବୈଠକ



**ସମ୍ବଲପୁର, ୨।୧ (ସମିସ) :** ସ୍ଥାନୀୟ ପିଏଚଡି ପଡ଼ିଆଠାରେ ୨୮ତମ ଲୋକ ମହୋତ୍ସବ-୨୦୨୬ର ରହଣୀ ଉପସମିତିର ବୈଠକ ଅନୁଷ୍ଠିତ ହୋଇଛି। ଆବାହକ ମହେଶ କୁମାର ପଟେଲ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା କଳାକାର ମାନଙ୍କ ରହଣୀ ଓ ସୁରକ୍ଷା ସହିତ ସେମାନେ ରହୁଥିବା ସ୍ଥାନରେ ଖାଦ୍ୟ, ପାନୀୟ ଜଳ ସୁବନ୍ଦୋବସ୍ତ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସମ୍ବଲପୁରରୁ ସୁଖଦ ଅନୁଭବ ସହିତ କଳାକାରମାନେ ଫେରିବା ପ୍ରତି ଯତ୍ନବାନ ହେବାକୁ ମତପ୍ରକାଶ ପାଇଥିଲା। ବୈଠକରେ ଉପସମିତିର ନୋଡାଲ ଅଧିକାରୀ ବିକାଶ ରଞ୍ଜନ ଶବର, ଉପଦେଷ୍ଟା କମିଟି ସଦସ୍ୟ ଭୋଲା ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସହ ଆବାହକ ଡେଭିଡ୍ କୁମ୍ଭାର ଧନ୍ୟବାଦ ଦେଇଥିଲେ।






## ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ଯୋଗୁଁ ଶିକ୍ଷକଙ୍କ ମୃତ୍ୟୁ ଅଭିଯୋଗ

**କୁଚିଣ୍ଡା, ୨।୧(ସମିସ):** ଆମ୍ବୁଲାନ୍ସ ଆସିବାରେ ଏକ ଘଣ୍ଟା ବିଳମ୍ବ ଯୋଗୁଁ ଜଣେ ଶିକ୍ଷକଙ୍କ ଜୀବନ ଚାଲିଯାଇଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଆସିଛି କେଶେଇବାହାଲ ଗ୍ରାମରେ କଟକ ରୁଦ୍ରପୁର ଅଞ୍ଚଳରୁ। ସୋଲ ଗ୍ରାମରେ ଥିବା ସ୍କୁଲରେ ଶିକ୍ଷକତା କରୁଥିବା ରାହାସ ବିହାରୀ ବ୍ରହ୍ମା (୫୬)ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଶୁକ୍ରବାର ଅପରାହ୍ନରେ ଅଧିକ ଗୁରୁତର ହୋଇଥିଲା। ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଫୋନ କରାଯାଇଥିଲା। ହେଲେ ଆମ୍ବୁଲାନ୍ସ ପ୍ରାୟ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ବିଳମ୍ବରେ ପହଞ୍ଚିଥିଲା। ପରେ ତାଙ୍କୁ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ଚାଲିଥିବା ବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ହୃଦ୍‌ଘାତରେ ତାଙ୍କ ମୃତ୍ୟୁ ହୋଇଥିବା ଡାକ୍ତର କହିଛନ୍ତି। ତେବେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ କରିବାରୁ ଚିକିତ୍ସାରେ ବିଳମ୍ବ ହୋଇଥିଲା। ଯାହାଯୋଗୁଁ ଶିକ୍ଷକ ରାହାସ ବିହାରୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ତେବେ ପରେ ସମ୍ପର୍କୀୟଙ୍କ ସାହାଯ୍ୟରେ କେଶେଇବାହାଲରେ ଥିବା ଭଡା ଘରକୁ ମୃତଶରୀର ନିଆଯାଇଥିବା ଜଣାପଡ଼ିଛି।









## 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ସମାରୋହ ଉଦ୍‌ଯାପିତ

**ସମ୍ବଲପୁର, ୨।୧ (ସମିସ) :** 'ବନ୍ଦେ ମାତରମ୍' ଗୀତର ୧୫୦ ବର୍ଷ ପୂର୍ତ୍ତି ସମାରୋହ ଉଦ୍‌ଯାପନୀ ଅବସରରେ ଆଜି ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ରେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ଆନୁକୂଲ୍ୟରେ ଜୋନାଲ / ମଣ୍ଡଳସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ ଅଧ୍ୟକ୍ଷତା କରିଥିବାବେଳେ ସମ୍ବଲପୁର ଜିଲ୍ଲା ସଂସ୍କୃତି ଅଧିକାରୀ ଅମୃତ ଲାଲ ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ପଣ୍ଡିତ ରଜନୀକାନ୍ତ ମହାପାତ୍ର, ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ଜାମିନୀକାନ୍ତ ମିଶ୍ର, ବନ୍ଦେମାତରମ୍ ପ୍ରଶିକ୍ଷଣ ଯୋଜନାର ପ୍ରଶିକ୍ଷକ ଦିଲ୍ଲୀପ କୁମାର ସିଂଦେଓ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଓଡ଼ିଶା ଏବଂ ପଶ୍ଚିମବଙ୍ଗ ସମ୍ମିଳିତ ପୂର୍ବ କ୍ଷେତ୍ରର କ୍ଷେତ୍ରୀୟ ସେବା ପ୍ରମୁଖ ଦୀପକ କୁମାର ରାଉତ, ବନ୍ଦେମାତରମ୍ ପ୍ରଶିକ୍ଷଣ ଯୋଜନାର ଓଡ଼ିଶା ସହାୟକ ନିରଞ୍ଜନ ପଣ୍ଡା ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ପ୍ରାୟୋଗିକ ଓ ପ୍ରଶିକ୍ଷଣରେ 'ବନ୍ଦେ ମାତରମ୍'ର ପୃଷ୍ଠଭୂମି, ଐତିହାସିକ ବିକାଶ, ସାଂସ୍କୃତିକ ଗୁରୁତ୍ୱ ଓ ଜାତୀୟ ପ୍ରାସଙ୍ଗିକତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଙ୍ଗୀତମୟ ପ୍ରଶିକ୍ଷଣରେ ସ୍ୱରମାଧୁର୍ଯ୍ୟ, ଲୟ, ତାଳ, ସ୍ୱର, ଶୁଦ୍ଧ ଉଚ୍ଚାରଣ, ଠିକ୍ ନୋଟେସନ୍ ଓ ସମନ୍ୱିତ ପ୍ରଦର୍ଶନ ଶୈଳୀ ସମ୍ପର୍କରେ



ପ୍ରାୟୋଗିକ ନିର୍ଦ୍ଦେଶ ଦିଆଯାଇଥିଲା। କର୍ମଶାଳାରେ ଜିଲ୍ଲାସ୍ତରରେ କାର୍ଯ୍ୟକ୍ରମ ପରିକଳ୍ପନା, ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପ୍ରଶିକ୍ଷଣ ବ୍ୟବସ୍ଥା, ରାଜ୍ୟସ୍ତରୀୟ ସମନ୍ୱିତ ଗାୟନ ପ୍ରୋଟୋକଲ୍ ଏବଂ ଦାୟିତ୍ୱ ବଣ୍ଟନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।







# ସହଁରାଟିକ୍ରା ଧାନମଣ୍ଡିରେ ଅବ୍ୟବସ୍ଥା ଦେଖି ଗର୍ଜିଲେ ସ୍ନେହାଙ୍ଗିନୀ

ଭେଡେନ, ୨୧(ସମିସ)



ଭେଡେନ ବ୍ଲକର ବିଭିନ୍ନ ମଣ୍ଡିରେ ପଡ଼ିରହିଛି ହଜାର ହଜାର କ୍ୱିଣ୍ଟାଲ ଧାନ। ବିଭିନ୍ନ ଆଳ ଦେଖାଇ ମିଲର୍ସ, ପେକ୍ସକର୍ମଚାରୀ, ଯୋଗାଣ ବିଭାଗ ଧାନ ଉଠାଉ ନାହାଁନ୍ତି। ଏହି ସବୁର ସମାଧାନ ପାଇଁ ଚାଷୀଙ୍କ ଏହି ଦୁର୍ଦ୍ଦିନରେ ଠିଆ ହେବାପାଇଁ ଆଗେଇ ଆସିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ। ସହଁରା ଟିକ୍ରା ଧାନମଣ୍ଡି ପରିଦର୍ଶନ କରି ଚାଷୀଙ୍କ ସହ ଆଲୋଚନା କରିଛନ୍ତି ଶ୍ରୀ ଛୁରିଆ। ମଣ୍ଡିରେ ଚାଷୀଙ୍କ ଧାନ କିଣାରେ ବିଳମ୍ବ ଓ ଅନିୟମିତତାକୁ ଦେଖି ସେ ଗର୍ଜିବା ସହ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଯଦି ଶିଘ୍ର ଚାଷୀଙ୍କ ଧନ ସରକାର ନ ଉଠାନ୍ତି ତେବେ ସାତ ଆଠ ଦିନ ଭିତରେ ଭୟଙ୍କର ଆନ୍ଦୋଳନ ହେବ। ପରିସ୍ଥିତି ପାଇଁ ସରକାର ଦାୟୀ ରହିବେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ବ୍ଲକର ବିଭିନ୍ନ ମଣ୍ଡିରେ ହଜାର ହଜାର କୁଇଣ୍ଟାଲ ଧାନ ପଡ଼ିରହିଥିବା ବେଳେ ଧାନ ଉଠୁନାହିଁ। ପ୍ରଶାସନ ଓ ମିଲର୍ସଙ୍କ ମଧୁଚନ୍ଦ୍ରିକାରେ ପେସିହେଉଛନ୍ତି ଚାଷୀ। ନିଜର କଷ୍ଟଉପାର୍ଜିତ ଧାନ ବିକ୍ରି ହୋଇପାରୁ ନଥିବାରୁ ଲେବରଙ୍କୁ ଟଙ୍କା ଦେଇପାରୁ ନାହାଁନ୍ତି ଚାଷୀ। ବାଧହୋଇ ମହାଜନଠୁ ସୁଧରେ ଟଙ୍କା ଉଠାଇ ଲେବରଙ୍କୁ ପଇଠ କରିଛିନ୍ତି ଚାଷୀ। ଏପଟେ ପିଲାଙ୍କ ପାଠପଢ଼ା ତଥା ଦୈନନ୍ଦିନ ଖର୍ଚ୍ଚ ତୁଲାଇବାକୁ ଚାଷୀ ହନ୍ତସନ୍ତ ହେଉଛନ୍ତି। କଛପ ଗତିରେ ଧାନ ଉଠାଣ ପ୍ରକ୍ରିୟା ଚାଲୁଥିବା ବେଳେ ଚାଷୀଙ୍କ ଅନ୍ଦୋଳନ ଓ ପ୍ରତିବାଦ ପରେ ବି ସରକାର ଚେତୁ ନ ଥିବାରୁ ଏବେ ଚାଷୀଙ୍କ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

■ ଆପ୍ ଯୁବ ନେତା ଶାହରୁଖଙ୍କୁ ମାଡ଼ ଘଟଣା

# ମିଥ୍ୟା ମାମଲା ପ୍ରତ୍ୟାହାର, ଅଭିଯୁକ୍ତଙ୍କ ଗିରଫ ଦାବି କଲା ଆପ୍



ବରଗଡ଼, ୨୧ (ସମିସ): ଆପ୍ ଯୁବ ନେତା ଶାହରୁଖ ଲୋଧିଆଙ୍କୁ ଆକ୍ରମଣକରି ଥିବା ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଦାବିପତ୍ର ଦେଇଛି ଆମ୍ ଆଦମୀ ପାର୍ଟି(ଆପ୍)। ରାଜ୍ୟ ସମ୍ପାଦକ ଭବାନୀ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ଏସପିଙ୍କ ସହ ଆଲୋଚନା କରି ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛି। ଗତ ସୋମବାର ଚାଷୀ ମାନଙ୍କ ମୁଖ୍ୟ ସମସ୍ୟା ଟୋକନ ଓ ଧାନ ବିକ୍ରି ବିଷୟରେ ଦାବିପତ୍ର ଦେବାକୁ ଭଟଲି ବିଧାୟକଙ୍କ କାର୍ଯ୍ୟାଳୟକୁ ଶାହରୁଖ ଯାଇଥିବାବେଳେ ବିଧାୟକଙ୍କ ଗୁଣ୍ଡାମାନେ ଶାହରୁଖଙ୍କୁ ମରଣାନ୍ତକ ଆକ୍ରମଣ କରି ଲହୁ ଲୁହାଣ କରିଦେଇ ଓଲଟା ମିଥ୍ୟା କେଶ ଲଗାଇ ଥିଲେ। ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିବା ପରିବର୍ତ୍ତେ ଶାହରୁଖଙ୍କୁ ଗିରଫ କରି କୋର୍ଟ ଚଲାଣ କରି ଜେଲକୁ ପଠେଇ ଦେଇଛି, ଯାହାକି ସମ୍ପୂର୍ଣ୍ଣ ବେଆଇନ ବୋଲି ଶ୍ରୀ ସାହୁ କହିଛନ୍ତି। ଯଦିଶୀଘ୍ର ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ ନ କରେ ତେବେ ଏସ୍‌ପି ଅଫିସ ସାମ୍ନାରେ ଆମ୍ ଆଦମୀ ପାର୍ଟି ଧାରଣା ଆରମ୍ଭ କରିବ ବୋଲି ଶ୍ରୀ ସାହୁ କହିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ଜିଲ୍ଲା ସଭାପତି ଯଦୁମଣି ପ୍ରଧାନ, ମାରିୟମ ବାର୍ଲା, ଅସିତ ସାହୁ, ଜୟ କ୍ରିଷ୍ଣା ଛୁରିଆ, ନରୋତ୍ତମ ପଣ୍ଡା, ସୁବଳ କହର, ପ୍ରଦୀପ ବିଶ୍ୱାଳ, ଅମିତାଭ ପାତ୍ର ଉପସ୍ଥିତ ଥିଲେ।

# ପଶ୍ଚିମ ଓଡ଼ିଶାରେ ଗଣପର୍ବ 'ପୁଷପୁନି' ତିହାରକୁ ଅଣାଦେଖା

**ବରଗଡ଼, ୨୧(ସମିସ):** ପଶ୍ଚିମ ଓଡ଼ିଶାର ଦୁଇଟି ମୁଖ୍ୟ କୃଷିଭିତ୍ତିକ ଗଣପର୍ବ କହିଲେ ଗୋଟିଏ ନୂଆଁଖାଇ ପର୍ବ ଅନ୍ୟଟି ପୁଷପୁନି ପର୍ବ। ନୂଆଁଖାଇ ପର୍ବକୁ ସରକାରୀସ୍ତରରେ ଛୁଟି ଦେଇଥିବା ବେଳେ ଅନ୍ୟ ଏକ ଗଣପର୍ବ ପୁଷପୁନି ତିହାରକୁ ପ୍ରଶାସନିକସ୍ତରରେ କିଛି ବର୍ଷ ହେଲା ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ପଡ଼ୋଶୀ ରାଜ୍ୟ ଛତିଶଗଡ଼ରେ ଏହି ପୁଷପୁନି ତିହାରକୁ ତଥା ଜାନୁଆରୀ ୩ ତାରିଖକୁ ସ୍ୱତନ୍ତ୍ର ଛୁଟି ଭାବରେ ଦିଆଯାଉଥିବା ବେଳେ ପଶ୍ଚିମ ଓଡ଼ିଶାରେ ବାଦ ଦିଆଯାଇଛି। ପୁଷପୁନି ତିହାର ଦିନ ଗାଁରେ ଛୋଟ ଶିଶୁଠାରୁ ବୃଦ୍ଧଲୋକ ପର୍ଯ୍ୟନ୍ତ ଆନନ୍ଦ ଉଲ୍ଲାସର ଛେରଛେରା ମାଗନ୍ତି। ବରଗଡ଼ ଜିଲ୍ଲାରେ ପୁଷପୁନି ତିହାର ଦିନେ ବିଦ୍ୟାଳୟ ଖୋଲିବାକୁ ନିଷ୍ପତ୍ତି ହୋଇଛି। ଯାହାକୁ ନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପୁଷପୁନି ତିହାର ଦିନ ପରିବାରରେ ଉତ୍ସବ ମାହୋଲ ଥାଏ। ସେହିଦିନ ମଧ ଛୋଟ ଶିଶୁମାନେ ଛେରଛେରା ମାଗିଥାନ୍ତି। ପ୍ରଶାସନିକ ସ୍ତରରେ ଜାଣିଶୁଣି କିଛି ବର୍ଷ ହେଲା ପୁଷପୁନିକୁ ଲୋକାଲ ଛୁଟିରୁ ବାଦ ଦିଆଯାଇଛି। ପଶ୍ଚିମ ଓଡ଼ିଶାର ୧୦ଟି ଜିଲ୍ଲାର ଲୋକମାନଙ୍କ ଭାବାବେଗ ସାଙ୍ଗେ ଖେଳାଯାଉଛି ବୋଲି ପଶ୍ଚିମ ଓଡ଼ିଶାବାସୀ ଅଭିଯୋଗ କରିଛନ୍ତି। ଆରଡିସିସ୍ତରରେ ସୋମବାର ବରଗଡ଼ ଉପଖଣ୍ଡରେ କେବଳ ପୌଷ ପୂର୍ଣ୍ଣିମା ଭାବରେ ଛୁଟି ଦିଆଯାଇଛି। ୩ ତାରିଖକୁ ଲୋକାଲ ଛୁଟି ଘୋଷଣା କରାଯାଉ ବୋଲି ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ନିକଟରେ ଅଭିଭାବକମାନେ ଦାବି କରିଛନ୍ତି।

# ନିଆରା ଭାବେ ନୂଆ ବର୍ଷ ପାଳିଲେ ସମାଜସେବୀ

**ଗାଇସିଲେଟ, ୨୧(ସମିସ):** ନିଆରା ଭାବରେ ନୂତନ ବର୍ଷକୁ ପାଳନ କରିଛନ୍ତି ସମାଜସେବୀ ବୁଲୁ ଦାଶ। ସେ ନୂଆ ବର୍ଷରେ ବଲାଙ୍ଗୀର ଜିଲ୍ଲା ଆଗଲପୁର ବ୍ଲକ ବାଗଝୁଲା ସ୍ଥିତ ଦିବ୍ୟାଙ୍ଗ ସମୀର ଓ ବୃଦ୍ଧାଶ୍ରମରେ ଥିବା ଅନ୍ତେବାସୀଙ୍କ ବସିବା ପାଇଁ ୧୦ଟି ଚେୟାର ପ୍ରଦାନ କରିଛନ୍ତି। ଏଥିସହ ବୃଦ୍ଧା ଶ୍ରମର ଅନ୍ତେବାସୀଙ୍କୁ ଶାଢ଼ି, ଲୁଙ୍ଗି ଓ ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ। ବଞ୍ଚିଥିବା ପର୍ଯ୍ୟନ୍ତ ଅସହାୟ ଲୋକମାନଙ୍କୁ ସେବା ଯୋଗାଇଦେବା ପାଇଁ ନୂତନ ବର୍ଷରେ ନୂଆ ସଂକଳ୍ପ ନେଇଥିବା ବୁଲୁ କହିଛନ୍ତି।

# ୨୦୧ କୁଣ୍ଡୀୟ ବୈଦିକ ବିଶ୍ୱ ଶାନ୍ତି ମହାଯଜ୍ଞ



**ଭେଡେନ, ୨୧(ସମିସ):** ଭେଡେନ ବ୍ଲକ ଐତିହାସିକ ପର୍ଯ୍ୟଟନ ପୀଠ ଶହୀଦ୍ ବୀର ମନୋହର ସିଂଙ୍କ ଗଡ଼ ନିକଟସ୍ଥ ବସେଇକେଲା ବାଲିଯାତ୍ରା ପଡ଼ିଆଠାରେ ଗୁରୁପାଲି, ବସେଇକେଲା, କଟାପାଲି ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଇଂରାଜୀ ନବ ବର୍ଷ ଉପଲକ୍ଷେ ୨୦୧ କୁଣ୍ଡୀୟ ବୈଦିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ହରିଶଙ୍କର ବେହେରାଙ୍କ ଉଦ୍ୟମ ଓ ସଂଯୋଜନାରେ ଅନୁଷ୍ଠିତ ଏହି ବିଶ୍ୱ ଶାନ୍ତି ମହାଯଜ୍ଞରେ ଗୁରୁକୂଳ ହରିପୁରର ସଂସ୍ଥାପକ ଡ. ସୁଦର୍ଶନ ଆଚାର୍ଯ୍ୟ ଯଜ୍ଞ ପରିଚାଳନା କରିଥିଲେ। ସ୍ୱାମୀ ଭାଗବତା ନନ୍ଦ ସରସ୍ୱତୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଯଜ୍ଞରେ ୨୦୧ ସପତ୍ନୀକ ପରିବାର କର୍ତ୍ତା ଦାୟୀତ୍ୱ ବହନ କରିଥିଲେ। ଯଜ୍ଞରେ ଉପସ୍ଥିତ ଅନ୍ୟ ସାଧୁସନ୍ଥଙ୍କ ମଧ୍ୟରେ ସ୍ୱାମୀ ବିସୁଦ୍ଧାନନ୍ଦ ସରସ୍ୱତୀ, ବାନପ୍ରସ୍ତୀ ପବିତ୍ର ଚରଣ ଦାଶ, ବ୍ରହ୍ମଚାରୀ ପ୍ରଶାନ୍ତ କୁମାର ଆର୍ଯ୍ୟ, ଆଚାର୍ଯ୍ୟ ନିର୍ମଳ ଦେବ, ବିଶିଷ୍ଟ ସମାଜସେବୀ ଗୌରହରି ମିଶ୍ର, ପଣ୍ଡିତ ଭୈରବ ସାହୁ, ପଣ୍ଡିତ ଗୋପବନ୍ଧୁ ପୁରୋହିତ, ଜୀବର୍ଦ୍ଧନ ବାରିକ, ହରିଶଙ୍କର ବେହେରା ପ୍ରମୁଖ ସତ୍‌ସଙ୍ଗରେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ବୈଦିକ ଯଜ୍ଞ ଓ ଏହି ପୀଠର ଉନ୍ନତି ପାଇଁ ସହଯୋଗର ହାତ ବଢ଼ାଇ ଥିବା ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ପଦ୍ମିନୀ ଗଡ଼ତିଆ, ସାମାଜିକ କର୍ମୀ ସୁରେଶ ରାଓ, ଶୁକଦେବ ପ୍ରଧାନ, ସୁପ୍ରଭା ପ୍ରଧାନ, ଶେଖର ରାଓ ପ୍ରମୁଖଙ୍କୁ ଯଜ୍ଞ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବସୁଦେବ ପଟେଲ, କିଶୋର ରାଏ, ଭଗବାନ ସେଟ୍, ବୀରେନ ଭୋଇ, ସିଦ୍ଧେଶ୍ୱର ପାଣିଗ୍ରାହୀ, ଆନନ୍ଦ କରନ, ସୁବଳ ପ୍ରଧାନ, ପାଣ୍ଡବ କର୍ଣ୍ଣ, ସାହେବ୍ ପ୍ରଧାନ, ମକୁନ୍ଦ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ବଳରାମ ଛନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟାଳୟରେ କୃତଜ୍ଞତା ସଭା

**ବିଜେପୁର, ୨୧(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅନ୍ତର୍ଗତ ତାଳପଦର ସରସ୍ୱତୀ ଶିଶୁ ମନ୍ଦିରରେ ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ କୃତଜ୍ଞତା ପ୍ରକାଶ କରାଯାଇଛି। ଉକ୍ତ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ରୀ ଲୋଲିନା ରଣା, ତୃତୀୟ ଶ୍ରେଣୀ ଛାତ୍ର ଆଶୁତୋଷ ସାହୁ ଓ ସୋନମ୍ ପ୍ରଧାନ ଯଥାକ୍ରମେ ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ବୃନ୍ଦ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ସହ ଗୁରୁଜୀ ଗୁରୁମାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଓ ବାର୍ଷିକ ମହୋତ୍ସବ ଅବସରରେ ରକ୍ତଦାନ ଶିବିର



**ପଦ୍ମପୁର, ୨୧(ସମିସ):** ପାଇକମାଳ ବ୍ଲକ ପଲସାନି, ବୁକୁରମୁଣ୍ଡା ସ୍ଥିତ ଅଲେଖ ମହିମା ଆଶ୍ରମରେ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଓ ବାର୍ଷିକ ମହୋତ୍ସବ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ସାଧୁ ବଳରାମ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବଜରଙ୍ଗ ଦଳ ସଂଯୋଜକ ସୁରେଶ ରାମଚଂଦାନୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଟେମରି ସରପଞ୍ଚ ଦିଲୀପ ବେହେରା, ସମାଜସେବୀ ନିରୋଜ ଦୋରା, ବାବା ଶିବ ସାହୁ, ପଦ୍ମପୁରର ବରିଷ୍ଠ ସାମ୍ବାଦିକ ରତ୍ନମଣୀ ଶତପଥି ଯୋଗଦେଇଥିଲେ। ଏହି ଅବସରରେ ଆଶ୍ରମ ପାଇଁ ଜମି ପ୍ରଦାନ କରିଥିବା ଘନଶ୍ୟାମ ବାଙ୍କା, ହରି ବରିହା, ଶ୍ରୀମଦ ବିଶ୍ୱାଳ, ବିନୋଦ ଭୋଇ ଏବଂ ପୁରାତନ ସଦସ୍ୟ ତଥା ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ ଅବସର ଶିକ୍ଷକ ମନୋରଞ୍ଜନ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଲିଙ୍ଗରାଜ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବୁକୁରାମୁଣ୍ଡା ସରପଞ୍ଚ ଅନିତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ହଜାର ହଜାର ଶ୍ରଦ୍ଧାଳୁ ଓ ମହିମା ପ୍ରେମୀ ଦର୍ଶନ

## ୬୫ ୟୁନିଟ ରକ୍ତ ସଂଗ୍ରହ

କରିଥିଲେ। ଏହି ଅବସରରେ ୬୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ପଦ୍ମପୁର ରକ୍ତ ଭଣ୍ଡାରର ସଂଗ୍ରାମ କେଶରୀ ମହନ୍ତ, ହିତେଶ ସାହୁ, କିଶୋର ପଧାନ, ଜୀତେନ୍ଦର ଗୁର୍ଲା, ମାନସ ବୁଡେକ, ଗଣେଶ ପଧାନ, ପରକ୍ଷୀତ ସେଠ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ବର୍ଷାରାଣୀ ତ୍ରିପାଠୀଙ୍କ ପାରାୟଣ ପରିବେଷଣ ହୋଇଥିବା ବେଳେ ମହୁଲପାଲି ସତ୍‌ସଙ୍ଗ କମିଟି ତରଫରୁ ଆୟୁର୍ବେଦିକ ଚାହା ବଣ୍ଟନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ବୁକୁରମୁଣ୍ଡା, ପଲସାନୀ ଓ ମହୁଲପାଲି ଗ୍ରାମବାସୀ ପରିଚାଳନା କରିଥିଲେ।

# ବେହେରାଟାଲ ଗୌନ୍ତିଆଙ୍କ ପରଲୋକ

**ଦହିତା, ୨୧(ସମିସ):** ପଦ୍ମପୁର ଉପଖଣ୍ଡ ଜମରଟଲା ପଞ୍ଚାୟତ ଅନ୍ତର୍ଗତ ବେହେରାଟାଲ ଗ୍ରାମର ଗୌନ୍ତିଆ ଧର୍ମକୁମାର ଚାନ୍ଦଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁ



ବେଳକୁ ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା। ସେ ତାଙ୍କ ପଛରେ ତିନି ପୁଅ ସୁରେଶ, ରମେଶ, ନରେଶ ଏବଂ ଦୁଇ ଝିଅ ନଳିନୀ, କାମିନୀ ଏବଂ ନାତି ନାତୁଣୀ ଜ୍ଞାତି କୁଟୁମ୍ବଙ୍କୁ ଛାଡ଼ି ଦେଇ ଯାଇଛନ୍ତି। ସେ ସମାଜସେବୀ ତଥା ଚାଷୀ ନେତା ସୁରେଶ ଚାନ୍ଦଙ୍କ ପିତା ଅଟନ୍ତି। ସ୍ଥାନୀୟ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଏଥିରେ ଗ୍ରାମ୍ୟର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସେ ଜଣେ ଧର୍ମପରାୟଣ ପରୋପକାରୀ ତଥା ଗାଁର କଲ୍ୟାଣ ମୂଳକ କାମରେ ତାଙ୍କର ଯୋଗଦାନ ଥିବାରୁ ପରିଚିତ ମହଲରେ ଶୋକର ଛାୟା ଖେଳିଯାଇଛି।

# ଯାଦବ ସମାଜର ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା

**ପଦ୍ମପୁର, ୨୧(ସମିସ):** ବରଗଡ଼ ଜିଲ୍ଲା ଯାଦବ ସମାଜର ନବନିର୍ବାଚିତ ସଭାପତି ରାଜୁ ଘିବେଲାଙ୍କୁ ଗାଇସିଲାଟ ବ୍ଲକ ଯାଦବ ସମାଜ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ସହ ନବ ବର୍ଷର ଅଭିନନ୍ଦନ ଜ୍ଞାପନ କରାଯାଇଛି। ଏହି ଅବସରରେ ବରଗଡ଼ ଜିଲ୍ଲା ଯାଦବ ସମାଜକୁ ଏକ ସୁଦୃଢ଼ ସଂଗଠନ କରାଇବା ସାଙ୍ଗକୁ ସମାଜର ମାନ ବର୍ଦ୍ଧନ ଏବଂ ସଂସ୍କୃତି ପରମ୍ପରାକୁ ସମୃଦ୍ଧ କରିବା ପାଇଁ ଗାଇସିଲାଟ ବ୍ଲକ ଯାଦବ ସମାଜ ତରଫରୁ ସଭାପତିଙ୍କୁ ଅନୁରୋଧ କରାଯାଇଥିଲା। ଏହି ସ୍ୱାଗତ ସମ୍ବର୍ଦ୍ଧନା ସମୟରେ ସପ୍ତସିନ୍ଧୁ ବଗର୍ତି, ଗାଇସିଲାଟ ଯାଦବ ସମାଜ ସଭାପତି, ଉପସଭାପତି ସତ୍ରମଣି ଷାଣ୍ଢ, ସମ୍ପାଦକ ଛେଲିଆ ପୋଢ, କୋଷାଧକ୍ଷ ଲକ୍ଷ୍ମଣ ଜୁଆଡି, ସଂଯୋଜକ ଫଗୁନୁ ବାଗ ଏବଂ ସଞ୍ଜିବ ବଗର୍ତି, କଁଏଟୁ ବାଗ, ପ୍ରଫୁଲ୍ଲ ପୋଢ, ରାତ୍ର ପୋଢ ପ୍ରମୁଖ ସଭ୍ୟମାନେ ଉପସ୍ଥିତ ରହି ସମ୍ବର୍ଦ୍ଧନା ଜ୍ଞାପନ ସହିତ କାର୍ଯ୍ୟକ୍ରମକୁ ସମାପନ କରିଥିଲେ।

# ତାଳମେଣ୍ଡାରେ ୨ ଅଜଗର ଉଦ୍ଧାର



**ଭେଡେନ, ୨୧(ସମିସ):** ଭେଡେନ ବ୍ଲକ ତାଳମେଣ୍ଡା ଗ୍ରାମରୁ ୨ ଟି ଅଜଗର ସାପ ଉଦ୍ଧାର ହୋଇଛି। ମହିଳାମାନେ କ୍ଷେତକୁ ରୋଇବାକୁ ଯାଇଥିବାବେଳେ ଉକ୍ତ ସାପ ୨ ଟିକୁ ଦେଖିଥିଲେ। ସେମାନେ ଗ୍ରାମବାସିଙ୍କୁ ଏନେଇ ଜଣାଇଥିଲେ। ଖବରପାଇ ବନ ବିଭାଗର କର୍ମଚାରୀ ପହଞ୍ଚି ୨ ଅଜଗରକୁ ଉଦ୍ଧାର କରି ଜଙ୍ଗଲରେ ଛାଡିଥିଲେ। ପ୍ରତି ସାପର ଲମ୍ବ ପ୍ରାୟ ପ୍ରାୟ ୧୩ ଫୁଟରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ଓଜର ୩୦ କେଜିରୁ ଉର୍ଦ୍ଧ୍ୱ ଥିବା ଜଣାପଡ଼ିଛି।

# ନିଆରା ଢ଼ଙ୍ଗରେ ପ୍ରତିଷ୍ଠା ଦିବସ ପାଳିଲା ପରିବର୍ତ୍ତନ ଟ୍ରଷ୍ଟ

**ବରଗଡ଼, ୨୧ (ସମିସ):** ଗୁରୁବାର ଦିନ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବୀନ ପ୍ରଧାନଙ୍କ ଜନ୍ମଜୟନ୍ତୀ ଓ ପରିବର୍ତ୍ତନ ଟ୍ରଷ୍ଟର ଏକ ବର୍ଷ ପୂର୍ତ୍ତି ତଥା ପ୍ରତିଷ୍ଠା ଉତ୍ସବକୁ ନିଆରା ଢ଼ଙ୍ଗରେ ସମଲେଇ ପଦର ସ୍ଥିତ ବହ୍ନି କନ୍ୟା ପାର୍ବତୀ ଗିରି ବୃଦ୍ଧାଶ୍ରମରେ ପାଳନ କରାଯାଇଥିଲା। ଏହି ଟ୍ରଷ୍ଟ ସମାଜରେ ଅବହେଳିତ ବୃଦ୍ଧବୃଦ୍ଧାଙ୍କୁ ସଠିକ୍ ସ୍ୱାସ୍ଥ୍ୟ ସୁବିଧା ତଥା ଶିଶୁ ମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ କାମ କରୁଛି। ଗତ ଗୋଟିଏ ବର୍ଷ ମଧ୍ୟରେ ଜିଲ୍ଲାର ବହୁ ଜାଗାରେ ମାଗଣା ସ୍ୱାସ୍ଥ୍ୟ ଶିବିର ଓ ଔଷଧ ବଣ୍ଟନ କରାଯିବା ସହ ସଚେତନତା ଶିବିର ମଧ ଆୟୋଜନ କରାଯାଇଛି। ଏ ବର୍ଷ ପାର୍ବତୀ ଗିରି ବୃଦ୍ଧାଶ୍ରମରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସବୁ ଯୁବ ସାଥୀମାନେ ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କ ସହ ମିଶି କେକ୍ କାଟି ନବ ବର୍ଷ ସହ ଟ୍ରଷ୍ଟର ପ୍ରତିଷ୍ଠା ଦିବସ ପାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡ.ଅମିତ୍ କୁମାର୍ ଭୋଇ, ପ୍ରଫେସର ଦେବବ୍ରତ ଡନସେନା, ଶ୍ମିଥ ପ୍ରଧାନ, ରୋସନ ପ୍ରଧାନ, କିଶୋର ସାହୁ, ଦିବାକର ମାଝୀ, ସାଗର ମହାପାତ୍ର, ବିକି ପ୍ରଧାନ, ସମୀର ପ୍ରଧାନ, ଅବିନାଶ ମଲ୍ଲିକ, ସୁରଜ୍ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ପାଣି ପଞ୍ଚାୟତ ପକ୍ଷ ପାଇଁ ପ୍ରସ୍ତୁତି

**ବରଗଡ଼, ୨୧(ସମିସ):** ବରଗଡ଼ ଜିଲ୍ଲାରେ ପାଣି ପଞ୍ଚାୟତ ପକ୍ଷ ୨୦୨୫-୨୬ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ନିଷ୍ପତ୍ତି ଅନୁଯାୟୀ, ଆସନ୍ତା ୬ ଜାନୁଆରୀ ୨୦୨୬ ତାରିଖ ସକାଳ ୧୧ଟା ସମୟରେ ଏକ ସଚେତନତା ରଥ ପରିକ୍ରମା ସହ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯିବ। ଏହି ପରିପ୍ରେକ୍ଷୀରେ ଡିଭିଜନ୍‌ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ୬ ଜାନୁଆରୀରେ ଏବଂ ଜିଲ୍ଲାସ୍ତରୀୟ ମୁଖ୍ୟ ସମାରୋହ ୧୩ ଜାନୁଆରୀରେ ପାଳନ କରାଯିବା ପାଇଁ ଦିନ ଧାର୍ଯ୍ୟ ହୋଇଛି। ଜଳ ପରିଚାଳନା ସମ୍ପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ଭାଷଣ, ରଚନା, କୁଇଜ୍, ଚିତ୍ରାଙ୍କନ ଏବଂ ମଡେଲ ପ୍ରଦର୍ଶନୀ ପ୍ରତିଯୋଗିତା ଡିଭିଜନସ୍ତରରେ ଆୟୋଜନ କରାଯିବ। ଏହି ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନେ ଜିଲ୍ଲାସ୍ତରରେ ଅଂଶଗ୍ରହଣ କରିବେ ଏବଂ ବିଜେତାମାନଙ୍କୁ ୧୩ ଜାନୁଆରୀରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ। ଏହାବ୍ୟତୀତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ସମ୍ମାନିତ କରିବା ପାଇଁ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ସହଯୋଗରେ ଜଣେ ପ୍ରଗତିଶୀଳ ଚାଷୀଙ୍କୁ ଚୟନ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏହି ସମୀକ୍ଷା ବୈଠକରେ ବରପାଲି ଜଳସେଚନ ବିଭାଗର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର, ଓଡ଼ିଶା ଲିଫ୍ଟ ଇରିଗେସନ କର୍ପୋରେସନର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ବରଗଡ଼ ଏସ୍‌ଡିଓ, ପଦ୍ମପୁର ମାଇନର ଇରିଗେସନ ବିଭାଗର ଉପବିଭାଗୀୟ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନବମ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଓ ମହିମା ବାଲ୍ୟଲୀଳା

**ପାଇକମାଲ, ୨୧(ସମିସ):** ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ଅନ୍ତର୍ଗତ ପଲସାନୀ, ବୁକୁରାମୁଣ୍ଡା ଓ ମହୁଲପାଲି ଗ୍ରାମ ସଂଯୋଗସ୍ଥଳୀ ବଜାର ଛକ ନିକଟସ୍ଥ ପବିତ୍ର ମହିମା ଗାଦି ପ୍ରାଙ୍ଗଣରେ ନବମ ବିଶ୍ୱଶାନ୍ତି ବ୍ରହ୍ମ ଯଜ୍ଞ ଓ ମହିମା ବାଲ୍ୟଲୀଳାର ବାର୍ଷିକ ମହାସମାରୋହ ପାଳିତ ହୋଇଛି। ବୁଧବାର ଓ ଗୁରୁବାର ଦୁଇଦିନ ଧରି ଏହି ଉତ୍ସବ ପାଳିତ ହୋଇଥିଲା। ଡିସେମ୍ବର ୩୧ ବୁଧବାର ଦିନ ଭବ୍ୟ କଳସ ଯାତ୍ରା ସହ ଉତ୍ସବର ଶୁଭାରମ୍ଭ ହୋଇଥିଲା। ଏହି ଭବ୍ୟ କଳସ ଯାତ୍ରା ଗ୍ରାମ ପରିକ୍ରମା କରି ମହିମା ଗାଦି ପ୍ରାଙ୍ଗଣରେ ପହଞ୍ଚିଥିଲା। ଦିବା ୧୨ଟା ସମୟରେ ପବିତ୍ର ବ୍ରହ୍ମଧୂନୀ ସ୍ଥାପନ, ଅଖଣ୍ଡ ବ୍ରହ୍ମବତୀ ପ୍ରଜ୍ୱଳନ ଓ ଆଠ ଭଜନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଜାନୁଆରୀ ୧ ତଥା ଗୁରୁବାର ସକାଳ ୧୦ଟାରୁ ଦିବା ୪ଟା ପର୍ଯ୍ୟନ୍ତ ପ୍ରବଚନ, ପାରାୟଣ ଓ କୀର୍ତ୍ତନ ଧାରା ଅନୁଷ୍ଠିତ ହୋଇଥିଲା। ମହିମା ବାଲ୍ୟଲୀଳା ସମ୍ବନ୍ଧୀୟ ଆଲୋଚନା ଓ କଥାମୃତ ଶ୍ରୋତାମାନଙ୍କୁ ଭାବବିହ୍ୱଳ କରିଥିଲା। ଏହି ଅବସରରେ ବରଗଡ଼ ଜିଲ୍ଲା ସମେତ ପାର୍ଶ୍ୱସ୍ଥ ଜିଲ୍ଲାମାନଙ୍କୁ ନେଇ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଶେଷ ପର୍ବରେ ପ୍ରାୟ ୩୦ ହଜାରରୁ ଅଧିକ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ୧୦ରୁ ୩୦ତମ ସର୍ବଭାରତୀୟ ବୋଡାସମ୍ବର କପ୍

**ପଦ୍ମପୁର, ୨୧(ସମିସ):** ପଦ୍ମପୁର ଉପଖଣ୍ଡରେ ଖେଳ ଓ ଖେଳାଳୀଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିଆସୁଥିବା ବୋଡାସମ୍ବର ସ୍ପୋର୍ଟିଙ୍ଗ ପଦ୍ମପୁର ପକ୍ଷରୁ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ୩୦ ତମ ସର୍ବଭାରତୀୟ ବୋଡାସମ୍ବର କପ କ୍ରିକେଟ-୨୦୨୬ ଆୟୋଜିତ ହେବ। ଆଜି ଅଶୋକା ପଡ଼ିଆ ସ୍ଥିତ ସ୍ପୋର୍ଟିଙ୍ଗର କାର୍ଯ୍ୟାଳୟଠାରେ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଆସନ୍ତା ଜାନୁୟାରୀ ୧୦ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ୩୦ ତମ ସର୍ବଭାରତୀୟ ବୋଡାସମ୍ବର କପ କ୍ରିକେଟ ୨୦୨୬ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ଚଳିତ ବର୍ଷ ୧୦ ଗୋଟି ଦଳ ଅଂଶ ଗ୍ରହଣ କରୁଥିବା ବେଳେ ତନ୍ମଧ୍ୟରେ ପଦ୍ମପୁର, ରାଉରକେଲା, କଟକ, ପାଟନା, ରାୟପୁର, ପୁନେ, ମୁମ୍ବାଇ, ଭୁବନେଶ୍ୱର, ରାଜାହମୁଣ୍ଡ୍ରେରୀ ଏବଂ କଲିକତାର ଦଳ ଯୋଗ ଦେବାର ସୂଚନାମିଳିଛି। ବିଜେତା ଦଳକୁ ଏକ ଲକ୍ଷ ଟଙ୍କା ଓ ଉପ ବିଜେତା ଦଳକୁ ଷାଠିଏ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଆଜି ସାମ୍ବାଦିକ ସମ୍ମିଳନୀରେ ସଭାପତି ସୁନୀଲ କୁମାର ସାହୁ, ଉପସଭାପତି ଅବଦୁର ରେହେମାନ, ସମ୍ପାଦକ ଭରତ ପଣ୍ଡା, ସହ ସମ୍ପାଦକ ସରଜୁ ପଟ୍ଟନାୟକ, କୋଷାଧକ୍ଷ ବିଜୟ କୁମାର ଦାଶ ଉପସ୍ଥିତ ରହି ସୂଚନା ପ୍ରଦାନ କରିଥିଲେ।




# 'ଘାଏ ଦେଖତ କଲାପଟା'ର ବାର୍ଷିକୋତ୍ସବ

ଗାଇସିଲେଟ, ୨୧(ସମିସ)

ବରଗଡ଼ ଜିଲ୍ଲା ଗାଇସିଲେଟଠାରେ 'ଘାଏ ଦେଖତ କଲାପଟା' ଅନୁଷ୍ଠାନର ବାର୍ଷିକୋତ୍ସବ ଗୁରୁବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସାହୁ କଲ୍ୟାଣ ମଣ୍ଡପ କଲଙ୍ଗାପାଲିଠାରେ ସକାଳେ ବୈଦିକ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହାପରେ କଲାପଟା ସାହିତ୍ୟ ସଂସଦର ସଭାପତି ନିରଞ୍ଜନ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରଥମ ଅଧିବେସନରେ ବ୍ୟଙ୍ଗ କବି ମନୋରଞ୍ଜନ ସାହୁ ମୁଖ୍ୟ ଅତିଥି ଏବଂ ସାହିତ୍ୟ ଗବେଷକ ଉପନ୍ନ ଭୋଇ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଭାଷା ସାହିତ୍ୟର ବିକାଶ ପାଇଁ ସମସ୍ତେ ଏକତ୍ରିତ ହୋଇ କାମ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପରିଷଦର ସମ୍ପାଦକ ବୈରାଗୀ ସାହୁଙ୍କ ଭଗବତ ଗୀତାର ସମ୍ବଲପୁରୀ ଅନୁବାଦ



ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହାକୁ ସମୀକ୍ଷା କରି ଅଧାପକ ସୁଶାନ୍ତ ମିଶ୍ର ଜୀବନ ବଞ୍ଚିବାର ମନ୍ତ୍ର ହିଁ ଗୀତା ଅଟେ, ତେଣୁ ଅଖଣ୍ଡ ଭାରତରେ ଧର୍ମ, ସଂସ୍କୃତିକୁ ରକ୍ଷା କରି ସମାଜ ପରିବର୍ତ୍ତନ ପାଇଁ ଗୀତା ହିଁ ପ୍ରକୃଷ୍ଟ ଦର୍ଶନ ଅଟେ ବୋଲି ପ୍ରକାଶ କରିଥିଲେ। ଉନ୍ମୋଚିତ କଲାପଟା ସାହିତ୍ୟର ବାର୍ଷିକ ସଙ୍କଳନକୁ ସୁଶିଲ ଗୁରୁ ସମୀକ୍ଷା କରିଥିଲେ। ଏହି ଅବସରରେ ସୁକୁମାର ଭୋଇଙ୍କ ପୁସ୍ତକ ନାଟ ଲୋକାର୍ପିତ ହୋଇଥିବା ବେଳେ ରାଧାକାନ୍ତ ସାହୁଙ୍କୁ କଲାପଟା ସିରି, ସୁରେଶ ଭୋଇଙ୍କୁ ଦୁର୍ଗା ପ୍ରସାଦ ସ୍ମାରକୀ, ଅର୍ଜୁନ ମେହେରଙ୍କୁ ଦୁର୍ଗା ପ୍ରସାଦ ସ୍ମାରକୀ, କବିତା ମହରାଙ୍କୁ ଲକ୍ଷ୍ମୀପ୍ରିୟ ସ୍ମାରକୀ ଆଦି ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ କବି ତେଜରୁ ବାରିକ ଅତିଥି ପରିଚୟ ଓ ଉପସଭାପତି ରଞ୍ଜନ ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଧ୍ରୁବ ଚରଣ ପ୍ରଧାନ ସଭା ପରିଚାଳନା କରିଥିଲେ। ଶେଷରେ ହେମନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେସନରେ ମନୋରଞ୍ଜନ ପୁରୋହିତ ଓ ହେମନ୍ତ ପଣ୍ଡାଙ୍କ ସଂଯୋଜନାରେ ବହୁ ସଂଖ୍ୟାରେ କବିମାନେ କବିତା ଆବୃତ୍ତି କରିଥିଲେ। ଆଶୋକ ପୁଝାରୀ, ସୁକୁମାର ଭୋଇ, ଅଧିକାରୀ ସା, ରାମପ୍ରସାଦ ବାଗ, ଦିଲ୍ଲୀପ ମିଶ୍ର, ଦିବାକର ଯୋଶୀ, ରବୀନ୍ଦ୍ର ପଣ୍ଡା, ଅହଲ୍ୟା ପ୍ରଧାନ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରିଥିଲେ। ତୃତୀୟ ତଥା ଶେଷ ଅଧିବେସନରେ କରମସାନୀ ତଥା ବିଭିନ୍ନ ଲୋକନୃତ୍ୟ ଅନୁଷ୍ଠିତ ହୋଇଥିଲା।

# ନୂଆକୋଠାକୁ ସ୍ଥାନାନ୍ତର ହେଉନି ଡାକ୍ତରଖାନା

ଟିଟିଲାଗଡ଼, ୨ ।୧(ସମିସ)

ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନାର ନବନିର୍ମିତ କୋଠା ସମ୍ପୂର୍ଣ୍ଣ ହୋଇ ୨ ବର୍ଷ ବିତିବାକୁ ଯାଉଛି । ସହର ମଧ୍ୟରୁ ଏହା ସ୍ଥାନାନ୍ତର ନ ହେବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ପୂର୍ବ ସରକାର ଅମଳରେ ୫-ଟି ଅଧୀନ ମୋ ହସ୍ପିଟାଲ ରୂପାନ୍ତର ଅଭିଯାନ ଦ୍ୱାରା




ସହର ଉପକଣ୍ଠ ପିପଲପଦରରେ ୨୨କୋଟିରୁ ଅଧିକ ଟଙ୍କା ବ୍ୟୟ ଅଟକଳରେ କୋଠା ନିର୍ମିତ ହୋଇଛି । ଓପିଡି କୋଠା, ସିସି ଟିଭି ବ୍ୟବସ୍ଥା, ସ୍ୱଚ୍ଛତା ପରିବେଶ, ଶୌଚାଳୟ, ଅଗ୍ନିଶମ ବ୍ୟବସ୍ଥା, ଔଷଧ ବିତରଣ କେନ୍ଦ୍ର, ଆହାର କେନ୍ଦ୍ର, ପାର୍କିଂ ବ୍ୟବସ୍ଥା, ସୌନ୍ଦର୍ଯ୍ୟକରଣ, ପାଚେରୀ ନିର୍ମାଣ, ବିଭାଗୀୟ କର୍ମଚାରୀଙ୍କ ପାଇଁ ୪୮ ଟି ବାସଭବନ ସହ ସମସ୍ତ ଆନୁସାଙ୍ଗିକ ବ୍ୟବସ୍ଥା ଉପଲବ୍ଧ ରହିଛି । ପୂର୍ବ ସରକାର ଅମଳରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆଭସି ମାଧ୍ୟମରେ ଏହା ଉଦ୍‌ଘାଟିତ ହୋଇସାରିଛି । ତେବେ ସମାନ ସ୍ଥିତିରେ ଥିବା ପାଟଣାଗଡ଼ ଉପଖଣ୍ଡ ଡାକ୍ତରଖାନା ଦୀର୍ଘଦିନ ପରେ ସୋମବାର ନୂତନ କୋଠାକୁ ସ୍ଥାନାନ୍ତର ହୋଇଛି; ହେଲେ ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନା କେବେ ସ୍ଥାନାନ୍ତର ହେବ ତାହାକୁ ନେଇ ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି । ଗୋଟିଏ ପଟେ ପ୍ରଶାସନିକ ଓ ରାଜନୈତିକ ଉଦାସୀନତା ଯୋଗୁଁ ଏହା ସ୍ଥାନାନ୍ତର ହୋଇପାରୁ ନ ଥିବା ଅଭିଯୋଗ ଉଠୁଛି । ଅପରପକ୍ଷରେ ସହରର ମଧ୍ୟ ଭାଗରେ ଥିବା ଡାକ୍ତରଖାନାକୁ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କରାଯାଇ ଡାକ୍ତରଖାନା ସ୍ଥାନାନ୍ତର କରାଯିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି । ତେବେ ୨ ବର୍ଷ ପୂର୍ବରୁ ସହର ମଧ୍ୟରୁ ଏଠାକୁ ମାତୃ ଓ ଶିଶୁ ଡାକ୍ତରଖାନା ସ୍ଥାନାନ୍ତର ହୋଇ ସାରିଛି । ନୂତନ କୋଠାରେ ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ଉପଲବ୍ଧ ଥାଇ ଏସଡିଏଚ୍‌କୁ ସ୍ଥାନାନ୍ତର କରା ନ ଯିବା ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ କରିବା ସଦୃଶ ହୋଇଛି । ବିଧାୟକ ନବୀନ ଜୈନ ଡାକ୍ତରଖାନା ସ୍ଥାନାନ୍ତର ନେଇ ପୂର୍ବରୁ ସହରର ସମସ୍ତ ସାମାଜିକ ସଙ୍ଗଠନର ମତାମତ ଲୋଡା ଯାଇଥିଲା । ସହର ମଧ୍ୟରେ ଥିବା ଡାକ୍ତରଖାନାକୁ ସହରାଞ୍ଚଳ ପ୍ରାଥମିକ ଡାକ୍ତରଖାନା ଘୋଷଣା କରାଯାଇ ଏହାକୁ ସ୍ଥାନାନ୍ତର କରାଯିବାକୁ ସାଧାରଣରେ ଦାବି ରହିଛି । ଜନମତକୁ ପ୍ରାଥମିକତା ଦେଇ ଖୁବ୍ ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ।

## ଏମାନେ ଯାହା କହନ୍ତି...



ଟିଟିଲାଗଡ଼ ଡାକ୍ତରଖାନାରେ ଡାକ୍ତର ଅଭାବ ସମସ୍ୟା ଚିରା ଚରିତ ଭାବରେ ଲାଗିରହିଛି । ପ୍ରଥମେ ବିଭିନ୍ନ ବିଭାଗରେ ଆବଶ୍ୟକ ଥିବା ଡାକ୍ତର ଅଣାଯାଉ । ତା ପରେ ଡାକ୍ତରଖାନା ସ୍ଥାନାନ୍ତର କରାଯାଉ । ତେବେ ଯାଇ ରୋଗୀ ତଥା ସହରବାସୀ ଉପକୃତ ହେବେ ।

**ରାଧାକାନ୍ତ ପାଢ଼ୀ, ସଭାପତି ନାଗରିକ ମଞ୍ଚ**




ସହର ଉପାନ୍ତରେ ନୂତନ ଡାକ୍ତରଖାନା କୋଠା ରହିଛି । ପ୍ରାଥମିକ ଚିକିତ୍ସା ପାଇଁ ରୋଗୀ ଏତେ ଦୂରକୁ ଯାଇ ଚିକିତ୍ସା କରାଇବା କଷ୍ଟକର । ସହର ମଧ୍ୟରେ ପ୍ରାଥମିକ ଚିକିତ୍ସା କେନ୍ଦ୍ର କରାଯାଇ ଏହାକୁ ସ୍ଥାନାନ୍ତର କଲେ ସହରବାସୀ ଉପକୃତ ହେବେ ।

**ଈଶ୍ୱର ଚନ୍ଦ୍ର ଜୈନ, ସଭାପତି, ଔଷଧ ବିକ୍ରେତା ସଂଘ**



କୋଟି କୋଟି ଟଙ୍କା ବ୍ୟୟରେ କୋଠା ନିର୍ମିତ ହୋଇଛି । ଡାକ୍ତରଖାନା ସ୍ଥାନାନ୍ତର କରା ନ ଯିବା ପରିତାପର ବିଷୟ। ରୋଗୀ ଉତ୍ତମ ଚିକିତ୍ସା ପାଇବାରୁ ବଞ୍ଚିତ କରାଯିବା ଅନୁଚିତ । ସରକାର, ପ୍ରଶାସନ ସମସ୍ତେ ଏ ଦିଗରେ ଚୁପ୍ ।

**ରମେଶ ଅଗ୍ରୱାଲ, ରାଜ୍ୟସଭା ସାଂସଦ ପ୍ରତିନିଧି**



ପୁରୁଣା ଡାକ୍ତରଖାନା ପରିସରରେ ରକ୍ତଭଣ୍ଡାର ରହିଛି । ଏମସିଏଚ ୨ ବର୍ଷ ପୂର୍ବରୁ ନୂତନ କୋଠାକୁ ସ୍ଥାନାନ୍ତର ହୋଇସାରିଛି । ପ୍ରସବ ଜନିତ ଅସ୍ତ୍ରୋପଚାର ସମୟରେ ରୋଗୀ ପରିଜନଙ୍କୁ ରକ୍ତ ନେବାକୁ ନାକେ ଦମ୍ ହେବାକୁ ପଡୁଛି । ଡାକ୍ତରଖାନାକୁ ଯଥାଶୀଘ୍ର ସ୍ଥାନାନ୍ତର କରାଗଲେ ଗୋଟିଏ ପରିସରର ମଧ୍ୟରେ ସମସ୍ତ ସୁବିଧା ଉପଲବ୍ଧ ହୋଇ ପାରିବ । ବିଭାଗୀୟ କର୍ମଚାରୀ ମଧ୍ୟ ଟିକେ ଆଶ୍ୱସ୍ତ ହୋଇପାରିବେ

**ହରିଶ ରାୟଠାଠା, ଗୁଜରାଟି ସମାଜ ସଭାପତି**

■ ଆପ୍ ଯୁବ ନେତା ଶାହରୁଖଙ୍କୁ ମାଡ଼ ଘଟଣା

# ମିଥ୍ୟା ମାମଲା ପ୍ରତ୍ୟାହାର, ଅଭିଯୁକ୍ତଙ୍କ ଗିରଫ ଦାବି କଲା ଆପ୍



**ବରଗଡ଼, ୨।୧(ସମିସ):** ଆପ୍ ଯୁବ ନେତା ଶାହରୁଖ ଲୋଧିଆଙ୍କୁ ଆକ୍ରମଣକରି ଥିବା ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଦାବିପତ୍ର ଦେଇଛି ଆମ୍ ଆଦମୀ ପାର୍ଟି(ଆପ୍) । ରାଜ୍ୟ ସମ୍ପାଦକ ଭବାନୀ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ଏସପିଙ୍କ ସହ ଆଲୋଚନା କରି ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛି । ଗତ ସୋମବାର ଚାଷୀ ମାନଙ୍କ ମୁଖ୍ୟ ସମସ୍ୟା ଟୋକନ ଓ ଧାନ ବିକ୍ରି ବିଷୟରେ ଦାବିପତ୍ର ଦେବାକୁ ଭଟଲି ବିଧାୟକଙ୍କ କାର୍ଯ୍ୟାଳୟକୁ ଶାହରୁଖ ଯାଇଥିବାବେଳେ ବିଧାୟକଙ୍କ ଗୁଣ୍ଡାମାନେ ଶାହରୁଖଙ୍କୁ ମରଣାନ୍ତକ ଆକ୍ରମଣ କରି ଲହୁ ଲୁହାଣ କରିଦେଇ ଓଲଟା ମିଥ୍ୟା କେଶ ଲଗାଇ ଥିଲେ । ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିବା ପରିବର୍ତ୍ତେ ଶାହରୁଖଙ୍କୁ ଗିରଫ କରି କୋର୍ଟ ଚଲାଣ କରି ଜେଲକୁ ପଠେଇ ଦେଇଛି, ଯାହାକି ସମ୍ପୂର୍ଣ୍ଣ ବେଆଇନ ବୋଲି ଶ୍ରୀ ସାହୁ କହିଛନ୍ତି । ଯଦିଶୀଘ୍ର ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ ନ କରେ ତେବେ ଏସ୍‌ପି ଅଫିସ ସାମ୍ନାରେ ଆମ୍ ଆଦମୀ ପାର୍ଟି ଧାରଣା ଆରମ୍ଭ କରିବ ବୋଲି ଶ୍ରୀ ସାହୁ କହିଛନ୍ତି । ଏହି ପ୍ରତିନିଧି ମଣ୍ଡଳୀରେ ଜିଲ୍ଲା ସଭାପତି ଯଦୁମଣି ପ୍ରଧାନ, ମାରିୟମ ବାର୍ଲା, ଅସିତ ସାହୁ, ଜୟ କ୍ରିଷ୍ଣା ଛୁରିଆ, ନରୋତ୍ତମ ପଣ୍ଡା, ସୁବଳ କହର, ପ୍ରଦୀପ ବିଶ୍ୱାଳ, ଅମିତାଭ ପାତ୍ର ଉପସ୍ଥିତ ଥିଲେ ।

# ୨୦୧ କୁଣ୍ଡୀୟ ବୈଦିକ ବିଶ୍ୱ ଶାନ୍ତି ମହାଯଜ୍ଞ



**ଭେଡେନ, ୨।୧(ସମିସ):** ଭେଡେନ ବ୍ଲକ ଐତିହାସିକ ପର୍ଯ୍ୟଟନ ପୀଠ ଶହୀଦ୍ ବୀର ମନୋହର ସିଂଙ୍କ ଗଡ଼ ନିକଟସ୍ଥ ବସେଇକେଲା ବାଲିଯାତ୍ରା ପଡ଼ିଆଠାରେ ଗୁରୁପାଲି, ବସେଇକେଲା, କଟାପାଲି ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଇଂରାଜୀ ନବ ବର୍ଷ ଉପଲକ୍ଷେ ୨୦୧ କୁଣ୍ଡୀୟ ବୈଦିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ହରିଶଙ୍କର ବେହେରାଙ୍କ ଉଦ୍ୟମ ଓ ସଂଯୋଜନାରେ ଅନୁଷ୍ଠିତ ଏହି ବିଶ୍ୱ ଶାନ୍ତି ମହାଯଜ୍ଞରେ ଗୁରୁକୂଳ ହରିପୁରର ସଂସ୍ଥାପକ ଡ. ସୁଦର୍ଶନ ଆଚାର୍ଯ୍ୟ ଯଜ୍ଞ ପରିଚାଳନା କରିଥିଲେ । ସ୍ୱାମୀ ଭାଗବତା ନନ୍ଦ ସରସ୍ୱତୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଯଜ୍ଞରେ ୨୦୧ ସପତ୍ନୀକ ପରିବାର କର୍ତ୍ତା ଦାୟୀତ୍ୱ ବହନ କରିଥିଲେ । ଯଜ୍ଞରେ ଉପସ୍ଥିତ ଅନ୍ୟ ସାଧୁସନ୍ଥଙ୍କ ମଧ୍ୟରେ ସ୍ୱାମୀ ବିସୁଦ୍ଧାନନ୍ଦ ସରସ୍ୱତୀ, ବାନପ୍ରସ୍ଥୀ ପବିତ୍ର ଚରଣ ଦାଶ, ବ୍ରହ୍ମଚାରୀ ପ୍ରଶାନ୍ତ କୁମାର ଆର୍ଯ୍ୟ, ଆଚାର୍ଯ୍ୟ ନିର୍ମଳ ଦେବ, ବିଶିଷ୍ଟ ସମାଜସେବୀ ଗୌରହରି ମିଶ୍ର, ପଣ୍ଡିତ ଭୈରବ ସାହୁ, ପଣ୍ଡିତ ଗୋପବନ୍ଧୁ ପୁରୋହିତ, ଜୀବର୍ଦ୍ଧନ ବାରିକ, ହରିଶଙ୍କର ବେହେରା ପ୍ରମୁଖ ସତ୍‌ସଙ୍ଗରେ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ବୈଦିକ ଯଜ୍ଞ ଓ ଏହି ପୀଠର ଉନ୍ନତି ପାଇଁ ସହଯୋଗର ହାତ ବଢ଼ାଇ ଥିବା ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ପଦ୍ମିନୀ ଗଡ଼ତିଆ, ସାମାଜିକ କର୍ମୀ ସୁରେଶ ରାଓ, ଶୁକଦେବ ପ୍ରଧାନ, ସୁପ୍ରଭା ପ୍ରଧାନ, ଶେଖର ରାଓ ପ୍ରମୁଖଙ୍କୁ ଯଜ୍ଞ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ବସୁଦେବ ପଟେଲ, କିଶୋର ରାଏ, ଭଗବାନ ସେଟ୍, ବୀରେନ ଭୋଇ, ସିଦ୍ଧେଶ୍ୱର ପାଣିଗ୍ରାହୀ, ଆନନ୍ଦ କରନ, ସୁବଳ ପ୍ରଧାନ, ପାଣ୍ଡବ କର୍ଣ୍ଣ, ସାହେବ୍ ପ୍ରଧାନ, ମକୁନ୍ଦ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ବଳରାମ ଛନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଦ୍ୟାଳୟରେ କୃତଜ୍ଞତା ସଭା

**ବିଜେପୁର, ୨।୧(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅନ୍ତର୍ଗତ ତାଳପଦର ସରସ୍ୱତୀ ଶିଶୁ ମନ୍ଦିରରେ ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ କୃତଜ୍ଞତା ପ୍ରକାଶ କରାଯାଇଛି । ଉକ୍ତ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ରୀ ଲୋଲିନା ରଣା, ତୃତୀୟ ଶ୍ରେଣୀ ଛାତ୍ର ଆଶୁତୋଷ ସାହୁ ଓ ସୋନମ୍ ପ୍ରଧାନ ଯଥାକ୍ରମେ ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ବୃନ୍ଦ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ସହ ଗୁରୁଜୀ ଗୁରୁମାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ବେହେରାଟାଲ ଗୌନ୍ତିଆଙ୍କ ପରଲୋକ

**ଦହିତା, ୨।୧(ସମିସ):** ପଦ୍ମପୁର ଉପଖଣ୍ଡ ଜମରତଲା ପଞ୍ଚାୟତ ଅନ୍ତର୍ଗତ ବେହେରାଟାଲ ଗ୍ରାମର ଗୌନ୍ତିଆ ଧର୍ମକୁମାର ଚାନ୍ଦଙ୍କର ପରଲୋକ ହୋଇଯାଇଛି । ମୃତ୍ୟୁ



ବେଳକୁ ତାଙ୍କୁ ୮୭ବର୍ଷ ବୟସ ହୋଇଥିଲା । ସେ ତାଙ୍କ ପଛରେ ତିନି ପୁଅ ସୁରେଶ, ରମେଶ, ନରେଶ ଏବଂ ଦୁଇ ଝିଅ ନଳିନୀ, କାମିନୀ ଏବଂ ନାତି ନାତୁଣୀ ଜ୍ଞାତି କୁଟୁମ୍ବଙ୍କୁ ଛାଡ଼ି ଦେଇ ଯାଇଛନ୍ତି । ସେ ସମାଜସେବୀ ତଥା ଚାଷୀ ନେତା ସୁରେଶ ଚାନ୍ଦଙ୍କ ପିତା ଅଟନ୍ତି । ସ୍ଥାନୀୟ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ଏଥିରେ ଗ୍ରାମ୍ୟର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ସେ ଜଣେ ଧର୍ମପରାୟଣ ପରୋପକାରୀ ତଥା ଗାଁର କଲ୍ୟାଣ ମୂଳକ କାମରେ ତାଙ୍କର ଯୋଗଦାନ ଥିବାରୁ ପରିଚିତ ମହଲରେ ଶୋକର ଛାୟା ଖେଳିଯାଇଛି ।

## ଯାଦବ ସମାଜର ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା

**ପଦ୍ମପୁର, ୨।୧(ସମିସ):** ବରଗଡ଼ ଜିଲ୍ଲା ଯାଦବ ସମାଜର ନବନିର୍ବାଚିତ ସଭାପତି ରାଜୁ ଘିବେଲାଙ୍କୁ ଗାଇସିଲାଟ ବ୍ଲକ ଯାଦବ ସମାଜ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ସହ ନବ ବର୍ଷର ଅଭିନନ୍ଦନ ଜ୍ଞାପନ କରାଯାଇଛି । ଏହି ଅବସରରେ ବରଗଡ଼ ଜିଲ୍ଲା ଯାଦବ ସମାଜକୁ ଏକ ସୁଦୃଢ଼ ସଂଗଠନ କରାଇବା ସାଙ୍ଗକୁ ସମାଜର ମାନ ବର୍ଦ୍ଧନ ଏବଂ ସଂସ୍କୃତି ପରମ୍ପରାକୁ ସମୃଦ୍ଧ କରିବା ପାଇଁ ଗାଇସିଲାଟ ବ୍ଲକ ଯାଦବ ସମାଜ ତରଫରୁ ସଭାପତିଙ୍କୁ ଅନୁରୋଧ କରାଯାଇଥିଲା । ଏହି ସ୍ୱାଗତ ସମ୍ବର୍ଦ୍ଧନା ସମୟରେ ସପ୍ତସିନ୍ଧୁ ବଗର୍ତି, ଗାଇସିଲାଟ ଯାଦବ ସମାଜ ସଭାପତି, ଉପସଭାପତି ସନ୍ଦ୍ରମଣି ଷାଣ୍ଢ, ସମ୍ପାଦକ ଛେଲିଆ ପୋଢ, କୋଷାଧକ୍ଷ ଲକ୍ଷ୍ମଣ ଜୁଆଡି, ସଂଯୋଜକ ଫଗୁନୁ ବାଗ ଏବଂ ସଞ୍ଜିବ ବଗର୍ତି, କଁଏଟୁ ବାଗ, ପ୍ରଫୁଲ୍ଲ ପୋଢ, ରାତ୍ର ପୋଢ ପ୍ରମୁଖ ସଭ୍ୟମାନେ ଉପସ୍ଥିତ ରହି ସମ୍ବର୍ଦ୍ଧନା ଜ୍ଞାପନ ସହିତ କାର୍ଯ୍ୟକ୍ରମକୁ ସମାପନ କରିଥିଲେ ।

# ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଓ ବାର୍ଷିକ ମହୋତ୍ସବ ଅବସରରେ ରକ୍ତଦାନ ଶିବିର



**ପଦ୍ମପୁର, ୨।୧(ସମିସ):** ପାଇକମାଳ ବ୍ଲକ ପଲସାନି, ବୁକୁରମୁଣ୍ଡା ସ୍ଥିତ ଅଲେଖ ମହିମା ଆଶ୍ରମରେ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଓ ବାର୍ଷିକ ମହୋତ୍ସବ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ସାଧୁ ବଳରାମ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବଜରଙ୍ଗ ଦଳ ସଂଯୋଜକ ସୁରେଶ ରାମଚଂଦାନୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଟେମରି ସରପଞ୍ଚ ଦିଲୀପ ବେହେରା, ସମାଜସେବୀ ନିରୋଜ ଦୋରା, ବାବା ଶିବ ସାହୁ, ପଦ୍ମପୁରର ବରିଷ୍ଠ ସାମ୍ବାଦିକ ରତ୍ନମଣୀ ଶତପଥି ଯୋଗଦେଇଥିଲେ । ଏହି ଅବସରରେ ଆଶ୍ରମ ପାଇଁ ଜମି ପ୍ରଦାନ କରିଥିବା ଘନଶ୍ୟାମ ବାଙ୍କା, ହରି ବରିହା, ଶ୍ରୀମଦ ବିଶ୍ୱାଳ, ବିନୋଦ ଭୋଇ ଏବଂ ପୁରାତନ ସଦସ୍ୟ ତଥା ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ ଅବସର ଶିକ୍ଷକ ମନୋରଞ୍ଜନ ସାହୁଙ୍କୁ ସମ୍ମାନିତ କରାଯାଇଥିଲା । ଲିଙ୍ଗରାଜ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବୁକୁରାମୁଣ୍ଡା ସରପଞ୍ଚ ଅନିତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ହଜାର ହଜାର ଶ୍ରଦ୍ଧାଳୁ ଓ ମହିମା ପ୍ରେମୀ ଦର୍ଶନ

### ୬୫ ୟୁନିଟ ରକ୍ତ ସଂଗ୍ରହ

କରିଥିଲେ । ଏହି ଅବସରରେ ୬୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ପଦ୍ମପୁର ରକ୍ତ ଭଣ୍ଡାରର ସଂଗ୍ରାମ କେଶରୀ ମହନ୍ତ, ହିତେଶ ସାହୁ, କିଶୋର ପଧାନ, ଜୀତେନ୍ଦର ଗୁର୍ଲା, ମାନସ ବୁଡେକ, ଗଣେଶ ପଧାନ, ପରକ୍ଷୀତ ସେଠ ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ବର୍ଷାରାଣୀ ତ୍ରିପାଠୀଙ୍କ ପାରାୟଣ ପରିବେଷଣ ହୋଇଥିବା ବେଳେ ମହୁଲପାଲି ସତ୍‌ସଙ୍ଗ କମିଟି ତରଫରୁ ଆୟୁର୍ବେଦିକ ଚାହା ବଣ୍ଟନ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ବୁକୁରମୁଣ୍ଡା, ପଲସାନୀ ଓ ମହୁଲପାଲି ଗ୍ରାମବାସୀ ପରିଚାଳନା କରିଥିଲେ ।

## ତାଲମେଣ୍ଡାରେ ୨ ଅଜଗର ଉଦ୍ଧାର



**ଭେଡେନ, ୨।୧(ସମିସ):** ଭେଡେନ ବ୍ଲକ ତାଲମେଣ୍ଡା ଗ୍ରାମରୁ ୨ ଟି ଅଜଗର ସାପ ଉଦ୍ଧାର ହୋଇଛି । ମହିଳାମାନେ କ୍ଷେତକୁ ରୋଇବାକୁ ଯାଇଥିବାବେଳେ ଉକ୍ତ ସାପ ୨ ଟିକୁ ଦେଖିଥିଲେ । ସେମାନେ ଗ୍ରାମବାସିଙ୍କୁ ଏନେଇ ଜଣାଇଥିଲେ । ଖବରପାଇ ବନ ବିଭାଗର କର୍ମଚାରୀ ପହଞ୍ଚି ୨ ଅଜଗରକୁ ଉଦ୍ଧାର କରି ଜଙ୍ଗଲରେ ଛାଡିଥିଲେ । ପ୍ରତି ସାପର ଲମ୍ବ ପ୍ରାୟ ପ୍ରାୟ ୧୩ ଫୁଟରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ଓଜର ୩୦ କେଜିରୁ ଉର୍ଦ୍ଧ୍ୱ ଥିବା ଜଣାପଡ଼ିଛି ।

## ନିଆରା ଢ଼ଙ୍ଗରେ ପ୍ରତିଷ୍ଠା ଦିବସ ପାଳିଲା ପରିବର୍ତ୍ତନ ଟ୍ରଷ୍ଟ

**ବରଗଡ଼, ୨।୧(ସମିସ):** ଗୁରୁବାର ଦିନ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବୀନ ପ୍ରଧାନଙ୍କ ଜନ୍ମଜୟନ୍ତୀ ଓ ପରିବର୍ତ୍ତନ ଟ୍ରଷ୍ଟର ଏକ ବର୍ଷ ପୂର୍ତ୍ତି ତଥା ପ୍ରତିଷ୍ଠା ଉତ୍ସବକୁ ନିଆରା ଢ଼ଙ୍ଗରେ ସମଲେଇ ପଦର ସ୍ଥିତ ବହ୍ନି କନ୍ୟା ପାର୍ବତୀ ଗିରି ବୃଦ୍ଧାଶ୍ରମରେ ପାଳନ କରାଯାଇଥିଲା । ଏହି ଟ୍ରଷ୍ଟ ସମାଜରେ ଅବହେଳିତ ବୃଦ୍ଧବୃଦ୍ଧାଙ୍କୁ ସଠିକ୍ ସ୍ୱାସ୍ଥ୍ୟ ସୁବିଧା ତଥା ଶିଶୁ ମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ କାମ କରୁଛି । ଗତ ଗୋଟିଏ ବର୍ଷ ମଧ୍ୟରେ ଜିଲ୍ଲାର ବହୁ ଜାଗାରେ ମାଗଣା ସ୍ୱାସ୍ଥ୍ୟ ଶିବିର ଓ ଔଷଧ ବଣ୍ଟନ କରାଯିବା ସହ ସଚେତନତା ଶିବିର ମଧ୍ୟ ଆୟୋଜନ କରାଯାଇଛି । ଏ ବର୍ଷ ପାର୍ବତୀ ଗିରି ବୃଦ୍ଧାଶ୍ରମରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସବୁ ଯୁବ ସାଥୀମାନେ ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କ ସହ ମିଶି କେକ୍ କାଟି ନବ ବର୍ଷ ସହ ଟ୍ରଷ୍ଟର ପ୍ରତିଷ୍ଠା ଦିବସ ପାଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଡ.ଅମିତ୍ କୁମାର୍ ଭୋଇ, ପ୍ରଫେସର ଦେବବ୍ରତ ଡନସେନା, ଶ୍ମିଥ ପ୍ରଧାନ, ରୋସନ ପ୍ରଧାନ, କିଶୋର ସାହୁ, ଦିବାକର ମାଝୀ, ସାଗର ମହାପାତ୍ର, ବିକି ପ୍ରଧାନ, ସମୀର ପ୍ରଧାନ, ଅବିନାଶ ମଲ୍ଲିକ, ସୁରଜ୍ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ‘ଘାଏ ଦେଖତ କଲାପଟା’ର ବାର୍ଷିକୋତ୍ସବ

**ଗାଇସିଲେଟ, ୨।୧(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟଠାରେ ‘ଘାଏ ଦେଖତ କଲାପଟା’ ଅନୁଷ୍ଠାନର ବାର୍ଷିକୋତ୍ସବ ଗୁରୁବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସାହୁ କଲ୍ୟାଣ ମଣ୍ଡପ କଲଙ୍ଗାପାଲିଠାରେ ସକାଳେ ବୈଦିକ ଯଜ୍ଞ ଅନୁଷ୍ଠିତ



ହୋଇଥିଲା । ଏହାପରେ କଲାପଟା ସାହିତ୍ୟ ସଂସଦର ସଭାପତି ନିରଞ୍ଜନ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରଥମ ଅଧିବେସନରେ ବ୍ୟଙ୍ଗ କବି ମନୋରଞ୍ଜନ ସାହୁ ମୁଖ୍ୟ ଅତିଥି ଏବଂ ସାହିତ୍ୟ ଗବେଷକ ଉତ୍ପନ୍ନ ଭୋଇ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଭାଷା ସାହିତ୍ୟର ବିକାଶ ପାଇଁ ସମସ୍ତେ ଏକତ୍ରିତ ହୋଇ କାମ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ପରିଷଦର ସମ୍ପାଦକ ବୈରାଗୀ ସାହୁଙ୍କ ଭଗବତ ଗୀତାର ସମ୍ବଲପୁରୀ ଅନୁବାଦ ପୁସ୍ତକ ଉନ୍ମୋଚିତ ହୋଇଥିଲା । ଏହାକୁ ସମୀକ୍ଷା କରି ଅଧ୍ୟାପକ ସୁଶାନ୍ତ ମିଶ୍ର ଜୀବନ ବଞ୍ଚିବାର ମନ୍ତ୍ର ହିଁ ଗୀତା ଅଟେ, ତେଣୁ ଅଖଣ୍ଡ ଭାରତରେ ଧର୍ମ, ସଂସ୍କୃତିକୁ ରକ୍ଷା କରି ସମାଜ ପରିବର୍ତ୍ତନ ପାଇଁ ଗୀତା ହିଁ ପ୍ରକୃଷ୍ଟ ଦର୍ଶନ ଅଟେ ବୋଲି ପ୍ରକାଶ କରିଥିଲେ । ଉନ୍ମୋଚିତ କଲାପଟା ସାହିତ୍ୟର ବାର୍ଷିକ ସଙ୍କଳନକୁ ସୁଶିଲ ଗୁରୁ ସମୀକ୍ଷା କରିଥିଲେ । ଏହି ଅବସରରେ ସୁକୁମାର ଭୋଇଙ୍କ ପୁସ୍ତକ ନାଟ ଲୋକାର୍ପିତ ହୋଇଥିବା ବେଳେ ରାଧାକାନ୍ତ ସାହୁଙ୍କୁ କଲାପଟା ସିରି, ସୁରେଶ ଭୋଇଙ୍କୁ ଦୁର୍ଗା ପ୍ରସାଦ ସ୍ମାରକୀ, ଅର୍ଜୁନ ମେହେରଙ୍କୁ ଦୁର୍ଗା ପ୍ରସାଦ ସ୍ମାରକୀ, କବିତା ମହରାଙ୍କୁ ଲକ୍ଷ୍ମୀପ୍ରିୟ ସ୍ମାରକୀ ଆଦି ସମ୍ମାନରେ ସମ୍ମାନିତ କରାଯାଇଥିଲା । ପ୍ରାରମ୍ଭରେ କବି ତେଜରୁ ବାରିକ ଅତିଥି ପରିଚୟ ଓ ଉପସଭାପତି ରଞ୍ଜନ ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଧ୍ରୁବ ଚରଣ ପ୍ରଧାନ ସଭା ପରିଚାଳନା କରିଥିଲେ । ଶେଷରେ ହେମନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ଅଧିବେସନରେ ମନୋରଞ୍ଜନ ପୁରୋହିତ ଓ ହେମନ୍ତ ପଣ୍ଡାଙ୍କ ସଂଯୋଜନାରେ ବହୁ ସଂଖ୍ୟାରେ କବିମାନେ କବିତା ଆବୃତ୍ତି କରିଥିଲେ । ଅଶୋକ ପୁଝାରୀ, ସୁକୁମାର ଭୋଇ, ଅଧିକାରୀ ସା, ରାମପ୍ରସାଦ ବାଗ, ଦିଲ୍ଲୀପ ମିଶ୍ର, ଦିବାକର ଯୋଶୀ, ରବୀନ୍ଦ୍ର ପଣ୍ଡା, ଅହଲ୍ୟା ପ୍ରଧାନ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରିଥିଲେ । ତୃତୀୟ ତଥା ଶେଷ ଅଧିବେସନରେ କରମସାନୀ ତଥା ବିଭିନ୍ନ ଲୋକନୃତ୍ୟ ଅନୁଷ୍ଠିତ ହୋଇଥିଲା ।

## ୧୦ରୁ ୩୦ତମ ସର୍ବଭାରତୀୟ ବୋଡାସମ୍ବର କପ୍

**ପଦ୍ମପୁର, ୨।୧(ସମିସ):** ପଦ୍ମପୁର ଉପଖଣ୍ଡରେ ଖେଳ ଓ ଖେଳାଳୀଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିଆସୁଥିବା ବୋଡାସମ୍ବର ସ୍ପୋର୍ଟିଙ୍ଗ ପଦ୍ମପୁର ପକ୍ଷରୁ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ୩୦ ତମ ସର୍ବଭାରତୀୟ ବୋଡାସମ୍ବର




କପ କ୍ରିକେଟ-୨୦୨୬ ଆୟୋଜିତ ହେବ । ଆଜି ଅଶୋକା ପଡ଼ିଆ ସ୍ଥିତ ସ୍ପୋର୍ଟିଙ୍ଗର କାର୍ଯ୍ୟାଳୟଠାରେ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଆସନ୍ତା ଜାନୁୟାରୀ ୧୦ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ୩୦ ତମ ସର୍ବଭାରତୀୟ ବୋଡାସମ୍ବର କପ କ୍ରିକେଟ ୨୦୨୬ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି । ଚଳିତ ବର୍ଷ ୧୦ ଗୋଟି ଦଳ ଅଂଶ ଗ୍ରହଣ କରୁଥିବା ବେଳେ ତନ୍ମଧ୍ୟରେ ପଦ୍ମପୁର, ରାଉରକେଲା, କଟକ, ପାଟନା, ରାୟପୁର, ପୁନେ, ମୁମ୍ବାଇ, ଭୁବନେଶ୍ୱର, ରାଜାହମୁଣ୍ଡେରୀ ଏବଂ କଲିକତାର ଦଳ ଯୋଗ ଦେବାର ସୂଚନାମିଳିଛି । ବିଜେତା ଦଳକୁ ଏକ ଲକ୍ଷ ଟଙ୍କା ଓ ଉପ ବିଜେତା ଦଳକୁ ଷାଠିଏ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଆଜି ସାମ୍ବାଦିକ ସମ୍ମିଳନୀରେ ସଭାପତି ସୁନୀଲ କୁମାର ସାହୁ, ଉପସଭାପତି ଅବଦୁର ରେହମାନ, ସମ୍ପାଦକ ଭରତ ପଣ୍ଡା, ସହ ସମ୍ପାଦକ ସରଜୁ ପଟ୍ଟନାୟକ, କୋଷାଧକ୍ଷ ବିଜୟ କୁମାର ଦାଶ ଉପସ୍ଥିତ ରହି ସୂଚନା ପ୍ରଦାନ କରିଥିଲେ ।

# ସହଁରାଟିକ୍ରା ଧାନମଣ୍ଡି ପରିଦର୍ଶନ କରି ଗର୍ଜିଲେ ସ୍ନେହାଙ୍ଗିନୀ

ଭେଡେନ, ୨।୧(ସମିସ)

ଭେଡେନ ବ୍ଲକର ବିଭିନ୍ନ ମଣ୍ଡିରେ ପଡ଼ିରହିଛି ହଜାର ହଜାର କ୍ୱିଣ୍ଟାଲ ଧାନ । ବିଭିନ୍ନ ଆଳ ଦେଖାଇ ମିଲର୍ସ, ପେକ୍ସକର୍ମଚାରୀ, ଯୋଗାଣ ବିଭାଗ ଧାନ ଉଠାଉ ନାହାଁନ୍ତି । ଏହି ସବୁର ସମାଧାନ ପାଇଁ ଚାଷୀଙ୍କ ଏହି ଦୁର୍ଦ୍ଦିନରେ ଠିଆ ହେବାପାଇଁ ଆଗେଇ ଆସିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ । ସହଁରା ଟିକ୍ରା ଧାନମଣ୍ଡି ପରିଦର୍ଶନ କରି ଚାଷୀଙ୍କ ସହ ଆଲୋଚନା କରିଛନ୍ତି ଶ୍ରୀ ଛୁରିଆ । ମଣ୍ଡିରେ ଚାଷୀଙ୍କ ଧାନ କିଣାରେ ବିଳମ୍ବ



ଓ ଅନିୟମିତତାକୁ ଦେଖି ସେ ଗର୍ଜିବା ସହ ସରକାରଙ୍କୁ ଚେତାବନୀ ଦେଇଛନ୍ତି । ଯଦି ଶିଘ୍ର ଚାଷୀଙ୍କ ଧନ ସରକାର ନ ଉଠାନ୍ତି ତେବେ ସାତ ଆଠ ଦିନ ଭିତରେ ଭୟଙ୍କର ଆନ୍ଦୋଳନ ହେବ । ପରିସ୍ଥିତି ପାଇଁ ସରକାର ଦାୟୀ ରହିବେ ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ, ବ୍ଲକର ବିଭିନ୍ନ ମଣ୍ଡିରେ ହଜାର ହଜାର କୁଇଣ୍ଟାଲ ଧାନ ପଡ଼ିରହିଥିବା ବେଳେ ଧାନ ଉଠୁନାହିଁ । ପ୍ରଶାସନ ଓ ମିଲର୍ସଙ୍କ ମଧୁଚନ୍ଦ୍ରିକାରେ ପେସିହେଉଛନ୍ତି ଚାଷୀ । ନିଜର କଷ୍ଟଉପାର୍ଜିତ ଧାନ ବିକ୍ରି ହୋଇପାରୁ ନଥିବାରୁ ଲେବରଙ୍କୁ ଟଙ୍କା ଦେଇପାରୁ ନାହାଁନ୍ତି ଚାଷୀ । ବାଧ୍ୟହୋଇ ମହାଜନଠୁ ସୁଧରେ ଟଙ୍କା ଉଠାଇ ଲେବରଙ୍କୁ ପଇଠ କରିଛନ୍ତି ଚାଷୀ । ଏପଟେ ପିଲାଙ୍କ ପାଠପଢ଼ା ତଥା ଦୈନନ୍ଦିନ ଖର୍ଚ୍ଚ ତୁଲାଇବାକୁ ଚାଷୀ ହନ୍ତସନ୍ତ ହେଉଛନ୍ତି । କଚ୍ଛପ ଗତିରେ ଧାନ ଉଠାଣ ପ୍ରକ୍ରିୟା ଚାଲୁଥିବା ବେଳେ ଚାଷୀଙ୍କ ଅନ୍ଦୋଳନ ଓ ପ୍ରତିବାଦ ପରେ ବି ସରକାର ଚେତୁ ନ ଥିବାରୁ ଏବେ ଚାଷୀଙ୍କ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି ।

# ରେମାଳ ନଦୀରେ ଲୀନହେବ ଅମରକୋଲା ଗାଁ



ଆନନ୍ଦପୁର, ୨।୧ (ସମିସ): ପ୍ରତିବର୍ଷ ବର୍ଷାଦିନେ ରେମାଳ ନଦୀ ଭୟଙ୍କର ରୂପ ଧାରଣ କରୁଛି। କୂଳ ଖାଇବା ସହ ଜନବସତି ଆଡ଼କୁ ମାଡ଼ିଆସୁଛି। ବିଭିନ୍ନ ସମୟରେ ଅତଡ଼ା ଖସୁଥିବାରୁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ୍ ଦରଡ଼ିପାଳ ପଞ୍ଚାୟତର ଅମରକୋଲା ଗ୍ରାମରେ। ଦିନକୁ ଦିନ ରେମାଳ ନଦୀ ଆଁ ଭିତରକୁ ଚାଲିଯାଉଛି ଅମରକୋଲା ଗାଁ। ଗ୍ରାମର ବହୁ ଚାଷଜମି ନଦୀଗର୍ଭରେ ଲୀନ ହୋଇଗଲାଣି। ଛଅବର୍ଷ ମଧ୍ୟରେ ଗ୍ରାମର ମଦନ ଦେହୁରୀ, ଦିବାକର ଦେହୁରୀ, ରମାକାନ୍ତ ଦେହୁରୀ, ରବୀନ୍ଦ୍ର ନାହାକ, ସରୋଜ ନାହାକଙ୍କ ଜମି ନଦୀଗର୍ଭକୁ ଚାଲିଯାଇଛି। ଶାଳପଡ଼ା ଜଳସମ୍ପଦ ବିଭାଗ ଦ୍ୱାରା ନିର୍ମାଣ ହୋଇଥିବା ସ୍ପର୍ କିଛିମାତ୍ରାରେ ସୁରକ୍ଷା ଦେଉଥିଲେ ବି ତାହା ଯଥେଷ୍ଟ ହେଉନି। ପ୍ରଶାସନ ତୁରନ୍ତ କୌଣସି ପଦକ୍ଷେପ ନନେଲେ ଆଗାମୀ ଦିନରେ ସମ୍ପୂର୍ଣ୍ଣ ଗାଁ ନଦୀଗର୍ଭରେ ଲୀନ ହୋଇଯିବ ବୋଲି ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ବି କୌଣସି ପଦକ୍ଷେପ ନିଆଯାଉନି। ଆଗାମୀ ଦିନରେ ସେମାନେ ଏନେଇ ମୁଖ୍ୟମନ୍ତ୍ରୀଙ୍କ ଜଣାଇବେ ବୋଲି ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କୁ ଯୋଗାଯୋଗ କରିବାରୁ, ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଜଙ୍ଗଲ ନିଆଁ ରୋକିବାକୁ ୧୭୦୦ କିମି ଫାୟାର୍ ଲାଇନ୍




## ଜିଲ୍ଲା ସ୍ତରରେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତି

କେନ୍ଦୁଝର,୨।୧(ସମିସ): କେନ୍ଦୁଝର ଡିଭିଜନରେ ପ୍ରତ୍ୟେକ ବର୍ଷ ଅନେକ ଜଙ୍ଗଲରେ ନିଆଁ ଲାଗି ବ୍ୟାପକ ଜଙ୍ଗଲ ପୋଡ଼ି ପାଉଁଶ ହେଉଛି। ଫଳରେ ଜଙ୍ଗଲରେ ରହୁଥିବା ବନ୍ୟପ୍ରାଣୀ ଏବଂ ପକ୍ଷୀ ନିଜର ଆଶ୍ରୟସ୍ଥଳ ହରାଉଛନ୍ତି। ଜଙ୍ଗଲରେ ନିଆଁ ରୋକିବା ପାଇଁ ଜିଲ୍ଲାସ୍ତରୀୟ କାର୍ଯ୍ୟ ଯୋଜନା ପ୍ରସ୍ତୁତି ବୈଠକ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଡିଏଫଓ ଡିଏଫ୍ଓ ଧନରାଜ ଏଚଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏ ସମ୍ପର୍କିତ ଆଲୋଚନା ହୋଇଥିଲା। ବିଗତ ୩ ବର୍ଷର ତଥ୍ୟ ଅନୁସାରେ ୧୭ଟି ବିଟ୍ ଅଞ୍ଚଳ ଅଧିକ ସମ୍ବେଦନଶୀଳ, ୩୬ଟି ବିଟ୍ ଅଞ୍ଚଳ ମଧ୍ୟମ ସମ୍ବେଦନଶୀଳ, ୫୨ଟି ବିଟ୍ ଅଞ୍ଚଳ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ଜଙ୍ଗଲ ନିଆଁ ରୋକିବା ପାଇଁ ୧୨ଟି ବଲେରୋ ଗାଡି, ୧୭୭ଟି ଫାୟାର ବ୍ଲୋୟର ମହଜୁଦ ଥିବାବେଳେ ୧୨୦ ଜଣ ଫାୟାର ସ୍କ୍ୱାଡ ନିୟୋଜିତ ହେବେ। ଚଳିତ ବର୍ଷ ୧୭୦୦ କିଲୋମିଟର ଫାୟାର ଲାଇନ କରିବାକୁ ଜାନୁୟାରୀ ମାସ ମଧ୍ୟରେ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ୮୦୦ କିଲୋମିଟର ଫାୟାର ଲାଇନ କାମ ଶେଷ ହୋଇଗଲାଣି। କେନ୍ଦୁଝର ଡିଭିଜନର ୭ଟି ରେଞ୍ଜରେ ୭୦୦ଟି ବନ ସୁରକ୍ଷା ସମିତିକୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଯେଉଁ ବନ ସୁରକ୍ଷା ସମିତି ଅଧିନରେ ଥିବା ଜଙ୍ଗଲରେ ନିଆଁ ଲାଗିବ ନାହିଁ ତାଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଚଳିତ ବର୍ଷ ୪୩୦ଟି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଜିଲ୍ଲାସ୍ତରୀୟ କାର୍ଯ୍ୟ ଯୋଜନା ପ୍ରସ୍ତୁତି ବୈଠକରେ ଆନନ୍ଦପୁର ବନ୍ୟପ୍ରାଣୀ ଡିଏଫଓ ପ୍ରଶାନ୍ତ କୁମାର ପଣ୍ଡା, ଏସିଏଫ୍ ପ୍ରତିକ ପ୍ରକାଶ ଇନ୍ଦୁଲକର, ଅଶୋକ କୁମାର ଦାସ, ଡ ସୁଦିପ୍ତ କୁମାର ପଣ୍ଡା, ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ଏଡିଏଚ ଗୋବିନ୍ଦଚନ୍ଦ୍ର ମେହେରଙ୍କ ସମେତ ବହୁ ଅଧିକାରୀ, ପ୍ରେସ କ୍ଲବର ସଭାପତି ଏବଂ କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ମତ ରଖିଥିଲେ। ଜଙ୍ଗଲ ନିଆଁ ସମ୍ପର୍କିତ ସୂଚନା ଦେଲେ ସ୍ଥାନୀୟ ଲୋକଙ୍କୁ ପ୍ରୋତ୍ସାହନ ରାଶି ଦିଆଯିବ। ଫାୟର ଲାଇନ କାର୍ଯ୍ୟ ଜାନୁୟାରୀ ମାସ ମଧ୍ୟରେ ଶେଷ ହେବ ଏବଂ ଏହାର ରକ୍ଷଣାବେକ୍ଷଣ କରାଯିବ। ଜଙ୍ଗଲ ଭିତରେ ଯେଉଁ ସ୍ଥାନରେ ଗାଡ଼ି ଯାଇ ପାରୁନାହିଁ ସେଠାରେ ଦୁଇଚକିଆ ଯାନ ପାଟ୍ରୋଲିଂ କରିବ। ବନାଗ୍ନି ରୋକିବାକୁ ଖସଡ଼ା ପ୍ରସ୍ତୁତ କରାଯାଇ ୟୁଥ କ୍ଲବ, ବନ ସୁରକ୍ଷା ସମିତି, ଗାଁ ମୁଖିଆ, ପାଣି ପଞ୍ଚାୟତ, ୱାର୍ଡ ମେମ୍ବର, ଜିଲ୍ଲା ପରିଷଦ ସଦସ୍ୟ, ସରପଞ୍ଚ ଏବଂ ଅନ୍ୟ ବିଭାଗର ଅଧିକାରୀ ଏବଂ କର୍ମଚାରୀଙ୍କ ସହଯୋଗ ଲୋଡ଼ାଯାଇଛି।

# ନୂଆ ଡାକ ଅଧିକାରୀଙ୍କ ଯୋଗଦାନ

ଆନନ୍ଦପୁର, ୨।୧ (ସମିସ): ଆନନ୍ଦପୁରରେ ଦୀର୍ଘ ଏକ ବର୍ଷ ଧରି ଖାଲି ପଡ଼ିଥିବା ସବ୍ ପୋଷ୍ଟ ଅଫିସର ଇନ୍ସପେକ୍ଟର ପଦରେ କୁମାର ପ୍ରସାଦ ଜେନା ଯୋଗଦାନ କରିଛନ୍ତି। ଏହି ଅବସରରେ ତାଙ୍କୁ ଆନନ୍ଦପୁର ପୋଷ୍ଟାଲ୍ ବିଭାଗ ପକ୍ଷରୁ ସ୍ୱାଗତ ଜଣାଯାଇଛି। ଏହି ଅବସରରେ ଓଭରସିଅର କ୍ଷୀରୋଦ ପାତ୍ର ଓ ସନ୍ମୟ ସେଠୀଙ୍କ ସହ ପୋଷ୍ଟାଲ୍ କର୍ମଚାରୀ ପ୍ରତ୍ୟୁଷ ବିଶ୍ୱାଳ, ସୁଶୀଲ ଦାସ, ଆକାଶ ଜେନା, ସୁଧାଂଶୁ ଓଝା, ରୀନା ପାଲେଇ ଓ ରଶ୍ମିତା ସାହୁ ନବନିଯୁକ୍ତ ଇନ୍ସପେକ୍ଟରଙ୍କୁ ସ୍ୱାଗତ କରିଥିଲେ। ଦୀର୍ଘ ସମୟ ଧରି ପଦଟି ଖାଲି ଥିବାରୁ ସମସ୍ୟା ହେଉଥିବାବେଳେ ଶ୍ରୀ ଜେନାଙ୍କ ଯୋଗଦାନ ସହ ଆନନ୍ଦପୁର ଅଞ୍ଚଳର ପୋଷ୍ଟାଲ୍ ସେବା ଆହୁରି କ୍ଷମତାଶୀଳ ହେବ ବୋଲି କର୍ମଚାରୀ ଓ ସାଧାରଣ ଲୋକେ ଆଶା ପ୍ରକାଶ କରିଛନ୍ତି।



## ୭୧ତମ ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା

# କେନ୍ଦୁଝର ଖେଳାଳିଙ୍କୁ ୯ ସ୍ୱର୍ଣ୍ଣ

କେନ୍ଦୁଝର, ୨।୧(ସମିସ): କଟକ ରିଜର୍ଭ ପୁଲିସ ଗ୍ରାଉଣ୍ଡଠାରେ ଅନୁଷ୍ଠିତ ୭୧ତମ ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ କେନ୍ଦୁଝର ଜିଲ୍ଲାର ଖେଳାଳିମାନେ ଅତି ଉଚ୍ଚକୋଟିର ଖେଳ ପ୍ରଦର୍ଶନ କରି ୯ଟି ସ୍ୱର୍ଣ୍ଣ, ୧୧ଟି ରୌପ୍ୟ ଓ ସମାନ ସଂଖ୍ୟକ କାଂସ୍ୟ ପଦକ ହାସଲ କରି ଜିଲ୍ଲାକୁ ଗୌରାବାନ୍ୱିତ କରିଥିବା କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକଙ୍କଠାରୁ ସୂଚନା ମିଳିଛି। ସପ୍ତପୁରି ଉଚ୍ଚବିଦ୍ୟାଳୟର ଖେଳ ଶିକ୍ଷକ ସୁଶୀଲ କୁମାର ନାୟକ ମ୍ୟାନେଜେର ଥିବା ବେଳେ କେନ୍ଦୁଝର କ୍ରୀଡା ଛାତ୍ରାବକ୍ଷସର ରାଜେନ୍ଦ୍ର ପ୍ରସାଦ ସି ଏବଂ ରଜନୀବାଳା ମୁଣ୍ଡା କୋଚ ରହିଥିଲେ। ୧୬ ବର୍ଷରୁ କମ ବାଳକ ବିଭାଗ ହାଇଜମ୍ପରେ ଦିଲ୍ଲୀପ ମଲ୍ଲିକ, ସଟପୁଟରେ ସୌମ୍ୟପ୍ରସାଦ ସେଠୀ, ୬୦୦ ମିଟର ଦୌଡ଼ରେ ବିବେକାନନ୍ଦ ମହାନ୍ତ, ୧୮ ବର୍ଷରୁ କମ ବାଳକ ବିଭାଗ ୫୦୦୦ ମିଟର ଚାଲିରେ ମହେଶ୍ୱର ସାହୁ, ଲଙ୍ଗଜମ୍ପରେ ବନମାଳି ସିଂହ, ହେପଟାଥଲନରେ ବନମାଳୀ ସିଂହ, ୨୦ ବର୍ଷରୁ କମ ବାଳକ ବିଭାଗ ୫୦୦୦ ମିଟର ଚାଲିରେ ଧନେଶ୍ୱର ବାସ୍କେ, ଲଙ୍ଗ ଜମ୍ପରେ ବିଶ୍ୱଜିତ ଦାସ, ୧୧୦ ମିଟର ବାଧା ଦୌଡ଼ରେ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ୧୪ ବର୍ଷରୁ କମ ବାଳକ ବିଭାଗ ଟ୍ରାଇଥଲକ୍ଷନରେ ଶ୍ରୀଲକ୍ଷଲା ଶିଙ୍କୁ, ୧୪ ବର୍ଷରୁ କମ ବାଳିକା ବିଭାଗ ଟ୍ରାଇଥଲକ୍ଷନ ଏ ରେ ପ୍ରତ୍ୟୁଷା ସି, ଟ୍ରାଇଥଲକ୍ଷନ ବି ରେ ଶିଷ୍ଟୀ ମୌର୍ଯ୍ୟ, ୧୬ ବର୍ଷରୁ କମ ବାଳକ ବିଭାଗ ଲଙ୍ଗ ଜମ୍ପରେ ସୌମ୍ୟ ରଞ୍ଜନ ମନ୍ତ୍ରୀ, ୬୦୦ ମିଟର ଡ଼େରେ ସୌମ୍ୟ ରଞ୍ଜନ ମନ୍ତ୍ରୀ, ୧୮ ବର୍ଷରୁ କମ ବାଳକ ବିଭାଗ ୪୦୦ ମିଟର ଡ଼େରେ ଧନଞ୍ଜୟ ସୋରେନ, ୧୦୦୦ ମିଟର ଦୌଡ଼ରେ ସଞ୍ଜୟ ହାଁସଦା, ହେପଟାଥଲକ୍ଷନରେ ହାଇ ଜମ୍ପରେ ରାହୁଲ ନାଏକ, ଜାଭେଲିନ ଥ୍ରୋରେ ସୌମ୍ୟ ପ୍ରସାଦ ସେଠୀ, ୧୬ ବର୍ଷରୁ କମ ବାଳିକା ବିଭାଗ ୬୦ ମିଟର ଦୌଡ଼ରେ ମାନସୀ ମୁଣ୍ଡା, ୧୮ ବର୍ଷରୁ କମ ବାଳକ ବିଭାଗ ୨୦୦ ମିଟର ଦୌଡ଼ରେ ସଚ୍ଚିଦାନନ୍ଦ ନନ୍ଦ ମହାନ୍ତ, ୧୦୦୦ ମିଟର ଡ଼େରେ ଜୁରାଶ ନନ୍ଦ, ୧୧୦ ମିଟର ବାଧା ଦୌଡ଼ରେ ସଚ୍ଚିଦାନନ୍ଦ ମହାନ୍ତ, ଲଙ୍ଗ ଜମ୍ପରେ ହେମନ୍ତ ଖାଡ଼ିଆ, ହାଇ ଜମ୍ପରେ ହେମନ୍ତ ଖାଡ଼ିଆ ଏବଂ ୨୦ ବର୍ଷରୁ କମ ବାଳକ ବିଭାଗ ୪୦୦ ମିଟର ବାଧା ଦୌଡ଼ରେ ସୁରେନ୍ଦ୍ର ବାଦ୍ରା ତୃତୀୟ ସ୍ଥାନ ହାସଲ କରି କାଂସ୍ୟ ପଦକ ସହ ଜିଲ୍ଲା ପାଇଁ ସମୁଦାୟ ୩୧ଟି ପଦକ ହାସଲ କରିଛନ୍ତି। ଏସକେ ଅନୱାର, ୨୦ ବର୍ଷରୁ କମ ବାଳକ ବିଭାଗ ୫୦୦୦ ଚାଲିରେ ଆଶୁତୋଷ ସିଂହ, ହାମକ୍ଷର ଥ୍ରୋରେ ରାଜେଶ ପାତ୍ର ଏବଂ ୨୦ ବର୍ଷରୁ କମ ବାଳିକା ବିଭାଗ ଡିସ୍କସ ଥ୍ରୋରେ ପ୍ରାଚୀ ବିଶ୍ୱାଳ ଦ୍ୱିତୀୟ ସ୍ଥାନ ହାସଲ କରି ରୌପ୍ୟ ପଦକ ହାସଲ କରିଥିଲେ। ୧୬ ବର୍ଷରୁ କମ ବାଳକ ବିଭାଗ ୮୦ ମିଟର ବାଧା ଦୌଡ଼ରେ ଅଭୟ କୁମାର ବେହେରା, ଲଙ୍ଗ ଜମ୍ପରେ ବିବେକାନନ୍ଦ ମହାନ୍ତ, ଜମ୍ପରେ ହେମନ୍ତ ଖାଡ଼ିଆ ଏବଂ ୨୦ ବର୍ଷରୁ କମ ବାଳକ ବିଭାଗ ୪୦୦ ମିଟର ବାଧା ଦୌଡ଼ରେ ସୁରେନ୍ଦ୍ର ବାଦ୍ରା ତୃତୀୟ ସ୍ଥାନ ହାସଲ କରି କାଂସ୍ୟ ପଦକ ସହ ଜିଲ୍ଲା ପାଇଁ ସମୁଦାୟ ୩୧ଟି ପଦକ ହାସଲ କରିଛନ୍ତି। ଏଥିସହ ୧୬ ବର୍ଷରୁ କମ ଏବଂ ୧୮ ବର୍ଷରୁ କମ ବାଳକ ବିଭାଗରେ କେନ୍ଦୁଝର ଜିଲ୍ଲା ଦଳଗତ ଚାମ୍ପିଅନ ହୋଇ ନଗଦ ୨୦ ହଜାର ଟଙ୍କା ପୁରସ୍କାର ଲାଭ କରିଛନ୍ତି।




# ପ୍ଲାଷ୍ଟିକ୍‌ମୁକ୍ତ ସାନଘାଗରା ପାଇଁ ସଚେତନତା



କେନ୍ଦୁଝର,୨।୧(ସମିସ): ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ବନ ବିଭାଗର ସହଯୋଗିତାରେ ଟାଟା ଷ୍ଟିଲ୍ ପକ୍ଷରୁ ନିକଟସ୍ଥ ସାନଘାଗରା ପିକନିକ୍ ସ୍ପଟରେ ଏକ ବିଶାଳ ପରିବେଶ ସଚେତନତା ଅଭିଯାନ ସଫଳତାର ସହିତ ଆୟୋଜିତ ହୋଇଯାଇଛି। ସାନଘାଗରାକୁ ପ୍ଲାଷ୍ଟିକ୍‌ମୁକ୍ତ ପିକନିକ୍‌ସ୍ଥଳୀରେ ପରିଣତ କରିବା ଉଦ୍ଦେଶ୍ୟରେ ଏକ ସପ୍ତାହରୁ ଅଧିକ ଧରି ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅଭିଯାନରେ ୭,୦୦୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ। କେନ୍ଦୁଝର, କଟକ, ଭୁବନେଶ୍ୱର, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଗଞ୍ଜାମ, ପୁରୀ, ଅନୁଗୁଳ, ଯାଜପୁର, ଖୋର୍ଦ୍ଧା, ତାଳଚେର, ଜଗତସିଂହପୁର ସହିତ କୋଲକାତା ଓ ପଶ୍ଚିମବଙ୍ଗର ହୁଗଲୀ ଜିଲ୍ଲାରୁ ମଧ୍ୟ ଆସିଥିବା ପର୍ଯ୍ୟଟକ ମାନେ ଏଥିରେ ସାମିଲ ହୋଇଥିଲେ। ସଚେତନତା କାର୍ଯ୍ୟକ୍ରମର ଅଂଶ ଭାବେ ପରିବେଶ, ବନ୍ୟପ୍ରାଣୀ ଓ ପ୍ରାକୃତିକ ପରିସ୍ଥିତି ଉପରେ ପ୍ଲାଷ୍ଟିକ୍‌ର କୁପ୍ରଭାବ ସମ୍ପର୍କରେ ସୂଚନା ଥିବା ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। ଏଥିସହ ଗୋଟିଏ ଥର ବ୍ୟବହାର ହେଉଥିବା ପ୍ଲାଷ୍ଟିକ ବ୍ୟବହାର ନକରିବା ପାଇଁ ଏକ ବ୍ୟାନର ଲଗାଯାଇଥିଲା। ଅଂଶଗ୍ରହଣକାରୀମାନେ ପ୍ଲାଷ୍ଟିକ୍ ବ୍ୟବହାର କମାଇବା ଏବଂ ସାନଘାଗରା ପିକନିକ୍‌ସ୍ଥଳୀକୁ ସଫା ଓ ସ୍ୱଚ୍ଛ ରଖିବା ପାଇଁ ଶପଥ ଗ୍ରହଣ କରିଥିଲେ। ଏହି ଅଭିଯାନରେ ସ୍ଥାନୀୟ ସମୁଦାୟ, ପର୍ଯ୍ୟଟକ, ସ୍ୱେଚ୍ଛାସେବୀ, ପରିବେଶ ଟିମ୍ ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଟିମ୍ ସଦସ୍ୟ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ଅସନପାଟ ସମବାୟ ସମିତିରେ ଧାନମଣ୍ଡି ଆରମ୍ଭ



ବାଲିବନ୍ଧ,୨।୧(ସମିସ): ଶୁକ୍ରବାର ଝୁମ୍ପୁରା ବ୍ଲକ ଅସନପାଟ ସମବାୟ ସମିତିରେ ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଝୁମ୍ପୁରା ବିଡ଼ିଓ ହୃଦାନନ୍ଦ ଅଡା, ସମ୍ମାନିତ ଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ଝୁମ୍ପୁରା ବ୍ଲକ ପ୍ରତିନିଧି ମହେନ୍ଦ୍ର କୁମାର ପଟ୍ଟନାୟକ, ପାଟଣା ବିଧାୟକଙ୍କ ପରାମର୍ଶଦାତା କମଳାକାନ୍ତ ଦାସ, ଜିଲ୍ଲା ବିଜେପି ମିଡିଆ କୋର୍ଡିନେଟର ବ୍ରଜକିଶୋର ରାୟ, ମଙ୍ଗଲୁ ସୋରେନ, ହେମନ୍ତ ନାଏକ, ଆରଏମସି ସମ୍ପାଦକ ଦିଗାମ୍ବର ପ୍ରଧାନ, ଅସନପାଟ ସରପଞ୍ଚ ଚିନ୍ମୟୀ ନାଏକ, ପିଇଓ ସୁବେରା ବାରିକ, ଭବାନୀ ମହାନ୍ତ, ଉଖୁଣ୍ଡା ଏମଡି ନବୀନ ମହାନ୍ତ, ସାରଳା ନାଏକ ବ୍ରଜେନ୍ଦ୍ର ମହାନ୍ତ, ଡିଇଓ ଚିନ୍ମୟ ନାଏକ, ସୁନେଲି ନାଏକ, ସାଧୁଚରଣ ମହାନ୍ତ, ହୀରାମୋହନ ମହାନ୍ତ, ମନୋଜ ନାଏକ, ସଂଯୁକ୍ତ ନାଏକ ପ୍ରମୁଖ ଯୋଗଦାନ କରିଥିଲେ। ଅସନପାଟ ସମବାୟ ସମିତିରେ ସପ୍ତାହର ପ୍ରତି ମଙ୍ଗଳବାର ଏବଂ ଶୁକ୍ରବାର ଦିନ ଧାନ କିଣିବା ପାଇଁ ସରକାର ଦିନ ଧାର୍ଯ୍ୟ କରିଛନ୍ତି। ପ୍ରଥମ ଦିନରେ ଭଜନା ମହାନ୍ତ, ରଘୁମଣି ନାଏକ, ମଧୁସ୍ମିତା ମହାନ୍ତ, ପବିତ୍ର ମହାନ୍ତ, ଯଶୋବନ୍ତୀ ନାଏକ, ପୂର୍ଣ୍ଣଚନ୍ଦ୍ର ମହାନ୍ତଙ୍କଠାରୁ ଧାନ ସଂଗ୍ରହ କରାଯାଇଛି।

# ବ୍ଲକ୍‌ସ୍ତରୀୟ ୱାଟର୍ ସେଡ୍ ମହୋତ୍ସବ



ତେଲକୋଇ, ୨।୧(ସମିସ): ତେଲକୋଇ ବ୍ଲକ ଅନ୍ତର୍ଗତ ସିରିଗିଡା ପଞ୍ଚାୟତର କାଳିମାଠାରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ୱାଟର ସେଡ୍ ମହୋତ୍ସବ ୨୦୨୫-୨୬ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଡ଼ାକ୍ତର ଫକୀର ମୋହନ ନାଏକ, ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଦୈତାରୀ ନାୟକ, ସାଂସଦ ପ୍ରତିନିଧି ହରିହର ପ୍ରଧାନ, ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ୱାଟରସେଡ୍ ବିଭାଗର ପିଡି ଅଶୋକ କୁମାର ସେନାପତି, ବ୍ଲକ କୃଷି ଅଧିକାରୀ ଯାଜ୍ଞସେନୀ ନାୟକ, ମତ୍ସ୍ୟ ବିଭାଗ ଅଧିକାରୀ ବାଲ୍ମିକୀ ପାତ୍ର, ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ସୁବ୍ରତ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ନୂତନ ପୋଖରୀ ଖନନ ପାଇଁ ଭୂମି ପୂଜନ କରିବା ପରେ ସମ୍ପାଦିତ ହୋଇଥିବା ପ୍ରକଳ୍ପର ଲୋକାର୍ପଣ ସହ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ସେହିପରି ମହୋତ୍ସବ ସଭାରେ ଜଳ ବିଭାଜିକା ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ଚାଷୀଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ହେବା ସହ ଅଞ୍ଚଳର ବିକାଶ ଘଟିବ ବୋଲି ବିଧାୟକ ଡ଼ାକ୍ତର ଶ୍ରୀ ନାଏକ ମତବ୍ୟକ୍ତ କରିଥିଲେ। ଉକ୍ତ ମହୋତ୍ସବରେ ୧୪ ଜଣ ଛାତ୍ରଛାତ୍ରୀଙ୍କୁ କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିବା ସହ ୫ଜଣ ମହିଳାଙ୍କୁ ସିଲେଇ ମେସିନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୫୦୦ରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ଚାଷୀ ସାମିଲ ହୋଇଥିଲେ। ଏହି ମହୋତ୍ସବକୁ ଜଳ ବିଭାଜିକାର ଅତିରିକ୍ତ ସହକାରୀ ନିର୍ଦ୍ଦେଶକ ପ୍ରଦୀପ କୁମାର ରାଉତ ପରିଚାଳନା କରିଥିବା ବେଳେ ଓ ଓଭରସିୟର ସଂଜୀବ ମହାନ୍ତଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଓଏଭି ଛାତ୍ର ଜୋନାଲ ପ୍ରତିଯୋଗିତାକୁ ଉତ୍ତୀର୍ଣ୍ଣ

ଆନନ୍ଦପୁର, ୨।୧ (ସମିସ): କେନ୍ଦୁଝରଠାରେ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ଶାଳପଡ଼ାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୩ ଜଣ ପ୍ରତିଯୋଗୀ କୃତିତ୍ୱ ଅର୍ଜନକରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଥିବାରୁ ବିଭିନ୍ନ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଏହି ପ୍ରତିଯୋଗୀମାନେ କୋଲକାତାଠାରେ ହେବାକୁ ଥିବା ଜୋନାଲସ୍ତରୀୟ ପ୍ରତିଯୋଗିତାକୁ ଉତୀର୍ଣ୍ଣ ହୋଇଛନ୍ତି। କାର୍ଯ୍ୟକ୍ରମର ଶେଷ ଦିନରେ ମୋଟ୍ ୨୮ଟି ପ୍ରକଳ୍ପକୁ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ କରାଯାଇଥିବାବେଳେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଶାଳପଡ଼ାର ଦୁଇ ଛାତ୍ର ଆଦ୍ୟସ୍ରଷ୍ଟା ପଟ୍ଟନାୟକ ଓ ଦେବାଞ୍ଜନ ଘଡ଼ାଇ ଏଥିରେ ସାମିଲ୍ ଅଛନ୍ତି। ଏହାସହ ବିଦ୍ୟାଳୟର ଛାତ୍ର ଆଦ୍ୟସ୍ରଷ୍ଟା ପଟ୍ଟନାୟକ ଓ ବି ଯଶସ୍ୱୀ ପ୍ରିତମ୍ କାର୍ଯ୍ୟକ୍ରମର ପ୍ରଥମ ଦିନରେ ସମ୍ପାଦିତ ହୋଇଥିବା ସାଇନ୍ସ କୁଇଜ୍ ଓ ସାଇନ୍ସ ସେମିନାରରେ ଦ୍ୱିତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୋରବ ଆଣିଛନ୍ତି। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ସୌମ୍ୟରଂଜନ ବେହେରା ଛାତ୍ରଛାତ୍ରୀ ଅଭିଭାବକ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ସେମାନଙ୍କ ନିଷ୍ଠା ଓ ଅଧ୍ୟବସାୟ ପାଇଁ ଧନ୍ୟବାଦ ଜଣାଇବା ସହ ଆଗାମୀ ଦିନରେ ଆହୁରି ଅନେକ ସଫଳତା ଓ ଗୌରବ ଆଣିବା ପାଇଁ ପ୍ରେରଣା ଦେଇଛନ୍ତି।



## ପଦ୍ମପୁର ବଜାରରେ କୁଢ଼କୁଢ଼ ଆବର୍ଜନା

# କାମରେ ଆସୁନି ଶୌଚାଳୟ; ଖୋଲା ପରିସ୍ରା: ପିଣ୍ଡି ନାହିଁ କି ପାଣି ନାହିଁ

କେନ୍ଦୁଝର, ୨।୧(ସମିସ)

ବହୁବାର ପଦ୍ମପୁର କୃଷକ ବଜାର ସମସ୍ୟା ସମ୍ବନ୍ଧରେ ଅଭିଯୋଗ କରାଯାଇ ଆସୁଥିଲେ ମଧ୍ୟ ଏହାର ପରିଚାଳନା ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଉ ନଥିବାରୁ ଧୀରେ ଧୀରେ ବଜାର ପରିସର ଅଳିଆ ଆବର୍ଜନାର କୁଣ୍ଡରେ ପରିଣତ ହେଲାଣି। ପରିସ୍ଥିତି ଅସମ୍ଭାଳ ହେବାରେ ଲାଗିଲାଣି। କୁଢ଼ କୁଢ଼ ଆବର୍ଜନାରେ ଭାସୁଛି ବଜାର ପରିସର। ଆର୍‌ଏମ୍‌ସି ବଜାର କମିଟି ପଦକ୍ଷେପ ଗ୍ରହଣ କରୁ ନଥିବା ଅଭିଯୋଗ ହୋଇଛି। କିଛିମାସ ତଳେ ବଜାର ପରିସରରେ ଅଳିଆ ଆବର୍ଜନା ହୋଇଥିବାରୁ ଅଭିଯୋଗ ପରେ ସଫାସୁତୁରା କରାଯାଇଥିଲା। ବର୍ତ୍ତମାନ ପୂର୍ବପରି ବଜାର ନିକଟରେ କୁଢ କୁଢ ଆବର୍ଜନା ପରିପୂର୍ଣ୍ଣ ହୋଇଛି। ପଦ୍ମପୁର ଆଖପାଖ ଅଞ୍ଚଳର ପରିବା ଚାଷୀ ଓ ବ୍ୟବସାୟୀଙ୍କ ପାଇଁ ବସିବା ପାଇଁ ଜାଗା ନିଅଣ୍ଟ ଥିବାବେଳେ ନୂଆଁ ବଜାର ଖୋଲା ଯାଉ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସେଠାରେ ଥିବା ଶୌଚାଳୟ ଭାଙ୍ଗି ଯାଇଛି। ଫଳରେ ପରିବା ବ୍ୟବସାୟୀଙ୍କ ସମେତ ସାଧାରଣ ଲୋକମାନେ ଏଣେତେଣେ ପରିସ୍ରା କରୁଛନ୍ତି। ସେହି ସ୍ଥାନରେ କୁଢ କୁଢ ଅଳିଆ ଆବର୍ଜନା ପଡ଼ି ରହିଛି। ଫଳରେ ସେହି ବଜାର ଦେଇ ଲୋକମାନେ ଚଳାଚଳ କଲାବେଳେ ନାକଟେକି ଚାଲି ପାରୁନାହାନ୍ତି। ଦୁର୍ଗନ୍ଧମୟ ପରିବେଶ କାରଣରୁ ନାନାଦି ରୋଗବ୍ୟାଧି ସୃଷ୍ଟି ହେଉଛି। ସେତିକି ନୁହେଁ; ବଜାରରେ ପାଣି ପାଇପ୍ ଲାଗିଥିବା ସତ୍ତ୍ୱେ ଚାଷୀଙ୍କୁ ପାଣି ସୁବିଧା ମିଳୁନି। ଏହି ବଜାର ଆରଏମ୍‌ସି ବଜାର କମିଟି ଦାୟିତ୍ୱରେ ରହିଛି। ବ୍ୟବସାୟୀ ଏବଂ ପରିବା ବ୍ୟବସାୟୀ ତଥା ଚାଷୀ ଖରା ବର୍ଷାରୁ ରକ୍ଷା ପାଇବା ପାଇଁ ପିଣ୍ଡି ଉପରେ ଛପର କରାଯାଇନାହିଁ। ଏନେଇ ଚାଷୀ ବ୍ୟବସାୟୀଗଣ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଠାରେ କଳିଙ୍ଗ ପିଅର ଶୁଦ୍ଧତା ଶ୍ରେଷ୍ଠତା ସତେଜତା ବୋର୍ଡ ମରାଯାଇଛି; ହେଲେ ତାହା ବ୍ୟତିକ୍ରମ ଦେଖାଦେଇଛି। ଏହି ଦିଗରେ ତୁରନ୍ତ ଜିଲ୍ଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।



# ପ୍ରଦୂଷଣ ବଢ଼ାଉଛି ଭୋଜିସ୍ଥଳର ପ୍ଲାଷ୍ଟିକ୍ ଓ ଥର୍ମକୋଲ୍

ଚମ୍ପୁଆ, ୨।୧(ସମିସ): ନବବର୍ଷ ନିମନ୍ତେ ବଣଭୋଜି ବର୍ତ୍ତମାନ ମଣିଷ ସମାଜ ପାଇଁରେ ପରମ୍ପରା ପାଲଟି ଯାଇଥିବା ବେଳେ ଡିସେମ୍ବରରୁ ପ୍ରାୟତ ଏହି ବଣ ଭୋଜି ଆରମ୍ଭ ହୋଇଯାଇଥାଏ। କେଉଁଠି ପରିବାର ସଦସ୍ୟମାନେ ମିଳିତ ଭାବରେ ଭୋଜି କରନ୍ତି ତ କେଉଁଠି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଷ୍ଟଡିଟୁର ଓ ବଣଭୋଜିର କରାଯାଇଥାଏ। ଅବସର ବିନୋଦନ ହେଉ ବା ମାନସିକତାର ପରିବର୍ତ୍ତନ ପାଇଁ ନବବର୍ଷ ଉପଲକ୍ଷେ ପର୍ଯ୍ୟଟନସ୍ଥଳୀଠାରୁ ଆରମ୍ଭ କରି ନଦୀତଟ, ଜଙ୍ଗଲ ପାହାଡ଼ ଘେରା ମନୋରମ ସ୍ଥାନରେ ଏହି ଭୋଜି କରାଯାଉଥିବା ବେଳେ ପରିବେଶ ପ୍ରତି ଧ୍ୟାନ ଦେଉ ନଥିବା ପ୍ରାୟତ ଦେଖିବାକୁ ମିଳିଛି। ଏଥିନିମନ୍ତେ ଆବଶ୍ୟକ ସଚେତନତାର ଅଭାବ ଏବେ ବି ରହିଛି। ଭୋଜିରେ ବ୍ୟବହାର ପ୍ଲଷ୍ଟିକ ଗ୍ଲାସଠାରୁ ଆରମ୍ଭ କରି ଥର୍ମକୋଲର ଥାଳି ପରିବେଶ ପ୍ରଦୂଷଣର ମାଧ୍ୟମ ପାଲଟିଛି। ଏହାର ବ୍ୟବହାର ପ୍ରତି ଅଙ୍କୁଶ ନଥିବା ଦେଖିବାକୁ ମିଳିଛି। ଚମ୍ପୁଆ ସଦର ମହକୁମାର ରାମତୀର୍ଥ, କେଶରିକୁଣ୍ଡ, ମିରିଗିସିଙ୍ଗା, ଦୋମୁହାଁଣି ସମେତ ବ୍ଲକର ବହୁ ସ୍ଥାନରେ ଡିସେମ୍ବର ମାସରୁ ବଣଭୋଜି ଆରମ୍ଭ ହୋଇଯାଇଥାଏ। ସହଜ ଓ ସୁବିଧା ପାଇଁ ବଣଭୋଜି ଦଳ ନିର୍ଭୟରେ ବେଆଇନ ପ୍ଲାଷ୍ଟିକ ବ୍ୟବହାର କରିଚାଲିଛନ୍ତି। ଏକପଟେ ସରକାର ଏହି ପ୍ଲାଷ୍ଟିକ ଓ ଥର୍ମକୋଲ ବ୍ୟବହାର ଉପରେ ଅଙ୍କୁଶ ଲଗାଇଥିଲେ ବି ଏହାର ବ୍ୟବହାର ଓ ବିକ୍ରି କମିବା ବଦଳରେ ବଢିବାରେ ଲାଗିଛି। ନାମକୁ ମାତ୍ର ଚଢାଉକରି ପ୍ରଶାସନ କିଛିଅର୍ଥ ଜରିମାନା ଆଦାୟ କରି ଚୁପଚାପ ବସିରହୁଥିବାରୁ ଚଢ଼ଉର ଦିନକ ପରେ ବଜାରରେ ଯଥାପର ତଥା ପୂର୍ବ ପରିସ୍ଥିତି ଦେଖିବାକୁ ମିଳୁଛି। ନଦୀକୂଳ ବଣଭୋଜି ସ୍ଥାନରେ କୁଢକୁଢ ପ୍ଲଷ୍ଟିକ ଓ ଥର୍ମକୋଲ ପଡିରହୁଥିବା ବେଳେ ଅନେକ ସମୟରେ ଏହା ନଦୀଜଳକୁ ପ୍ରଦୂଷଣ କରିବାର ପ୍ରମୁଖ ଭୂମିକା ଗ୍ରହଣ କରୁଛି।



## ଅସୁରକ୍ଷିତ ଇଭିଏମ୍ ଷ୍ଟ୍ରଙ୍ଗରୁମ୍ ସମ୍ମୁଖ ଆଜବେଷ୍ଟସ୍ ଛାତ

# ବିପଦକୁ ଆମନ୍ତ୍ରଣ କରୁଛି ଭଙ୍ଗା ଖମ୍ବ

ବାଲେଶ୍ୱର,୨।୧(ସମିସ)

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରହିଛି ସ୍ୱତନ୍ତ୍ର ଭାବେ ଇଭିଏମ୍ ଷ୍ଟ୍ରଙ୍ଗରୁମ। ଏଠାରେ ଇଭିଏମ୍ ଗଚ୍ଛିତ ହୋଇ ରହୁଥିବାବେଳେ ଏହାର ନିରାପତ୍ତା ପାଇଁ ମଧ୍ୟ ପୁଲିସ ନିୟୋଜିତ ରହିଛନ୍ତି। ତେବେ ଏହାକୁ ସଂଯୋଗ କରୁଛି ଏକ ଆଜବେଷ୍ଟସ ଛାତ। ଯାହାକି ଲୁହା ପିଲର ମାଧ୍ୟମରେ କରାଯାଇଛି। ଏବେ ଏହା ଅରୁକ୍ଷିତ ହୋଇପଡ଼ିଥିବାବେଳେ ସେଇ ପିଲର ମୂଳଗୁଡ଼ିକ ନଷ୍ଟ ହେବାକୁ ବସିଥିବାବେଳେ କିଛି ମଧ୍ୟ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି।

ସୂଚନା ଅନୁସାରେ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଇଭିଏମ ମେସନ ରଖିବା ପାଇଁ ସ୍ୱତନ୍ତ୍ର ଭାବେ ଷ୍ଟ୍ରଙ୍ଗରୁମ୍ ରହିଛି। ଏହି ଷ୍ଟ୍ରଙ୍ଗରୁମ ସମ୍ମୁଖରେ ବଡ଼ବଡ଼ ଟ୍ରକ୍ ଲାଗି ସେଠାରୁ ଷ୍ଟ୍ରଙ୍ଗ ରୁମକୁ ନିଆଯାଏ ଏବଂ ନିର୍ବାଚନ ସମୟରେ ପୁଣି ସେଠାରୁ କଢ଼ାଯାଇଥାଏ। ତେବେ ସେଠାରେ ଖରା ବର୍ଷାକୁ ପ୍ରତିହିତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜବେଷ୍ଟସ ଛାତ ନିର୍ମାଣ କରାଯାଇଥିଲା। ଯାହାକି ଓସାରିଆ ଲୁହା ପିଲର ମାଧ୍ୟମରେ କରାଯାଇଛି। ହେଲେ ଏବେ ଏହି ଲୁହା ପିଲର ଅସୁରକ୍ଷିତ ହୋଇଯାଇଛି। କିଛି ପିଲର ମୂଳଅଂଶ ଭାଙ୍ଗିଯାଇଥିବା ବେଳେ ଆଉକିଛି ପିଲର ଅଧିକାଂଶ ଅଂଶ ଭାଙ୍ଗିବାକୁ ବସିଲାଣି। ବର୍ଷା ପାଣି ଖାଇ ଏହି ଲୁହା ପିଲର ଗୁଡିକ ଖରାପ ହୋଇଯାଇଥିବା ବେଳେ ଏଥିପ୍ରତି ଜିଲ୍ଲା ପ୍ରଶାସନ କୌଣସି ପ୍ରକାର ଦୃଷ୍ଟି ଦେଉ ନାହାନ୍ତି। ଏପରିକି ବିଭିନ୍ନ ସମୟରେ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭକରି ଜିଲ୍ଲା ନିର୍ବାଚନ ଅଧିକାରୀ ମଧ୍ୟ ଏହି ଷ୍ଟ୍ରଙ୍ଗ ରୁମ୍ ଚେକ କରିବା ପାଇଁ ଯାଉଛନ୍ତି। ଏହାବ୍ୟତୀତ ଏହି ଆଜିବେଷ୍ଟସ ଛାତ ତଳେ ଗାଡି ରହୁଥିବାବେଳେ ବର୍ଷାରୁ ରକ୍ଷା ପାଇବା ପାଇଁ ଲୋକେ ଏହାରି ତଳେ ଆଶ୍ରୟ ମଧ୍ୟ ନେଇଥାନ୍ତି। ଏପରିକି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଦୈନିକ ଶହ ଶହ ଲୋକ ଆସୁଥିବା ବେଳେ ଗାଡ଼ି ଗୁଡ଼ିକ ମଧ୍ୟରେ ଆଖପାଖରେ ରଖୁଛନ୍ତି। ଏହାଛଡା ସେଠାରେ ଆଶ୍ରୟ ମଧ୍ୟ ନେଉଛନ୍ତି। ହେଲେ ଏବେ ତାହା ବିପଦଶଙ୍କୁଳ ଅବସ୍ଥାରେ ରହିଥିବା ବେଳେ ଯେ କୌଣସି ସମୟରେ କିଛି ବି ଅଘଟଣ ଘଟିପାରେ ଯାହାକୁ ଏଡାଇ ଦିଆ ନ ପାରେ। ଏଣୁ ଜିଲ୍ଲା ପ୍ରଶାସନ ଏଥି ପ୍ରତି ଦୃଷ୍ଟିଦେଇ ତୁରନ୍ତ ଏହାର ମରାମତି କରିବାକୁ ଦାବି ହେଉଛି।





## ଏଫ୍‌ଏମ୍‌ୟୁରେ ସମନ୍ୱିତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମକୁ ଅନୁମୋଦନ

ବାଲେଶ୍ୱର,୨।୧(ସମିସ): ଜାତୀୟ ଶିକ୍ଷକ ଶିକ୍ଷା ପରିଷଦର ୩୮୪ତମ ବୈଠକରେ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ଦୁଇଟି ସମନ୍ୱିତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ଅନୁମୋଦନ ପ୍ରଦାନ କରାଯାଇଛି। ଏହି ଅନୁମୋଦନ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ମଞ୍ଜୁର ହୋଇଛି। ଅନୁମୋଦନ ଅନୁସାରେ ବିଶ୍ୱବିଦ୍ୟାଳୟରେ କଳା ସ୍ନାତକ ସହ ଶିକ୍ଷା ସ୍ନାତକ (ମାଧ୍ୟମିକ)-ଗୋଟିଏ ଏକକ, ୫୦ଟି ଆସନ, ବିଜ୍ଞାନ ସ୍ନାତକ ସହ ଶିକ୍ଷା ସ୍ନାତକ (ମାଧ୍ୟମିକ)- ଗୋଟିଏ ଏକକ, ୫୦ଟି ଆସନ, ସମନ୍ୱିତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ଶିକ୍ଷକତାକୁ ପେଶା ଭାବେ ଗଢ଼ିବାକୁ ଇଚ୍ଛୁକ ଛାତ୍ରଛାତ୍ରୀଙ୍କ ପାଇଁ ରୂପାୟିତ ହୋଇଛି। ଉଲ୍ଲେଖଯୋଗ୍ୟ, ଅନୁମୋଦନ ପୂର୍ବରୁ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦର ଏକ ବିଶେଷଜ୍ଞ ଦଳ ବିଶ୍ୱବିଦ୍ୟାଳୟରେ ଭୂମିସ୍ତରରେ ନିରୀକ୍ଷଣ ଓ ସର୍ବେକ୍ଷଣ କରି ଆଧାରଭୂତ ସଂରଚନା, ଶାକ୍ଷରିକ ପ୍ରସ୍ତୁତି ଓ ସଂସ୍ଥାଗତ ସଜାଗତାର ମୂଲ୍ୟାୟନ କରିଥିଲେ। ଏହି ପାଠ୍ୟକ୍ରମଗୁଡ଼ିକ ଫକୀରମୋହନ ବିଶ୍ୱବିଦ୍ୟାଳୟର ରେମୁଣା ସ୍ଥିତ ପୁରୁଣା ପରିସରରେ ଅବସ୍ଥିତ ଶିକ୍ଷା ବିଭାଗ ମାଧ୍ୟମରେ ପ୍ରଦାନ କରାଯିବ ଏବଂ ଆସନ୍ତା ୨୦୨୬-୨୭ ଶିକ୍ଷାବର୍ଷରୁ ଆରମ୍ଭ ହେବ। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ ପ୍ରତି କୃତଜ୍ଞତା ଜଣାଇଥିଲେ। ଏଥିସହିତ ଭର୍ତ୍ତି ପ୍ରକ୍ରିୟା ଜାତୀୟ ପରୀକ୍ଷା ଏଜେନ୍ସି ମାଧ୍ୟମରେ ଅନଲାଇନ ପ୍ରଣାଳୀରେ ସମ୍ପନ୍ନ ହେବ ତଥା ଯୋଗ୍ୟତା ମାନଦଣ୍ଡ, ଭର୍ତ୍ତି ପ୍ରକ୍ରିୟା ଓ ଅନ୍ୟାନ୍ୟ ଦରକାରୀ ନିୟମାବଳୀ ସମ୍ପର୍କିତ ବିସ୍ତୃତ ସୂଚନା ଶୀଘ୍ର ବିଶ୍ୱବିଦ୍ୟାଳୟର ନିଜସ୍ୱ ୱେବସାଇଟ ଏବଂ ପ୍ରମୁଖ ସମ୍ବାଦପତ୍ରରେ ପ୍ରକାଶିତ ହେବା ନେଇ ସୂଚନା ଦିଆଯାଇଛି।





## ପ୍ରଫୁଲ୍ଲ ତ୍ରିପାଠୀ ପାଇବେ 'ବ୍ରଜନାଥ ରଥ ସାରସ୍ୱତ ସମ୍ମାନ'

ବାଲେଶ୍ୱର,୨।୧(ସମିସ): କବି ବ୍ରଜନାଥ ଫାଉଣ୍ଡେସନ ଟ୍ରଷ୍ଟର ବୈଠକ ବିଶ୍ୱତାରା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ରମାକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଟ୍ରଷ୍ଟ ସଦସ୍ୟ ଓ ଲେଖକମାନେ ୨୦୨୬ ପାଇଁ ବିଶିଷ୍ଟ ଲେଖକ ଓ ଗବେଷକ ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କୁ କବି ବ୍ରଜନାଥ ରଥ ସାରସ୍ୱତ ସମ୍ମାନ, ବିଶିଷ୍ଟ ଲେଖକ ଡ. ବାସୁଦେବ ସୁନାନୀଙ୍କୁ କବି ବ୍ରଜନାଥ ରଥ ସ୍ମୃତି ସମ୍ମାନ ତଥା କବି ବ୍ରଜନାଥ ରଥଙ୍କ ରଚନାକୁ ବଙ୍ଗଳା ଭାଷାକୁ ଅନୂଦିତ କରିଥିବା ଡ. କାଳୀପଦ ପ୍ରଧାନଙ୍କୁ କବି ବ୍ରଜନାଥ ରଥ ସ୍ମୃତି ସମ୍ବର୍ଦ୍ଧନା ପ୍ରଦାନ କରାଯିବ ବୋଲି ସିଦ୍ଧାନ୍ତ ଗ୍ରହଣ କରାଗଲା। ଏହାବ୍ୟତୀତ କବି ଡ. ରଥଙ୍କ ବିଶ୍ୱଶ୍ରୀ ପ୍ରେସର ଅନୁଗାମୀ ଲକ୍ଷ୍ମଣ ଚନ୍ଦ୍ର ବର୍ଦ୍ଧନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ ବୋଲି ମଧ୍ୟ ସ୍ଥିର କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ପ୍ରତିବର୍ଷ ଜାନୁଆରୀ ୧୨ ତାରିଖ କବି ଡ. ରଥଙ୍କ ଜନ୍ମଦିନ ଓ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶ୍ୱତାରା ଓଡ଼ିଆ ଗବେଷଣା ଗ୍ରନ୍ଥାଗାରର ପ୍ରତିଷ୍ଠା ଦିବସରେ ସାରସ୍ୱତ ସମ୍ମାନ ପାଇଁ ୨୫ ହଜାର, ସ୍ମୃତି ସମ୍ମାନ ପାଇଁ ୫ ହଜାର ଅର୍ଥ ରାଶି ସହ ଅଙ୍ଗବସ୍ତ୍ର ଓ ସମ୍ମାନ ପତ୍ର ପ୍ରଦାନ କରାଯିବ। ଟ୍ରଷ୍ଟର ଏହି ପୁରସ୍କାର ବା ସମ୍ମାନର ଘୋଷଣା କାର୍ଯ୍ୟକ୍ରମରେ ଟ୍ରଷ୍ଟି ପୁଷ୍ପଲତା ରଥ ଟ୍ରଷ୍ଟ ସଦସ୍ୟ ମନସ୍ୱିନୀ ଦେବୀ, ବ୍ୟୋମନାଥ ରଥ, ବିଧୁନାଥ ରଥ, ବ୍ରହ୍ମନାଥ ରଥ, ଡ. ମୃତ୍ୟୁଞ୍ଜୟ ମିଶ୍ର, ଡ. କାଳିକିଙ୍କର ସମେତ ଡ. ଅରବିନ୍ଦ ଗିରି, ଡ. ଶିରିଷ ଚନ୍ଦ୍ର ଜେନା, ଡ. ସୁବାସ ଚନ୍ଦ୍ର ପାତ୍ର, ସୃଷ୍ଟିଧର ପରିଡା, ଡ. ରାଧାରଞ୍ଜନ ପଟ୍ଟନାୟକ, ନାଟ୍ୟକାର ହେମେନ୍ଦ୍ର ମହାପାତ୍ର, ଗାଳ୍ପିକା ପୁଷ୍ପାଞ୍ଜଳି ନାୟକ, କବି ଅଭୟ ଦାସ, ଇଂ ହୃଷିକେଶ ସାହୁ ଉପସ୍ଥିତ ଥିଲେ। ଏବର୍ଷ ଜାନୁଆରୀ ୧୨ ତାରିଖରେ କବି ଡ଼ଃ ବ୍ରଜନାଥ ରଥଙ୍କ ୯୧ତମ ଜୟନ୍ତୀ ସମାରୋହ ଓ ତାଙ୍କ ଦ୍ୱରା ସ୍ଥାପିତ ବିଶ୍ୱତାରା ଓଡ଼ିଆ ଗବେଷଣା ଗ୍ରନ୍ଥାଗାରର ୧୯ତମ ପ୍ରତିଷ୍ଠା ଦିବସ କବିଙ୍କ ବାସଭବନ ବ୍ରଜଭୂମିରେ ପାଳିତ ହେବବୋଲି କବି ବ୍ରଜନାଥ ରଥ ଫାଉଣ୍ଡେସନ ଟ୍ରଷ୍ଟ ସଦସ୍ୟ ବ୍ୟୋମନାଥ ରଥ ସୂଚନା ଦେଇଛନ୍ତି।







### ବାସୁଦେବ ସୁନାନୀ ଓ କାଳୀପଦ ପ୍ରଧାନ ପାଇବେ ବ୍ରଜନାଥ ରଥ ସ୍ମୃତି ସମ୍ମାନ

## ଅରୁଣ ଦେ ସ୍ମୃତି ପରିଷଦ ପକ୍ଷରୁ ବନ୍ଧୁ ମିଳନ



ବାଲେଶ୍ୱର,୨।୧(ସମିସ): ନୂଆବର୍ଷ ଅବସରରେ ସ୍ଥାନୀୟ ମଲ୍ଲିକାଶପୁର ସ୍ଥିତ ଅରୁଣ ଦେ ସ୍ମୃତିପରିଷଦ କାର୍ଯ୍ୟାଳୟରେ ନବବର୍ଷ ଅବସରରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବାଲେଶ୍ୱରର ୫ଥର ବିଧାୟକ ହୋଇଥିବା ସ୍ୱର୍ଗତଃ ଅରୁଣ ଦେ ପ୍ରତିବର୍ଷ ପହିଲା ତାରିଖରେ ନିଜର ଶୁଭେଚ୍ଛୁ ଓ କର୍ମୀମାନଙ୍କୁ ନିଜ ବାସଭବନକୁ ଡ଼ାକି ବନ୍ଧୁମିଳନ ମାଧ୍ୟମରେ ସେମାନଙ୍କ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରୁଥିଲେ। ତାଙ୍କର ଅବର୍ତ୍ତମାନରେ ସ୍ମୃତିପରିଷଦ ପକ୍ଷରୁ ୩ବର୍ଷ ଧରି ଏହି କାର୍ଯ୍ୟକ୍ରମ ପୂର୍ବଭଳି ପାଳନ କରାଯାଇଛି। ଅରୁଣ ଦେ ସ୍ମୃତି ପରିଷଦର କାର୍ଯ୍ୟକାରୀ ସଭାପତି ବିଷ୍ଣୁ ପ୍ରସାଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ପରିଷଦର ସାଧାରଣ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ରଞ୍ଜନ ବାଗ ଆଜିର ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଏହାଛଡ଼ା ପୁଲିସଲାଇନ ଛକ ନିକଟସ୍ଥ ନୂଆ ଓଭରବ୍ରିଜ ପାଖରେ ଥିବା ସ୍ୱର୍ଗତଃ ଅରୁଣ ଦେଙ୍କ ପୂର୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତିରେ ମଧ୍ୟ ତାଙ୍କର ସମର୍ଥକମାନେ ମାଲ୍ୟାର୍ପଣ କରି ସ୍ୱର୍ଗତଃ ଦେଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱରର ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ କହିଥିଲେ ଯେ ସାଧାରଣ ମଣିଷ ଏବଂ ରଷୀ, ମୂଲିଆ ଏବଂ ସର୍ବୋପରି ଶ୍ରମିକ ଶ୍ରେଣୀଙ୍କ ମୁହଁରେ ହସଫୁଟାଇବା ପାଇଁ ସ୍ୱର୍ଗତଃ ଦେ ଆଜୀବନ ସଂଗ୍ରାମ କରିଯାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲାପରିଷଦର ସଭାପତି ଗିରିଶଚନ୍ଦ୍ର ଦାଶ, ପ୍ରାକ୍ତନ ନଗରପାଳ ତପନ ଚକ୍ରବର୍ତ୍ତୀ, ନାରୀନେତ୍ରୀ ଅନସୂୟା ନାୟକ, ପରିଷଦର ଉପସଭାପତି ବିନୋଦ ଜୀ, ଶ୍ରମିକନେତା ଅଭିଜିତ ଦାସ, ପୂର୍ବତନ ସରପଞ୍ଚ ମଧୁସୂଦନ ମହାପାତ୍ର, ଭରତ ଭୂଷଣ ଦାସ, ଛାତ୍ରନେତା ବିଭୁଦତ୍ତ ପରିଡ଼ା, ବରିଷ୍ଠ ଆଇନଜୀବୀ ଅଶୋକ ସେନାପତି, ରେମୁଣା ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ଗୋପୀନାଥ ସେନାପତି, ମାୟାଧର ପଣ୍ଡା, ପୂର୍ବତନ ଉପନଗରପାଳ ମନୋଜ ରାଉତ, ପୂର୍ବତନ କାଉନସିଲର ବିଶ୍ୱଜିତ ମହାପାତ୍ର, ସମାଜସେବୀ ରଘୁନାଥ ଲେଙ୍କା, ସାଇରୁଲ୍ ହକ୍, ଶ୍ରମିକ ନେତା ଅଶୋକ ବେରା, ବରିଷ୍ଠ ସାମ୍ବାଦିକ ବିପ୍ଳବ ମହାନ୍ତି, ସପନ ବିଶ୍ୱାଳ, ଲାଭା ପାଣ୍ଡେ, ଗୋବିନ୍ଦ ରାଠି, ଭୋଳାନାଥ ବାରିକ, ତ୍ରିଲୋଚନ ବାରିକ, ଶରତ ଦାଶ, ପୂର୍ବତନ ସରପଞ୍ଚ ଶରତ ନାୟକ, ସୁଶାନ୍ତ ଦାଶ, ଲକ୍ଷ୍ମୀଧର ସ୍ୱାଇଁ, ଜୟନ୍ତ ମହାପାତ୍ର, ପ୍ରଫେସର ଦୀପକ ଦାସ, ଅବସରପ୍ରାପ୍ତ ପର୍ଯ୍ୟଟନ ଅଧିକାରୀ ଅଜୟ ମହାପାତ୍ର ପ୍ରମୁଖ ଯୋଗଦେଇ ଥିଲେ।

## ତିନି ଦିନିଆ ବଢ଼େଇ କର୍ମଶାଳା



ବାଲେଶ୍ୱର,୨।୧(ସମିସ): କୁରୁଡା ସ୍ଥିତ ନିୟୁ ଲାଇଫ୍ ନିଶା ନିବାରଣ ଏବଂ ଗବେଷଣା କେନ୍ଦ୍ରରେ ତିନି ଦିନିଆ ବଢ଼େଇ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ୫୦ ଜଣ ଅନ୍ତେବାସୀ ବଢେଇ କାମର ତାଲିମ ନେଇଥିଲେ। ଏଥିରେ ଆଧୁନିକ ଜ୍ଞାନର ପ୍ରୟୋଗ ତାଲିମ ଦିଆଯାଇଥିଲା। ଏହି ପ୍ରଶିକ୍ଷଣ ଶିବିର କେନ୍ଦ୍ର ମୁଖ୍ୟ ବିକ୍ରମ କେଶରୀ ଦାସଙ୍କ ତତ୍ତ୍ୱାବଧାନରେ ପରିଚାଳନା କରାଯାଇଥିଲା। ଭବିଷ୍ୟତରେ ଏହି ତାଲିମ ଦ୍ୱାରା ଅନେକ ଅନ୍ତେବାସୀ ରୋଜଗାରକ୍ଷମ ହେବେ ବୋଲି ଆଶା ପ୍ରକଟ କରାଯାଇଛି।

## ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟଙ୍କ ବିୟୋଗରେ ଶୋକ

ବାଲେଶ୍ୱର,୨।୧(ସମିସ): ନୀଳଗିରିର ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟଙ୍କ ବିୟୋଗରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ ଗଭୀର ଶୋକ ପ୍ରକାଶ କରିଛନ୍ତି। ଶ୍ରୀ ଦାସ ଏକ ଶୋକ ବାର୍ତ୍ତାରେ କହିଛନ୍ତି ଯେ ନୀଳଗିରିର ଦୁଇ ଦୁଇଥର ବିଧାୟକ ଥିବା ଶ୍ରୀ ଆଚାର୍ଯ୍ୟଙ୍କ ସମୟରେ ଅନେକ ବିକାଶମୂଳକ କାର୍ଯ୍ୟ ହୋଇଛି। ବିଶେଷକରି ରିଶିଆ ଡ୍ୟାମ୍, ପୋଲ ଇତ୍ୟାଦି ତାଙ୍କ ଅବଦାନ। ତାଙ୍କ ମୃତ୍ୟୁରେ ନୀଳଗିରିର ଅପୂରଣୀୟ କ୍ଷତି ହେଲା ବୋଲି ମତ ପ୍ରକାଶ ପାଇଛି।

## ହାଟସାରି ଫେରିବାବେଳେ ଦୁର୍ବୃତ୍ତଙ୍କ ଆକ୍ରମଣ

ବାଲେଶ୍ୱର,୨।୧(ସମିସ): ହାଟସାରି ଜଣେ ବ୍ୟକ୍ତି ଘରକୁ ଫେରୁଥିବା ବେଳେ ରାସ୍ତାରେ ବଣଭୋଜି କରୁଥିବା କିଛି ବ୍ୟକ୍ତି ତାଙ୍କୁ ଅଟକାଇ ମାଡ଼ ମାରିବା ସହ ଗୁରୁତର କରିଦେଇ ପଳାଇଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ମାଡ଼ରେ ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଛି। ଗୁରୁତର ହୋଇଥିବା ବ୍ୟକ୍ତି ଜଣଙ୍କ ହେଉଛନ୍ତି ସଦର ଥାନା ଅନ୍ତର୍ଗତ ପରିକ୍ଷି ଅଞ୍ଚଳର ପବନ ଗିରି। ଏନେଇ ପବନଙ୍କ ପତ୍ନୀ ଗଙ୍ଗାରାଣୀ ସଦର ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ତାଙ୍କ ସ୍ୱାମୀ ହାଟ ସାରି ଘରକୁ ଫେରୁଥିଲେ। ଲୁଣାପାହୀ ନିକଟରେ ତୁଟାପାଳ ଅଞ୍ଚଳର କାର୍ତ୍ତିକ ମହାପାତ୍ର ତାଙ୍କର କିଛି ସହଯୋଗୀମାନେ ମିଶି ବଣଭୋଜି କରୁଥିଲେ। ସେମାନେ ଅତ୍ୟଧିକ ନିଶାଶକ୍ତ ଅବସ୍ଥାରେ ମଧ୍ୟ ଥିଲେ। ତେବେ ସେଇ ରାସ୍ତାରେ ଯାଉଥିବା ପାବନଙ୍କୁ ଏକୁଟିଆ ଯାଉଥିବାର ଦେଖି ସେମାନେ ଗାଳି ଗୁଲଜ କରିବା ସହ ମାଡ ମାରି ତଳେ ପକାଇଦେଇଥିଲେ। ଏହାଛଡ଼ା ଘଟଣା ସମ୍ପର୍କରେ କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେବା ସହ ପବନଙ୍କ ଆଖରେ ବାଲି ପକାଇ ସେଠାରୁ ପଳାଇଯାଇଥିଲେ। ତେବେ ତାଙ୍କ ସ୍ୱାମୀ ଅବସାୟ ଅବସ୍ଥାରେ ସେଠାରେ ପଡ଼ି ରହି ଚିତ୍କାର କରୁଥିବାବେଳେ ଗ୍ରାମବାସୀ ସେଠାରୁ ତାଙ୍କୁ ଉଦ୍ଧାରକରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଏଣୁ ଘଟଣାରେ ପୁଲିସ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ଦେବର୍ଷି ଶିକ୍ଷା ନିକେତନରେ ଅଭିନନ୍ଦନ କାର୍ଯ୍ୟକ୍ରମ



ବାଲେଶ୍ୱର,୨।୧(ସମିସ): ନୂତନବର୍ଷ ଅବସରରେ ବାଲେଶ୍ୱର ଦେବର୍ଷି ଶିକ୍ଷା ନିକେତନରେ ଏକ ଅଭିନନ୍ଦନ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଭାଗବତ ଚନ୍ଦ୍ର ପାତ୍ର ଯୋଗ ଦେଇ ଉକ୍ତ ଅଭିନନ୍ଦନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଦ୍ୟାଳୟର ବିଜ୍ଞାନ ଗୁରୁଜୀ ମୃତ୍ୟୁଞ୍ଜୟ ପାଣିଗ୍ରାହୀ ଓ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଯୋଗଦେଇ ଥିଲେ। ଅଧ୍ୟକ୍ଷ ତାଙ୍କ ଅଭିଭାଷଣରେ ବିଭିନ୍ନ ମହାପୁରୁଷ ମାନଙ୍କର ଜୀବନଚର୍ଯ୍ୟା କରିବା ସହିତ ଭଲମଣିଷ ହୋଇ ଦୁନିଆର ମଙ୍ଗଳକାମନା କରିବାରେ ନିଜକୁ ନିୟୋଜିତ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ମୃତ୍ୟୁଞ୍ଜୟ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

## ଗୋପାଳ ଗାଁ କଲଚୁରାଲ କ୍ଲବ୍‌ର ବାର୍ଷିକ ଉତ୍ସବ

ବାଲେଶ୍ୱର,୨।୧(ସମିସ): ଗୋପାଳ ଗାଁ କଲଚୁରାଲ କ୍ଲବ (ଜିସିସି)ର ୨୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବକୁ ବସ୍ତା ବିଧାୟିକା ସୁବାସିନୀ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ନିଜ ମାଟିର ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ଗୋପାଳଗାଁ କଲଚୁରାଲ କ୍ଲବ୍ କର୍ମକର୍ତ୍ତାଙ୍କ ଦୀର୍ଘ ୨୦ ବର୍ଷ ଧରି ପ୍ରୟାସ ପ୍ରଶଂସନୀୟ ବୋଲି କହିଥିଲେ। ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ, ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ବ୍ରିଟ୍ ଅଧ୍ୟକ୍ଷ ଆଲୋକ ସାହୁ, କାଉନସିଲର ମୀନା ମହାନ୍ତି ଓ ସନ୍ଧ୍ୟାରାଣୀ ଜେନା, ଯୁବନେତା ଭାଗବତ ସାହୁ ଓ ଧୀରେନ ନାୟକ, ଆଇଟିଆରର ବୈଜ୍ଞାନିକ ଅରୁଣ ରାୟ, ଅବସରପ୍ରାପ୍ତ ଶିକ୍ଷକ ହରିପଦ ଭୂୟାଁ, ଶ୍ରମିକ ନେତା ଶାନ୍ତନୁ ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସଭାପତି ଶ୍ରମିକ ନେତା ଅରୁଣ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଅନୁପ ସ୍ୱାଇଁ ସ୍ୱାଗତଭାଷଣ ପ୍ରଦାନ କରିଥିଲେ। କ୍ଲବ ଯୁଗ୍ମ ସମ୍ପାଦକ ଅବିନାଶ ସ୍ୱାଇଁ ଓ ପ୍ରଭାତ ମହାନ୍ତି ମଞ୍ଚାସୀନ ଥିଲେ। ଏହି ଅବସରରେ କଣ୍ଠ ଶିଳ୍ପୀ ରାଜେଶ ଦାଶ, କେଡି କୁଲଦୀପ ଓ ସମ୍ବିତ କୁମାର ପ୍ରମୁଖଙ୍କୁ କ୍ଲବ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ କାଉନସିଲର ଇତିକୃଷ୍ଣା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



## ଧର୍ମପରାୟଣା ମହିଳାଙ୍କ ପରଲୋକ

ବାଲିଆପାଳ,୨।୧(ସମିସ): ବାଲିଆପାଳ ବ୍ଲକ୍ ବାଲିକୁଟି ପଞ୍ଚାୟତ ଅଧୀନ ବାଇଟିଙ୍ଗରୀ ଗ୍ରାମରେ ପାର୍ବତୀ ଜେନା (୭୫) ବର୍ଷ ବୟସରେ ପରଲୋକ ଘଟିଛି। କିଛି ଦିନ ଆଗରୁ ତାଙ୍କର ଦେହ ଅସୁସ୍ଥ ହେବାରୁ ବାଲେଶ୍ୱର ମେଡିକାଲ ଏବଂ ପରେ ଭୁବନେଶ୍ୱରରେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ହେଉଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମରଶରୀର ଗାଁକୁ ଆସିଲା ପରେ ସ୍ୱାମୀ, ପୁଅ, ବୋହୂ, ଝିଅ, ନାତି ନାତୁଣୀ ଓ ସମ୍ପର୍କୀୟମାନଙ୍କ ଉପସ୍ଥିତିରେ ଗ୍ରାମ୍ୟ ସ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ଡ. ରାଧାରଞ୍ଜନ ପାଇବେ 'ଲୁଇପା ସମ୍ମାନ-୨୦୨୬'

ବାଲେଶ୍ୱର,୨।୧(ସମିସ): ଓଡ଼ିଆ ସାହିତ୍ୟ ଜଗତର ଅନ୍ୟତମ ବିଶିଷ୍ଟ କବି, ପ୍ରାବନ୍ଧିକ ତଥା ସମାଲୋଚକ ଡ. ରାଧାରଞ୍ଜନ ପଟ୍ଟନାୟକଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ 'ଲୁଇପା ସମ୍ମାନ-୨୦୨୬' ପ୍ରଦାନ କରାଯିବ। କପ୍ତିପଦା, ରାଢୋ ସ୍ଥିତ 'ଲୁଇପା ସାରସ୍ୱତ ଅନୁଷ୍ଠାନ' ପକ୍ଷରୁ ଏହି ଘୋଷଣା କରାଯାଇଛି। ଜାନୁଆରୀ ୧୫ ତାରିଖରେ ଆୟୋଜିତ ହେବାକୁ ଥିବା ୩୫ତମ ରାଜ୍ୟସ୍ତରୀୟ ମକର ମିଳନ ଏବଂ ୩୨ତମ ଲୁଇପା ସାରସ୍ୱତ ମହୋତ୍ସବ ଅବସରରେ ଡ. ପଟ୍ଟନାୟକଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ। ଅନୁଷ୍ଠାନର ମୁଖ୍ୟ ସଂଯୋଜକ ସର୍ବେଶ୍ୱର ଜେନା ଏବଂ ସଂଯୋଜକ ହରେକୃଷ୍ଣ ନାୟକ ଏକ ମିଳିତ ପ୍ରେସ୍ ବିବୃତି ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ଡ. ରାଧାରଞ୍ଜନ ପଟ୍ଟନାୟକ ଓଡ଼ିଆ ସାହିତ୍ୟର ଜଣେ ଅଗ୍ରଗଣ୍ୟ ସ୍ରଷ୍ଟା। ଜଣେ ସଫଳ କବି ଓ ବୌଦ୍ଧିକ ସମାଲୋଚକ ଭାବେ ତାଙ୍କର ସୁଖ୍ୟାତି ରହିଛି। ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାବ ଉପରେ ସେ ଅନେକ ଉଚ୍ଚକୋଟୀର ପୁସ୍ତକ ରଚନା କରିଛନ୍ତି, ଯାହା ପାଠକ ଓ ଗବେଷକଙ୍କ ମହଲରେ ବେଶ୍ ଆଦୃତ। ତାଙ୍କର ଏହି ନିରନ୍ତର ସାହିତ୍ୟ ସାଧନା ପାଇଁ 'ଲୁଇପା ସମ୍ମାନ' ମିଳିବା ଖବର ପ୍ରସାରିତ ହେବା ପରେ ବିଭିନ୍ନ ମହଲରେ ଖୁସିର ଲହରୀ ଖେଳିଯାଇଛି। ତାଙ୍କୁ ବିଭିନ୍ନ ସାହିତ୍ୟିକ, ବୁଦ୍ଧିଜୀବୀ ଓ ଶୁଭେଚ୍ଛୁମାନେ ଅଭିନନ୍ଦନ



### ଗୋପନାରାୟଣ ଦାସ ମେମୋରିଆଲ ଅଲ୍ ଇଣ୍ଡିଆ କ୍ରିକେଟ୍

## ସେମିଫାଇନାଲରେ ଆଦର୍ଶ କ୍ରିକେଟ କ୍ଲବ୍ ଓ ସେରସା ଖଡ଼ଗପୁର

ବାଲେଶ୍ୱର,୨।୧(ସମିସ)

ଆଦର୍ଶ କ୍ଲବ୍ ଆନୁକୂଲ୍ୟରେ ରୋଟାରୀ କ୍ଲବ ସହଯୋଗରେ ସ୍ଥାନୀୟ ପରମିଟ ପଡ଼ିଆରେ ପୂର୍ବତନ ବିଧାୟକ ସ୍ୱର୍ଗତଃ ଗୋପନାରାୟଣ ଦାସଙ୍କ ସ୍ମୃତିରେ ଆରମ୍ଭ ହୋଇଛି ୨ୟ ଗୋପନାରାୟଣ ଦାସ ମେମୋରିଆଲ ଅଲଇଣ୍ଡିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ଷଷ୍ଠ ଦିବସରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ପ୍ରଥମ ମ୍ୟାଚ୍ ଆଦର୍ଶ କ୍ରିକେଟ କ୍ଲବ ଓ ହିନ୍ଦୁସ୍ତାନ ସ୍ପୋର୍ଟିଂ ଜଗତସିଂହପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ହିନ୍ଦୁସ୍ତାନ ସ୍ପୋର୍ଟିଂ ଜଗତସିଂହପୁର ପ୍ରଥମେ ଟସ ଜିତି ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲା। ୨୦ ଓଭର ଖେଳରେ ଆଦର୍ଶ କ୍ରିକେଟ କ୍ଲବ ବ୍ୟାଟିଂ ଆରମ୍ଭ କରି ୧୯.୫ ଓଭରରେ ୧୬୭ରନ କରିଥିଲା। ୧୬୮ ରନର ବିଜୟଲକ୍ଷ୍ୟ ନେଇ ହିନ୍ଦୁସ୍ତାନ ସ୍ପୋର୍ଟିଂ ଜଗତସିଂହପୁର ୧୨୫ ରନ କରି ଅଲ୍ ଆଉଟ୍ ହୋଇ ପରାଜୟ ବରଣ କରିଥିଲା। ଆଦର୍ଶ କ୍ଲବର ବୋଲର ସୁକାନ୍ତ ମହାନ୍ତି ଓ ଭବିଷ୍ୟ ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ରାଇଜିଂ ଷ୍ଟୁଡେଣ୍ଟ କଟକ ଓ ସେରସା ଖଡ଼ଗପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସେରସା ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା।୧୫ ଓଭର ବିଶିଷ୍ଟ ମ୍ୟାଚରେ ରାଇଜିଂ ଷ୍ଟୁଡେଣ୍ଟ ୧୪.୩ ଓଭରରେ ସମସ୍ତ ୱିକେଟ ହରାଇ ୧୧୧ରନ ସଂଗ୍ରହ କରିଥିଲା। ଜବାବରେ ସେରସା ଖଡ଼ଗପୁର ୧୧୨ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳର ଜୟଭିକ ଯାଦବଙ୍କୁ ମ୍ୟାନଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା । ପରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ବିଧାୟକ ସ୍ୱରୂପ ଦାସ, ସୁଧାଂଶୁ ଶେଖର ପରିଡ଼ା, ସୁକାନ୍ତ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଦୁଇଟି ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ଖେଳାଳିଙ୍କୁ ଅତିଥିମାନେ ଟ୍ରଫିସହ ଅର୍ଥ ରାଶି ପ୍ରଦାନ କରିଥିଲେ। ଆଦର୍ଶ କ୍ଲବର ସମ୍ପାଦକ ଇଂ ବିଭୁପଦ ଦାସ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟ ଆୟୋଜନର ଆଭିମୁଖ୍ୟ ଓ ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଥମ ମ୍ୟାଚକୁ ଅମ୍ପେୟାର ଶରତ ଜେନା ଓ ରାଜୀବ ପାତ୍ର ଏବଂ ସ୍ୱରୂପ ଜୋସେଫ ଓ ଶାନ୍ତନୁ ଦାସ ପରିଚାଳନା କରିଥିଲେ। ଭସ୍ୟାକାର ବୃଷଭାନୁ ମହାପାତ୍ର ଟୁର୍ଣ୍ଣାମେଣ୍ଟରେ ଭାସ୍ୟାକାର ଭାବେ ଦାୟିତ୍ୱ ତୁଲାଇଥିଲେ। ମାତୃଦତ ଦାସ, ସେକ ମିନାଜ, ଜ୍ଞାନେନ୍ଦ୍ର କୁମାର ପରିଡ଼ା, ତପନ ମୁର୍ମୁ, କୁଲଦୀପ, ସୁଜିତ୍, ନାଜ୍ମୁଲ ଖାନ୍, ପ୍ରଭାତ ବେହେରା, ଦିପ୍ତେଶୁ ଦେ, ଲୋସନାଥ ମୁର୍ମୁ, ଅଭିଜିତ ପଣ୍ଡା ପ୍ରଭାତ ବେହେରା, ଗୌତମ ସାମଲ, ବିରୁପକ୍ଷ ଜେନା ପ୍ରମୁଖ ପରିଚାଳନା କରୁଛନ୍ତି।



# ‘ଭଞ୍ଜମାଟିର କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ବିଶ୍ୱ ଦରବାରରେ ପରିଚିତ’



- ଜୀବନର ସବୁ ଯନ୍ତ୍ରଣାରେ ମଲମ ଲଗାଇ ଦିଏ ପ୍ରେମ; ବିରହ ପ୍ରେମର ଥର୍ମୋମିଟର: କବି ପ୍ରଫୁଲ୍ଲ
- ବିଜ୍ଞାନର ହେଉଛି ଦ୍ରୁତ ପରିବର୍ତ୍ତନ, ସମୟ ସହ ତାଳଦେଇ ଚାଲିବାକୁ ହେବ
- କୁଳପତିଙ୍କ ବଳିଷ୍ଠ ନେତୃତ୍ୱ ଓ ଦୂରଦୃଷ୍ଟି ଯୋଗୁ ଆଗେଇଛି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ବ୍ରହ୍ମପୁର,୨।୧(ସମିସ): ଭଞ୍ଜ ମାଟିର କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ଅନନ୍ୟ ଓ ବଳିଷ୍ଠ। ଯାହା ଓଡ଼ିଆ ଜାତି ଓ ଭାଷାକୁ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ଦେଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୬୦ତମ ପ୍ରତିଷ୍ଠା ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗର ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର। ବର୍ତ୍ତମାନ ପରିସ୍ଥିତିରେ ଜଳବାୟୁ ପରିବର୍ତ୍ତନ ବିଶ୍ୱ ପାଇଁ ଚିନ୍ତାର କାରଣ ସାଜିଛି। ଦକ୍ଷିଣଓଡିଶା ସଦାସର୍ବଦା ଆଲର୍ଟ ମଧ୍ୟରେ ରହିଆସିଛି। ବିଜ୍ଞାନ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଥିବାରୁ ଆମକୁ ସତର୍କ ହୋଇ ସମୟ ସହିତ ତାଳଦେଇ ଗତି କରିବାକୁ ପଡ଼ିବ। ପରିବେଶ ସୁରକ୍ଷା ପାଇଁ ସ୍ୱଚ୍ଛତା ଓ ସୌରଶକ୍ତିର ସଦୁପଯୋଗ କରିବାକୁ ଯାଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ଥାନୀୟ ଲୋକ, ଯୁବପିଢ଼ି ଓ ଅନ୍ୟ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ସାଙ୍ଗରେ ନେଇ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ‘ଭଞ୍ଜବିହାର’ର ୬୦ତମ ପ୍ରତିଷ୍ଠା ଦିବସ ଅବସରରେ ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଆୟୋଜିତ ଉତ୍ସବରେ କୁଳପତି ପ୍ରଫେସର ଡଃ ଗୀତାଞ୍ଜଳୀ ଦାଶ ଅଧ୍ୟକ୍ଷତା କରି ବିଶ୍ୱବିଦ୍ୟାଳୟରେ ହାତକୁ ନିଆଯାଇଥିବା ଶିକ୍ଷା ଭିତ୍ତିକ ବିଭିନ୍ନ ଯୋଜନା ଓ ତାହାର ସଫଳତା ଉପରେ ମତ ରଖିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାହିତ୍ୟ କ୍ଷେତ୍ରରେ ବିଶିଷ୍ଟ କବି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତିଙ୍କୁ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଜାତୀୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। କବି ପ୍ରଫେସର ମହାନ୍ତିଙ୍କୁ ଉପଢୌକନ, ମାନପତ୍ର ସହିତ ୧ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏମ୍‌ଆଇସିଏ ଇନକ୍ୟୁବେଟରର ଅଧକ୍ଷ ପ୍ରଫେସର ୟୁ ଟି. ରାଓଙ୍କୁ ସମ୍ମାନ ସୂଚକ ଆଲୁମନସ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିଭଳି ଡଃ ସୁରେନ୍ଦ୍ରନାଥ ପାଣିଗ୍ରାହୀ, ଡଃ ରାଜେନ୍ଦ୍ର ପାଢ଼ୀ ଓ ଶ୍ରୀ ଜଗଦୀଶ ପାଣିଗ୍ରାହୀଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ବ୍ରହ୍ମପୁର ଆଇଜରର ନିର୍ଦ୍ଦେଶକ ଅଶୋକ କୁମାର ଗାଙ୍ଗୁଲି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ କବି ପ୍ରଫୁଲ୍ଲ ମହାନ୍ତି ନିଜର ସାରଗର୍ଭକ ବକ୍ତବ୍ୟରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମଣିଷ ଭିତରେ ମନୁଷ୍ୟତ୍ୱ ସହିତ ବ୍ୟକ୍ତିରକୁ ବିଶ୍ୱର ସାଙ୍ଗଠନିକ ପରିଭାଷା ଭାବେ ଦେଖୁଥିଲେ। ଉପେନ୍ଦ୍ର ଭଞ୍ଜ ନିଜର ସାହିତ୍ୟରେ ଧର୍ମକୁ ପୃଥକ କରି କେବେ ଦେଖିନଥିଲେ। ଜୀବନରେ ଦୁର୍ବିସହ ଯନ୍ତ୍ରଣାକୁ ପାର କରିବାକୁ ହେଲେ ପ୍ରେମ ହିଁ ଏକମାତ୍ର ପନ୍ଥା। ଭଞ୍ଜ ନିଜ ସାହିତ୍ୟ ଓ କବିତାରେ ଏଭଳି ଦିଗଦର୍ଶନ ଦେଇ ଯାଇଛନ୍ତି। ବିରହ ବେଦନା ଓ ତାହାର ଯନ୍ତ୍ରଣା ଅନୁଭବ କରିପାରିବ ଯଦି ପ୍ରକୃତ ଓ ଅନାବିଳ ପ୍ରେମ କରିଥିବ। ପ୍ରେମ ଜୀବନର ସବୁ ଯନ୍ତ୍ରଣାରେ ମଲମ ଲଗାଇ ଦେଇପାରେ। ଆଉ ବିରହ ହେଉଛି ପ୍ରେମର ‘ଥର୍ମୋମିଟର’ ବା ତାପମାପକ ଯନ୍ତ୍ର। ଉପେନ୍ଦ୍ର ଭଞ୍ଜଙ୍କୁ ନେଇ ଆମେ ଗର୍ବ କରିବାକୁ ହେଲେ ପ୍ରତ୍ୟେକଙ୍କୁ ତାଙ୍କୁ ଓ ତାଙ୍କ ଦ୍ୱାରା ରଚିତ ସାହିତ୍ୟ ସମ୍ପର୍କରେ ଅଳ୍ପବହୁତ ଜାଣିବା ଜରୁରୀ ବୋଲି ଆହ୍ୱାନ ଦେଇଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ଅତିଥି ଓ ସମ୍ବର୍ଦ୍ଧିତ ବ୍ୟକ୍ତି କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ବଳିଷ୍ଠ ନେତୃତ୍ୱ ଓ ଦୂରଦୃଷ୍ଟି ଯୋଗୁ ବିଶ୍ୱବିଦ୍ୟାଳୟର ଯଥେଷ୍ଟ ଉନ୍ନତି ହୋଇପାରିଥିବା କହିଥିଲେ। ପରିଶେଷରେ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ପକ୍ଷରୁ ପ୍ରସ୍ତୁତ ଭଞ୍ଜବିହାର ଖବର ଉନ୍ମୋଚନ ସହିତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବ ପ୍ରାରମ୍ଭରେ ସ୍ନାତକୋତ୍ତର ବିଭାଗ ସମୂହର ଅଧକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ଅତିଥିଙ୍କୁ ସ୍ୱାଗତ କରିବା ସହିତ ପରିଚୟ ପ୍ରଦାନ କରିଥିଲେ। ଶେଷରେ କୁଳସଚିବ ସଚ୍ଚିଦାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ପଦାରେ ପଡ଼ିଲା ‘ଓଡିଆ ଅସ୍ମିତା’

## ତୋରଣ, ମଞ୍ଚ ସବୁଠି ହଜିଗଲା ଓଡ଼ିଆ; ଭାଷଣ ବି ଇଂରାଜୀରେ

ବ୍ରହ୍ମପୁର,୨।୧(ସମିସ): କେବଳ ଘୋଷଣା ସର୍ବସ୍ୱ ପାଲଟିଛି ସରକାର। କୌଣସି ନିର୍ଦ୍ଦେଶନାମା ସଠିକ ଭାବେ ଅନୁପାଳନ ହେଉନଥିବା ଦେଖିବାକୁ ମିଳୁଛି। ଖୋଦ୍ ସରକାରୀ ସଂସ୍ଥା ସରକାରଙ୍କ ଏଭଳି ନିର୍ଦ୍ଦେଶନାମାକୁ ଖିଲାପ କରୁଥିବା ସମସ୍ତଙ୍କୁ ବ୍ୟଥିତ କରିଛି। ଏଭଳି ବ୍ୟତିକ୍ରମ ଦେଖିବାକୁ ମିଳିଛି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୬୦ତମ ପ୍ରତିଷ୍ଠା ଉତ୍ସବରେ।




କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ନାମରେ ନାମିତ ଭଞ୍ଜବିହାର। ଖୋଦ୍ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା ଦିବସରେ ହିଁ ଯେମିତି ହଜିଯାଇଥିଲା ଓଡ଼ିଆ ଅକ୍ଷର। ଉତ୍ସବର ତୋରଣଠାରୁ ଆରମ୍ଭ କରି ମଞ୍ଚ କେଉଁଠି ମଧ୍ୟ ଓଡିଆ ଅକ୍ଷର ଗୋଟିଏ ଦେଖିବାକୁ ମିଳିନଥିଲା। ସବୁଠି ଲେଖା ହୋଇଥିଲା ଇଂରାଜୀରେ। କେବଳ ଏତିକି ନୁହେଁ ଉତ୍ସବରେ ଅତିଥିମାନଙ୍କ ପରିଚୟ ଓ ସ୍ୱାଗତ ଭାଷଣ ଠାରୁ ଆରମ୍ଭ କରି ଖୋଦ୍ କୁଳପତିଙ୍କ ବିସ୍ତୃତ ରିପୋର୍ଟ ସବୁକିଛି ଥିଲା ସମ୍ପୂର୍ଣ୍ଣ ଇଂରାଜୀ ଭାଷାରେ। ଏହି ଅବସରରେ ବିଶିଷ୍ଟ କବି ପ୍ରଫେସର ପ୍ରଫୁଲ୍ଲ ମହାନ୍ତିଙ୍କୁ ପ୍ରଦାନ କରାଯାଇଥିଲା କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜାତୀୟ ସମ୍ମାନ। ଗୋଟିଏ ପଟେ ଭଞ୍ଜଙ୍କୁ ସମ୍ମାନ ଅନ୍ୟପଟେ ଓଡିଆ ଭାଷାକୁ ଅସମ୍ମାନ। ସମଗ୍ର ଉତ୍ସବରେ ସ୍ପଷ୍ଟ ବାରି ହୋଇପଡୁଥିଲା ‘ଓଡିଆ ଅସ୍ମିତା’। ଯାହାକୁ ନେଇ ବିଚଳିତ ହୋଇଥିଲେ ଉତ୍ସବରେ ଉପସ୍ଥିତ ସାରସ୍ୱତ ସାଧକମାନେ। ମନରେ ଦୁଃଖ ଥିଲେ ହେଁ ସ୍ୱର ଉତ୍ତୋଳନ କେହି କରିନଥିଲେ।

## ଖବରକାଗଜ ବାଣ୍ଟିବା ବେଳେ ଟଳିପଡ଼ିଲେ ବି. ଆନନ୍ଦ ରାଓ

ବ୍ରହ୍ମପୁର,୨।୧(ସମିସ): ମୃତ୍ୟୁ କେତେବେଳେ କାହାକୁ କବଳିତ କରିବ କେହି ଜାଣିନଥାନ୍ତି। ଠିକ୍ ଏଭଳି ଏକ ଘଟଣା ବ୍ରହ୍ମପୁର ସହରରେ ଘଟିଯାଇଛି। ଖବରକାଗଜ ବିତରଣ ପାଇଁ ଯାଇଥିବାବେଳେ ଜଣେ ହକର ହୃଦ୍‌ଘାତରେ ଟଳି ପଡ଼ିଛନ୍ତି। ମୃତକ ହେଲେ ବ୍ରହ୍ମପୁର ସହରର ବରିଷ୍ଠ ବିତରକ ତଥା ବିତରକ ସଂଘର ପୂର୍ବତନ କୋଷାଧ୍ୟକ୍ଷ ବି. ଆନନ୍ଦ ରାଓ। ସେ ନିରବିଚ୍ଛିନ୍ନ ଭାବେ ଦୀର୍ଘବର୍ଷ ହେବ ଖବରକାଗଜ ବିତରଣ କରୁଥିଲେ। ହଠାତ୍ ତାଙ୍କ ବିୟୋଗକୁ ସହଜରେ ଗ୍ରହଣ କରୁନାରୁନାହାନ୍ତି ଲୋକେ।



ସୂଚନାପ୍ରକାରେ ବ୍ରହ୍ମପୁର ସହରର ବରିଷ୍ଠ ତଥା ବିତରକ ସଂଘର ପୂର୍ବତନ କୋଷାଧ୍ୟକ୍ଷ ବି ଆନନ୍ଦ ରାଓଙ୍କ ଶୁକ୍ରବାର ସକାଳେ ୬୦ବର୍ଷ ବୟସରେ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ସମଗ୍ର ସହରରେ ଶୋକର ଛାୟା ଖେଳିଯାଇଛି। ଶୁକ୍ରବାର ସକାଳେ ସେ ଖବରକାଗଜ ବାଣ୍ଟିବାବେଳେ ଅସୁସ୍ଥତା ଅନୁଭବ କରିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ମେଡ଼ିକାଲ ନିଆଯାଇଥିଲା। ଡ଼ାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ୱର୍ଗତଃ ଆନନ୍ଦଙ୍କ ସ୍ତ୍ରୀ ବି ଲକ୍ଷ୍ମୀ ରାଓ, ବଡ଼ପୁଅ ବି କମଲ ଲୋଚନ ରାଓ, ସାନପୁଅ କାର୍ତ୍ତିକ କୁମାର ରାଓ ଓ ଭାଇ, ଭଉଣୀ ବନ୍ଧୁ ପରିବାରବର୍ଗ ଉପସ୍ଥିତ ଥିଲେ। ଗେଟବଜାର ସ୍ଥିତ ଗୋଲ୍ଲାପଲ୍ଲୀ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ସ୍ଥାନୀୟ କର୍ପୋରେଟରଙ୍କ ପ୍ରତିନିଧି ମିଟୁ ତନ୍ତି, ପୂର୍ବତନ କର୍ପୋରେଟର ଧବଳ ବେହେରା, କାମୁ ଘୋଡ଼େଇ, ବୁଜି ରାଓ, ଏମ ଆନନ୍ଦ ରାଓ, ବିତରକ ଆସୋସିଏସନର କର୍ମକର୍ତ୍ତାଙ୍କ ସମେତ ବହୁବ୍ୟକ୍ତି ଉପସ୍ଥିତ ଥିଲେ। ସେହିଭଳି ‘ସକାଳ’ ବ୍ରହ୍ମପୁର ସଂସ୍କରଣର ପ୍ରସାର ବିଭାଗର କହ୍ନେଇ ଚରଣ ମହାନ୍ତି ଓ ବିତରକ ରାଧାକୃଷ୍ଣ ରଥ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ହୃଦ୍‌ଘାତରେ ପ୍ରଧାନଶିକ୍ଷକଙ୍କ ପରଲୋକ

ବ୍ରହ୍ମପୁର,୨।୧(ସମିସ): ସ୍ଥାନୀୟ ଗଜପତିନଗର ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଇଶ୍ୱର ବେହେରାଙ୍କ ୫୨ବର୍ଷରେ ପରଲୋକ ଘଟିଛି। ସୁସ୍ଥ ଥିବା ଇଶ୍ୱର ଆଜି ପୂର୍ବାହ୍ନରେ ବିଦ୍ୟାଳୟକୁ ଆସିବାକୁ ପ୍ରସ୍ତୁତ ହେଉଥିଲେ। ସେଲୁନ୍‌ରୁ ଘରକୁ ଫେରି ଗାଧୋଇବାକୁ ଯାଇଥିବା ବେଳେ ପଡ଼ିଯାଇଥିଲେ। ତୁରନ୍ତ ତାଙ୍କୁ ଏମ୍‌କେସିଜି ମେଡ଼ିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରଧାନ ଶିକ୍ଷକ ଇଶ୍ୱର ବେହେରାଙ୍କ ଅକାଳ ବିୟୋଗ ଖବର ପାଇ ଗଜପତିନଗର ସମେତ ଶିକ୍ଷକ ସମାଜରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଗଜପତିନଗର ବିଦ୍ୟାଳୟକୁ ଆସିବା ପରଠାରୁ ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ସହିତ ଛାତ୍ରଛାତ୍ରୀଙ୍କ ଉନ୍ନତି ପାଇଁ ସେ ସଦାସର୍ବଦା ଚେଷ୍ଟିତ ଥିଲେ। ସେ ଜଣେ କର୍ମଠ, ସମୟାନୁବର୍ତ୍ତିତା, ସ୍ନେହି, ମିଷ୍ଟଭାଷୀ, ଭଗବତ ବିଶ୍ୱାସୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ସ୍ଥାନୀୟ କର୍ପୋରେଟର ସମୀର କୁମାର ମିଶ୍ର, ମହାନଗର ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରାଜେଶ ତାରିଣୀ, ଶିକ୍ଷକ ନେତା ରାଜେନ୍ଦ୍ର ପଣ୍ଡାଙ୍କ ସମେତ ବହୁ ବ୍ୟକ୍ତ ଶୋକବ୍ୟକ୍ତ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।



## ଯୁବକଙ୍କୁ ଭୁଜାଲିରେ ଆକ୍ରମଣ

ବ୍ରହ୍ମପୁର,୨।୧(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ଆରୁଆପଲ୍ଲୀ ଗ୍ରାମ ନିକଟରେ ଜଣେ ଯୁବକଙ୍କୁ ଭୁଜାଳିରେ ଆକ୍ରମଣ ନେଇ ଥାନାରେ ଅଭିଯୋଗ ହୋଇଛି। ଆହତ ଜଣକ ହେଲେ ଗଉଞ୍ଜୁ ଗ୍ରାମର କୃଷ୍ଣଚନ୍ଦ୍ର ରଣା। ଆଜି ଗଉଞ୍ଜୁ ଗ୍ରାମର ପୂର୍ଣ୍ଣଚନ୍ଦ୍ର ରଣା, କୃଷ୍ଣଚନ୍ଦ୍ର ରଣା ଓ କେଶବ ରଣା ମଧ୍ୟାହ୍ନରେ ବାହାରକୁ ଖାଇବାକୁ ଯାଇଥିଲେ। ସେଠାରୁ ଗ୍ରାମକୁ ଫେରିବାବେଳେ ଗ୍ରାମ ନିକଟ ଆରୁଆପଲ୍ଲୀଠାରେ କୌଣସି କାରଣକୁ ନେଇ ପୂର୍ଣ୍ଣ ଏକ ଭୁଜାଳିରେ କୃଷ୍ଣଙ୍କ ମୁଣ୍ଡକୁ ଚୋଟ ପକାଇଥିଲା। ସେହି ବାଟଦେଇ ଆସୁଥିବା ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବ୍ରହ୍ମପୁର ମେଡିକାଲ ନେଇଥିଲେ। ପରେ ପରିବାର ପକ୍ଷରୁ ଗୋପାଳପୁର ଥାନାରେ କୃଷ୍ଣଚନ୍ଦ୍ରଙ୍କ ବାପା ଲିଖିତ ଅଭିଯୋଗ କରିଛନ୍ତି।

■ ନିଆରା ଢଙ୍ଗରେ ବିଏମ୍‌ସି କର୍ମଚାରୀଙ୍କ ନୂଆବର୍ଷ ପାଳନ

## ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଖେଳ ଉପକରଣ ପ୍ରଦାନ

ବ୍ରହ୍ମପୁର,୨।୧(ସମିସ): ନୂଆ ବର୍ଷରେ ଫୁଲତୋଡ଼ା ଓ ଉପହାର ନଦେଇ ବ୍ରହ୍ମପୁର ମହାନଗର ନିଗମର କର୍ମଚାରୀମାନେ ସୃଷ୍ଟି କରିଛନ୍ତି ଅନନ୍ୟ ଉଦାହରଣ। ଆମ୍ବପୁଆ ସ୍ଥିତ ରେଡ୍‌କ୍ରସ ଦୃଷ୍ଟି ବାଧିତ, ମୁକ ଓ ବଧିର ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଖେଳ ଉପକରଣ ପ୍ରଦାନ କରିଛନ୍ତି। ବିଏମସି କମିଶନର ପ୍ରଥମେଷ ଅରବିନ୍ଦ ରାଜେସିର୍କେର୍ ଏନେଇ କର୍ମଚାରୀଙ୍କୁ ପ୍ରୋତ୍ସାହିତ କରିଥିଲେ। ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡ଼ୀଙ୍କ ସମେତ ଡେପୁଟି କମିଶନର ଏବଂ କନିଷ୍ଠ ଯନ୍ତ୍ରୀ ଗଣେଶ ପାତ୍ର ପ୍ରମୁଖ ଉପସ୍ଥିତ ରହି ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଖେଳ ଉପକରଣ ବଣ୍ଟନ କରିଥିଲେ।



### ବିଇଏମ୍‌ସିରେ ୧୪ ପଞ୍ଚାୟତର ୩୪ ଗାଁ ମିଶ୍ରଣ ପ୍ରସଙ୍ଗ

## ବଢ଼ିଲା ବିଇଏମ୍‌ସି; କମିଲା ବିଇଡିଏର ପରିସୀମା ଓ ରାଜସ୍ୱ

ବ୍ରହ୍ମପୁର,୨।୧(ସମିସ): ବାସ୍ତବ ରୂପ ନେବାକୁ ଯାଉଛି ‘ଗ୍ରେଟର ବ୍ରହ୍ମପୁର’ ପରିକଳ୍ପନା। ସହର ଉପକଣ୍ଠର ଅର୍ଥାତ୍ କୁକୁଡାଖଣ୍ଡି ଓ ରଙ୍ଗେଇଲୁଣ୍ଡା ବ୍ଲକର ୧୪ଟି ପଞ୍ଚାୟତର ମୋଟ ୩୪ଟି ରାଜସ୍ୱ ଗ୍ରାମକୁ ମିଶାଇ ବୃହତ୍ତର ବ୍ରହ୍ମପୁର କରାଯିବ। ଏଥିପାଇଁ ସରକାରୀ ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇସାରିଛି। ପ୍ରକାଶିତ ବିଜ୍ଞପ୍ତି ପ୍ରକାରେ କୁକୁଡାଖଣ୍ଡି ବ୍ଲକର ଆଙ୍କୁଶପୁର ପଞ୍ଚାୟତର ମହୁଘରହିଲ୍ସ, ପଦିରିପଲ୍ଲି, ରାଇଝୋଳ, ଆଙ୍କୁଶପୁର ଓ ରତନପୁର। ଦକ୍ଷିଣପୁର ପଞ୍ଚାୟତର ଦକ୍ଷିଣପୁର, ଆମ୍ବଗଡ ଓ ଗୁଣ୍ଡବନ୍ଧ। ଅନନ୍ତାଇ ପଞ୍ଚାୟତର ଅନନ୍ତାଇ, ଲଙ୍ଗଳଦେଇ, ସିରିଆପୁର, ଚନ୍ଦନିଆ ପାହାଡ ଓ ସୁକୁଣ୍ଡା। ଲାଠୀ ପଞ୍ଚାୟତର ଲାଠୀ ଓ ବେଦାଳିଆ। ଜଗଦଳପୁର, ନିମଖଣ୍ଡି, ଲୋଚାପଡା ଭଳି ଏକକ ପଞ୍ଚାୟତ। ସେହିଭଳି ରଙ୍ଗେଇଲୁଣ୍ଡା ବ୍ଲକର ଡୁରା ପଞ୍ଚାୟତର ଡୁରା, ପଥରା ଓ ରାମଚନ୍ଦ୍ରପୁର। ଗଉଞ୍ଜୁ ପଞ୍ଚାୟତର ଆରୁଆପଲ୍ଲୀ, ବ୍ରହ୍ମାପଲ୍ଲୀ, ଗଉଞ୍ଜୁ ଓ ମିଶ୍ରପଲ୍ଲି। ଫୁଲଟା ପଞ୍ଚାୟତର ବୁରୁକୁଦି, ଫୁଲଟା ଓ ସାନଖଜୁରିଆ। ସାତକୁଟୁଣୀ ପଞ୍ଚାୟତର ଝାଡାଙ୍କୁଲି ଓ ସାତକୁଟୁଣୀ। ବଡକୁଶସ୍ଥଳୀ ପଞ୍ଚାୟତର ବଡଗୁମୁଳା ଓ ପଲ୍ଲୀଗୁମୁଳା। ଭାବିନୀପୁର ଓ ହଳଦିଆପଦର ଭଳି ଏକକ ପଞ୍ଚାୟତକୁ ସାମିଲ କରାଯାଇଛି। ବ୍ରହ୍ମପୁର ସହିତ ମିଶ୍ରଣକୁ ସମସ୍ତ ପଞ୍ଚାୟତ ପକ୍ଷରୁ ଲିଖିତ ସହମତି ପ୍ରଦାନ ପରେ ପ୍ରକ୍ରିୟା ସଫଳ ରୂପ ନେବାକୁ ଯାଉଛି। ଫଳରେ ବ୍ରହ୍ମପୁର ମହାନଗର ନିଗମର ଜନ ସଂଖ୍ୟା ଓ ପରିସୀମା ବୃଦ୍ଧି ପାଇବା ସହିତ ମହାନଗର ନିଗମର କଳେବର ମଧ୍ୟ ବୃଦ୍ଧି ପାଇବ। ତେବେ ଗ୍ରେଟର ବ୍ରହ୍ମପୁର ଗଠନ ପରେ ଭିନ୍ନ ଏକ ପରିସ୍ଥିତି ସୃଷ୍ଟି ହୋଇଛି। ବିଇଏମସିର ପରିସୀମା ବୃଦ୍ଧି ପାଇଥିବା ବେଳେ ବିଇଡିଏର ପରିସୀମା ହ୍ରାସ ପାଇଛି। ଫଳରେ ବିଇଏମସିକୁ ସବୁ କ୍ଷେତ୍ରରୁ ଲାଭ ବା ଫାଇଦା ମିଳିବାକୁ ଥିବା ବେଳେ ବିଇଡିଏ ବା ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ କେବଳ ଘାଟା ହିଁ ଘାଟା ଅର୍ଥାତ୍ କ୍ଷତି ସହିବାକୁ ପଡୁଛି। ପରିସୀମା ହ୍ରାସ ପାଇବା ସହିତ ରାଜସ୍ୱ ହାନି ମଧ୍ୟ ହେବା ଜଳଜଳ ହୋଇ ଦେଖାଯାଉଛି। କାରଣ ପୂର୍ବରୁ ବିଇଡିଏ ପାଖରେ ଥିବା ସହରାଞ୍ଚଳର ବିଲ୍ଡିଂ ପ୍ଲାନ ଅନୁମୋଦନ କ୍ଷମତା ବିଇଏମ୍‌ସିକୁ ଚାଲିଯାଇଛି। ଯଦ୍ୱାରା ବିଇଡିଏର ରାଜସ୍ୱ ହାନୀ ଘଟିଥିଲା। ବର୍ତ୍ତମାନ ପରିପ୍ରେକ୍ଷୀରେ ପୁଣି ସହର ଉପକଣ୍ଠର ୧୪ଟି ପଞ୍ଚାୟତର ୩୪ଟି ରାଜସ୍ୱ ଗ୍ରାମ ବିଇଏମସିରେ ସାମିଲ ହେଉଥିବାରୁ ସମ୍ପୃକ୍ତ ଅଞ୍ଚଳ ମଧ୍ୟ ବିଇଡିଏ ହାତରୁ ଚାଲିଯିବ। ଫଳରେ ବିଇଡିଏର ରାଜସ୍ୱ ହାନୀ ହେବ। ଏହାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ବିଇଡିଏର ପରିସୀମା ବୃଦ୍ଧି ପାଇଁ ମଧ୍ୟ ଯୋଜନା କରାଯାଉଥିବା ଜଣାପଡିଛି। ଆଗାମୀ କର୍ତ୍ତୃପକ୍ଷ ବୈଠକରେ ଏନେଇ ବିଇଡିଏ ଅଧ୍ୟକ୍ଷ ତଥା ନିଜେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଉପସ୍ଥିତିରେ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏନେଇ ଆଲୋଚନା ହେବ ବୋଲି ଜଣାପଡିଛି। ଏନେଇ ପ୍ରାକ୍ ସୂଚନା ଦେଇଛନ୍ତି ବିଇଡିଏ ଉପାଧ୍ୟକ୍ଷ ତଥା ବିଇଏମସି କମିଶନର ପ୍ରଥମେସ ଅରବିନ୍ଦ ରାଜେସିର୍କେ। ତେବେ ଏଥିପାଇଁ ସରକାରୀ ଅନୁମୋଦନର ଆବଶ୍ୟକତା ଥିବା ବେଳେ କୌଣସି ପଞ୍ଚାୟତ ଅଥବା ଅନ୍ୟକାହାର ସହମତିର ଆବଶ୍ୟକତା ନାହିଁ। ଏଣୁ ରାଜ୍ୟ ସରକାର ଚାହିଁଲେ ବିଇଡିଏର ପରିସୀମା ବୃଦ୍ଧି ହେବାରେ କୌଣସି ସମସ୍ୟା ନଥିବା ସେ କହିଛନ୍ତି।

**ଆଗାମୀ ବୈଠକରେ ବିଇଡିଏର ପରିସର ବୃଦ୍ଧି ପ୍ରସ୍ତାବ ଉପରେ ଆଲୋଚନା: ଉପାଧ୍ୟକ୍ଷ**

## ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ଆନ୍ତଃରାଜ୍ୟ ସମନ୍ୱୟ ବୈଠକ

ବ୍ରହ୍ମପୁର,୨।୧(ସମିସ): ଆଉ କିଛିଦିନ ପରେ ବିଦେଶୀ ଅତିଥି ସାମୁଦ୍ରିକ ବିରଳ କଇଁଛ ଅଲିଭ୍ ରିଡ଼ଲେ ଗଞ୍ଜାମର ଉପକୂଳକୁ ଆସି ଗଣ ଅଣ୍ଡାଦାନ କରିବେ। ଏନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ଏହିକ୍ରମରେ ଅଲିଭ ରିଡ୍‌ଲେଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଅନ୍ତଃରାଜ୍ୟ କୋର୍ଡିନେସନ କମିଟି ବୈଠକ ଶୁକ୍ରବାର ବ୍ରହ୍ମପୁର ଆର୍‌ସିସି ଏଫ୍‌ଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନ୍ନି ଖୋଖରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ(ଆର୍‌ସିସିଏଫ୍) ବିଶ୍ୱନାଥ ଏନ୍, ଶ୍ରୀକାକୁଲମ ଡିଏଫ୍‌ଓ ସିଏସ୍ ଭେଙ୍କଟେଶ ପ୍ରମୁଖ ମଞ୍ଚାସିନ ଥିଲେ। କଇଁଛଙ୍କ ଆଗମନ ସମୟରେ କିପରି ଉଭୟ ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳରେ ରହୁଥିବା ମତ୍ସ୍ୟଜୀବୀଙ୍କୁ ଅଧିକ ସତର୍କ ଓ ସଚେତନତା କରାଯିବ, ଏହା ସହିତ ସମୁଦ୍ରରେ ପାଟ୍ରୋଲିଂ, ଆନ୍ଧ୍ରପ୍ରଦେଶରେ ନୋ-ଫିସିଂ ଜୋନ୍ କଟକଣାକୁ କଡ଼ାକଡ଼ି କରିବା ଆଦି ଦିଗରେ ଆଲୋଚନା ହୋଇଥିଲା। ବ୍ରହ୍ମପୁର ଡିଏଫ୍‌ଓ କହିଛନ୍ତି, ନୋ ଫିସିଂ ଜୋନ ସମୟରେ ଋଷିକୁଲ୍ୟା ଉପକୂଳରୁ ଅନେକ ସମୟରେ ମାଛ ଧରା ଟ୍ରଲର ଜବତ ହେଉଛି। ଅଧିକାଂଶ ଆନ୍ଧ୍ର ପ୍ରଦେଶର ମତ୍ସ୍ୟଜୀବୀ ସଚେତନତା ଅଭାବରୁ ସମୁଦ୍ର ମଧ୍ୟରେ ଓଡ଼ିଶା ସୀମାରେ ପ୍ରବେଶ କରୁଛନ୍ତି। ଚଳିତ ଋତୁରେ ଆନ୍ଧ୍ରର ଦୁଇଟି ଟ୍ରଲର ଜବତ ହୋଇଛି। ଟ୍ରଲର ଜବତ ହେବା ଦ୍ୱାରା ମତ୍ସ୍ୟଜୀବୀଙ୍କ ଜୀବିକା ଉପରେ ପ୍ରଭାବ ପଡୁଛି। ଅନ୍ୟପଟେ କଇଁଛଙ୍କ ମୃତ୍ୟୁ କ୍ଷେତ୍ରରେ ଏହା ଏକ ପ୍ରମୁଖ କାରଣ ସାଜିଛି। ଆଜିର ଏହି ବୈଠକରେ ଓଡ଼ିଶା ଓ ଆନ୍ଧ୍ରର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅଲିଭ୍‌ରିଡଲେ କଇଁଛଙ୍କ ସୁରକ୍ଷା ଓ ମୃତ୍ୟୁହାର ହ୍ରାସ ଦିଗରେ ଏହା ବେଶ୍ ସହାୟକ ହେବ ବୋଲି ସେ କହିଛନ୍ତି। ବୈଠକରେ ଅତିରିକ୍ତ ମତ୍ସ୍ୟ ଅଧିକାରୀ(ସାମୁଦ୍ରିକ) ଦେବୀଦତ୍ତ ମହାନ୍ତି, ବ୍ରହ୍ମପୁର ଏସିଏଫ୍ ସସ୍ମିତା ବିଶ୍ୱାଳ ଓ ମାଣିକେଶ୍ୱରୀ ହାଂସଦା, ଖଲ୍ଲିକୋଟ ଏସିଏଫ୍ ଦିବ୍ୟ ଶଙ୍କର ବେହେରା, ଦକ୍ଷିଣ ଓ ଟ୍ରି ଫାଉଣ୍ଡେସନର କର୍ମକର୍ତ୍ତା, ଓଡ଼ିଶାର ଗଞ୍ଜାମ ଓ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲ୍ଲାର ତଟରକ୍ଷୀ ବାହିନୀ, ପୁଲିସ, ମତ୍ସ୍ୟ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



## ‘ସକାଳ’ ପ୍ରଭାବ

## ବିଇଏମ୍‌ସିକୁ ମିଳିବ ମୂଲ୍ୟବାନ ୪ ଏକର ଜମି

ବ୍ରହ୍ମପୁର, ୨।୧ (ସମିସ): ବିଳମ୍ବରେ ହେଲେ ମଧ୍ୟ ଚେତିଛି ପ୍ରଶାସନ। ପଡ଼ିଛି ଦୈନିକ ‘ସକାଳ’ ଖବର କାଗଜରେ ପ୍ରକାଶିତ ଖବରର ପ୍ରଭାବ। ବ୍ରହ୍ମପୁର ସହରର ଛାତି ଉପରେ ଥିବା ମୂଲ୍ୟବାନ ସରକାରୀ ଜମିକୁ ଜବରଦଖଲ ମୁକ୍ତ କରିବାକୁ ଅଣ୍ଟା ଭିଡ଼ିଛି ପ୍ରଶାସନ। ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାର ଓ ତହସିଲଦାର ଉଭୟେ ବ୍ରହ୍ମପୁର ତହସିଲ ଅନ୍ତର୍ଗତ ଅଳକାପୁର ମୌଜାର ଖତିୟାନ ୩୭୩ ନମ୍ବରରେ ଉଦ୍ଦିଷ୍ଟ ୪ ଏକରରୁ ଉର୍ଦ୍ଧ୍ୱ ଜମିର ସ୍ଥିତାବସ୍ଥା ଅନୁଧ୍ୟାନ କରିବାକୁ ଯାଇ ସରଜମିନ ତଦନ୍ତ କରିଥିଲେ। ଉକ୍ତ ଜମି ସରକାରୀ ଖାତାରେ ରାଜସ୍ୱ ବିଭାଗର ଏପରିକି ସର୍ବସାଧାରଣଙ୍କର ବୋଲି ସ୍ପଷ୍ଟ ଉଲ୍ଲେଖ ରହିଛି। ତେବେ ଘଟଣାସ୍ଥଳରେ ତଦନ୍ତ ବେଳେ ସେଠାରେ ବେନିୟମ ଭାବେ ‘କ୍ଷେତ୍ର ସଫି ବଜାର’ ଚାଲିଥିବା ଦେଖିବାକୁ ପାଇଥିଲେ। ଯାହାକୁ ନେଇ ଉପ ଜିଲ୍ଲାପାଳ ବିରକ୍ତି ହେବା ସହିତ ତୁରନ୍ତ ଉକ୍ତ ସ୍ଥାନକୁ ଜବରଦଖଲ ମୁକ୍ତ କରିବା ସହିତ ସିଲ୍ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଉକ୍ତ ମୂଲ୍ୟବାନ ସରକାରୀ ଜମି ରାଜସ୍ୱ ବିଭାଗର ହୋଇଥିବା ବେଳେ ସେଠାରୁ ନିକଟସ୍ଥ ଚର୍ଚ୍ଚ ପକ୍ଷରୁ ଜମିକୁ ଅକ୍ତିଆରରେ ରଖି ଭଡ଼ା ବା ରାଜସ୍ୱ ଆଦାୟ କରାଯାଉଥିବା ପ୍ରଶାସନ ଜାଣିବାକୁ ପାଇଥିଲା। ଏଭଳି ବେନିୟମ କାର୍ଯ୍ୟକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଉପ ଜିଲ୍ଲାପାଳ। ତୁରନ୍ତ ଉକ୍ତ ଜମିକୁ ଜବରଦଖଲ ମୁକ୍ତ କରି ସିଲ୍ କରିବାକୁ ନିର୍ଦ୍ଦେଶ ଦେବା ସହିତ କେହି ପ୍ରତିବାଦ କଲେ ଥାନାରେ ଏତଲା ଦେବାକୁ ମଧ୍ୟ ତହସିଲଦାରଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ସେପଟେ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ତଥା ରାଜସ୍ୱ ବିଭାଗର ଏହି ମୂଲ୍ୟବାନ ଜମି ବିଇଏମସିକୁ ହସ୍ତାନ୍ତର କରାଯିବ ବୋଲି ମଧ୍ୟ ସୂଚନା ମିଳିଛି। ଏଥିପାଇଁ ବିଇଏମସି ପକ୍ଷରୁ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ଉକ୍ତ ଜମିରେ କି କି ପ୍ରକଳ୍ପ କରାଯିବ ଯୋଜନା କରାଯାଇଛି।

ରାଜସ୍ୱ ଜମିକୁ ପ୍ରଥମେ ବ୍ରହ୍ମପୁର ମହାନଗର ନିଗମ ଅକ୍ତିଆରକୁ ଅଣାଯିବ। ଏହା ପରେ ନିକଟରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଫୁଡ୍ ଷ୍ଟ୍ରିଟ ଯାହାର ଡିପିଆର ପ୍ରସ୍ତୁତ ହୋଇସାରିଛି ତାହାକୁ ପ୍ରତିଷ୍ଠା କରାଯିବ। ଏଠାରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯିବାକୁ ମଧ୍ୟ ଯୋଜନା ରହିଥିବା କହିଛନ୍ତି ବିଇଏମସି କମିଶନର ପ୍ରଥମେସ ଅରବିନ୍ଦ ରାଜେସିର୍କେର୍।

- ଅଭିଯୋଗ ପାଇ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ ସରଜମିନ ତଦନ୍ତ ପରେ ଖୁଲାସା
- ଜବରଦଖଲ ଉଚ୍ଛେଦ କରି ନୋଟିସ ଜାରି କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ
- ବେନିୟମ ଭାବେ ସରକାରୀ ଜମିରୁ ଭଡ଼ା ଆଦାୟ କରୁଥିଲେ ଘରୋଇ ସଂସ୍ଥା



ଧର୍ମଶାଳା ମହୋତ୍ସବର ନବମ ସନ୍ଧ୍ୟା

# ବଲିଉଡ୍ କଣ୍ଠଶିଳ୍ପୀଙ୍କ ସଂଗୀତରେ ଦର୍ଶକ ବିଭୋର



**ଧର୍ମଶାଳା,୨୧୧(ସମିସ):** ଜାରକାସ୍ଥିତ ମହୋତ୍ସବ ପଡ଼ିଆରେ ଆୟୋଜିତ ଧର୍ମଶାଳା ମହୋତ୍ସବର ଆଜି ହେଉଛି ନବମ ସନ୍ଧ୍ୟା। ଆଜି ମହୋତ୍ସବ ପଡିଆରେ ଲୋକମାନଙ୍କ ଖଚାଖଚ ଭିଡ଼ ଦେଖିବାକୁ ମିଳିଥିଲା। ଅପରାହ୍ନ ୪ଟାରୁ ଲୋକମାନଙ୍କ ଗହଳି ଆରମ୍ଭ ହୋଇଯାଇଥିଲା। ମହୋତ୍ସବକୁ ଆସିଥିବା ଲୋକେ ମଣ୍ଡପରେ ଲକ୍ଷ୍ମୀ ନାରାୟଣଙ୍କୁ ଦର୍ଶନ କରି ମେଳାରେ ବୁଲିବାର ମଜା ଉଠାଇଥିଲେ। ବିଶେଷ କରି ପିଲା ଓ ଯୁବକ ଯୁବତୀମାନେ ମହୋତ୍ସବ ପଡ଼ିଆରେ ପଡ଼ିଥିବା ଦୋଳି ଖେଳିବାର ମଜା ନେଇଥିଲେ। ଏହି ଅବସରରେ ମହୋତ୍ସବ ପଡ଼ିଆରେ ଭଳିକି ଭଳି ଜିନିଷର ପସରା ମେଳାଯାଇଥିବା ବେଳେ ଲୋକେ ଦୋକାନରୁ ଚଟପଟି ଖାଦ୍ୟ ଖାଇବା ସହ ଘରକରଣା ଜିନିଷମାନ କିଣୁଥିବାର ଦେଖିବାକୁ ମିଳିଥିଲା। ସନ୍ଧ୍ୟା ନଇଁଲା ପରେ ମହୋତ୍ସବ ପଡ଼ିଆର ମୁକ୍ତାକାଶ ମଞ୍ଚରେ ବଲିଓଡ କଣ୍ଠଶିଳ୍ପୀ ନକ୍ସ ଅଜିଜ ଓ ସାଥୀମାନଙ୍କ ଦ୍ୱାରା ପ୍ରସ୍ତୁତ ସଙ୍ଗୀତ ଓ ନୃତ୍ୟରେ ଦର୍ଶକମାନେ ବିଭୋର ହୋଇଥିଲେ। ମହୋତ୍ସବରେ ଲୋକଙ୍କ ଭିଡ଼କୁ ଦେଖି କମିଟି ଓ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଲୋକମାନଙ୍କୁ ସଚେତନତା କରାଯାଉଥିବା ବେଳେ କୌଣସି ଅଘଟଣ ଉପରେ ନଜର ରଖିବା ଲାଗି ବିଭିନ୍ନ ସ୍ଥାନରେ ସିସିଟିଭି ଫୁଟେଜ ଲଗାଇ ଦିଆଯାଇଛି। ଗତ ବର୍ଷ ତୁଳନାରେ ମହୋତ୍ସବ ଅଧିକ ସଂପ୍ରସାରିତ ହୋଇପାରିଛି ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଏଠାରେ ନିର୍ମିତ ହୋଇଥିବା ପେଣ୍ଡାଲ ବହୁ ବଡ଼ କରିଦିଆଯାଇଛି। ମହୋତ୍ସବକୁ କମିଟିର ସଭାପତି ରବିନ୍ଦ୍ର ନାରାୟଣ ବେହେରା, ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, ସଂଯୋଜକ ଦେବରାଜ ମିଶ୍ର, ରାଜେଶ କୁମାର ପାଳ, ଜିତେନ୍ଦ୍ର ରାଉତ, ହିମାଂଶୁ ଶେଖର ମହାନ୍ତି, ସବ୍ୟସାଚୀ ସୁନ୍ଦର ରାୟ, ସୁଦାମ ବେହେରା, ଆଲୋକ କୁମାର ପ୍ରଧାନ ସମେତ ସମସ୍ତ ସଦସ୍ୟ ଓ ବଜାର କମିଟିର କର୍ମକର୍ତ୍ତାମାନେ ପରିଚାଳନାରେ ସହାୟତା କରୁଛନ୍ତି। ଆସନ୍ତାକାଲି ଦଶମ ସନ୍ଧ୍ୟାରେ ସାଂସ୍କୃତିକ ସଭାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଓ ଅନ୍ୟମନ୍ତ୍ରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସାଂସ୍କୃତିକ ସଭା ପରେ ବଲିଓଡର କଣ୍ଠଶିଳ୍ପୀ ସୋନା ମହାପାତ୍ର ଓ ସାଥୀମାନଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ଖଣି ଅଞ୍ଚଳରେ ମଜ୍ଦୁର ସଂଘର ସମ୍ମିଳନୀ



**କାଳିଆପାଣି,୨୧୧(ସମିସ):** ସୁକିନ୍ଦା ଖଣି ଅଞ୍ଚଳରେ ସୁକିନ୍ଦା ରିଜିଅନ୍ କ୍ରୋମାଇଟ ଖାଦାନ ମଜଦୂର ସଂଘ ପକ୍ଷରୁ ନୂତନ ବର୍ଷ ଶ୍ରମିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ନୂତନ ବର୍ଷର କେକ୍ କାଟି ବାରାଗଡିଆ ପଞ୍ଚାୟତ ସମିତିସଭ୍ୟ ମୃତ୍ୟୁଞ୍ଜୟ ଦେଓ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶ୍ରମିକମାନଙ୍କୁ ଉଦ୍ଦେଶ୍ୟ କରି ଅନେକ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ମହାନ୍ତ, ଉପ-ସଭାପତି ପ୍ରଭାତ ପ୍ରଧାନ, ନିମଳେନ୍ଦୁ ବେହୁରା, ଜିଲ୍ଲା ପରିଷଦ ସଦସ୍ୟା ଜେମା ଚାଖି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭଗବତୀ ମହାନ୍ତ, ଠଂଶୋଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ନରେନ୍ଦ୍ର ଦାସ, କାଳିଆପାଣି ସରପଞ୍ଚ ବିକାଶ ପାତ୍ର, କଙ୍କଡ଼ପାଳ ସରପଞ୍ଚ ସଞ୍ଜୟ ପରିଡା, ଠଂଶୋଳ ସରପଞ୍ଚ କନକଲତା ସର୍ଦ୍ଦାର, ସମାଜସେବୀ ଆଶିଷ କୁମାର ଜେନା, କାଳିଆପାଣି ସମିତି ସଭ୍ୟ ସାଲୁକା ହାନେଗାଁ, ହଳଧର ମହାନ୍ତ, ଲିଟୁ ପାତ୍ର, ମନୋଜ ବେହେରା, ବାଟକୃଷ୍ଣ ଦାସ, ଦଶରଥ ମହାନ୍ତ ପ୍ରମୁଖଙ୍କ ସହ ବିଭିନ୍ନ ଖଣିର ୟୁନିୟନ ବ୍ରାଞ୍ଚର ସଭାପତି, ସାଧାରଣ ସମ୍ପାଦକ ଓ କର୍ମକର୍ତ୍ତାମାନେ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସର୍ବଶେଷରେ ମଜଦୂର ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା।

## ଯାଜପୁର ଜିଲ୍ଲା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ଯାଜପୁର,୨୧୧(ସମିସ):** ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଯାଜପୁର ଜିଲ୍ଲା ମହୋତ୍ସବ 'ଯଯାତି-୨୦୨୬' ଓ ସ୍ୱଦେଶୀ ମେଳା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମବାୟମନ୍ତ୍ରୀ ପ୍ରଦୀପ ମହୋତ୍ସବ ଆୟୋଜନ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମୁଖ୍ୟଅତିଥି ଭାବେ ଏହାର ଉଦ୍‌ଘାଟନ ପାଇଁ ଅନୁରୋଧ କରିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହାସହ ମହୋତ୍ସବରେ ଓର୍‌ମାସ ପଲ୍ଲୀଶ୍ରୀ ମେଳା, ସୁଭଦ୍ରା ଶକ୍ତି ମେଳା ମଧ୍ୟ ଆଲୋଚନା ଚକ୍ର, ସ୍ମରଣିକା ପ୍ରକାଶନ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା।

କୋରେଇ ବିଧାୟକ ଆକାଶ ଦାସ ନାୟକ ମହୋତ୍ସବରେ ଜିଲ୍ଲାର ଶିଳ୍ପ ଭିତ୍ତିଭୂମି ଓ କାରିଗରୀକୁ ପ୍ରଦର୍ଶନ କରିବା





ବଳ ସାମନ୍ତ, ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସ ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଜିଲ୍ଲାପାଳ ଅମ୍ବର କୁମାର କର ଯୋଗ ଦେଇଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ସୋନାଲି ବେହେରା ସ୍ୱାଗତ ବକ୍ତବ୍ୟ ଦେବା ସହ ବୈଠକର କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ। ଯଯାତି ମହୋତ୍ସବକୁ ସୁରୁଖୁରୁରେ ପାଳନ ପାଇଁ ଆବଶ୍ୟକୀୟ ବିଭିନ୍ନ ଦିଗ ସମ୍ପର୍କରେ ମନ୍ତ୍ରୀ ବକ୍ତବ୍ୟ ରଖିଥିଲେ। ଯଯାତି ସ୍ମରଣିକା ପତ୍ରିକା ପାଇଁ ଏବେଠାରୁ ପ୍ରସ୍ତୁତି ଏବଂ ଲେଖା ସଂଗ୍ରହ ଆବଶ୍ୟକ ବୋଲି ସାଂସଦ ମତ ଦେଇଥିଲେ। ଫେବୃଆରୀ ଦ୍ୱିତୀୟ ସପ୍ତାହରେ ଆୟୋଜିତ ହେବ। ଏହି ପ୍ରଦର୍ଶନୀରେ ଯାଜପୁର ଜିଲ୍ଲାର ଜିଆଇ ମାନ୍ୟତାପ୍ରାପ୍ତ ଗୋପାଳପୁର ହସ୍ତତନ୍ତ, ଗୋଲ୍ଡେନ ଗ୍ରାସ ହସ୍ତଶିଳ୍ପ, ପଥର କାରୁକାର୍ଯ୍ୟ ଇତ୍ୟାଦି ସ୍ଥାନ ପାଇବ। ରାଜ୍ୟର ତଥା ସ୍ଥାନୀୟ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ସହ ଯାଜପୁରର ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଗଙ୍ଗା ଆଳତୀ ଭଳି ଢଙ୍ଗରେ ଯାଜପୁରର ପୁଣ୍ୟତୋୟା ବୈତରଣୀ ନଦୀ କୂଳରେ ଆଳତୀ ପାଇଁ ଜିଲ୍ଲାପାଳ ବୈଠକରେ ପ୍ରସ୍ତାବ ରଖିଛନ୍ତି। ଏହାସହ ମହୋତ୍ସବ ଉପଲକ୍ଷେ ସବ-କମିଟିଙ୍କ ସହଯୋଗରେ କବି ସମ୍ମିଳନୀ, ସହ ସ୍କୁଲ କଲେଜ୍ ଛାତ୍ରଛାତ୍ରୀଙ୍କ ପରିଦର୍ଶନ ଉପରେ ଗୁରୁତ୍ୱ ଦେବା ପାଇଁ କହିଥିଲେ। ଧର୍ମଶାଳା ବିଧାୟକ ମହୋତ୍ସବ ପାଇଁ ଆବଶ୍ୟକୀୟ ପ୍ରସ୍ତୁତି ଦିଗରେ ତତ୍ପର ହେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଶିକ୍ଷକ ବଦଳିକୁ ନେଇ ଫାଟକ ସମ୍ମୁଖରେ ଧାରଣା

**ଦାନଗଦି, ୨୧୧(ସମିସ):** ଶିକ୍ଷକ ବଦଳି ଓ ନୂତନ ଶିକ୍ଷକ ନିଯୁକ୍ତିକୁ ନେଇ ବିଦ୍ୟାଳୟରେ ତାଲା ପକାଇ ଫାଟକ ସମ୍ମୁଖରେ ଧାରଣା ଦେଲେ ଛାତ୍ରଛାତ୍ରୀ ଓ ଗ୍ରାମବାସୀ। ସୂଚନା ମୁତାବକ ଦାନଗଦି ବ୍ଲକ୍ ଶାଳୀଜଙ୍ଗା ୟୁଜିଏମ ସ୍କୁଲ୍ ଓ ନାହୁରାଣୀ ପଶି ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଥିବା ୪ ଜଣ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇ ତାଙ୍କ ସ୍ଥାନରେ ନୂତନ ଶିକ୍ଷକଙ୍କୁ ଯୋଗଦେବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଘଟଣାକୁ ନେଇ ଅଭିଭାବକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ତେଣୁ ଅଭିଭାବକ ଓ ଗ୍ରାମବାସୀ ନୂତନ ଶିକ୍ଷକଙ୍କ ଯୋଗଦାନକୁ ବିରୋଧ କରି ସ୍କୁଲ ଫାଟକରେ ତାଲା ପକାଇଦେଇଥିଲେ। ଫଳରେ ଛାତ୍ରଛାତ୍ରୀ ସ୍କୁଲ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ



ବସି ରହିଥିବା ବେଳେ ଶିକ୍ଷକ, ଶିକ୍ଷୟିତ୍ରୀ ବାହାରେ ବସି ରହିଥିଲେ। ତେବେ ଯଥାଶୀଘ୍ର ଶିକ୍ଷକଙ୍କ ବଦଳିକୁ ବାତିଲ କରାଯାଇ ୨ଟି ଯାକ ବିଦ୍ୟାଳୟରେ ପୂର୍ବରୁ ଥିବା ୪ ଜଣ ଶିକ୍ଷକଙ୍କୁ ଉକ୍ତ ପୁନଃ ନିଯୁକ୍ତ କରିବାକୁ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି ଗ୍ରାମବାସୀ। ଯଦି ପୁନଃ ନିଯୁକ୍ତ ଦିଆନଯାଏ ତେବେ ସ୍କୁଲ ଫାଟକରେ ତାଲା ପକାଇ ବସି ରହିବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟ ପଟେ ଘଟଣାସ୍ଥଳରେ ଦାନଗଦିର ସହ ଶିକ୍ଷା ଅଧିକାରୀ ପହଞ୍ଚି ସେମାନଙ୍କ ଦାବିକୁ ନେଇ ଆଲୋଚନା କରିଥିଲେ। ସମାଧାନ ପାଇଁ ବିଇଓଙ୍କ ସହିତ ଆଲୋଚନା କରିବା ପାଇଁ କହିଥିଲେ। ଯାହାଫଳରେ ବିଦ୍ୟାଳୟ ସ୍ୱାଭାବିକ ଭାବେ ଚାଲିଥିଲା। ଏହି ବିରୋଧ ସମୟରେ ଶାଳିଜଙ୍ଗା ସ୍କୁଲର ସଭାପତି ବାସୁଦେବ ଦାଶ, ସଦାଶିବ ନନ୍ଦ, ଲାଲ ମୋହନ ମହାନ୍ତ, ଶମ୍ଭୁନାଥ ମହାନ୍ତ, ନହୁରାଣୀପଶି ସ୍କୁଲର ସଭାପତି ଯୋଗେନ୍ଦ୍ର ରାଉତ, ନିରଞ୍ଜନ ଦଳାଇ, ଗଣେଶ ପରିଡ଼ା, ବଳରାମ ଲେଙ୍କା, ବାଦଲ ଦେହୁରୀ, ରମେଶ ସାହୁ ପ୍ରମୁଖ ଛାତ୍ର ଛାତ୍ରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଯୋଗାଣ ଅଧିକାରିଣୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**ଦଶରଥପୁର,୨୧୧(ସମିସ):** ଦଶରଥପୁର ବ୍ଲକରେ ୪ବର୍ଷ ଧରି କାର୍ଯ୍ୟ କରିଥିବା ବ୍ଲକ ଯୋଗାଣ ଅଧିକାରିଣୀ ତପସ୍ୱିନୀ ରାୟଙ୍କ ଜଗତସିଂହପୁର ଜିଲ୍ଲାକୁ ବଦଳି ହୋଇଛି। ଏହି ପରିପ୍ରେକ୍ଷୀରେ ବ୍ଲକ ରିଟେଲର ମହାସଂଘ ପକ୍ଷରୁ କଟିକଟା ଠାରେ ଯୋଗାଣ ଅଧିକାରିଣୀ ତପସ୍ୱିନୀଙ୍କ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଦୀପ କୁମାର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରୋହରେ ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଏବିଡିଓ ତ୍ରିଲୋଚନ ସେଠୀ, ନୂତନ ଯୋଗାଣ ଅଧିକାରିଣୀ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ସ୍ଥିତିପ୍ରଜ୍ଞା ପ୍ରିୟଦର୍ଶିନୀ, ବ୍ଲକ ରିଟେଲର ମହାସଂଘ ପକ୍ଷରୁ ସଭାପତି ପୁରୁଷୋତ୍ତମ ଧଳ ଏବଂ ସମ୍ପାଦକ ଗୋପାଳ ଦେବତା, ଜିଲ୍ଲା ରିଟେଲର ମହାସଂଘର ସମ୍ପାଦକ ରାଜେଶ ପଣ୍ଡା, ବ୍ଲକ କାର୍ଯ୍ୟକର୍ତ୍ତା ବୀରକିଶୋର ଶତପଥୀ, ରଶ୍ମିତା ପରିଡା, ଭଗବତୀ ସାହୁ, ବଦ୍ରିନାରାୟଣ ସାମଲ, ବିଶ୍ୱଜିତ ନାୟକ, ଅଜୟ ସାହୁ, ଗୌରାଙ୍ଗ ନାୟକ, ମନୋଜ ଦାସ, ବୁଲୁ ଜେନାଙ୍କ ସମେତ ବହୁସଂଖ୍ୟାରେ ସଦସ୍ୟ ଯୋଗଦେଇଥିଲେ।

## ଧାନ ବିକ୍ରୟ ପାଇଁ ସଚେତନତା ଶିବିର

**କୁନ୍ଦଲ,୨୧୧(ସମିସ):** ବଡ଼ଚଣା ବ୍ଲକ ଚାରିନଙ୍ଗଳ ପ୍ରାଥମିକ କୃଷି ସମବାୟ ସମିତିର ଚଳିତ ଖରିଫ ୨୦୨୫-୨୬ ବର୍ଷ ଧାନ ବିକ୍ରୟ ପାଇଁ ସଚେତନତା ଶିବିର ସେବା ସମବାୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସେବା ସମବାୟ ସମିତିର ସଭାପତି ପ୍ରତାପ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଅତିଥି ଭାବେ ଦର୍ପଣ ତହସିଲର ଅତିରିକ୍ତ ତହସିଲଦାର ପବିତ୍ର ମଲ୍ଲିକ, ନୋଡାଲ ଅଫିସର ସୌମ୍ୟ ରଞ୍ଜନ ଦାସ, ରେଭିନ୍ୟୁ ସୁପରଭାଇଜର ପଦ୍ମନାଭ ପଣ୍ଡା, ଅଧିକାରୀଙ୍କ ପାଖରେ ଚାଷୀମାନେ ଦାବି ରଖିଥିଲେ। ତେବେ ଚାଷୀମାନେ ଜରି ଅଖାରେ ଧାନ ପରିଷ୍କାର କରି ଭର୍ତ୍ତି କରିଥିବାରୁ ଝୋଟ ଅଖା ପାଇଁ ବିଭାଗ ପକ୍ଷରୁ ଚାଷୀମାନଙ୍କୁ ସହଯୋଗ ଯୋଗାଇଦେଲେ ସେମାନେ ଧାନ ଦେଇପାରିବେ ବୋଲି କହିଥିଲେ। ମଣ୍ଡିରେ ଦିଆଯାଉଥିବା ଜରି ଅଖା ଧାନକୁ ମିଲରମାନଙ୍କୁ ନେବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦେବା ପାଇଁ ଉପସ୍ଥିତ ଚାଷୀମାନେ ମତ ରଖିଥିଲେ। ଏସ୍‌ଓଏଲ୍‌ପିସି ମୁଖ୍ୟ ସମ୍ପାଦିକା ଜୟଶ୍ରୀ ଦାସ, ଡିଇଓ ମନୋଜ କୁମାର





କଂଗ୍ରେସ ନେତା ଅଜୟ ସାମଲ ଯୋଗଦେଇ ଆସନ୍ତା ୭ ତାରିଖରୁ ଧାନ କ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ନିଷ୍ପତି ନେଇଥିବା ବେଳେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା କହିଥିଲେ। ସମବାୟ ସମିତି ଅନ୍ତର୍ଗତ ଚାଷୀ ମାନେ ସେମାନଙ୍କ ଉତ୍ପାଦିତ ବଳକା ଧାନକୁ ପ୍ୟାକ୍ସ ଓ ମହିଳା ସ୍ୱୟଂ ସହାୟକା ଗୋଷ୍ଠୀମାନଙ୍କରେ ନିର୍ଦ୍ଧାରିତ ସମୟରେ ବିକ୍ରି କରିବା ପାଇଁ ସଚେତନ କରାଇଥିଲେ। ଧାନକୁ ସରକାରଙ୍କ ନିୟମ ମୁତାବକ ପରିଷ୍କାର କରି ଝୋଟ ଅଖାରେ ଧାନ ଦେବା ପାଇଁ କହିଥିଲେ। ତେବେ ଝୋଟ ଅଖା ମିଳିବା ସମ୍ଭବପର ହେଉନଥିବାରୁ ଜରି ଅଖାରେ ଧାନ ଦେବା ପାଇଁ ବିଭାଗୀୟ ମହାରଣା, ରାଜସ୍ୱ ନିରୀକ୍ଷକ ନକୁଳ ପ୍ରଧାନ, ଭିଏଡବ୍ଲୁ ରଞ୍ଜୁ ନାୟକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଧନଞ୍ଜୟ ସ୍ୱାଇଁ, ଭିମସେନ୍ ରାଉତ, ପ୍ରଫୁଲ୍ଲ କୁମାର ପଣ୍ଡା, ସେକ୍ ଇମାମୁଦ୍ଦିନ୍, ନିରୋଦ ଚନ୍ଦ୍ର ସେନାପତି, ଚନ୍ଦ୍ରଶେଖର ଦଳେଇ, ଚାଷୀ ଜନାର୍ଦ୍ଦନ ବଳ, ଅମୀୟ କୁମାର ବଳ, ହିମାଂଶୁ ଶେଖର ବଳ, ବିଚିତ୍ରାନନ୍ଦ ବଳ, ସେକ୍ ଜିୟାଉଲ୍ଲା, ଲ୍ୟାକୁଦ୍ଦିନ୍ ଖାଁ, ଅଜୟ କୁମାର ସାମଲ, ପ୍ରଦ୍ୟୋତ କେଶରୀ ସାମଲ, ରାଧାମାଧବ ଦାସ, ପ୍ରଫୁଲ୍ଲ ଦାସ, ଅଜୟ ପରିଡ଼ା, କ୍ଷୀରୋଦ ଚନ୍ଦ୍ର ପରିଡ଼ା, ଗଣେଶ୍ୱର ସାହୁ, ସେକ୍ ଇକ୍‌ବାଲ ହୁସେନ୍, ଅମୂଲ୍ୟ ରାଉତ, ସେକ୍ ତୋଭିଜ ଅକତର, ସମ୍ଭୁନାଥ ତ୍ରିପାଠୀ, ଅରକ୍ଷିତ ବେହେରା ପ୍ରମୁଖ ଶିବିରରେ ଯୋଗଦେଇଥିଲେ।

## ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନର କବିତା ଆସର

**କବାଟବନ୍ଧ,୨୧୧(ସମିସ):** ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବୃନ୍ଦାଦେଇପୁରସ୍ଥ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନର ଏକ କବିତା ଆସର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜେନାପୁର ଥାନା ଅଧୀନ ସାହାଣୀଡିହ ପଞ୍ଚାୟତସ୍ଥ କଠଉଣିମଠ ମନ୍ଦିର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ବ୍ୟକ୍ତିବିଶେଷ ଓ କବି ଯୋଗ ଦେଇଥିଲେ। ସଭାପତି ଜୟଦେବ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ ମଲ୍ଲିକ, କାହ୍ନୁଚରଣ ସାହୁ, ବିଷ୍ଣୁଚରଣ ଓଝା, ଶିକ୍ଷକ ଅରୁଣ ଦାଶ, ନିତ୍ୟାନନ୍ଦ ନାୟକ, ସମାଜସେବୀ ଶରତ ମହାନ୍ତି, ପଦ୍ମନାଭ ଶତପଥୀ, ରାମଚନ୍ଦ୍ର ମହାନ୍ତି, ସଞ୍ଜୟ ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଉପସଭାପତି ନିର୍ମାଲ୍ୟ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ପ୍ରବଚକ ଅର୍ଜୁନ ନାଥ, ଆଦର୍ଶ ଶିକ୍ଷକ ଗିରିଧାରୀ ପ୍ରଧାନ, ମେଧାବୀ ଛାତ୍ର ଏସକେ ଆଜାଦ ଅଲ୍ଲୀ ଓ ସାମ୍ବାଦିକଙ୍କୁ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ସଦସ୍ୟା ରଶ୍ମିତା ବେହେରାଙ୍କ କ୍ଷୁଦ୍ରଗଳ୍ପ 'କାଗଜବାଘ'ର ଉନ୍ମୋଚନ କରାଯାଇଥିଲା।

କବିତା ଆସରରେ ଦେବକୀରାଣୀ ସାହୁ, ପ୍ରମିଳା ଭଞ୍ଜ, ସତ୍ୟନାରାୟଣ ପ୍ରଧାନ, ପ୍ରଫୁଲ୍ଲ ରାଉତ, କୃଷ୍ଣଚନ୍ଦ୍ର ଖଟୁଆ, ନିର୍ମାଲ୍ୟ ପ୍ରଧାନ, ରଶ୍ମିତା ବେହେରା ଓ ଅରୁଣ ଦାସ ସ୍ୱରଚିତ କବିତା ପାଠ କରିଥିଲେ। ଏଥିସହ ଋତୁପର୍ଣ୍ଣା ମହାନ୍ତି, ଧନଞ୍ଜୟ ସାହୁ, କ୍ରିଷ୍ଣା ସାହୁ, ଶ୍ରୀନିବାସ ସାହୁ, ନିର୍ଲିପ୍ସା ଦାସ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନୁଷ୍ଠାନର ଉପସଭାପତି ନିର୍ମାଲ୍ୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ସରୋଜ ବେହେରା, ସମ୍ପାଦକ ମାନସ ପ୍ରଧାନ, ସଦସ୍ୟ ଲାଲମୋହନ ଶତପଥୀ, ଅନ୍ତର୍ଯ୍ୟାମୀ ବେହେରା, ବିପ୍ରବର ଦଳାଇ, ତୀର୍ଥବାସୀ ଦଳାଇ, ରଞ୍ଜନ ରାଉତ, ଦମୟନ୍ତୀ ପ୍ରଧାନ, ମାମାଲି ବାରିକ, ପ୍ରମୋଦ ଦଳାଇ, ସୁନୀଲ ନାଥ, ସୁଶାନ୍ତ ଆଇଚ, ଲୋକନାଥ ପୁରୀ, ନିଶିକାନ୍ତ ଖଟୁଆ ପ୍ରମୁଖ ସହଯୋଗ କରିଥିଲେ।

## ଯୁବ ବୈଜ୍ଞାନିକଙ୍କୁ ସମ୍ବର୍ଦ୍ଧନା



**ପ୍ରୀତିପୁର,୨୧୧(ସମିସ):** ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ହଳଦୀଡିହ ପଞ୍ଚାୟତର ଫଳପୁରଠାରେ ଥିବା ବହୁମୁଖି ବାତ୍ୟା ଆଶ୍ରୟସ୍ଥଳୀରେ ଭୁବନେଶ୍ୱରସ୍ଥ କିଟ୍ ବିଶ୍ୱବିଦ୍ୟାଳୟରେ ସହକାରୀ ପ୍ରଫେସର ଡ. କୁନନ୍ଦ ସାମଲଙ୍କୁ ଆମେରିକାର ଷ୍ଟାନଫୋର୍ଡ ୟୁନିଭରସିଟି ପକ୍ଷରୁ ବିଶ୍ୱର ଦୁଇ ପ୍ରତିଶତ ବୈଜ୍ଞାନିକ ତାଲିକାରେ ଚୟନ କରାଯାଇଥିବାରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବିରଞ୍ଚିନାରାୟଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ସମାଜସେବୀ ଅଜୟ ବେହେରା, ସମ୍ମାନିତ ଅତିଥି ଭାବେ ମହେନ୍ଦ୍ର ବାରିକ, ଶ୍ରୀଧର ଦାଶ, ବୈରାଗୀ ମଲିକ, ଅଞ୍ଜନ ବାରିକ, ସୁଧିର ଜେନା ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ପ୍ରଶାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିବାବେଳେ ପୂର୍ବତନ ପ୍ରଧାନଶିକ୍ଷକ ନିରଞ୍ଜନ ଗୁରୁ ଓ ନବଘନ ସାମଲ ସଭା ପରିଚାଳନା କରିଥିଲେ। କୁନନ୍ଦ ସିଂହପୁର ୟୁପି ସ୍କୁଲରୁ ପାଠପଢ଼ା ଆରମ୍ଭ କରି ତୃତୀୟ, ପଞ୍ଚମ ଓ ସପ୍ତମ ଶ୍ରେଣୀରେ ବୃତ୍ତି ପାଇଥିଲେ। ପରେ ସିଂହପୁର ହାଇସ୍କୁଲରେ ପ୍ରଥମ ସ୍ଥାନ ଅଧିକାର କରି ମାଟ୍ରିକ ପାସ କରିଥିଲେ। ସେ ପୂର୍ବତନ ପ୍ରଧାନଶିକ୍ଷକ ନିରଞ୍ଜନ ସାମଲ ଓ ନିରୋଦବାଳା ସାମଲଙ୍କ ପୁତ୍ର ଅଟନ୍ତି।

୬ଷ୍ଠ ସୁକିନ୍ଦା ମିଡିଆ କପ୍

## ମହିଳା ଫାଇନାଲ୍‌ରେ ସୁକିନ୍ଦା ଓ ଡୁବୁରୀ

**ସୁକିନ୍ଦା,୨୧୧(ସମିସ):** ସୁକିନ୍ଦା ମିଡିଆ କପ୍‌ର ୬ଷ୍ଠ ବାର୍ଷିକ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଅନୁଷ୍ଠିତ ମହିଳା କ୍ରିକେଟ ମ୍ୟାଚର ପ୍ରଥମ ସେମିଫାଇନାଲରେ ମହାଗିରି ମହାବିଦ୍ୟାଳୟକୁ ହରାଇ ସୁକିନ୍ଦା ମହାବିଦ୍ୟାଳୟ ଫାଇନାଲରେ ପ୍ରବେଶ କରିଥିବା ବେଳେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଭାରତବିହାର ମହାବିଦ୍ୟାଳୟ, ହରିପୁରକୁ ହରାଇ ଡୁବୁରୀ କପିଳେଶ୍ୱର ମହାବିଦ୍ୟାଳୟ ଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ସୁକିନ୍ଦା ଓ ଡୁବୁରୀ କଲେଜ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ସୁକିନ୍ଦା ପ୍ରେସ୍ କ୍ଲବ ସଭାପତି ବିଶ୍ୱଜିତ ନାୟକଙ୍କ ଅଧ୍ୟକ୍ଷତାରେ ଆଜି ସକାଳେ ଅନୁଷ୍ଠିତ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସୁକିନ୍ଦା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି, ବାଲେଶ୍ୱର ଆଲାଏଜର ବରିଷ୍ଠ ଅଧିକାରୀ ପ୍ରମୋଦ ମହାରଣା, ଓଡିଶା ଖଣି ନିଗମର ଆଞ୍ଚଳିକ ପ୍ରଶାସନିକ ଅଧିକାରୀ ଦେବାଶିଷ ସାମଲ, ସିଏସ୍‌ଆର ଅଧିକାରିଣୀ ମଧୁସ୍ମିତା ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ସେମିଫାଇନାଲ ମ୍ୟାଚ ସୁକିନ୍ଦା କଲେଜ ଓ ମହାଗିରି ମହାବିଦ୍ୟାଳୟ, କୁହିକା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୁକିନ୍ଦା କଲେଜ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୩ ୱିକେଟ୍ ହରାଇ ୧୩୯ ରନର ବିଶାଳ ସ୍କୋର କରିଥିଲା। ଦଳ ପକ୍ଷରୁ ଅନୁଶୟା ସର୍ବାଧିକ ୩୦ ବଲରେ ୫୧ ଓ ଜପ୍ରିନ ୧୪ ବଲରେ ୨୬ରନ ସଂଗ୍ରହ କରିଥିଲେ।

ଏହାର ଜବାବରେ ମହାଗିରି ମହାବିଦ୍ୟାଳୟ କୁହିକା ମାତ୍ର ୬ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୧୪ ରନ ସଂଗ୍ରହ କରି ପରାଜୟ ହୋଇଛି। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସୁକିନ୍ଦା ବିଡିଓ ପ୍ରଜ୍ଞା ପାରମିତା





ପୃଷ୍ଟି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓମ୍ୟାନ ଅପ୍ ଦ ମ୍ୟାଚ ଓ ବିଦାୟୀ କୁହିକା କଲେଜକୁ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଡୁବୁରୀ କପିଳେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାରତୀ ବିହାର ମହାବିଦ୍ୟାଳୟ ହରିପୁର ହରାଇ ଫାଇନାଲରେ ପ୍ରବେଶ କରିଛି। ଡୁବୁରୀ କଲେଜ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ଭିନା ବାନରା ସର୍ବାଧିକ ୪୨ ଓ ସୋମବାରୀ ବାନରା ୩୬ ରନ ବଲରେ ଦଳ ମୋଟ ୯୬ ରନ ସଂଗ୍ରହ କରିଥିଲା। ଏହାର ଜବାରରେ ଭାରତୀବିହାର ମହାବିଦ୍ୟାଳୟ ୧୨ ଓଭରରେ ୮ ୱିକେଟ ୭୨ରନ ସଂଗ୍ରହ କରି ପରାଜୟ ହୋଇଥିଲା। ଫଳରେ ଡୁବୁରୀ କଲେଜ ବିଜୟୀ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କଳିଙ୍ଗନଗର ୩ୟ ବାଟାଲିୟନର ଦୁର୍ଗପତି ୟାକୁବ ଖାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଓମ୍ୟାନ ଅପ୍ ଦ ମ୍ୟାଚ ଓ ବିଦାୟୀ ହରିପୁର କଲେଜକୁ ପୁରସ୍କାର ପ୍ରଦାନ କରିଥିଲେ।


ଏହି ମ୍ୟାଚକୁ ଅଜୟ ସେଠୀ, ମିର୍ଜା ବେଗ ଓ ବିଭୁଦତ୍ତ ଦାଶ ପରିଚାଳନା କରିଥିଲେ। ସୁକିନ୍ଦା ପ୍ରେସ କ୍ଲବ ପକ୍ଷରୁ କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ସାମଲ ସଂପାଦକ ନିଳମାଧବ ନାୟକ, ଉପସଭାପତି ବିମଳେନ୍ଦୁ ବେହୁରା, ସଂଗଠନ ସଂପାଦକ ସତ୍ୟଜିତ ଦାଶ, ନିହାର କାନ୍ତ ପାତ୍ର, ମନୋଜ ନାୟକ, ସୌମ୍ୟରଞ୍ଜନ ବାରିକ, ସରୋଜ ନାୟକ, କପିଳେନ୍ଦ୍ର ମହାନ୍ତ, ଅସିତ ମହାନ୍ତ ସଂଜୀବ ମହାନ୍ତ, ବିଶ୍ୱନାଥ ସାହୁ, ମଧୁସୂଦନ ବାରିକ, ଏକ୍‌କେ ଜହୁର, ଇର୍ଫାନ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀକ୍ଷେତ୍ର ସିଟି

୨/୧/୨୦୨୫ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୮,୬୫,୯୯୩/- ସୁନା: ୦୨.୬୦୦ ଗ୍ରାମ୍ ରୁପା: ୫୭.୮୦୦ ଗ୍ରାମ୍





■ ଶ୍ରୀମନ୍ଦିରରେ ଆଜି ଦେବାଭିଷେକ

## ରତ୍ନସିଂହାସନରେ ହେବ ମହାପ୍ରଭୁଙ୍କ ସୁନାବେଶ

ପୁରୀ,୨।୧(ସମିସ): ଶନିବାର ପବିତ୍ର ପୌଷ ପୂର୍ଣ୍ଣିମା। ଶ୍ରୀମନ୍ଦିରରେ ଦେବାଭିଷେକ ନୀତି ଅନୁଷ୍ଠିତ ହେବ। ରତ୍ନସିଂହାସନରେ ବିରାଜିତ ଦାରୁବିଗ୍ରହ ସୁନାବେଶରେ ସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ। ପୌରାଣିକ ତଥ୍ୟ ଅନୁଯାୟୀ, ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ରାମଚନ୍ଦ୍ର ୧୪ ବର୍ଷ ବନବାସ ପରେ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରି ପୌଷ ପୂର୍ଣ୍ଣିମା ତିଥିରେ ସିଂହାସନରେ ଅଭିଷିକ୍ତ ହୋଇଥିଲେ। ସେହି ସ୍ମୃତିରେ ଶ୍ରୀମନ୍ଦିରରେ ପ୍ରତିବର୍ଷ ଏହି ପବିତ୍ର ତିଥିରେ ମହାପ୍ରଭୁଙ୍କର ଅଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥାଏ। ପୌଷ ପୂର୍ଣ୍ଣିମା ଦିନ ସକାଳ ଧୂପ ପରେ ୧୦୮ ଗଡ଼ୁ ଘିଅ ମିଶ୍ରିତ ଜଳରେ କେବଳ ଶ୍ରୀଜଗନ୍ନାଥଙ୍କୁ ଅଭିଷେକ କରାଯାଏ। ଏହାପରେ ଶ୍ରୀବିଗ୍ରହମାନଙ୍କ ଅତ୍ୟନ୍ତ ଚିତ୍ତାକର୍ଷକ ସୁନାବେଶ ଅନୁଷ୍ଠିତ ହୋଇଥାଏ। ବର୍ଷକ ମଧ୍ୟରେ ହେଉଥିବା ପାଞ୍ଚଥର ସୁନାବେଶ ମଧ୍ୟରୁ ଏହି ସୁନାବେଶ ଅନ୍ୟତମ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଛି।

## ୪ରୁ ୩୦ତମ ଶ୍ରୀକ୍ଷେତ୍ର ପୁସ୍ତକ ମେଳା

ପୁରୀ,୨।୧(ସମିସ): ଆସନ୍ତା ୪ ତାରିଖରୁ ସ୍ଥାନୀୟ ଭୋଳନାଥ ବିଦ୍ୟାପୀଠରେ ୩୦ତମ ଶ୍ରୀକ୍ଷେତ୍ର ପୁସ୍ତକମେଳା ଅନୁଷ୍ଠିତ ହେଉଛି। ୧୦ ଦିନ ଧରି ଚାଲିବାକୁ ଥିବା ଏହି ମେଳା ପ୍ରତିଦିନ ଅପରାହ୍ନ ୨ଟାରୁ ରାତି ୯ଟା ଯାଏ ଖୋଲା ରହିବ। ଏଥିରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତ ସହ ଦିଲ୍ଲୀରୁ ୫୦ରୁ ଊର୍ଦ୍ଧ୍ୱ ପ୍ରକାଶକ ଯୋଗ ଦେଉଥିବାବେଳେ ୧୨୦ରୁ ଅଧିକ ଷ୍ଟଲ ପଡିବାର ସମ୍ଭାବନା ରହିଛି। ଏହି ମେଳାରେ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ, ଭକ୍ତି ସଙ୍ଗୀତ, ସାହିତ୍ୟ ଆସର ଓ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଚଳିତବର୍ଷ ପାଇଁ ଉଦ୍‌ଯାପନୀ ସନ୍ଧ୍ୟାରେ ଗବେଷଣା କ୍ଷେତ୍ରରେ ଗବେଷକ ଗୌରାଙ୍ଗ ଚରଣ ପରିଡ଼ା, ସାହିତ୍ୟ ପ୍ରକାଶକ କ୍ଷେତ୍ରରେ ଗୀତାଞ୍ଜଳି ପବ୍ଲିକେଶନ କଟକ ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବୀରେନ୍ଦ୍ର କୁମାର ସାମନ୍ତରାୟଙ୍କୁ ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ପକ୍ଷରୁ ରାଜ୍ୟସ୍ତରୀୟ ସାହିତ୍ୟିକ ସାରସ୍ୱତ ସାଧକ ସମ୍ମାନ ଏବଂ ପ୍ରଫେସର ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କୁ 'ସୁନୀଲ ରଥ ସ୍ମାରକୀ ଗବେଷକ ସମ୍ମାନ ପ୍ରଦାନ କରାଯିବ ବୋଲି ଶୁକ୍ରବାର ମେଳା କମିଟି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

## ହାପିନେସ୍ ଫାଉଣ୍ଡେସନ୍‌ର ଜଳ ସେବା



ପୁରୀ,୨।୧(ସମିସ): ଇଂରାଜୀ ନବବର୍ଷ ଉପଲକ୍ଷେ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଗହଳି ହୋଇଥାଏ। ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ଦୂରଦୂରାନ୍ତରୁ ଆସିଥିବା ଭକ୍ତମାନେ ଅଧିକ ସମୟ ବ୍ୟାରିକେଡ଼ ମଧ୍ୟରେ ରହି ଶ୍ରୀମନ୍ଦିରକୁ ପ୍ରବେଶ କରିଥାନ୍ତି। ଭକ୍ତମାନଙ୍କ କଷ୍ଟକୁ ନଜରରେ ରଖି ହାପିନେସ୍ ଫାଉଣ୍ଡେଶନ ତରଫରୁ ଶ୍ରୀମନ୍ଦିର ସମ୍ମୁଖରେ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ପାଇଁ ଭୂଷି, ନାଣ୍ଡି ବଗୁଲି ଓ ମିଶ୍ରିରେ ପ୍ରସ୍ତୁତ ସର୍ବତର ବ୍ୟବସ୍ଥା କରାଯାଇଥିଲା। ଅନୁଷ୍ଠାନର ୧୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସର୍ବତ ବଣ୍ଟନରେ ସାମିଲ ଥିଲେ। ସିଂହଦ୍ୱାରଠାରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ପର୍ଯ୍ୟନ୍ତ ୫ଟି ଷ୍ଟଲ୍ କରି ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସଭାପତି ଇଂ. ପ୍ରଦୀପ୍ତ କୁମାର ପ୍ରଧାନ, କାର୍ଯ୍ୟକାରୀ ସମ୍ପାଦକ ସୌମ୍ୟ ରଞ୍ଜନ ସାହୁ, କୋଷାଧ୍ୟକ୍ଷ ଶମ୍ଭୁ ମହାନ୍ତି, ସଂଯୋଜକ ନରେଶ ଚନ୍ଦ୍ର ପାଲ୍, ଟି. ମନୋଜ କୁମାର ପ୍ରଧାନ, ନଳିନୀକାନ୍ତ ମିଶ୍ର, ସଂଜୋଜିକା ମାମିନା ପ୍ରଧାନ, ବିଷ୍ଣୁପ୍ରିୟା ସାହୁ, ଚିନ୍ମୟୀ ଲେଙ୍କା, ରୋଜାଲିନ ସାହୁ, ଆରତୀ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ରେଲୱେ ଷ୍ଟାଣ୍ଡିଂ କମିଟିର ପୁରୀ ରେଳ ଷ୍ଟେସନ ପରିଦର୍ଶନ

ପୁରୀ,୨।୧(ସମିସ): ପୁରୀ ରେଳ ଷ୍ଟେସନ ହେବ ବିଶ୍ୱସ୍ତରୀୟ। ଏଥିପାଇଁ କାମ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ରେଲୱେ ସଂସଦୀୟ ଷ୍ଟାଣ୍ଡିଂ କମିଟି ଷ୍ଟେସନ ପରିଦର୍ଶନ କରିବା ସହ ଚାଲିଥିବା କାମର ତଦାରଖ କରିଛନ୍ତି। ସାଂସଦ ସି.ଏମ୍. ରମେଶଙ୍କ ନେତୃତ୍ୱରେ ୧୦ ଜଣିଆ କମିଟି ସଦସ୍ୟ ପୁରୀ ଆସିଥିଲେ। ସେମାନେ ଷ୍ଟେଶନ କାର୍ଯ୍ୟର ଅଗ୍ରଗତି ଉପରେ ସମୀକ୍ଷା କରିବା ସହ ପାର୍କିଂ ବ୍ୟବସ୍ଥା, ଯାତ୍ରୀମାନଙ୍କ ପାଇଁ ପ୍ରତୀକ୍ଷାଳୟ, ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା ଉପରେ ରେଲୱେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଷ୍ଟେସନର ନୂତନ ରୂପରେଖ ସମ୍ପର୍କରେ ମଧ୍ୟ ବିଶେଷ ଆଲୋଚନା କରାଯାଇଥିଲା।

ପ୍ରତ୍ୟକ ଦିନ ହଜାର ହଜାର ଯାତ୍ରୀ ରେଳ ଯୋଗେ ଶ୍ରୀକ୍ଷେତ୍ରକୁ ଆସିଥାନ୍ତି। ସେମାନଙ୍କ ପାଇଁ ଅନୁଷଙ୍ଗିକ ସୁବିଧା କରାଯିବା ସହ ଷ୍ଟେସନ ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବା ପାଇଁ ଆଲୋଚନା କରିଛନ୍ତି କମିଟି ସଦସ୍ୟ। କମିଟି ସଦସ୍ୟ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ ପୁରୀ ଷ୍ଟେସନର ବିକାଶ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ପୁରୀ ହେଉଛି ଏକ ଆନ୍ତର୍ଜାତୀୟ ପର୍ଯ୍ୟଟନ ଓ ଧାର୍ମିକ ସହର। ଏଠାକୁ ପ୍ରତିଦିନ ଦେଶ ବିଦେଶରୁ ହଜାର ହଜାର ଭକ୍ତ, ପର୍ଯ୍ୟଟକ ଟ୍ରେନରେ ଯାତାୟାତ କରିଥାନ୍ତି। ତେଣୁ ଯାତ୍ରୀମାନଙ୍କ ପାଇଁ ମୌଳିକା ସୁବିଧା, ପାର୍କିଂ ବ୍ୟବସ୍ଥା, ବ୍ୟାଟେରୀ ଚାଳିତ ଗାଡ଼ି ସଂଖ୍ୟା ବୃଦ୍ଧି, ଷ୍ଟେସନ ପରିସରରେ ଥିବା ହେଲ୍‌ଥ ୟୁନିଟ୍‌କୁ ମେଡିକାଲ କରିବା, ଅଚଳ ହୋଇପଡିଥିବା ଅଟୋମେଟିକ୍ ୱାଶିଂ ପ୍ଲାଣ୍ଟକୁ ସଚଳ କରିବା ଉପରେ ଶ୍ରୀ ଖୁଣ୍ଟିଆ ଗୁରୁତ୍ୱାରୋପ କରିଥିଲେ।

▶ ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶ ଉଦ୍‌ଘାଟିତ

# ବେଦ ଓ ଧର୍ମ ହେଉଛି ପୃଥିବୀର ଧାରକ

ଧର୍ମ ହିଁ ଜୀବନର ଶ୍ରେଷ୍ଠ ପରିଭାଷା

ରାଜନୀତିରେ ସଂସ୍କାରର ଆବଶ୍ୟକତା ରହିଛି


ଇସ୍କନର ଅଦିନିଆ ରଥଯାତ୍ରାକୁ ତୀବ୍ର ବିରୋଧ

ପୁରୀ,୨।୧(ସମିସ): ଧର୍ମ ହିଁ ଜୀବନର ଶ୍ରେଷ୍ଠ ପରିଭାଷା। ବେଦ ଓ ଧର୍ମ ହେଉଛି ପୃଥିବୀର ଧାରକ। ଯଜ୍ଞ, ଦାନ, ତପ ଓ ବ୍ରତ ହେଉଛି ଧର୍ମ। ଧର୍ମର ଫଳ ବୈରାଗ୍ୟ ଓ ଅନାସକ୍ତି। ପ୍ରକୃତି ଓ ପରମାତ୍ମାଙ୍କ ସଂଯୋଗରେ କାଳର ନିଷ୍ପତ୍ତି ହୋଇଥାଏ। ତେଣୁ ଆତ୍ମ ଚିନ୍ତନ ହିଁ ଆମକୁ ଠିକ୍ ଭାବେ ପରିଚାଳିତ କରିବ ବୋଲି କହିଛନ୍ତି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ୱାର୍ଲଡ ୱାଇଡ୍ ପକ୍ଷରୁ ଶୁକ୍ରବାର ଟାଉନ ହଲ୍‌ରେ ଆୟୋଜିତ 'ତୃତୀୟ ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶ'କୁ ଉଦ୍‌ଘାଟନ କରି ଶଙ୍କରାଚାର୍ଯ୍ୟ କହିଥିଲେ ଯେ, ରାଜନୀତିରେ ସଂସ୍କାରର ଆବଶ୍ୟକତା ରହିଛି। ସୁସଂସ୍କୃତ, ସୁଶିକ୍ଷିତ, ସେବା ମନୋଭାବ ଓ ସୁସ୍ଥ ବାତାବରଣର ସଂରଚନା ହିଁ ରାଜନୀତିର ପ୍ରକୃତ ପରିଭାଷା। ଆତ୍ମା ଓ ଆତ୍ମାର ଶକ୍ତି ଅବ୍ୟକ୍ତ। ଆମ ଶକ୍ତିର ସ୍ରୋତ ହେଉଛି ଆତ୍ମତତ୍ତ୍ୱ।

ଆନ୍ତର୍ଜାତିକ କ୍ରିୟାଯୋଗ ଅନୁଷ୍ଠାନର ମୁଖ୍ୟ ପରମହଂସ ସ୍ୱାମୀ ପ୍ରଜ୍ଞାନାନନ୍ଦ ମହାରାଜ କହିଥିଲେ ଯେ, ସନାତନ ସଂସ୍କୃତିରେ ଶାଶ୍ୱତ ଜୀବନର ମାର୍ଗ ନିହିତ ଅଛି। ଆମେ ସନାତନ ସଂସ୍କୃତିରେ ବିଶ୍ୱାସ ରଖୁଥିବା ବ୍ୟକ୍ତିମାନେ ଶାନ୍ତି, ପ୍ରେମ ଓ ସଦ୍‌ଭାବନାର ବାର୍ତ୍ତାବାହ। ଏଥିରେ ଝାଞ୍ଜପିଟା ମଠ ମହନ୍ତ ସଚ୍ଚିଦାନନ୍ଦ ଦାସ ମହାରାଜ, ତିରୁପତିର ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ନିଜ ନିଜର ବକ୍ତବ୍ୟ ରଖି ଶ୍ରୀଜଗନ୍ନାଥଙ୍କ ଶାସ୍ତ୍ର ସମ୍ମତ ରୀତିନୀତି ଉପରେ ଗୁରୁତ୍ୱ ଦେଇଥିଲେ।

ଏହି ଅବସରରେ ଅନୁଷ୍ଠାନର ସ୍ମରଣିକା "ଦାରୁବ୍ରହ୍ମ' ଉନ୍ମୋଚିତ ହୋଇଥିଲା।

ଡ. ଗୁରୁ ପ୍ରସାଦ ମହାପାତ୍ରଙ୍କ ସଂଯୋଜନାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବିଶିଷ୍ଟ ସଙ୍ଗୀତଜ୍ଞ ଶ୍ରୀଚରଣ ମହାନ୍ତି ଭଜନ ପରିବେଷଣ କରିଥିବା ବେଳେ ବିଶିଷ୍ଟ ନୃତ୍ୟଶିଳ୍ପୀ ବି.ଏମ୍. ବୈଶାଳୀ ଓଡିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନର ଟ୍ରଷ୍ଟି ଡ. ହରପ୍ରସନ୍ନ ଦାସ, ସଂଗ୍ରାମ କେଶରୀ ପଟ୍ଟନାୟକ ଓ ମନୋଜ କୁମାର ପାତ୍ର ଅନୁଷ୍ଠାନର ଉଦ୍ଦେଶ୍ୟ, କାର୍ଯ୍ୟକ୍ରମର ସୂଚନା ଇତ୍ୟାଦି ବିଷୟରେ ସୂଚନା ଦେବା ସହ ଡ. ଭଗବାନ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିସହିତ ସଙ୍ଗଠନର ମ୍ୟାନେଜିଂ ଟ୍ରଷ୍ଟି ରମେଶ ଚନ୍ଦ୍ର ବିଶ୍ୱାଳ, ସୁକାନ୍ତ କୁମାର ସାହୁ ଓ ସ୍ୱାତୀ ତ୍ରିପାଠୀ ଅଧିବେଶନର ସୁପରିଚାଳନାରେ ସହଯୋଗ କରିଥିଲେ।



ଅପରାହ୍ନ ଅଧିବେଶନରେ 'ବିଶ୍ୱରେ ଅଦିନିଆ ରଥଯାତ୍ରା' ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ବାବା ସଚ୍ଚିଦାନନ୍ଦ ଦାସ ମହାରାଜଙ୍କ ଅଧ୍ୟକ୍ଷତାରେ ପ୍ରଫେସର ହରେକୃଷ୍ଣ ଶତପଥୀ, କଟକୀ ମଠ ମହନ୍ତ ଡ. ବିଜୟ ରାମାନୁଜ ଦାସ ମହାରାଜ, ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ମହାସଚିବ ଡ. ନରେଶ ଚନ୍ଦ୍ର ଦାଶ, ବରିଷ୍ଠ ଦଇତାପତି ସେବକ ଦୂର୍ଗା ଦାସମହାପାତ୍ର, ଆଦିତ୍ୟ ବାହିନୀର ଅଧ୍ୟକ୍ଷ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ଆଲୋଚନା କରିଥିଲେ। ଏଥିସହିତ ଦେଶ ବିଦେଶରୁ ଅର୍ଥାତ୍ ମହାରାଷ୍ଟ୍ର ଓଡିଆ ୱେଲଫେୟାର ଆସୋସିଏଶନ ମୁମ୍ବାଇର ଅନିରୁଦ୍ଧ କୁଣ୍ଡ, ଆମେରିକାରୁ ସାନ୍ତନୁ ଦାସ, ୟୁକେରୁ ଅମିତା ମିଶ୍ର ପ୍ରମୁଖ ଆଲୋଚ୍ୟ ପ୍ରସଙ୍ଗରେ ମତ ରଖିଥିଲେ।

ଏଥିରେ ମତପ୍ରକାଶ ପାଇଥିଲା ଯେ, ଇସ୍କନ ନିଜକୁ ଶ୍ରୀଜଗନ୍ନାଥଙ୍କର ପରମ ଭକ୍ତ ବୋଲି ଡିଣ୍ଡିମ ପିଟି ଯେପରି ଭାବେ ଦେଶବିଦେଶରେ ଶାସ୍ତ୍ରବିଧି ଲଙ୍ଘନ କରି ରଥଯାତ୍ରା କରୁଛି ତାହା ବର୍ତ୍ତମାନ ଉଦ୍‌ବେଗର ବିଷୟ। ସମଗ୍ର ବିଶ୍ୱରେ ଥିବା ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଶକ୍ତ ଆଘାତ ଦେଉଛି। କୋଟି ଓଡ଼ିଆଙ୍କ ନମସ୍ୟ ଗଜପତି ମହାରାଜା, ଶ୍ରୀମନ୍ଦିର ପ୍ରଶାସନ, ବିଦ୍ୱାନ ମଣ୍ଡଳୀ ସେମାନଙ୍କ ସହିତ ବାରମ୍ବାର ଆଲୋଚନା କରିବା ସତ୍ତ୍ୱେ ଇସ୍କନ ମନମାନୀ କରୁଛି। ଅଦିନରେ ରଥଯାତ୍ରା କରି ନିଜର ସ୍ୱେଚ୍ଛାଚାରିତାର ପ୍ରଦର୍ଶନ କରୁଛି ଇସ୍କନ। ଭାରତରେ ଶାସ୍ତ୍ରବିଧିକୁ ପାଳନ କରିବାକୁ ସହମତ ହେଉଥିବା ଇସ୍କନ ବିଦେଶରେ ମାନିବେ ନାହିଁ ବୋଲି ସ୍ପଷ୍ଟ କରିଛି। ଏହି ଅସଙ୍ଗତି ବିରୁଦ୍ଧରେ ବିରାଟ ଜନ ଆନ୍ଦୋଳନର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଥିଲା। ଏହି ଅଧିବେଶନରେ ନଳିନୀକାନ୍ତ ନାୟକ ଭଜନ ପରିବେଷଣ କରିଥିଲେ। ସନ୍ଧ୍ୟାରେ ନାମ ସଂକୀର୍ତ୍ତନ ମଣ୍ଡଳୀ ଟାଉନ ହଲ୍‌ରୁ ବାହାରି ଶ୍ରୀମନ୍ଦିର ପରିକ୍ରମା କରିଥିଲା। ଏହି ସମାବେଶ ଆସନ୍ତା ୪ ତାରିଖରେ ଏହା ଉଦ୍‌ଯାପନ ହେବ।

ରୋଜଗାରଭିତ୍ତିକ ନିଯୁକ୍ତି କର୍ମଶାଳା

## ଭବିଷ୍ୟତ ଗଠନ କରିବାକୁ ଯୁବ ଅନ୍ତେବାସୀଙ୍କୁ ପରାମର୍ଶ

ପୁରୀ,୨।୧(ସମିସ): ସ୍ଥାନୀୟ ଉତ୍କଳ ବାଳାଶ୍ରମ ପରିସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲ୍ଲା ପ୍ରଶାସନର ତତ୍ତ୍ୱାବଧାନରେ ଶୁକ୍ରବାର ରୋଜଗାର ଭିତ୍ତିକ ନିଯୁକ୍ତି ସମ୍ବନ୍ଧୀୟ ଯୁବ ଅନ୍ତେବାସୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡ. ଅଜିତ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଦେବା ସହିତ ଯୁବ ଅନ୍ତେବାସୀମାନେ ସେମାନଙ୍କ ପରିବାର ସମୃଦ୍ଧିକରଣ ନିମନ୍ତେ ଯୋଗଦାନ ତଥା ନିଜର ଭବିଷ୍ୟତ ଗଠନ କରିବାକୁ ପରାମର୍ଶ ଦେଇଥିଲେ। ଏହି କର୍ମଶାଳାରେ ୨୫ରୁ ଊର୍ଦ୍ଧ୍ୱ ବୈଷୟିକ ଶିକ୍ଷାପ୍ରାପ୍ତ ଉତ୍ତର ଯତ୍ନ ଓ ଶିଶୁ ଯତ୍ନ ଅନୁଷ୍ଠାନର ଯୁବ ଅନ୍ତେବାସୀ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରୁ ୭ ଜଣ ବିଭିନ୍ନ ପ୍ରତିଷ୍ଠିତ କମ୍ପାନୀରେ ରାଜ୍ୟ ବାହାରେ କାର୍ଯ୍ୟ କରୁଥିବା ବେଳେ ଅନ୍ୟ ୭ ଜଣ ରୋଜଗାରଭିତ୍ତିକ ନିଯୁକ୍ତି ନିମନ୍ତେ ସମ୍ବର୍ଦ୍ଧିତ ହୋଇଥିଲେ। କାର୍ଯ୍ୟ କରୁଥିବା ଯୁବକମାନେ ପୂର୍ବରୁ ଶିଶୁ ଯତ୍ନ ଅନୁଷ୍ଠାନ ଓ ଉତ୍ତର ଯତ୍ନରେ ରହିଥିବା କାରଣରୁ ତାଙ୍କ ପୂର୍ବ ଓ ପରବର୍ତ୍ତୀ ଜୀବନ ତଥା କାର୍ଯ୍ୟ କ୍ଷେତ୍ରରେ ଥିବା ଆହ୍ୱାନ ଓ ସମାଧାନ କରିବାର କୌଶଳ ବିଷୟରେ ଆଲୋଚନା କରାଯାଇଥିଲା।

ରୋଜଗାର ସଞ୍ଚୟ କରିବା, ଅର୍ଥର ସଦ୍ ବିନିଯୋଗ, ଉଚ୍ଚତର ଶିକ୍ଷା, ପରିବାର ସହ ସମ୍ପର୍କ ସ୍ଥାପନ, ସ୍ୱାସ୍ଥ୍ୟ ବୀମା ଆଦି ସମ୍ପର୍କରେ ବିଷଦ ଆଲୋଚନା ହୋଇଥିଲା। ଏହାପରେ ବୈଷୟିକ ଶିକ୍ଷା ସମାପ୍ତ କରି ନିଯୁକ୍ତି ପାଇଁ ଯାଉଥିବା ୭ ଜଣ ଯୁବ ଅନ୍ତେବାସୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ରହ୍ମଗିରି ଅତିରିକ୍ତ ତହସିଲଦାର ଶରତ କୁମାର ଦେହୁରୀ ଯୋଗଦେଇଥିଲେ।

ଶିଶୁ ମଙ୍ଗଳ ସମିତି ସଦସ୍ୟ ସଦସ୍ୟା ଲକ୍ଷ୍ମୀପ୍ରିୟା ପାତ୍ର, ଦେବଯାନୀ ହିମାଂଶୁ, ଉପେନ୍ଦ୍ର ବିଶ୍ୱାଳ, ଚାଇଲ୍ଡ ହେଲ୍ପ ଲାଇନ ସଂଯୋଜକ କୃଷ୍ଣଚନ୍ଦ୍ର ମିଶ୍ର, ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନର ଅଧୀକ୍ଷକ ଓ କର୍ମକର୍ତ୍ତା ଯୋଗଦେଇଥିବା ବେଳେ ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈଷୟିକ ଶିକ୍ଷା ଭିତ୍ତିକ ନିଯୁକ୍ତି ଦ୍ୱାରା ଏହି ଯୁବ ଅନ୍ତେବାସୀମାନେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି ବୋଲି ମତପ୍ରକାଶ ପାଇଥିଲା।




## ୧୧ରେ ଠାକୁର ଅନୁକୂଳଚନ୍ଦ୍ରଙ୍କର ଉତ୍କଳ ଆଗମନ ସମାବେଶ



ପୁରୀ,୨।୧(ସମିସ): ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ପୂଣ୍ୟ ଉତ୍କଳ ଆଗମନର ୧୦୪ତମ ଶୁଭ ମହୋତ୍ସବ ଆସନ୍ତା ୧୧ ତାରିଖରେ ଅନୁଷ୍ଠିତ ହେବ। ତାଳବଣିଆଠାରେ ଏହାକୁ ଭବ୍ୟ ଭାବେ ଆୟୋଜନ କରିବାକୁ ଉତ୍କଳ ଆଗମନୀ ସ୍ମୃତି ଉତ୍ସବ କମିଟି ନିଷ୍ପତ୍ତି ନେଇଛି ବୋଲି କହିଛନ୍ତି କମିଟି ସଭାପତି ଡ. ସୁରେଶ ଚନ୍ଦ୍ର ଦଳେଇ। ଏହି ସମାବେଶ ପାଇଁ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ସମ୍ପାଦକ ଡା. ହୃଷୀକେଶ ସେନାପତି ସୂଚନା ଦେଇଛନ୍ତି। ଏ ନେଇ ଶୁକ୍ରବାର ପୁରୀ ସତ୍‌ସଙ୍ଗ ଠାକୁରବାଡ଼ି ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡା. ସେନାପତି ବିଭିନ୍ନ ସ୍ଥାନରୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁ ଯେପରି ଉତ୍ସବ ସ୍ଥଳରେ ସୁନ୍ଦର ଓ ଶୃଙ୍ଖଳିତ ଦର୍ଶନ ସହ କାର୍ଯ୍ୟକ୍ରମକୁ ଶ୍ରଦ୍ଧାର ସହିତ ଉପଭୋଗ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଉଛି। ଉତ୍ସବସ୍ଥଳରେ ଏକାଧିକ ମଣ୍ଡପ ମାଧ୍ୟମରେ ୧୧ ତାରିଖ ଦିନ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସେ ସୂଚନା ଦେଇଥିଲେ। ଉତ୍ସବ କମିଟିର ଯୁଗ୍ମ ସମ୍ପାଦକ ନିରଞ୍ଜନ ବେହେରା ବିଷଦ ସୂଚନା ଦେଇ ବ୍ରାହ୍ମମୁହୂର୍ତ୍ତରେ ବେଦ ମାଙ୍ଗଳିକୀ ଓ ନହବତ, ପ୍ରତ୍ୟୁଷେ ଉଷାକୀର୍ତ୍ତନରୁ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି କହିଥିଲେ। ସକାଳ ୬ଟା ୨୨ ମିନିଟରୁ ଉଷା ବିନତି, ଦର୍ଶନ, ପ୍ରଣାମ ଓ ପରେ ପୂଣ୍ୟ ଉତ୍ସବର ଶୁଭ ଉଦ୍‌ଘାଟନ ଠାକୁରବାଡ଼ିରେ କରାଯିବ। ଏହାପରେ ସତ୍‌ସଙ୍ଗ ଠାକୁର ବାଡ଼ିରୁ ସକାଳ ୮ଟା ୩୦ରେ ଶ୍ରୀବିଗ୍ରହଙ୍କୁ ରଥରେ ବସାଇ ରେଳ ଷ୍ଟେଶନ, ସୁବାଷ ବୋଷ ଛକ ଦେଇ ତାଳବଣିଆ ପଡିଆକୁ ଭବ୍ୟ ଶୋଭାଯାତ୍ରାରେ ନିଆଯିବ। ତାଳବଣିଆ ପଡ଼ିଆରେ ସକାଳ ୭ଟାରୁ ୮ଟା ୩୦ ପର୍ଯ୍ୟନ୍ତ ସଙ୍ଗୀତାଞ୍ଜଳି, ୮ଟାରୁ ସାଢେ ୮ଟା ପର୍ଯ୍ୟନ୍ତ ଶିଶୁ ଯୁବ ସମ୍ମିଳନୀ, ସାଢେ ୯ରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ସତ୍‌ସଙ୍ଗୀ ସମ୍ମିଳନୀ, ପୂର୍ବାହ୍ନ ୧୧ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ସାଧାରଣ ସଭା ଅନୁଷ୍ଠିତ ହେବ। ଅପରାହ୍ନ ସାଢେ ୨ଟାରେ ଚିକିତ୍ସକ ସମ୍ମିଳନୀ, ସାଢେ ୩ଟାରେ ମାତୃ ସମ୍ମିଳନୀ ହେବ। ପୂର୍ବାହ୍ନ ୧୧ଟାରୁ ରୁ ପ୍ରସାଦ ସେବନ ଓ ସକାଳ ସାଢେ ୮ଟାରୁ ଅପରାହ୍ନ ସାଢେ ୪ଟା ପର୍ଯ୍ୟନ୍ତ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପରିଚାଳକ ଡ. ନନ୍ଦ କିଶୋର ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗଦେଇ ବିବିଧ ସୂଚନା ପ୍ରଦାନ କରିଥିଲେ।

▶ ବିଳମ୍ବରେ ଖୋଲିଲା ପତିତପାବନ ମନ୍ଦିର ଦ୍ୱାର

# ସକାଳ ୯:୪୫ରେ ହେଲା ଆଳତି

ପୁରୀ,୨।୧(ସମିସ): ଶ୍ରୀମନ୍ଦିର ଗୁମୁଟରେ ବିରାଜିତ ପତିତପାବନଙ୍କ ନୀତିରେ ବିଭ୍ରାଟ ଦେଖିବାକୁ ମିଳିଛି। ଶୁକ୍ରବାର ବହୁ ବିଳମ୍ବରେ ପତିତପାବନ ମନ୍ଦିର ଖୋଲିବାରୁ ଭକ୍ତଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ମନ୍ଦିର ଖୋଲିବାରେ ଅହେତୁକ ବିଳମ୍ବ ଯୋଗୁ ଦିଅଁଙ୍କ ଶ୍ରୀମୁଖ ଦର୍ଶନରୁ ବଞ୍ଚିତ ହୋଇଥିଲେ ଅନେକ ଭକ୍ତ। ଫଳରେ ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁମାନେ ନିରାଶ ହୋଇ ଫେରିଯାଇଥିଲେ।

ନୂଆବର୍ଷ ପାଇଁ ଏବେ ଶ୍ରୀମନ୍ଦିରରେ ପ୍ରବଳ ଭିଡ଼ ହେଉଛି। ୨୦୨୬ର ଦ୍ୱିତୀୟ ଦିନ ଅର୍ଥାତ୍ ଶୁକ୍ରବାର ବି ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଗହଳି ହୋଇଥିଲା। ଏଥିପାଇଁ ଭୋର ୪ଟା ୪୫ରେ ଶ୍ରୀମନ୍ଦିର ଦ୍ୱାର ଫିଟି ନୀତିକାନ୍ତି ସ୍ୱାଭାବିକ ରହିଥିଲା। ହେଲେ ସିଂହଦ୍ୱାର ଗୁମୁଟରେ ବିରାଜିତ ପତିତପାବନ ମନ୍ଦିର ଦ୍ୱାର ଖୋଲି ନ ଥିଲା। ଏପଟେ ସମୟ ଅତିକ୍ରାନ୍ତ ହେଉଥିଲା। ଫଳରେ ଯେଉଁମାନେ ପ୍ରତିଦିନ ସିଂହଦ୍ୱାର ସମ୍ମୁଖରୁ ପତିତପାବନଙ୍କୁ ଦର୍ଶନ କରିଥାନ୍ତି ସେମାନଙ୍କୁ ନିରାଶ ହେବାକୁ ପଡୁଥିଲା। ବିଶେଷକରି ଯେଉଁମାନଙ୍କୁ ଶ୍ରୀମନ୍ଦିର ପ୍ରବେଶ କରିବାର ଅନୁମତି ନାହିଁ, ବରିଷ୍ଠ ନାଗରିକ(ଚାଲିବାକୁ ସକ୍ଷମ ନ ଥିଲା) ଏପରି କି କିଛି ପୁରୀବାସୀ ଅଛନ୍ତି ଯେଉଁମାନେ ଭୋରୁ କେବଳ ପତିତପାବନଙ୍କୁ ଦର୍ଶନ କରି ଘରକୁ ଫେରିଥାନ୍ତି ସେମାନେ ନିରାଶ ହୋଇଥିଲେ। ହେଲେ କ'ଣ ପାଇଁ ପତିତପାବନ ମନ୍ଦିର ଦ୍ୱାର ଫିଟୁ ନାହିଁ ତାହାର ସଠିକ୍ ଉତ୍ତର କାହାଠାରୁ ପାଇ ନ ଥିଲେ। ଏହାରି ଭିତରେ ଗଣମାଧ୍ୟମ ପ୍ରତିନିଧି ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଏହାର କିଛି ସମୟ ପରେ ଖୋଲିଥିଲା ପତିତପାବନ ମନ୍ଦିର। ସକାଳ ୯ଟା ୪୫ରେ ପତିତପାବନଙ୍କ ଆଳତି ସମ୍ପନ୍ନ ହୋଇଥିଲା। ତେବେ ଏହାକୁ ନେଇ ଭକ୍ତମାନେ କ୍ଷୋଭ ପ୍ରକାଶ କରିଥିଲେ।



ଦର୍ଶନ ନ ପାଇ ନିରାଶରେ ଫେରିଗଲେ ଶ୍ରଦ୍ଧାଳୁ

ଏ ସମ୍ପର୍କରେ ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ର କୁମାର ମହାନ୍ତିଙ୍କୁ ପଚାରିବାରେ ଏହି ମନ୍ଦିର ଦାୟିତ୍ୱରେ ଥିବା ପୂଜାପଣ୍ଡା ସେବାୟତଙ୍କର ଶୁଦ୍ଧିକ୍ରିୟା ରହିଛି। ତେଣୁ ସେ ଅନ୍ୟଜଣେ ପୂଜାପଣ୍ଡାଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ସମ୍ପୃକ୍ତ ପୂଜାପଣ୍ଡା ଆସିବାରେ ବୋଧହୁଏ ବିଳମ୍ବ ଯୋଗୁ ଏପରି ଘଟିଥାଇପାରେ। କିନ୍ତୁ ଶ୍ରୀମନ୍ଦିର ନୀତିକାନ୍ତି ସହ ପତିତପାବନଙ୍କ ଆଳତୀର କୌଣସି ସମ୍ପର୍କ ନାହିଁ। ନୀତି ନିର୍ଘଣ୍ଟ ଅନୁଯାୟୀ, ଶ୍ରୀମନ୍ଦିରର ନୀତିକାନ୍ତି ଚାଲିଥିଲା। ଭକ୍ତମାନେ ଖୁସିରେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ ବୋଲି କହିଛନ୍ତି।

## ଦ୍ୱିତୀୟ ରାଜ୍ୟସ୍ତରୀୟ ଶାରଳା ନାଟକ ଉତ୍ସବ ଉଦ୍‌ଘାଟିତ

# ଚୌଧୁରୀ ଜୟପ୍ରକାଶଙ୍କୁ 'କୃପାସିନ୍ଧୁ ନାଟ୍ୟ ସମ୍ମାନ'

ଜଗତସିଂହପୁର,୨।୧(ସମିସ)



ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ "ପ୍ରଥମା ଫାଉଣ୍ଡେସନ୍" ପକ୍ଷରୁ ଦ୍ୱିତୀୟ ରାଜ୍ୟସ୍ତରୀୟ ଶାରଳା ନାଟକ ଉତ୍ସବ ଶୁକ୍ରବାର ଜଗତସିଂହପୁର ସହରସ୍ଥିତ ସଂସ୍କୃତି ଭବନ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଜଗତସିଂହପୁର ପୌର ପରିଷଦ ଅଧକ୍ଷା ଅର୍ଚ୍ଚନା ସିଂହ, ଚଳଚ୍ଚିତ୍ର ଅଭିନେତା ଚୌଧୁରୀ ଜୟପ୍ରକାଶ ଦାସ, ବିଶିଷ୍ଟ ନାଟ୍ୟକାର କୈଳାସ ମଲ୍ଲିକ ଯୋଗଦେଇ ନାଟକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ନାଟକ ସମାଜର ଦର୍ପଣ। ମଞ୍ଚ ନାଟକ ମାଧ୍ୟମରେ ସମାଜରେ ସଂସ୍କାର ଆସି ପାରିବ ବୋଲି ଅତିଥିମାନେ ମତ ଦେଇଥିଲେ। ଉତ୍ସବର ସମ୍ପାଦକ ସୋମନାଥ ପରିଡ଼ା ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ପ୍ରଖ୍ୟାତ ଅଭିନେତା ଚୌଧୁରୀ ଜୟପ୍ରକାଶ ଦାସଙ୍କୁ 'କୃପାସିନ୍ଧୁ ନାଟ୍ୟ ସମ୍ମାନ' ଏବଂ ନାଟ୍ୟ ନିର୍ଦ୍ଦେଶକ ସାରଦା ପ୍ରସାଦ ରଣା, ବରିଷ୍ଠ ସାମ୍ବାଦିକ ପ୍ରତାପ ଚୌଧୁରୀ ଓ ଦୁର୍ଯ୍ୟୋଧନ ମହାରଣାଙ୍କୁ 'ପ୍ରଥମା ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା। ନାଟ୍ୟାଚାର୍ଯ୍ୟ ବାଇକୃଷ୍ଣ ମହାନ୍ତିଙ୍କ ଉଦ୍ଦେଶ୍ୟରେ ପ୍ରଥମ ସନ୍ଧ୍ୟାକୁ ଉତ୍ସର୍ଗ କରାଯାଇଥିଲା। ନାଟ୍ୟାଚାର୍ଯ୍ୟଙ୍କ ପରିବାର ପକ୍ଷରୁ ବେଦଶ୍ରୀ ମହାନ୍ତି ସ୍ମୃତି ସମ୍ମାନ ଗ୍ରହଣ କରିଥିଲେ। ଏଥିସହ ବ୍ଲୁ ମୁନ୍ ଷ୍ଟୁଡିଓର ପ୍ରତିଷ୍ଠାତା ବାସୁଦେବ ସ୍ୱାଇଁଙ୍କ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉତ୍ସବର ପ୍ରଥମ ଦିନରେ ଜିମ୍ମଦର୍ଶୀ ସାହିତ୍ୟିକ ଗୋଦାବରୀଶ ମହାପାତ୍ରଙ୍କ କାହାଣୀକୁ ନେଇ ନାଟକ "ମାଗୁଣିର ଶଗଡ଼" ମଞ୍ଚସ୍ଥ ହୋଇଥିଲା। ଜଗଦୀଶ ପ୍ରସାଦ ମହାରଣା ଏହାର ନିର୍ଦ୍ଦେଶନା ଦେଇଥିବା ବେଳେ ନବୀନ କୁମାର ପରିଡ଼ା ନାଟ୍ୟରୂପ ଦେଇଥିଲେ। ବିଦ୍ୟାକନକ ସୃଜନ୍ମଣ୍ଡଳର କଳାକାରମାନେ ନିଖୁଣ ଭାବେ ଏହାକୁ ମଞ୍ଚସ୍ଥ କରି ଦର୍ଶକଙ୍କୁ ଶୀତୁଆ ସନ୍ଧ୍ୟାରେ ମଞ୍ଚ ନିକଟରେ ନାଟକ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲେ। ମଞ୍ଚ ଉପରେ ମାନସ କୁମାର ପରିଡ଼ା, ଜଗଦୀଶ ପ୍ରସାଦ ମହାରଣା, ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ଜଗା ରାଓ, ଅମରଦୀପ ମହାନ୍ତି, ଦେବାଶିଷ ରାଉତ, ଶୁଭଙ୍କର ସାହୁ, ରାଜେଶ ମହାନ୍ତି, ସୂର୍ଯ୍ୟକାନ୍ତ ପାଣିଗ୍ରାହୀ, ବିଜୟ ସାହୁ, ଶୁଭକାନ୍ତ ପାତ୍ର, ସୁନୀତା ଦେ, ସତ୍ୟରାଣୀ ବାରିକ, ରାଜେଶ ମଲିଆ, ଶୁଭଲକ୍ଷ୍ମୀ ରାଉତରାୟ, ଅଙ୍କିତା ଦେ ପ୍ରମୁଖ ଅଭିନୟ କରିଥିଲେ। ପ୍ରଜ୍ଞାଦର ସାହୁ ମଞ୍ଚ ପରିକଳ୍ପନା କରିଥିବା ବେଳେ ଶୁଭଙ୍କର ସାହୁ ଓ ସାଥି ମଞ୍ଚସଜ୍ଜା, ସୁମିତ୍ ପଣ୍ଡା ଗୀତ ରଚନା ଏବଂ ଅଭିଜିତ ମିଶ୍ର କଣ୍ଠଦାନ କରିଥିଲେ। ସେହିପରି ପ୍ରତାପ ରାଉତ ପ୍ରଚ୍ଛଦ ସଙ୍ଗୀତ, ମାମା ପୋଷାକ ଓ ରୂପସଜ୍ଜା, ରାକେଶ ଶତପଥୀ ଆଲୋକରେ ସହଯୋଗ କରିଥିଲେ। ଶୁଭଙ୍କର ସାହୁ ଓ କାଜଲ ରାଣୀ ସହ ନିର୍ଦ୍ଦେଶନା ଦେଇଥିଲେ। ଶିକ୍ଷାବିତ୍ ସୁଭାଷ ଚନ୍ଦ୍ର ରାଉତ ମଞ୍ଚ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସାଂଗଠନିକ ସମ୍ପାଦକ ସତ୍ୟବ୍ରତ ବିଶ୍ୱାଳ ଓ ବିଜୟ କୁମାର ରାଉତ ମାନପତ୍ର ପାଠ କରିଥିଲେ। କଳା ସମ୍ପାଦକ ଅଜୟ ଗୋଚ୍ଛାୟତ, କୋଷାଧକ୍ଷ ଦୁର୍ଗାପ୍ରସାଦ ସ୍ୱାଇଁ ଓ ସଦସ୍ୟ ଅନିଲ ଦାସ ଅତିଥିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସହ କୋଷାଧକ୍ଷ ସୁଦୀପ୍ତ ପରିଡ଼ା, ସଦସ୍ୟ ଆଇନଜୀବୀ ନରେଶ ଦାସ, ସଞ୍ଜୀବ ବରାଳ, ଅନିଲ ଦାସ, ସରୋଜ ଦ୍ୱିବେଦୀ, ସାରଦା ଦାସ, ସୁଶାନ୍ତ ଦାସ, ଦିଲ୍ଲୀପ ଗୋଚ୍ଛାୟତ, ସୁରେଶ ଦାସ, ମନୋଜ ମହାପାତ୍ର, ପିଣ୍ଟୁ ପ୍ରଧାନ, ଅନିଲ ବରାଳ, ପ୍ରଦୀପ୍ତ ପରିଡ଼ା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶନିବାର ସନ୍ଧ୍ୟାରେ ଭୁବନେଶ୍ୱର ଜୀବନ ରେଖା ଥିଏଟରର କଳାକାରମାନେ ମଞ୍ଚସ୍ଥ କରିବେ ନାଟକ 'କମଳା'।

## ଅଜୟ ମୁଦୁଲିଙ୍କୁ ଓଡ଼ିଶା ଗୌରବ ସମ୍ମାନ

ବାଲିକୁଦା,୨।୧(ସମିସ): ବାଲିକୁଦା ବ୍ଲକ ସାରଳା ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡ. ଅଜୟ କୁମାର ମୁଦୁଲି ଓ୍ୱୟେନ୍ ବୁକ ଅଫ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇବା ସହ ଓଡ଼ିଶା ଗୌରବ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ବିଶ୍ୱ ଚାରିଟି ଫାଉଣ୍ଡେସନ ଭଞ୍ଜକଳା ମଣ୍ଡପ, ବ୍ରହ୍ମପୁର ଗଞ୍ଜାମଠାରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇଙ୍କ ଦ୍ୱାରା ମାନପତ୍ର ଓ ମେଡାଲ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି। ଡ. ମୁଦୁଲି ପୂର୍ବରୁ ଅନେକ ସମ୍ମାନ ଓ ପୁରସ୍କାର ପାଇଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ବୁଦ୍ଧିଜୀବୀ ପରିଷଦ "ଜାଗ୍ରତ" ସଭାପତି



ପଦ୍ମଚରଣ ସ୍ୱାଇଁ, ଗଙ୍ଗାଧର ଖଟୁଆ, ଅଜୟ ଦାସ, ଶରତ ମଲ୍ଲିକ, ପ୍ରାଣକୃଷ୍ଣ ପ୍ରଧାନ, ରବୀନ୍ଦ୍ର ସେଠୀ, ଶିକ୍ଷାବିତ ଗନ୍ଧର୍ବ ସଉ, ହୃଷୀକେଶ ଚଇନି ସମେତ ସ୍ଥାନୀୟ ଅଞ୍ଚଳର ବହୁ ବୃଦ୍ଧିଜୀବ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ୧୯ ଗ୍ରାମ ବ୍ରାଉନସୁଗର ଜବତ

ଜଗତସିଂହପୁର,୨।୧(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ସିଙ୍ଗିପୁର ବଜାର ଠାରେ ଚଢ଼ଉ କରି ଜଣେ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ଥାନା। ଯାଞ୍ଚ ପରେ ତାଙ୍କ ପାଖରୁ ୧୯ ଗ୍ରାମର ବ୍ରାଉନସୁଗର ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ ରାଇବରେଇ ଗ୍ରାମର ସୋମନାଥ ସାହୁ ଦୀର୍ଘ ଦିନ ଧରି ଆଖପାଖ ଅଞ୍ଚଳରେ ବ୍ରାଉନସୁଗର ବେପାର କରୁଥିବା ସମ୍ପର୍କରେ ଜଗତସିଂହପୁର ଅବକାରୀ ଥାନାକୁ ଅଭିଯୋଗ ମିଳିଥିଲା। ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ସେ ଆଜି ବ୍ରାଉନସୁଗର ରଖିଥିବାର ସୂଚନା ପାଇବା ପରେ ଜଗତସିଂହପୁର ଅବକାରୀ ଥାନାର ଉପନିରୀକ୍ଷକ ଭାଗ୍ୟଲକ୍ଷ୍ମୀ ଦଳାଇଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇଥିଲା। ଗ୍ରାହକ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲେ ଜଗତସିଂହପୁର ଅବକାରୀ ଥାନାର କର୍ମଚାରୀ ଏବଂ ଡିଲ୍ ବେଳେ ଅଭିଯୁକ୍ତଙ୍କୁ ସିଙ୍ଗିପୁର ବଜାରରେ ମାଡ଼ି ବସିଥିଲେ। ଗିରଫ ଅଭିଯୁକ୍ତ ଜଣକ ହେଲେ ରାଇବରେଇ ଗ୍ରାମର ସ୍ୱର୍ଗତ ଅକ୍ଷୟ ନାୟକଙ୍କ ପୁତ୍ର ସୋମନାଥ ନାୟକ(୨୬)। ଜବତ ବ୍ରାଉନସୁଗାରର ଆନୁମାନିକ କଳାବଜାରୀ ମୂଲ୍ୟ ପ୍ରାୟ ୧.୯୦ ଲକ୍ଷ ଟଙ୍କା ହେବ। ଅଭିଯୁକ୍ତଙ୍କୁ ଜିଲ୍ଲା ଦୌରାଜଜ ଜଗତସିଂହପୁରଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ତାକୁ ୧୪ଦିନିଆ ବିଚାର ବିଭାଗୀୟ ହାଜତ୍‌କୁ ପଠାଇ ଦିଆଯାଇଛି।

## ଶତାୟୁ ମହିଳାଙ୍କ ପରଲୋକ

ବାଲିକୁଦା,୨।୧(ସମିସ): ବାଲିକୁଦା ବ୍ଲକ ଅଳାଭର ଗ୍ରାମର ଶତାୟୁ ତଥା ଧର୍ମପ୍ରାଣା ମହିଳା ସତ୍ୟଭାମା ଶତପଥୀଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୧୧୦ବର୍ଷ ହୋଇଥିଲା। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଛି ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। କନିଷ୍ଠ ପୁତ୍ର ତଥା ଶାସନ ଅଳାଭର ଉଚ୍ଚବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ଗଗନ ବିହାରୀ ଶତପଥୀ ମୁଖାଗ୍ନି ଦେଇଥିବା ବେଳେ ଅଳାଭର ସମିତିସଭ୍ୟ ହରିଶ ଚନ୍ଦ୍ର ଶତପଥି, ସରପଞ୍ଚ ପ୍ରତିନିଧି ବିଭୁତି ଭୂଷଣ ସ୍ୱାଇଁ, ଉତ୍ତମ କୁମାର ଶତପଥୀ, କେଲୁଚରଣ ସାହୁ, ଆଞ୍ଚଳିକ ଜାଗ୍ରତ ଗୌରୀ ଗୀତାପ୍ରଚାର ସମିତିର ସଦସ୍ୟ ଚକ୍ରଧର ଷଡ଼ଙ୍ଗୀ, ପୂର୍ଣ୍ଣ ଚନ୍ଦ୍ର ଶତପଥି, ଶରତଚନ୍ଦ୍ର ବାରିକ, କୁଳମଣି ରଥ ଓ ଉଚ୍ଚ ବିଦ୍ୟାଳୟ ର ଶିକ୍ଷକ ରୁଷେନ୍ଦ୍ର କୁମାର ସାହୁ, ତ୍ରିଲୋଚନ ଶତପଥି, ପ୍ରବୋଧ କୁମାର ମହାନ୍ତି, ସରୋଜ କୁମାର ଦାସ, ଜିତେନ୍ଦ୍ରିୟ ଶତପଥୀ, ରାମଚନ୍ଦ୍ର ଶତପଥୀ ପ୍ରମୁଖ ଶେଷ ଦର୍ଶନ କରିଥିବା ବେଳେ ବିଧାୟକ ସାରଦା ପ୍ରସନ୍ନ ଜେନା, ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

## ବିଶ୍ୱମୈତ୍ରୀ ବ୍ରାହ୍ମଣ ପରିଷଦର ଗୀତାଯଜ୍ଞ



ବିରିଡି,୨।୧(ସମିସ): ବିଶ୍ୱମୈତ୍ରୀ ବ୍ରାହ୍ମଣ ପରିଷଦ ଧାନକୁଦ ପୀଠ ହାଜିପୁର ଆନୁକୂଲ୍ୟରେ ବିଶ୍ୱର ମଙ୍ଗଳ କାମନା କରି ଗୀତାପାରାୟଣ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଦୀନବନ୍ଧୁ ପତିଙ୍କ ନେତୃତ୍ୱରେ ଏବଂ ସମ୍ପାଦକ ନିରଞ୍ଜନ ମିଶ୍ରଙ୍କ ସଂଯୋଜନାରେ ଧାନକୁଦ ପୀଠ ପରିସରରେ ଥିବା ପରିଷଦର ଗୃହରେ ଏହି ଗୀତାପାରାୟଣ କରାଯାଇଥିଲା। ବିଭିନ୍ନ ପ୍ରାନ୍ତରୁ ବହୁସଂଖ୍ୟାରେ ବ୍ରାହ୍ମଣ ମାନେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ବ୍ରାହ୍ମଣମାନଙ୍କ ଉନ୍ନତି ସମ୍ପର୍କରେ ଆଲୋଚନା କରାଯିବାସହ ସମସ୍ତଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୁରୁପ୍ରସାଦ ରଥ, ଚନ୍ଦ୍ରମଣି ଦାଶ, ସତ୍ୟନାରାୟଣ ବାଘୀ, ଉମେଶ ଚନ୍ଦ୍ର କର, ନିରଞ୍ଜନ ପ୍ରସାଦ କର, ଚିତ୍ତରଞ୍ଜନ କର, ବିଭୁ ପ୍ରସାଦ କର, ପବିତ୍ର ପଣ୍ଡା, ଉମେଶ ଚନ୍ଦ୍ର ମିଶ୍ର, ପ୍ରମୋଦ ଶତପଥି, ଉମାକାନ୍ତ ନନ୍ଦ, ଜୟ କୃଷ୍ଣ ତ୍ରିପାଠୀ, ଦିଲୀପ କୁମାର ମିଶ୍ର, ସୁବାସ ଚନ୍ଦ୍ର ଦାଶ, ଗିରିଜା ଶଙ୍କର ତ୍ରିପାଠୀ, ଦେବପ୍ରସାଦ ମିଶ୍ର, ପ୍ରଫୁଲ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ଦର ପ୍ରତିଷ୍ଠା ଦିବସ ପାଇଁ ମାରାଥନ ଆଜି

ପାରାଦୀପ,୨।୧(ସମିସ): ଆସନ୍ତାକାଲି ଜାନୁଆରୀ ୩ ତାରିଖ ୨୧ତମ ପାରାଦୀପ ମାରାଥନ-୨୦୨୬ (ଦୌଡ଼ ପ୍ରତିଯୋଗିତା) ଅନୁଷ୍ଠିତ ହେବ। ପାରାଦୀପ ବନ୍ଦରର ୬୫ତମ ପ୍ରତିଷ୍ଠା ଦିବସ ଅବସରରେ ଏହି ଦୌଡ଼ ପ୍ରତିଯୋଗିତା ପ୍ରତ୍ୟକ ବର୍ଷ ଜାନୁଆରୀ ୩ ତାରିଖରେ ବନ୍ଦର କର୍ତ୍ତୃପକ୍ଷ ଆୟୋଜନ କରିଥାନ୍ତି। ଏନେଇ ଆସନ୍ତା କାଲି ସକାଳ ୭.୩୦ରେ ବନ୍ଦର ଅଧକ୍ଷ ପିଏଲ ହରନାଦ ଏହି ଦୌଡ ପ୍ରତିଯୋଗିତାର ଶୁଭାରମ୍ଭ କରିବେ। ଏହି ଦୌଡ଼ ବନ୍ଦର ୫ ନମ୍ବର ଗେଟ ନିକଟ ହନୁମାନ ମନ୍ଦିର ଠାରୁ ଆରମ୍ଭ ହୋଇ ଗୋପବନ୍ଧୁ ଷ୍ଟାଡିୟମ ଠାରେ ଶେଷ ହେବ। ପ୍ରତିଯୋଗିଙ୍କୁ ଏହି ୧୪ କିମି ରାସ୍ତାକୁ ଅତିକ୍ରମ କରିବା ପାଇଁ ପଡିବ। ଯେଉଁମାନେ ଭାଗ ନେବେ ସେମାନେ ଏହି ୧୪ କିମି ରାସ୍ତାରେ ଦୌଡି ସେମାନଙ୍କର ପାରଦର୍ଶିତା ଅର୍ଜନ କରିବେ। ପରେ ଗୋପବନ୍ଧୁ ଷ୍ଟାଡିୟମରେ ଆୟୋଜିତ ଉତ୍ସବରେ ସେମାନଙ୍କୁ ବନ୍ଦର ଅଧକ୍ଷ ଶ୍ରୀ ହରନାଦ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିବେ। ସମ୍ମାନିତ ଅତିଥି ଭାବେ ବନ୍ଦର ଡେପୁଟି ଚେୟାରମ୍ୟାନ୍ ଟି ଭେନୁଗୋପାଳ ଓ ପାରାଦୀପ ଲେଡିଜ କ୍ଲବର ସଭାପତି ପି. ଗିରିଜାସୁନ୍ଦରୀ ମଞ୍ଚରେ ଉପସ୍ଥିତ ରହିବା ନେଇ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏଥିରେ ଆନ୍ତର୍ଜାତୀୟ କ୍ରୀଡ଼ାବିତ ପ୍ରତୀକ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି ମାରାଥନ ପ୍ରତିଯୋଗିତାରେ ୬୦୦ ଶହ ପୁରୁଷ ୧୦୦ ଜଣ ମହିଳା ଅଂଶ ଗ୍ରହଣ କରିବେ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି।

## ସେଚ୍ଛାସେବୀ ସଂଗଠନ ପକ୍ଷରୁ ଶୀତବସ୍ତ୍ର ବିତରଣ

ପାରାଦୀପ,୨।୧(ସମିସ): ପାରାଦୀପଗଡ଼ ପଞ୍ଚାୟତର ରୁନବେଲାରୀ ଓ କତକୁଲା ଗ୍ରାମର ଯୁବକ ମାନବ ସେବାକୁ ବ୍ରତ ରୂପେ ଗ୍ରହଣ କରି ନିଜସ୍ୱ ଅନୁଦାନରେ ପ୍ରତିବର୍ଷ ଭଳି ଚଳିତବର୍ଷ ଗ୍ରାମରେ ଥିବା ସମସ୍ତ ବୟୋଜେଷ୍ଟ ବ୍ୟକ୍ତିଙ୍କୁ ଶୀତବସ୍ତ୍ର ବଣ୍ଟନ କରିଛନ୍ତି। ନବବର୍ଷ ଅବସରରେ ଭବ୍ୟ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ଡାକ୍ତର କୁଳମଣି ସାମଲ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ସଞ୍ଜୟ ବେହେରା, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଶରତ ରାଉତ,




ଡାକ୍ତର ବିପିନ ସାମନ୍ତରାୟ, ରମେଶ ତ୍ରିପାଠୀ, ଗୋଲାପରାଣୀ ସାହୁ, ପ୍ରହଲ୍ଲାଦ ବେହେରା, ଅଧ୍ୟାପକ ପ୍ରଣତୀ ପଣ୍ଡା, କେଶବ ବେହେରା, ନିମାଇଁ ମହାପାତ୍ର, ଅକ୍ଷୟ ମହାପାତ୍ର ଓ ପର୍ଶୁରାମ ବେହେରା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସଂଗଠନ ସଭାପତି ବାବାଜୀ ମହାପାତ୍ର, ଉପସଭାପତି ଅନୁପ ମହାପାତ୍ର, ସମ୍ପାଦକ ସାଗର ସାହୁ, ସହସମ୍ପାଦକ ଅନନ୍ତ ବିଶ୍ୱାଳ, କାର୍ଯ୍ୟକାରୀ କମିଟି ସଭ୍ୟ ଚନ୍ଦ୍ରକାନ୍ତ ସ୍ୱାଇଁ, ପ୍ରକାଶ ସାହୁ, ଅଜୟ ବେହେରା, କାର୍ତ୍ତିକ ଚନ୍ଦ୍ର ବେହେରା, ଉତ୍କଳ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ସଂଗଠନ ପକ୍ଷରୁ ପୋଖରୀ ହୁଡ଼ା, ସ୍କୁଲ ପଡ଼ିଆରେ ୪୦୦ ବୃକ୍ଷରୋପଣ କରାଯାଇଥିଲା।

## ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟସୂଚୀ

ଜଗତସିଂହପୁର,୨।୧(ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ୨୦୨୬ ଜାନୁଆରୀ ମାସ ଠାରୁ ୨୦୨୬ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ବ୍ଲକ୍ କାର୍ଯ୍ୟାଳୟ ଓ ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ। ଜାନୁଆରୀ ୫ ତାରିଖରେ ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ, ୧୨ରେ କୁଜଙ୍ଗ ବ୍ଲକ କାର୍ଯ୍ୟାଳୟ, ୧୯ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ୨୭ରେ ବିରିଡ଼ି ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ସେହିପରି ଫେବୃଆରୀ ମାସ ୨ ତାରିଖରେ ନାଉଗାଁ ବ୍ଲକ୍ କାର୍ଯ୍ୟାଳୟ, ୯ ତାରିଖ ଦିନ ବାଲିକୁଦା ବ୍ଲକ୍ କାର୍ଯ୍ୟାଳୟ, ୧୬ ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ୨୩ ତାରିଖ ଦିନ ଏରସମା ବ୍ଲକ୍ କାର୍ଯ୍ୟାଳୟଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ସେହିପରି ମାର୍ଚ୍ଚ ମାସ ୨ ତାରିଖରେ ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟ, ୯ରେ ତିର୍ତ୍ତୋଲ ବ୍ଲକ୍ କାର୍ଯ୍ୟାଳୟ, ୧୬ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ୨୩ରେ କୁଜଙ୍ଗ ବ୍ଲକ୍ କାର୍ଯ୍ୟାଳୟ ଓ ୩୦ରେ ବିରିଡ଼ି ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହିସବୁ ଶିବିରରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ- ତଥା-ନିର୍ବାହୀ ଅଧିକାରୀ, ଉପଜିଲ୍ଲାପାଳ, ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିବେ। ଜିଲ୍ଲାର ଜନସାଧାରଣ ଏହାର ସୁଯୋଗ ନେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଭୂତମୁଣ୍ଡାଇରେ ଖୋଲିଲା ହିନ୍ଦୁ ସେନା କାର୍ଯ୍ୟାଳୟ

କୁଜଙ୍ଗ/ପାରାଦୀପ,୨।୧(ସମିସ): ପାରାଦୀପ ଉପକଣ୍ଠ କୁଜଙ୍ଗ ବ୍ଲକ ଭୂତମୁଣ୍ଡାଇ ଅଞ୍ଚଳରେ 'ହିନ୍ଦୁସେନା'ର ନୂତନ ଶାଖା କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟରେ ଧଳା ଜହର ବିରୋଧରେ ଲଢ଼େଇ କରୁଥିବା ବରିଷ୍ଠ ଆଇନଜୀବୀ ଗତିକୃଷ୍ଣ ଶତପଥି ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସଂଗଠନର କାର୍ଯ୍ୟକର୍ତ୍ତାମାନଙ୍କ ସହ ସମାଜରେ ଘଟୁଥିବା ବିଭିନ୍ନ ସମସ୍ୟା ଓ ସାମାଜିକ ଘଟଣା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଲୋଚନା ସମୟରେ ସମାଜରେ ସମରସତା ଓ ଏକତା ବଜାୟ ରଖିବାର ଆବଶ୍ୟକତା ଉପରେ ଜୋର ଦିଆଯାଇଥିଲା। ହିନ୍ଦୁ ପରିବାରମାନଙ୍କ ମଧ୍ୟରେ ଧାର୍ମିକ ଜାଗରଣ ସୃଷ୍ଟି କରିବା, ଗୋରକ୍ଷା, ରାଷ୍ଟ୍ର ରକ୍ଷା, ଧର୍ମ ରକ୍ଷା ଏବଂ ସ୍ୱ-ରକ୍ଷା ପ୍ରତି ସଚେତନ ହେବା ପାଇଁ ଉପସ୍ଥିତ ବକ୍ତାମାନେ ଆହ୍ୱାନ କରିଥିଲେ। ସେହିପରି ସମାଜରେ ଶାନ୍ତି, ସଦ୍‌ଭାବ ଓ ଏକତା ଅଟୁଟ ରଖିବା ପାଇଁ ସମସ୍ତେ ମିଶି କାମ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ସାମ୍ବାଦିକ ସତ୍ୟଶିବ ପରିଡା, ବିଶ୍ୱଜିତ ବେହେରା, ଅକ୍ଷୟ ଦାସ, ଅରୀକ୍ଷିତ ଦାସ, ଦେବଦୂତ ସଡ଼କ ବାହିନୀର ସଭାପତି ପଙ୍କଜ ତରାଇ, ସମାଜସେବୀ ବାବୁନି ବେହେରା, ସୁବ୍ରତ ମହାନ୍ତି, ଦିବ୍ୟଜ୍ୟୋତି ପଲାଇ ଯୋଗ ଦେଇଥିଲେ।

## ଗାଭାସ୍କର ଚ୍ୟାଲେଞ୍ଜ ଟ୍ରଫି

# କଟକକୁ ହରାଇ ପୁନଙ୍ଗ ଚାମ୍ପିଅନ



ବାଲିକୁଦା,୨।୧(ସମିସ): ବାଲିକୁଦା ବ୍ଲକ ନହରଣା ଗାଭାସ୍କର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୨୨ତମ ଗାଭାସ୍କର ଚ୍ୟାଲେଞ୍ଜ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉତ୍କଳମଣି ଗୋପବନ୍ଧୁ ଷ୍ଟାଡିୟମ ଠାରେ ଉଦଯାପିତ ହୋଇଯାଇଛି। ଅନୁଷ୍ଠିତ ଫାଇନାଲ ମ୍ୟାଚରେ ପ୍ରେସ୍‌କ୍ଲବ କଟକ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ପୂର୍ବରୁ ୧୯. ୨ ଓଭରରେ ତାର ସମସ୍ତ ୱିକେଟ ହରାଇ ୧୪୬ ରନ ସ୍କୋର କରିଥିଲା। ଦଳ ପକ୍ଷରୁ ଅଙ୍କିତ ପ୍ରଧାନ ସର୍ବାଧିକ ୪୦ ରନ ସ୍କୋର କରିଥିଲେ। ପ୍ରତିପକ୍ଷ ଜୟଦୁର୍ଗା ୟୁଥ ଆଣ୍ଡ ଆଥଲେଟିକର ବୁଟା ସିଂ ସର୍ବାଧିକ ୩ଟି ୱିକେଟ ଅକ୍ତିଆର କରିଥିଲେ। ୧୪୭ ରନର ବିଜୟ ଲକ୍ଷ୍ୟକୁ ପିଛା କରି ପୁନଙ୍ଗ ଟିମ ୧୯.୨ ଓଭରରେ ୬ ୱିକେଟ ହରାଇ ୧୫୨ ରନ କରି ଚାମ୍ପିଅନ ହୋଇଥିଲା। ଦଳ ପକ୍ଷରୁ ପୃଥ୍ୱୀରାଜ ସ୍ୱାଇଁ ୧୯ ବଲରେ ୫୦ ରନ କରି ଦଳକୁ ବିଜୟୀ କରାଇବା ସହ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାନ ଅଫ ଦି ସିରିଜ ବୁଟା ସିଂ, ବେଷ୍ଟ ବୋଲର ଏମ୍‌ଡି ମୁନା, ବେଷ୍ଟ ବ୍ୟାଟ୍ସମ୍ୟାନ ସଦାଶିବ ଦାସ, ବେଷ୍ଟ ଫିଲଡର ଓମ ପ୍ରକାଶ ମୁଦୁଲିଙ୍କୁ ପୁରସ୍କୃତ କରାଯାଇଥିଲା। ମ୍ୟାଚରେ ଅମ୍ପେୟାର ଦାୟିତ୍ୱ ଜନକ ପରିଡ଼ା ଓ ସୁଧୀର ପରିଡ଼ା ନିର୍ବାହ କରିଥିବା ବେଳେ ସ୍କୋରିଙ୍ଗରେ ରାଜେନ୍ଦ୍ର ମୁଦୁଲି ଓ ସୌମ୍ୟରଞ୍ଜନ ପରିଡା ସହାୟତା ପ୍ରଦାନ କରିଥିଲେ। ମ୍ୟାଚର ସମସ୍ତ ଧାରାବିବାରଣୀ ଧର୍ମେନ୍ଦ୍ର ସାହୁ ଓ ସୁବାସ ସ୍ୱାଇଁ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମାନବାଧିକାର କର୍ମୀ ଡ. ଦିଲ୍ଲୀପ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଦନ୍ତ ଚିକିତ୍ସକ ଡାକ୍ତର ଶଶାଙ୍କ ଶେଖର ସାହାଣୀ, ସମ୍ମାନିତ ଅତିଥିଭାବେ ବରିଷ୍ଠ ସଫ୍ଟୱାୟାର ଇଂ. ସିଦ୍ଧାର୍ଥ ପ୍ରକାଶ ପରିଡା, ସହକାରୀ ବେସାମାରିକ ଯୋଗାଣ ଅଧିକାରୀ କେନ୍ଦ୍ରାପଡ଼ା ଶିବ ପ୍ରସାଦ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ଚାମ୍ପିଅନ ଓ ରନର୍ସଅପ ଦଳକୁ ପୁରସ୍କାର ରାଶି ଓ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାରେ କ୍ଲବର ସମସ୍ତ ସଦସ୍ୟ ସହଯୋଗ ପ୍ରଦାନ କରିଥିଲେ।

# ଆଧୁନିକ ଓଡ଼ିଶାର ନିର୍ମାତା ଥିଲେ ମହତାବ

ଜଗତସିଂହପୁର,୨।୧(ସମିସ): ମହାନ୍ ଜନନାୟକ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୩୯ତମ ଶ୍ରାଦ୍ଧବାର୍ଷିକୀ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ସ୍ଥାନୀୟ ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ସେଣ୍ଟ୍ ଜାଭିୟର୍ସ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ତଥା ସ୍ତମ୍ଭକାର ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆ.ର୍ଯ୍ୟ ଏଥିରେ ଅଧକ୍ଷତା କରି ହରେକୃଷ୍ଣ ମହାତାବ ଆଧୁନିକ ଓଡ଼ିଶାର ନିର୍ମାତା ଥିଲେ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ କୁମାର ଜେନା ତାଙ୍କ ବକ୍ତବ୍ୟରେ ଓଡ଼ିଶାର ରାଜନୀତି, ସାହିତ୍ୟ, ସାମ୍ବାଦିକତା ଓ ସର୍ବୋପରି ଆଧୁନିକ ଓଡିଶା ଗଠନରେ ଡ. ହରେକୃଷ୍ଣ ମହତାବଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ



ଅଧକ୍ଷା ଜ୍ୟୋତିର୍ମୟୀ ମହାରଣା, ଶିକ୍ଷୟିତ୍ରୀ ସୁଦେଷ୍ଣା ଦାସ, ମୋନାଲିସା ଭଞ୍ଜ, ପ୍ରିୟଙ୍କା ମଣ୍ଡଳ ଓ ଶିକ୍ଷକ ଅଶୋକ କୁମାର ବେହେରା ଆଲୋଚନାରେ ଭାଗନେଇ ଗଡ଼ଜାତ ମିଶ୍ରଣ, ଭୁବନେଶ୍ୱରରେ ନୂଆ ରାଜଧାନୀ ପ୍ରତିଷ୍ଠା, ଓଡ଼ିଶା ଟେକ୍ସଟାଇଲ୍ ମିଲ୍, କଟକ ଆକାଶବାଣୀ କେନ୍ଦ୍ର ଓ ହାଇକୋର୍ଟ ପ୍ରତିଷ୍ଠାରେ ମହତାବଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ବୋଲି ମତ ଦେଇଥିଲେ। ଶିକ୍ଷୟିତ୍ରୀ ମିନତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

# ଅଷ୍ଟମ ଶ୍ରେଣୀରୁ କମ୍ ଛାତ୍ରଛାତ୍ରୀଙ୍କୁ ପରେଡ୍ ମନା

ଜଗତସିଂହପୁର,୨।୧(ସମିସ)




ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ-୨୦୨୬ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଧକ୍ଷତା କରି ଜିଲ୍ଲାପାଳ ଜେ. ସୋନାଲ ଆଗାମୀ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସକୁ ସରସ ସୁନ୍ଦର ଭାବେ ପାଳନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ପ୍ରାତଃ ଘ. ୪.୩୦ ମିରେ ରାମଧୂନ, ପ୍ରଭାତ ଫେରି ସକାଳ ୬ଘଟିକା, ବିଭିନ୍ନ ଅନୁଷ୍ଠାନମାନଙ୍କରେ ଜାତୀୟ ପତାକା ଉତ୍ତୋଳନ ସକାଳ ୭ ଘଟିକା ଏବଂ ଜିଲ୍ଲାସ୍ତରୀୟ ପତାକା ଉତ୍ତୋଳନ ପୂର୍ବାହ୍ନ ଘ ୮.୩୦ ମି ସମୟରେ ଅନୁଷ୍ଠିତ ହେବ। ପ୍ରତ୍ୟେକ କାର୍ଯ୍ୟାଳୟରେ ନୂତନ ପତାକା ବ୍ୟବହାର କରି ପତାକା ଉତ୍ତୋଳନ କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜାନୁଆରୀ ୨୧ ଓ ୨୨ ତାରିଖ ଅପରାହ୍ନ ୩ ଘଟିକା ଓ ୨୪ ତାରିଖ ସକାଳ ୮ ଘଟିକା ସମୟରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ଠାରେ ଅଭ୍ୟାସ ପରେଡ୍ ଅନୁଷ୍ଠିତ ହେବ। ପରେଡ୍‌ରେ କେବଳ ଅଷ୍ଟମରୁ ଦଶମ ଓ କଲେଜ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ତା'ଠାରୁ କମ ଶ୍ରେଣୀର ପିଲାମାନେ ଅଂଶଗ୍ରହଣ କରିପାରିବେ ନାହିଁ। ତେବେ ପ୍ରଥମରୁ ତୃତୀୟ, ୪ର୍ଥରୁ ୫ମ, ୬ଷ୍ଠରୁ ୮ମ, ହାଇସ୍କୁଲ ଓ କଲେଜ ସ୍ତରରେ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଓ କୁଇଜ୍ ପ୍ରତିଯୋଗିତା ବ୍ଲକ ଓ ପୌର ପରିଷଦ ମଧ୍ୟରେ ୧୭ ତାରିଖ ଓ ଜିଲ୍ଲାସ୍ତରରେ ୨୦ ତାରିଖରେ ଅନୁଷ୍ଠିତ ହେବ। ପରେଡ୍ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ବିଭିନ୍ନ ବିଦ୍ୟାଳୟ ମଧ୍ୟରେ ପ୍ରତିଯୋଗିତା କରି ୪ ଗୋଟି ସାଂସ୍କୃତିକ ଦଳକୁ ବାଛିବେ। ସନ୍ଧ୍ୟାରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ସ୍ଥାନୀୟ ଅନୁଷ୍ଠାନ ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଗୁଡ଼ିକ ଆଲୋକ ସଜ୍ଜା କରାଯିବ। ବିଭିନ୍ନ ବିଭାଗ ଓ ପାରାଦୀପର ପ୍ରମୁଖ ଶିଳ୍ପ ସଂସ୍ଥାମାନଙ୍କ ଦ୍ୱାରା ପ୍ରଜ୍ଞାପନ ମେଢ଼ ପରେଡ୍ ସମୟରେ ପ୍ରଦର୍ଶିତ ହେବ। ଜେଲର ଅନ୍ତେବାସୀ ଓ ମୁଖ୍ୟ ଚିକିତ୍ସାଳୟର ରୋଗୀମାନଙ୍କୁ ସାଧାରଣତନ୍ତ୍ର ଦିବସ ଦିନ ମୁଖ୍ୟଅତିଥିଙ୍କ ଦ୍ୱାରା ଫଳ ବଣ୍ଟନ କରାଯିବ। ପରେଡ ପରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ପରିସରରେ ବୃକ୍ଷରୋପଣ କରାଯିବ। ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ପୌରପରିଷଦ ଅଧକ୍ଷା ଅର୍ଚ୍ଚନା ସିଂ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସମ୍ବିତ୍ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଜ୍ୟୋତିଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ, ପାରାଦୀପ ନିରଞ୍ଜନ ବେହେରା, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ ଉମାକାନ୍ତ ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ସହରର ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ଶିକ୍ଷକ ଶିକ୍ଷୟିତ୍ରୀ, ଗଣମାଧ୍ୟମ ପ୍ରତିନିଧି, ଆଇନଜୀବୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଟୀ ତନୟା ମହାନ୍ତି ଜିଲ୍ଲାପାଳଙ୍କ ଆଦେଶ ମତେ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଗାୟତ୍ରୀ ସେବା ସମିତି ପକ୍ଷରୁ ଶୀତବସ୍ତ୍ର ବଣ୍ଟନ



ପଟ୍ଟାମୁଣ୍ଡାଇ,୨।୧(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପୋଖରୀଆପଡ଼ା ଗାୟତ୍ରୀ ସେବା ସମିତି ପକ୍ଷରୁ ସମାଜସେବୀ ବିଜୟ ମହାନ୍ତିଙ୍କ ଦିବଂଗତା ପତ୍ନୀ ରୀନା ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୂତନ ବର୍ଷ ଅବସରରେ ଗରିବ ଅସହାୟ ବୃଦ୍ଧବୃଦ୍ଧା ଓ ମହିଳାଙ୍କୁ ପଙ୍କ୍ତି ଭୋଜନ ସହ ଶୀତବସ୍ତ୍ର ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଡ. କେଳୁଚରଣ ସ୍ୱାଇଁ ଅତିଥି ଭାବେ ଯୋଗଦେଇଥିଲେ। ଗାୟତ୍ରୀ ସେବା ସମିତି ସଭାପତି ବିଜୟ ମହାନ୍ତି, ସମ୍ପାଦକ ଇଂ ତ୍ରିଲୋଚନ ସୂତାର, ଉପଦେଷ୍ଟା ଗୋପାଳ ବିଶ୍ୱାଳ, ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ଇଂ ତପନ ପାତ୍ର, ଅଶୋକ ବଳ, ପଦ୍ମନାଭ ଜେନା, ହେମନ୍ତ ରାଉତ, ସୌମେନ୍ଦ୍ର ପରିଡ଼ା, ସୁବାସ ମହାନ୍ତି, ଶରତ ନାୟକ, ଦେବେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ କମ୍ବଳ ବଣ୍ଟନ କରିଥିଲେ।

# ଭାଗବତ ଟୁଙ୍ଗିର ୧୩ତମ ବାର୍ଷିକ ଉତ୍ସବ

ଡେରାବିଶ,୨।୧(ସମିସ): ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଚାନ୍ଦୋଳ ହାଟ ନିକଟରେ ଥିବା ମା' ବୁଢ଼ୀ ଜାଗୁଳାଇ ଭାଗବତ ଟୁଙ୍ଗିର ୧୩ତମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି। ଭାଗବତ ଟୁଙ୍ଗି ପରିସରରେ ଭାଗବତ ଗ୍ରନ୍ଥ ପୂଜା କରାଯିବା ସହ ସଦସ୍ୟମାନେ ଭାଗବତ ପାଠ କରିଥିଲେ। ସନ୍ଧ୍ୟାରେ ଟୁଙ୍ଗି ପରିସରରେ ତ୍ରିନାଥ ମେଳା ଉତ୍ସବ ହୋଇଥିଲା। ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଉପସ୍ଥିତ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

# ୟୁୱାଇସି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ



ପଟ୍ଟାମୁଣ୍ଡାଇ,୨।୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ମୂଳବସନ୍ତ ୟୁନାଇଟେଡ୍ ୟୁଥ କ୍ଲବ (ୟୁୱାଇସି) ଆନୁକୂଲ୍ୟରେ ନିତାଇ ଚୈତନ୍ୟ ହାଇସ୍କୁଲ ଖେଳପଡ଼ିଆରେ ଆୟୋଜିତ ୧୧ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଚୌଦକୁଲାଟ ଫାଣ୍ଡି ଅଧିକାରୀ ନୃସିଂହ ମହାନ୍ତି, ଜିଲ୍ଲା ସାମ୍ବାଦିକ ୟୁନିଅନ ଉପସଭାପତି ଅକ୍ଷୟ ସାହୁ, ସମିତି ସଭ୍ୟା ସ୍ମୃତିମୟୀ ମଲିକ, ବରିଷ୍ଠ ସାମ୍ବାଦିକ ପତିତପାବନ ଭଦ୍ର, ବଡ଼ମୂଳବସନ୍ତ ସମବାୟ ସମିତି ସଭାପତି ସଞ୍ଜୟ ଲେଙ୍କା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ୟୁୱାଇସି ସଭାପତି ସଂଗ୍ରାମ ସ୍ୱାଇଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାମ୍ବାଦିକ ଗଗନ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ସାମ୍ବାଦିକ ଏକାଦଶ, ନପଙ୍ଗ, ନୀଳକଣ୍ଠପୁର, ବନ୍ଧସାହି ଅଳପୁଆ, ପଟ୍ଟାମୁଣ୍ଡାଇ, ସୋବଲା, ଗାଙ୍ଗପଡ଼ା ଆଦି ୮ ଦଳ ଭାଗ ନେଇଛନ୍ତି। ଆସନ୍ତା ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

# ମହାକାଳପଡ଼ା ପଞ୍ଚାୟତ ସମିତିର ସପ୍ତମ ଅଧିବେଶନ

ମହାକାଳପଡ଼ା,୨।୧(ସମିସ): ମହାକାଳପଡ଼ା ପଞ୍ଚାୟତ ସମିତିର ସପ୍ତମ ସାଧାରଣ ଅଧିବେସନ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷା ମୀରାରାଣୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପ୍ରଦୀପ୍ତ ଦାସ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଆଜିର ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ବିଦ୍ୟୁତ ବିଭାଗର କାର୍ଯ୍ୟଧାରା ବିଷୟରେ ଆଲୋଚନା କରାଯିବା ସହ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଉପଜିଲ୍ଲାପାଳ ଅରୁଣ ନାୟକ, ତହସିଲଦାର ତଥା ଭାରପ୍ରାପ୍ତ ବିଡିଓ ରବିନାରାୟଣ ଆଚାର୍ଯ୍ୟ, ଉପାଧ୍ୟକ୍ଷ ବିଜୟ କୁମାର ଶୁକ୍ଳା, ସାଂସଦଙ୍କ ପ୍ରତିନିଧି ଜାନକୀ ପ୍ରଧାନ ଓ ବିଧାୟକଙ୍କ ପ୍ରତିନିଧି ସରୋଜକାନ୍ତ ସାହୁ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁମୋଦିତ ୨୨ କର୍ମଚାରୀଙ୍କ ମଧ୍ୟରୁ ମାତ୍ର ୬ ଜଣ କାର୍ଯ୍ୟରତ ଥିବାକୁ ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ଅର୍ଦ୍ଧନିର୍ମିତ ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ଗୃହକାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଅନେକ ପଞ୍ଚାୟତର ପ୍ରତିନିଧି ଦାବି କରିଥିଲେ। ଖୁବ୍‌ଶୀଘ୍ର କାର୍ଯ୍ୟ ସମ୍ପନ୍ନ କରାଯିବ ବୋଲି ଏଇଇ ରାଜଲକ୍ଷ୍ମୀ ଦାସ କହିଥିଲେ। ବସୁଧା ଯୋଜନାରେ ଗୋଟିଏ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଆଉ ଗୋଟିଏର କାର୍ଯ୍ୟ ଆଗାମୀ ଦୁଇମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି ଆରଡବ୍ଲ୍ୟୁଏସଏସ ସହକାରୀ ଯନ୍ତ୍ରୀ ସୁବ୍ରତ ସାହୁ କହିଥିଲେ। ବିଦ୍ୟୁତ୍ ବିଭାଗର ଆଲୋଚନା ବେଳେ ଟିପିସିଓଡିଏଲ ଯନ୍ତ୍ରୀଙ୍କ ଉତ୍ତରରେ ଉପଜିଲ୍ଲାପାଳ ବିରକ୍ତ ହେବା ସହ ସୌର ପ୍ରକଳ୍ପ ଉପରେ ଧ୍ୟାନ ଦେବାକୁ କହିଥିଲେ। କୁମ୍ଭୀର ଦାଉରୁ ସୁରକ୍ଷା ପାଇଁ ହୋଇଥିବା ବାଡ଼ ଭାଙ୍ଗି ଯାଇଥିବା ବେଳେ ତାହାର ମରାମତି ପାଇଁ ମହାକାଳପଡ଼ା ସରପଞ୍ଚ ରତିକାନ୍ତ ପଣ୍ଡା ଦାବି କରିଥିଲେ। ଏଥିରେ ଅନେକ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ଅନୁପସ୍ଥିତ ଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସମିତିସଭ୍ୟ ରଞ୍ଜନ ଚୌଧୁରୀ ଦାବି କରିଥିଲେ। ଜଙ୍ଗଲ ଜମି ପଟ୍ଟା ପାଇଥିବା ଆବାସ ହିତାଧିକାରୀଙ୍କୁ ଅନୁମତି ଦେବାକୁ ଉପଜିଲ୍ଲାପାଳ କହିଥିଲେ। ବୈଠକରେ ସମିତି ସଭ୍ୟା ଅରୁଣା ରାଉତ, ରାଜ ମିଶ୍ର, କୃଷ୍ଣପଦ ମଣ୍ଡଳ, ସରପଞ୍ଚ ଅରବିନ୍ଦ ଜେନା, ପୂର୍ଣ୍ଣଚନ୍ଦ୍ର ରାଉତରାୟ, ମିଳନ ଦେବନାଥ, ଜ୍ୟୋତିରଞ୍ଜନ ଖଟୁଆ, ପ୍ରିୟଙ୍କା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ମେଡିକାଲ ପରିସର ଔଷଧ ଦୋକାନରେ ଚଢ଼ିଲା ବୁଲଡୋଜର





ରାଜନଗର,୨।୧(ସମିସ): ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଜୟଗୁରୁ ମେଡିସିନ ଷ୍ଟୋରକୁ ଶୁକ୍ରବାର ବୁଲଡୋଜର ସାହାଯ୍ୟରେ ମାଟିରେ ମିଶାଇ ଦିଆଯାଇଛି। ମାଜିଷ୍ଟ୍ରେଟ ତଥା ତହସିଲଦାର ଯୀଶୁକୃଷ୍ଣ ଦାସଙ୍କ ଉପସ୍ଥିତିରେ ପ୍ରଥମେ ଷ୍ଟୋରରୁ ଔଷଧ ଖାଲି କରାଯିବା ପରେ ଦୋକାନ ଭାଙ୍ଗିଦିଆଯାଇଛି। ଦୀର୍ଘ ୧୦ ବର୍ଷର ଆଇନଗତ ଲଢ଼େଇ ପରେ କ୍ୟାମ୍ପସରେ ଥିବା ଏହି ଔଷଧ ଦୋକାନକୁ ଭାଙ୍ଗିବାରେ ମେଡିକାଲ କର୍ତ୍ତୃପକ୍ଷ ସକ୍ଷମ ହୋଇଛନ୍ତି।
ସରକାର ୨୦୦୧ରେ ପ୍ରତ୍ୟେକ ମେଡିକାଲ ପରିସରରେ ଗୋଟିଏ ମେଡିସିନ ଷ୍ଟୋର ଖୋଲିବାକୁ ଅନୁମତି ଦେଇଥିଲେ। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜୟଗୁରୁ ମେଡିସିନ ଷ୍ଟୋର ଖୋଲିଥିଲା। ୨୦୧୫ରେ ସରକାର ନିରାମୟ ମାଧ୍ୟମରେ ରୋଗୀଙ୍କୁ ମାଗଣା ଔଷଧ ଯୋଗାଣ ଆରମ୍ଭ କରିବା ପରେ କ୍ୟାମ୍ପସରେ ଥିବା ମେଡିସିନ ଷ୍ଟୋରଗୁଡ଼ିକୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ କେତେକ ମେଡିସିନ ଷ୍ଟୋର ମାଲିକ ସରକାରଙ୍କ ଏହି ନିର୍ଦ୍ଦେଶ ବିରୋଧରେ ନ୍ୟାୟଳୟର ଆଶ୍ରୟ ନେଇଥିଲେ। ୨୦୨୪ରେ କ୍ୟାମ୍ପସ ମେଡିସିନ ଷ୍ଟୋର ଉଠାଇଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ପରେ ରାଜନଗର ତହସିଲଦାର ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରସ୍ଥ ଜୟଗୁରୁ ମେଡିସିନ ଷ୍ଟୋରକୁ ଉଠିଯିବାକୁ ନୋଟିସ ଦେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ତହସିଲଦାରଙ୍କୁ ପକ୍ଷ କରି ମାମଲା ହୋଇଥିଲା।
୨୦୨୫ ଡିସେମ୍ବର ୧୭ରେ ଉଚ୍ଛେଦ ଉପରେ ଥିବା ରହିତାଦେଶ ଉଠିଯାଇଥିଲା। ଏହା ପରେ ରାଜନଗର ତହସିଲଦାର ଜୟଗୁରୁ ମେଡିସିନ ଷ୍ଟୋରକୁ ଉଠିଯିବାକୁ ପୁଣି ନୋଟିସ ଦେଇଥିଲେ। ଶୁକ୍ରବାର କଣ୍ଟ ପୂରିବା ପରେ ପୁଲିସ ଫୋର୍ସ ସହିତ ତହସିଲଦାର ମେଡିକାଲ ପରିସରରେ ପହଞ୍ଚି ଜୟଗୁରୁ ମେଡିସିନ ଷ୍ଟୋର ମାଲିକଙ୍କୁ ଘଣ୍ଟାଏ ମଧ୍ୟରେ ଔଷଧ ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଷ୍ଟୋର କର୍ମଚାରୀ ମେଡିସିନ ଖାଲି କରିବା ପରିବର୍ତ୍ତେ ଷ୍ଟୋରରେ ବସି ରହିଥିଲେ। ଘଣ୍ଟାଏ ପରେ ତହସିଲଦାର ଲୋକ ଲଗାଇ ମେଡିସିନ ଖାଲି କରିଥିଲେ। ପରେ ବୁଲଡୋଜର ସାହାଯ୍ୟରେ ଏହି ଆଜବେଷ୍ଟସ ଘରକୁ ମାଟିରେ ମିଶାଇ ଦିଆଯାଇଛି। ଉଦ୍ଧାର ମେଡିସିନକୁ ମାଲିକଙ୍କ ଜିମା ଦେବା ସହ ଜାଗାକୁ ମେଡିକାଲକୁ ହସ୍ତାନ୍ତର କରାଯାଇଛି।

# କସ୍ତୁରୀ କଳା ନିକେତନର ବାର୍ଷିକ ଉତ୍ସବ



ପଟ୍ଟାମୁଣ୍ଡାଇ,୨।୧(ସମିସ): ପଟ୍ଟାମୁଣ୍ଡାଇ ମାଟିର ଉତ୍କର୍ଷ କଳା, ସାହିତ୍ୟ ଓ ସଂସ୍କୃତି ଆଜି ବିଶ୍ୱ ଦରବାରରେ ପହଞ୍ଚିପାରିଛି। ଏହି ମାଟିର ବହୁ କଳାକାର, ସାହିତ୍ୟିକ ଓ ନାଟ୍ୟକାର ପ୍ରତିଷ୍ଠା ଲାଭ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। କଳା ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ପଟ୍ଟାମୁଣ୍ଡାଇ ଅନନ୍ୟ ପରିଚୟ ସୃଷ୍ଟି କରିଛି ବୋଲି ପଟ୍ଟାମୁଣ୍ଡାଇ ଅଞ୍ଚଳର ଅଗ୍ରଣୀ ନୃତ୍ୟ ସଙ୍ଗୀତ ଅନୁଷ୍ଠାନ କସ୍ତୁରୀ କଳା ନିକେତନର ୩୩ତମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ ପ୍ରକାଶ କରିଛନ୍ତି।
କସ୍ତୁରୀ କଳା ନିକେତନ ସଭାପତି ଶିକ୍ଷାବିତ ସୁରେଶ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ବିଧାୟକ ସାହୁ କହିଲେ, ଅଞ୍ଚଳର କଳା, ସାହିତ୍ୟ ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିବାରେ କସ୍ତୁରୀ କଳା ନିକେତନର ବଳିଷ୍ଠ ଅବଦାନ ରହିଛି। ଏହି ଅନୁଷ୍ଠାନର ବିକାଶ ପାଇଁ ଆବଶ୍ୟକ ଗୃହ ଯୋଗାଇ ଦେବାକୁ ସେ ଘୋଷଣା କରିଥିଲେ। ଗତବର୍ଷ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ବିଧାୟକ ସାହୁ ରାସ୍ତା ନିର୍ମାଣ ପାଇଁ ଘୋଷଣା କରିଥିବା ବେଳେ ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ୧୬ ଲକ୍ଷ ୮୨ ହଜାର ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର କରାଯାଇଛି ବୋଲି ପ୍ରକାଶ କରିଥିଲେ। ଉତ୍ସବରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ମୁଖ୍ୟବକ୍ତା, କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ ଓ ଲାସ୍ୟମୟୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ କୃପାସିନ୍ଧୁ ନାୟକ ବିବରଣୀ ପାଠ କରିଥିଲେ। କାଉନସିଲର ଗୋପୀବଲ୍ଲଭ ନାୟକ ସ୍ୱାଗତ ଭାଷଣ ଓ ନବକିଶୋର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ତବଲା ବାଦକ କସ୍ତୁରୀ ଚରଣ ବେହେରାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ନାରାୟଣ ସାହୁ ମାନପତ୍ର ପାଠ କରିଥିଲେ। ଶରତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଗୋପୀନାଥ ତ୍ରିପାଠୀ, ଆଇନଜୀବୀ ପ୍ରମୋଦ ସାହୁ, କିଶୋର ଜେନା, ଗୋବିନ୍ଦ ସେଠୀ, ସ୍ୱରାଜଲକ୍ଷ୍ମୀ ମଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଙ୍ଗୀତଗୁରୁ ଦୀନବନ୍ଧୁ ସାହୁ, ନୃତ୍ୟଗୁରୁ ଦୀପକ ସାହୁ, ତପନ ତରାଇ, ତବଲାଗୁରୁ ଡ. ସମୀର ଦାସ, ଚିତ୍ରଗୁରୁ ସନ୍ତୋଷ ଜେନା, ଅନନ୍ତ ସାହୁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କସ୍ତୁରୀ କଳା ନିକେତନର ପ୍ରତିଷ୍ଠାତା ସ୍ୱର୍ଗତ ଦିବାକର ବିଶ୍ୱାଳଙ୍କ ଷଷ୍ଠ ତିରୋଧାନ ଦିବସ ଉପଲକ୍ଷେ ଛାତ୍ରଛାତ୍ରୀ, କର୍ମକର୍ତ୍ତା, ଅଭିଭାବକ ଓ ଶୁଭେଚ୍ଛୁଙ୍କ ସହ ବାଇପାସଠାରୁ କଳା ନିକେତନ ପର୍ଯ୍ୟନ୍ତ ଶୋଭାଯାତ୍ରା ହୋଇଥିଲା। ଏଥିରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ଅତିଥି ଭାବେ ଯୋଗଦେଇଥିଲେ।

# ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପେଣ୍ଠ-ବରୁଣେଇ ବେଳାଭୂମି



ରାଜନଗର,୨।୧(ସମିସ): ରାଜନଗର ବ୍ଲକର ଅନ୍ୟତମ ପର୍ଯ୍ୟଟନ କ୍ଷେତ୍ର ପେଣ୍ଠ-ବରୁଣେଇ ବେଳାଭୂମି ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସ୍ପଷ୍ଟ ଦିବାଲୋକରେ ସକାଳୁ ସଞ୍ଜ ଯାଏ ମଦ୍ୟପ ଯୁବକମାନେ ଏଠାରେ ପସରା ମେଲାଉଛନ୍ତି। ପାଖରେ ପ୍ରଚୁର ପରିମାଣରେ ଚୋରାମଦ ମିଳୁଛି। ଆକଟ କରିବାକୁ କେହି ନାହାନ୍ତି। ବନ ବିଭାଗ କିମ୍ବା ପୁଲିସ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସେମାନଙ୍କ ଦୌରାତ୍ମ୍ୟ ବଢ଼ିଚାଲିଛି। ଅପରପକ୍ଷରେ ଅନତିଦୂରରେ ଇକୋ ରିଟ୍ରିଟ୍ ମଧ୍ୟ ଅନୁଷ୍ଠିତ ହେଉଛି। ଅତୀତରେ ଏହି ବେଳାଭୂମିରେ ଦୁଷ୍କର୍ମ, ହତ୍ୟା ଆଦି ଅପରାଧିକ କାର୍ଯ୍ୟକଳାପ ଘଟିଛି। ଅସାମାଜିକଙ୍କ ଦ୍ୱାରା ବିଭିନ୍ନ ଯୁବକ ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରଚାରିତ ହୋଇ ବେଳାଭୂମିର ସୁନାମରେ ଆଞ୍ଚ ଆଣିଛି। ଏହି ବେଳାଭୂମିରେ ପର୍ଯ୍ୟଟକମାନେ କିପରି ସୁରକ୍ଷିତ ଭାବେ ପରିଭ୍ରମଣ କରିବେ, ସେ ନେଇ ପୁଲିସ ପ୍ରଶାସନ ଓ ବନବିଭାଗ ଉପଯୁକ୍ତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

# ଏନଡିଏମଏ ସଦସ୍ୟାଙ୍କ ସାତଭାୟା ପରିଦର୍ଶନ



ରାଜନଗର,୨।୧(ସମିସ): ବିଶ୍ୱ ତାପନ ତଥା ଜଳବାୟୁର ଅହେତୁକ ପରିବର୍ତ୍ତନ ଫଳରେ ସମୁଦ୍ରର କୂଳ ଲଙ୍ଘିବା ସହ ତଟକ୍ଷୟ ଯୋଗୁଁ କେନ୍ଦ୍ରାପଡ଼ା ଜିଲ୍ଲା ବଙ୍ଗୋପସାଗର ତଟବର୍ତ୍ତୀ ସାତଭାୟାବାସୀ ପୁରୁଷ ପୁରୁଷର ଭିଟାମାଟି ହରାଇଛନ୍ତି। ୨୦୧୮ରୁ ସାତଭାୟାବାସୀ ବଗପାଟିଆ ଥଇଥାନସ୍ଥଳୀରେ ବାସ କରୁଛନ୍ତି। ଜଳବାୟୁର ପରିବର୍ତ୍ତନ ଫଳରେ ଭାରତବର୍ଷର ପ୍ରଥମ ଜନବସତି ସାତଭାୟା ବଙ୍ଗୋପସାଗରରେ ଲୀନ ହୋଇଛି। ଏହି କ୍ରମରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ସଦସ୍ୟା ରୀତା ମିଶାଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସାତଭାୟାବାସୀଙ୍କ ନୂଆ ଠିକଣା ବଗପାଟିଆ ଥଇଥାନସ୍ଥଳୀରେ ପହଞ୍ଚି ସେମାନଙ୍କ ନୂଆ ଜୀବନ ଜୀବିକା ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିଛନ୍ତି। ଏହି ପ୍ରତିନିଧି ଦଳ ପ୍ରଥମେ ପୁରୁଣା ସାତଭାୟା ସମୁଦ୍ର କୂଳରେ ପହଞ୍ଚିଥିଲେ। ସେଠାରେ ସମୁଦ୍ରର ତଟକ୍ଷୟର ବିଭୀଷିକାକୁ ଅନୁଧ୍ୟାନ କରିଥିଲେ। ପରେ ବିସ୍ଥାପିତ ବଗପାଟିଆ ଥଇଥାନସ୍ଥଳୀରେ ପହଞ୍ଚି ସ୍ଥାନୀୟ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଲୋକଙ୍କ ସହିତ ଭାବବିନିମୟ କରିଥିଲେ। ଝଡ଼ର ପୂର୍ବ ଓ ପର ସମୟର କରୁଣ ଚିତ୍ରକୁ ଲୋକମାନେ ଉପସ୍ଥାପନ କରିଥିଲେ। ସଦସ୍ୟା ମିଶାଲ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଦାୟିତ୍ୱରେ ଥିବା ପରିଚାଳନା କମିଟି, ସ୍ୱୟଂ ସହାୟକ ଗୋଷ୍ଠୀ ସହ ଆଲୋଚନା କରିଥିଲେ। ତାଙ୍କ ସହ କେନ୍ଦ୍ରାପଡ଼ା ଏଡିଏମ ନବକୃଷ୍ଣ ଜେନା, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଅମୀୟ କେତନ ସ୍ୱାଇଁ, ଓସଡମାର ଜେନେରାଲ ମ୍ୟାନେଜର ବେବିତା ମଞ୍ଜରୀ ନାୟକ, ବିଡିଓ ତିଲୋତ୍ତମା ପୃଷ୍ଟି, ସରପଞ୍ଚ ପ୍ରସନ୍ନ କୁମାର ପରିଡ଼ା, ଓସଡମା ଅଧିକାରୀ ଅଜୟ କୁମାର ମହାନ୍ତି, ଫରେଷ୍ଟର ରଞ୍ଜନ କୁମାର ପାଣି, ନେଚର୍‌ସ୍କ୍ଲବର ବିରଜା ପ୍ରସାଦ ପତିଙ୍କ ସହ କରୁଣାକର ସ୍ୱାଇଁ, ସୁଦର୍ଶନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଭିତରକନିକା ଇକୋ ରିଟ୍ରିଟ୍‌ରେ ଉପମୁଖ୍ୟମନ୍ତ୍ରୀ





ରାଜନଗର,୨।୧(ସମିସ): ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁକ୍ରବାର ଭିତରକନିକା ଗସ୍ତରେ ଆସି ରାଜନଗର ପେଣ୍ଠ ସମୁଦ୍ର କୂଳରେ ଆୟୋଜିତ ଇକୋ ରିଟ୍ରିଟରେ ପହଞ୍ଚିଛନ୍ତି। ଇକୋ ରିଟ୍ରିଟରେ ରାତ୍ରିଯାପନ କରିବେ। ଶନିବାର ସକାଳେ ଗୁପ୍ତିରୁ ବୋଟ ଯୋଗେ ଭିତରକନିକାର ଶୋଭା ଉପଭୋଗ କରିବେ। ଡାଙ୍ଗମାଳରେ ପହଞ୍ଚି ଭାରତର ପ୍ରଥମ ଧଳା କୁମ୍ଭୀର ଗୋରୀ ଓ ମଲ୍ଲି, ଶ୍ୱେତା, ମ୍ୟୁଜିୟମ, କୁମ୍ଭୀର ପ୍ରଜନନ କେନ୍ଦ୍ର ବୁଲି ଦେଖିବା କାର୍ଯ୍ୟକ୍ରମ ରହିଛି। ଆଜି ଅପରାହ୍ନରେ ଇକୋ ରିଟ୍ରିଟରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା।

# ଗହୀରମଥାରୁ ଟ୍ରଲର ଜବତ: ୬ ମତ୍ସ୍ୟଜୀବୀ ଗିରଫ



ରାଜନଗର,୨।୧(ସମିସ): ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ମାଦେଲୀ ମୁହାଣ ନିକଟରେ ବେଆଇନ ଭାବେ ମାଛ ଧରୁଥିବା ଧର୍ମଶଙ୍କର-୫ ନାମକ ଟ୍ରଲରକୁ ବନବିଭାଗର ପାଟ୍ରୋଲିଂ ଦଳ ଜବତ କରିବା ସହ ୬ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶରେ ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଫରେଷ୍ଟର ମହନ୍ତ କୁମାର ମଲ୍ଲିକ ଓ ବିଭାଗର କର୍ମଚାରୀମାନେ ଟ୍ରଲର ଜବତ କରିବା ସହ ସେଥିରୁ ଗୋଟିଏ ଜିପିଏସ (ଗ୍ରାମୀଣ-୫୮୦), ଦୁଇଟି ଭିଏଚଏଫ( ଆଇକମ-୨୩୦୦ଏଚ), ଗୋଟିଏ ଫିସ୍ ଫାଇଣ୍ଡର (ଗ୍ରାମୀଣ-୩୫୦), ୧୦ଟି ଟ୍ରଲିଂ ନେଟ୍ ଓ ୫୦ କିଲୋଗ୍ରାମ ମାଛ ଜବତ କରିଛନ୍ତି। ଗିରଫ ମତ୍ସ୍ୟଜୀବୀମାନେ ହେଲେ ପାଲେପୁ କାମେଶ୍ୱର ରାଓ, କୋମାରି ଭେଙ୍କଟେଶ୍ୱରାଲୁ, ଓଲିଟି ଶ୍ରୀନୁ, ଧୋମା ଶ୍ରୀନୁ, କାରି ନାଗେଶ୍ୱର ରାଓ, ଓଲେଟି ମହାଲକ୍ଷ୍ମୀ। ଏମାନେ ଆନ୍ଧ୍ରପ୍ରଦେଶ କାକିନାଡ଼ା ଜିଲ୍ଲାର ବୋଲି ଜଣାପଡ଼ିଛି। ସମସ୍ତଙ୍କୁ କେନ୍ଦ୍ରାପଡ଼ା ସିଜେଏମଙ୍କ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଚୋରି ଲୁହା ଛଡ଼ ଡଙ୍ଗାରୁ ଉଦ୍ଧାର



କେନ୍ଦ୍ରାପଡ଼ା,୨।୧(ସମିସ): ଚଣ୍ଡିଖୋଲ-ପାରାଦୀପ ୫୩ନଂ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ କାର୍ଯ୍ୟସ୍ଥଳରୁ ଲୁହା ଛଡ଼ ଚୋରି ହେବା ଘଟଣା ମାର୍ଶାଘାଇ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ମାର୍ଶାଘାଇ ଥାନା ନୀଳାଞ୍ଚଳ ବଜାର ମହାନଦୀ ପୋଲ ନିକଟରେ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଏସ୍‌ପିଏସ୍ ନାମକ ଠିକା ସଂସ୍ଥା ଦ୍ୱାରା କରାଯାଉଛି। ନୂଆବର୍ଷ ଅବସରରେ କର୍ମଚାରୀମାନଙ୍କ ଛୁଟି ଥିବା ସୁଯୋଗ ନେଇ ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଠିକା ସଂସ୍ଥାର ଷ୍ଟକ୍‌ୟାର୍ଡରୁ ଲୁହା ଛଡ଼ ସହ ବିଭିନ୍ନ ମୂଲ୍ୟବାନ ସାମଗ୍ରୀ ଚୋରି କରି ଏକ ଡଙ୍ଗାରେ ନେଇଯାଇଥିଲେ। ତେବେ ଚୋରା ସାମଗ୍ରୀ ନେଉଥିବା ଏହି ଡଙ୍ଗା ଭୁତୁମୁଣ୍ଡାଇ ମହାନଦୀ ପୋଲଠାରୁ ପ୍ରାୟ ୫୦୦ ମିଟର ଦୂରେ ବୁଡ଼ିଯାଇଥିଲା। ଶୁକ୍ରବାର ସକାଳେ କାର୍ଯ୍ୟ ଆରମ୍ଭ ସମୟରେ ଷ୍ଟକ୍‌ୟାର୍ଡରେ ଥିବା ଲୁହା ଛଡ଼ ମଧ୍ୟରୁ ୪ରୁ ୫ ଟନ ରଡ୍ ନ ଥିବା ଠିକା ସଂସ୍ଥା ଅଧିକାରୀମାନେ ଜାଣିବାକୁ ପାଇଥିଲେ। ଖୋଜାଖୋଜି ବେଳେ ମହାନଦୀରେ ବୁଡ଼ିଥିବା ଡଙ୍ଗାରୁ ଅନ୍ୟ ଏକ ଡଙ୍ଗାକୁ ଲୁହା ଛଡ଼ ବାହାର କରାଯାଉଥିବା ଠିକା ସଂସ୍ଥା କର୍ମଚାରୀମାନେ ଦେଖିଥିଲେ। କର୍ମଚାରୀମାନେ ନିକଟକୁ ଆସୁଥିବା ଦେଖି ଡଙ୍ଗାଟି ଦ୍ରୁତଗତିରେ ସେଠାରୁ ପଳାଇଥିଲା। ଏନେଇ ଠିକା ସଂସ୍ଥା ପକ୍ଷରୁ ପୁଲିସକୁ ସୂଚନା ଦିଆଯାଇଥିଲା। ମାର୍ଶାଘାଇ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମହାନଦୀରେ ବୁଡ଼ିଥିବା ଡଙ୍ଗାରୁ ଠିକା ସଂସ୍ଥା କର୍ମଚାରୀମାନେ ୨ ଟନରୁ ଊର୍ଦ୍ଧ୍ୱ ଲୁହା ଛଡ଼ ଉଦ୍ଧାର କରିଥିବା ଜଣାପଡ଼ିଛି। ତେବେ ଏ ସମ୍ପର୍କରେ ପୁଲିସ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ।

# ବ୍ରହ୍ମାକୁମାରୀ କେନ୍ଦ୍ରରେ ଶ୍ରଦ୍ଧାଞ୍ଜଳି ସଭା

ପଟ୍ଟାମୁଣ୍ଡାଇ,୨।୧(ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପଟ୍ଟାମୁଣ୍ଡାଇ ସେବାକେନ୍ଦ୍ରରେ ନବବର୍ଷ ଅବସରରେ ବ୍ରହ୍ମଯୋଗିନୀ ଡ. କମଳେଶ ଦିଦିଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। କେନ୍ଦ୍ର ସଞ୍ଚାଳିକା ଶଶିରେଖା ଦିଦିଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଏକ ପ୍ରମୁଖ ସମାଜ ସଂସ୍କାର ସଂଗଠନ ବୋଲି କହିଥିଲେ।
ଏହି ସଂଗଠନ ଭ୍ରାତୃତ୍ୱ ଓ ସାମାଜିକ ଭାଇଚାରା ପ୍ରତିଷ୍ଠା କରିପାରିଛି। ତ୍ୟାଗର ପ୍ରତୀକ ଡ. କମଳେଶ ଦିଦି ଏହି ସଂଗଠନର ପ୍ରଚାର ପ୍ରସାର କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ମତବ୍ୟକ୍ତ କରିଥିଲେ। ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ସଙ୍ଗୀତ ଗୁରୁ ରବୀନ୍ଦ୍ର ନାଥ ମିଶ୍ର, ଶିକ୍ଷାବିତ ସର୍ବେଶ୍ୱର ମହାନ୍ତି, ସଙ୍ଗୀତ ନିର୍ଦ୍ଦେଶକ ବ୍ରଜସୁନ୍ଦର ପାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶେଷରେ ଆଳି ସେବାକେନ୍ଦ୍ର ସଞ୍ଚାଳିକା ସଂଯୁକ୍ତା ଦିଦି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ପାଣି ପଞ୍ଚାୟତ ପକ୍ଷ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

# ଜାନୁଆରୀ ୬ରୁ ୨୦ ପର୍ଯ୍ୟନ୍ତ ଜିଲ୍ଲାବ୍ୟାପୀ କାର୍ଯ୍ୟକ୍ରମ





କେନ୍ଦ୍ରାପଡ଼ା,୨।୧(ସମିସ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ଜାନୁଆରୀ ୬ରୁ ୨୦ ତାରିଖ ପର୍ଯ୍ୟନ୍ତ ପାଣି ପଞ୍ଚାୟତ ପକ୍ଷ-୨୦୨୬ ଜିଲ୍ଲା ସ୍ତରରେ ପାଳନ କରାଯିବ। ଏହାର ସଫଳ ଆୟୋଜନ ନିମନ୍ତେ ଶୁକ୍ରବାର ଜିଲ୍ଲା ପ୍ରଦକ୍ଷଣ ଭବନରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ରଘୁରାମ ଆର. ଆୟର ବୈଠକରେ ଅଧ୍ୟକ୍ଷତା କରି ପାଣି ପଞ୍ଚାୟତର ସୁଫଳ ଓ କାର୍ଯ୍ୟକାରିତା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଜଳସମ୍ପଦ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ପ୍ରଦର୍ଶନୀ ମଣ୍ଡପ ଖୋଲାଯାଇ ଲୋକଙ୍କୁ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରାଯିବ ବୋଲି ସେ କହିଥିଲେ।
ପାଣି ପଞ୍ଚାୟତ ପକ୍ଷ ଅବସରରେ ଉଚ୍ଚବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ରଚନା, ବକ୍ତୃତା, କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହେବ। ଡିଭିଜନ ସ୍ତରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାରୀ କରିଥିବା ପ୍ରତିଯୋଗୀଙ୍କୁ ଯଥାକ୍ରମେ ୨୫୦୦, ୨୦୦୦ ଓ ୧୫୦୦ ଟଙ୍କା ପୁରସ୍କାର ଦିଆଯିବ। ସେହିପରି ଜିଲ୍ଲା ସ୍ତରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଯଥାକ୍ରମେ ୩୦୦୦, ୨୫୦୦ ଓ ୨୦୦୦ ଟଙ୍କା ସହ ପ୍ରମାଣପତ୍ର ପ୍ରଦାନ କରାଯିବ। ଜାନୁଆରୀ ୧୩ ତାରିଖ ଜଣ୍ଟିଲୋ ଡାକବଙ୍ଗଳାରେ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ସମାରୋହ ଅନୁଷ୍ଠିତ ହେବ। ଉକ୍ତଦିନ ସନ୍ଧ୍ୟାରେ ଜିଲ୍ଲା ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ମଞ୍ଚରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ। ଜାନୁଆରୀ ୬ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ପାଣି ପଞ୍ଚାୟତ ସଚେତନତା ରଥ ବାହାରି ଜିଲ୍ଲାର ସମସ୍ତ ବ୍ଲକ ଓ ମୁଖ୍ୟ ଅଞ୍ଚଳ ଗସ୍ତ କରି ସଚେତନତା ବାର୍ତ୍ତା ପ୍ରଚାର କରିବ। ଜିଲ୍ଲାର ଶ୍ରେଷ୍ଠ ବିବେଚିତ କୃଷକ ଜାନୁଆରୀ ୨୦ ତାରିଖ ରାଜ୍ୟସ୍ତରୀୟ ସମାରୋହରେ ସମ୍ବର୍ଦ୍ଧିତ ହେବେ। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ବୈଠକରେ ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକ, ଉଠା ଜଳସେଚନ ବିଭାଗ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସ୍ୱାଇଁ, ଏଡିଭିଓ ଡା. ମନିଷ କୁମାର ସିଂହ, ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।

### ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟିର ବୈଠକ

# ଜାନୁଆରୀ ୧୮ ରେ ବାର୍ଷିକ ସାଧାରଣ ସଭା ନିଷ୍ପତ୍ତି

ଅନୁଗୋଳ,୨।୧(ସମିସ)



ଶିଳ୍ପସମୃଦ୍ଧ ଅନୁଗୋଳ ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ବିଦ୍ୟୁତ୍ ସେବା, ପ୍ରଦୂଷଣ ଭଳି ସମସ୍ୟାର ସମାଧାନ ପାଇଁ ବିଭିନ୍ନ ସମୟରେ ଆନ୍ଦୋଳନ ଚଳାଇଥିବା ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ଶିକ୍ଷକପଡ଼ାସ୍ଥିତ ନବକୃଷ୍ଣ ଚୌଧୁରୀ ସ୍ମୃତି ପାଠାଗାରରେ ଅନୁଷ୍ଠିତ ହୋଇଛି। କମିଟି ଆବାହକ ପ୍ରମୋଦ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନ୍ୟତମ ଆବାହକ ରବୀନ୍ଦ୍ର ପ୍ରସାଦ ପନାୟକ, ଅଭିମନ୍ୟୁ ସ୍ୱାଇଁ, ବ୍ରଜବନ୍ଧୁ ସାହୁ, ଦାମୋଦର ଦାସ, ତୀର୍ଥବାସୀ ଭୋଇ, ତ୍ରେତାନନ୍ଦ ସାମନ୍ତ, ନିରୋଦ ଚନ୍ଦ୍ର ପାଳ, ପଠାଣୀ ବାରିହା, ମାନସ ପାଳ, ତ୍ରିଲୋଚନ ଜେନା, ଅଶୋକ କୁମାର ପ୍ରଧାନ, ନବକିଶୋର ପ୍ରଧାନ, ପ୍ରଦୀପ କୁମାର ମାଝୀ, ନିରୁପମା ପ୍ରଧାନ ପ୍ରମୁଖ ଯୋଗଦେଇ ଜିଲ୍ଲାର ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ପୋଲଟ୍ରି ଫାର୍ମକୁ ଅନ୍ୟତ୍ର ସ୍ଥାନାନ୍ତର କରି ଏହାର ସମସ୍ତ ଜାଗାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର କରିବା, ଟ୍ରମା କେୟାର ସେଣ୍ଟର, ଆଇସିୟୁ ବର୍ଣ୍ଣ ୟୁନିଟ୍ କାର୍ଯ୍ୟକ୍ଷମ କରିବା, ସପ୍ତାହକୁ ଥରେ ଆସୁଥିବା ସୁପର ସ୍ପେଶିଆଲିଷ୍ଟ ଡାକ୍ତରମାନଙ୍କୁ ନିୟମିତ ନିଯୁକ୍ତି ଦେଇ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇଦେବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଧାଡ଼ି ଯନ୍ତ୍ରଣାରୁ ମୁକ୍ତି ପାଇଁ ଅନଲାଇନ ଟିକଟ ବ୍ୟବସ୍ଥା କାର୍ଯ୍ୟକାରୀ କରିବା, ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଥିବା ଆମିଷ ବଜାରକୁ ଅନ୍ୟତ୍ର ସ୍ଥାନାନ୍ତର କରିବା, ପ୍ରଦୂଷଣର ବିଷ ବଳୟରେ ଜର୍ଜରିତ ଜିଲ୍ଲାବାସୀଙ୍କୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ଦେୟମୁକ୍ତ ବିଦ୍ୟୁତ୍ ଯୋଗାଇଦେବା, ଜନସ୍ୱାର୍ଥ ବିରୋଧୀ ସ୍ମାର୍ଟ ମିଟର ସ୍ଥାପନ ଓ ଅତିରିକ୍ତ ସୁରକ୍ଷା ଜମା ଆଦାୟ ତୁରନ୍ତ ବନ୍ଦ କରିବା, ଶିଳ୍ପ, କୋଇଲା ଖଣି ପ୍ରଦୂଷଣକୁ ବୈଜ୍ଞାନିକ ପଦ୍ଧତିରେ ନିୟନ୍ତ୍ରଣ କରିବା ପ୍ରଭୃତି ଦାବିରେ ଜିଲ୍ଲାବ୍ୟାପୀ ଜନଆନ୍ଦୋଳନ ଗଢ଼ି ତୋଳିବା ଉପରେ ମତବ୍ୟକ୍ତ କରିଥିଲେ। ଆସନ୍ତା ଜାନୁଆରୀ ୧୮ ରେ ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହେବ। ଏଥିରେ ଜନ ଆନ୍ଦୋଳନର ରୂପରେଖ ପ୍ରସ୍ତୁତ କରାଯିବା ସହ ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିବା କମିଟି ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

## ବ୍ରାଉନସୁଗର ଜବତ; ମାଆ, ପୁଅ ଗିରଫ

ଅନୁଗୋଳ,୨।୧(ସମିସ): ମା' ଓ ପୁଅ ମିଶି ବ୍ରାଉନସୁଗର ବେପାର କରୁଥିବା ବେଳେ ଉଭୟଙ୍କୁ କାବୁ କରିଛି ପୁଲିସ। ଅନୁଗୋଳ ଟାଉନ ଥାନା ଅମଲାପଡ଼ା କେନାଲ ନିକଟ ସରକାରୀ ଆଶ୍ରୟସ୍ଥଳୀ ସମ୍ମୁଖରେ ଶୁକ୍ରବାର ଦ୍ୱିପ୍ରହର ସମୟରେ କୁରେସା ବିବି ଏବଂ ତାଙ୍କ ପୁଅ ବ୍ରାଉନସୁଗାର ବେପାର କରୁଥିବା ପୁଲିସ ଖବର ପାଇଥିଲା। ପୁଲିସ, ଅନୁଗୋଳ ଅତିରିକ୍ତ ତହସିଲଦାର ଶ୍ରୀପାଲି ଭରଦ୍ୱାଜ, ସଦର ଆରଆଇ ମଛିନ୍ଦ୍ର ମୈତ୍ରୀରଞ୍ଜନ ସାହୁ, ଜୁନିୟର୍ ରେଭିନ୍ୟୁ ଆସିଷ୍ଟାଣ୍ଟ ଦୀନେଶ କୁମାର ମାଝୀ ଅତର୍କିତ ଚଢ଼ଉ କରି ସେମାନଙ୍କୁ ଧରିବାରେ ସଫଳ ହୋଇଥିଲା। ସେମାନଙ୍କଠାରୁ ୬ ଗ୍ରାମ ବ୍ରାଉନସୁଗର, ୩୪ ହଜାର ଟଙ୍କା, ଦୁଇଟି ଫୋନ, ଲାଇଟର, ଚିଟ୍ ପେପର ସହ ଏକ ବାଇକ୍ ଜବତ କରାଯାଇଛି।

## ଆଇନଜୀବୀଙ୍କ ଦେହାନ୍ତରେ ଓକିଲ ସଂଘର ଶୋକ



ଆଠମଲ୍ଲିକ,୨।୧(ସମିସ): ଆଠମଲ୍ଲିକ ଓକିଲସଂଘର ବରିଷ୍ଠ ଆଇନଜୀବୀ ନାରାୟଣ ପ୍ରଧାନ (୬୮)ଙ୍କର ଗତ ୧ ତାରିଖ ଗୁରୁବାର ନୂଆବର୍ଷ ଦିନ ଦେହାନ୍ତ ହୋଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସେ ଆଠମଲ୍ଲିକ ବ୍ଲକ ଲୁହାସିଙ୍ଗା ପଞ୍ଚାୟତ ତେନ୍ତୁଳିପଦର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଆଇନ ପେସାରେ ୧୯୯୫ରୁ ଯୋଗଦେଇଥିଲେ। ଜଣେ ଉତ୍ତମ ଆଇନଜୀବୀ ଭାବେ ଅଞ୍ଚଳରେ ବେଶ୍ ସୁନାମ ଅର୍ଜନ କରିଥିଲେ। କିଛିବର୍ଷ ହେଲା ସେ ମସ୍ତିଷ୍କ ରୋଗରେ ଆକ୍ରାନ୍ତ ଚିକିତ୍ସିତ ହେଉଥିଲେ। ତାଙ୍କ ଦେହାନ୍ତରେ ଶୁକ୍ରବାର ଆଠମଲ୍ଲିକ ଓକିଲସଂଘ ପକ୍ଷରୁ ସଭାପତି ସୁଶାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶୋକସଭା ଅନୁଷ୍ଠିତ ହୋଇଛି। ଏହି ଅବସରରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ନାରାୟଣଙ୍କ ଦେହାନ୍ତରେ ପୂର୍ବତନ ସାଂସଦ ଅମରନାଥ ପ୍ରଧାନ ଶୋକବ୍ୟକ୍ତ କରିଛନ୍ତି।

### ● ମା' ବାଟବାୟାଣୀ କ୍ରିକେଟ୍

## ରାଣୀଭୂଇଁକୁ ହରାଇ ବଏଜା ଚାମ୍ପିଅନ



କିଶୋରନଗର,୨।୧(ସମିସ): କିଶୋରନଗର ବ୍ଲକ ଉରୁକୁଳା ପଞ୍ଚାୟତ ଉରୁକୁଳା ପଡ଼ିଆରେ ମା' ବାଟ ବାୟାଣୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ତିନିଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଶୁକ୍ରବାର ଫାଇନାଲ ମ୍ୟାଚରେ ରାଣୀଭୂଇଁକୁ ହରାଇ ବଏଜା କ୍ରିକେଟ କ୍ଲବ ଚାମ୍ପିଅନ ହୋଇଛି। ବଏଜା କ୍ଲବ ଟସ୍ ଜିତି ବ୍ୟାଟିଂ କରିଥିଲା। ୮ ଓଭରରେ ଦଳ ୬ ଉଇକେଟ ହରାଇ ୮୭ରନ କରିଥିଲା। ରାଣୀଭୂଇଁ ଦଳ ୮ ଓଭରରେ ୯ ଉଇକେଟ ହରାଇ ୪୧ ରନ କରିବାକୁ ସକ୍ଷମ ହୋଇଥିଲା। ମୁଖ୍ୟଅତିଥି ଭାବେ କରୁଣାକର ପ୍ରଧାନ, ସାମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବଂଶୀଧର ସେଠୀ, ନିର୍ମଳ ବାରିକ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରଥିଲେ। ମା' ବାଟବାୟାଣୀ କ୍ରିକେଟ କ୍ଲବ ସଦସ୍ୟମାନେ ସହଯୋଗ କରିଥିଲେ।

### ଟେମ୍ପୁ-ଟ୍ୟାକ୍ସି ଷ୍ଟାଣ୍ଡ ପକ୍ଷରୁ ନିଆରା ଢଙ୍ଗରେ ନୂଆବର୍ଷ ପାଳନ

## ମେଡିକାଲରେ ରୋଗୀଙ୍କୁ କ୍ଷୀର, ପାଉଁରୁଟି ବଣ୍ଟନ



ତାଳଚେର,୨।୧(ସମିସ): ତାଳଚେର ଚିତ୍ରକୂଟ ଟେମ୍ପୁ-ଟ୍ୟାକ୍ସି ଷ୍ଟାଣ୍ଡ ପକ୍ଷରୁ ତାଳଚେର ସରକାରୀ ଡାକ୍ତରଖାନାରେ ଚିକିତ୍ସାଧୀନ ରୋଗୀମାନଙ୍କୁ କ୍ଷୀର ପ୍ୟାକେଟ ଓ ପାଉଁରୁଟି ପ୍ରଦାନ କରି ନିଆରା ଢଙ୍ଗରେ ନୂଆବର୍ଷ ପାଳନ କରାଯାଇଛି। ପ୍ରତିକୂଳ ପାଗ ସତ୍ତ୍ୱେ ସକାଳେ ଷ୍ଟାଣ୍ଡର ସଭାପତି ମଳୟ ସାହୁଙ୍କ ନେତୃତ୍ୱରେ ପ୍ରାୟ ୫୦ ଜଣ ସଦସ୍ୟ ଠାକୁରଙ୍କୁ ଦର୍ଶନ କରିବା ପରେ ତାଳଚେର ମଣ୍ଡାପାଳସ୍ଥିତ ସରକାରୀ ଡାକ୍ତରଖାନରେ ପହଞ୍ଚିଥିଲେ। ସେଠାରେ ଡାକ୍ତଖାନାର ମ୍ୟାନେଜର ଓ ଷ୍ଟାଫ ନର୍ସଙ୍କ ସହାୟତାରେ ପ୍ରତିୱାର୍ଡରେ ସମସ୍ତ ରୋଗୀଙ୍କୁ କ୍ଷୀର ଓ ପାଉଁରୁଟି ବଣ୍ଟନ କରିବା ସହ ସେମାନଙ୍କ ଦ୍ରୁତ ଆରୋଗ୍ୟ କାମନା କରିଥିଲେ। ଷ୍ଟାଣ୍ଡର ଉପଦେଷ୍ଟା ତପନ କୁମାର ମହାରଣା ଉପସ୍ଥିତ ଥିଲେ।

## କଣିହାଁ ଗ୍ରାମବାସୀଙ୍କ ଆନ୍ଦୋଳନ ୧୭ ଦିନରେ

କଣିହାଁ,୨।୧(ସମିସ): ନିଯୁକ୍ତି ଦାବିରେ କଣିହାଁ କୋଇଲା ଖଣି ସମ୍ମୁଖରେ କଣିହାଁ ଗ୍ରାମବାସୀଙ୍କ ଆନ୍ଦୋଳନ ଶୁକ୍ରବାର ୧୭ଦିନରେ ପହଞ୍ଚିଛି। ଏମସିଏଲ ଓ ପ୍ରଶାସନ ଲୋକଙ୍କ ସମସ୍ୟା ସମାଧାନ କରୁ ନ ଥିବାରୁ କ୍ଷତିଗ୍ରସ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

କଣିହାଁ ଗ୍ରାମର ଚାଷଜମି ଏବଂ ଘରବାରି ଜମିକୁ ଏମସିଏଲ ୩ ପର୍ଯ୍ୟାୟରେ ଅଧିଗ୍ରହଣ କରିଛି। ୧୯୯୫ରେ ୪୦.୯୭ ଏକର, ୨୦୦୬ରେ ୧୬୭.୭ ଏକର ଏବଂ ୨୦୧୪ରେ ୯୩.୧୪ ଏକର ଜମି ଅଧିଗ୍ରହଣ କରି କ୍ଷତିପୂରଣ ରାଶି ପ୍ରଦାନ କରିଛି। ଏପରି ଗ୍ରାମର ୮୦ ପ୍ରତିଶତରୁ ଅଧିକ ଜମି ଅଧିଗ୍ରହଣ କରାଯାଇଛି। ମାତ୍ର ୨୦୧୯ରେ ମାତ୍ର ୨୬ ଜଣଙ୍କୁ ୧୯୮୯ ନିୟମ ଅନୁସାରେ ନିଯୁକ୍ତି ଦେଇଛି। ଏମସିଏଲର ଏପରି ଟାଳଟୁଳ ନୀତି ଯୋଗୁଁ ନିଯୁକ୍ତି ପାଇବାକୁ ଥିବା ଆହୁରି ଶତାଧିକ କ୍ଷତିଗ୍ରସ୍ତ ପରିବାର ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ୨୦୨୪ରେ ଅନୁଷ୍ଠିତ ଏମସିଏଲର ୧୩ତମ ଆରପିଡିଏସି ବୈଠକରେ ନିଯୁକ୍ତି ନେଇ ସ୍ଥାନୀୟ ପଥରମୁଣ୍ଡା ଗ୍ରାମ ଭଳି ଚାକିରି ପ୍ରଦାନ କରିବାକୁ ଯାଞ୍ଚ କରାଯିବା ପାଇଁ ନିର୍ଦ୍ଦେଶ ହୋଇଥିଲେ ମଧ୍ୟ ଖଣି କର୍ତ୍ତୃପକ୍ଷ ଏହାକୁ କାର୍ଯ୍ୟକାରୀ ନ କରି ସମୟ ଗଡ଼ାଇ ଚାଲିଛନ୍ତି। ଆଜକୁ ପ୍ରାୟ ୧୨ବର୍ଷରୁ ଅଧିକ ସମୟ ହେବ ଗାଁ ଭିତର ଦେଇ ୨୪ଘଣ୍ଟା ଏମସିଏଲ କଣିହାଁ କ୍ଷେତ୍ର ଭାରୀଯାନ ମାଧ୍ୟମରେ କୋଇଲା ପରିବହନ କରି ଲାଭବାନ ହେଉଛି। କିନ୍ତୁ ନିଯୁକ୍ତି ପ୍ରଦାନରେ ଏମ୍‌ସିଏଲ୍ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଏ ନେଇ କ୍ଷତିଗ୍ରସ୍ତ ପ୍ରଜାମାନେ ବାରମ୍ବାର କମ୍ପାନୀ କର୍ତ୍ତୃପକ୍ଷ ଏବଂ ପ୍ରଶାସନକୁ ଅଭିଯୋଗ କରିଥିଲେ ମଧ୍ୟ ସମସ୍ୟାର ସମାଧାନ କରାଯାଉ ନ ଥିବାରୁ ୨୦୨୫ ଡିସେମ୍ବର ୧୭ରୁ କଣିହାଁ ଗ୍ରାମବାସୀ କଣିହାଁ କୋଇଲା ଖଣି ସମ୍ମୁଖରେ ଗ୍ରାମ ସଭାପତି କେଶବ ସାହୁ ଓ ସମ୍ପାଦକ ସୂର୍ଯ୍ୟକାନ୍ତ ନାଏକଙ୍କ ନେତୃତ୍ୱରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଛନ୍ତି। ଧାରଣାରେ ବହୁ ମହିଳା ମଧ୍ୟ ସାମିଲ ହୋଇଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ବଡ଼ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

### ସଡ଼କ ସୁରକ୍ଷା ମାସ ଉପଲକ୍ଷେ ରକ୍ତଦାନ ଶିବିର

## ୯୩ ୟୁନିଟ୍ ରକ୍ତ ସଂଗ୍ରହ



ଅନୁଗୋଳ,୨।୧(ସମିସ): "ସଚେତନତାରୁ ସୁରକ୍ଷା, ପ୍ରଯୁକ୍ତିରୁ ପରିବର୍ତ୍ତନ'ର ବାର୍ତ୍ତା ନେଇ 'ଜାତୀୟ ସଡ଼କ ସୁରକ୍ଷା ମାସ ୨୦୨୬' ଜାନୁଆରୀ ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ପାଳନ ହେଉଛି। ଏହି ଉପଲକ୍ଷେ ସ୍ଥାନୀୟ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଅନୁଗୋଳ ଏସ୍‌ପି ରାହୁଲ ଜୈନ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ କୁମାର ପଟ୍ଟନାୟକ ଯୋଗଦେଇ ଶିବରକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁଲିସ ବିଭାଗର ବିଭିନ୍ନ ଅଧିକାରୀ, ଅନୁଗୋଳ ଜିଲ୍ଲା ଟ୍ରକ ମାଲିକ ସଙ୍ଘ ସଭାପତି ଅମରେଶ ଚନ୍ଦ୍ର ସ୍ୱାଇଁ, ସାଧାରଣ ସମ୍ପାଦକ ରଜତ କୁମାର ମହାପାତ୍ର ପ୍ରମୁଖଙ୍କ ସମେତ ବସ୍ ମାଲିକ ସଂଘ ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଶିବିରରେ ୯୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି।



## ସୁମତୀ ଓ ସ୍ମୃତି ଜାତୀୟ ସ୍କୁଲ କ୍ରୀଡ଼ାକୁ ମନୋନୀତ



କିଶୋରନଗର,୨।୧(ସମିସ): କିଶୋରନଗର +୨ କଲେଜର ପ୍ରଥମ ବର୍ଷ କଳା ଛାତ୍ରୀ ସୁମତୀ ମୁଣ୍ଡା ଓ ସ୍ମୃତି ନାୟକ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ୧୯ ବର୍ଷରୁ କମ୍ କ୍ରିକେଟ ଖେଳ ପାଇଁ ୬୯ତମ ଜାତୀୟ କ୍ରୀଡ଼ାକୁ ମନୋନୀତ ହୋଇଛନ୍ତି। ସେହିପରି ବଇଣ୍ଡା କଲେଜ ଛାତ୍ରୀ ଶିବାନୀ ନାୟକ ମଧ୍ୟ ମନୋନୀତ ହୋଇଛନ୍ତି। ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ଗୋଆଲିୟରରେ ଅନୁଷ୍ଠିତ କ୍ରୀଡ଼ାରେ ଭାଗନେବା ପାଇଁ ଏହି ଛାତ୍ରୀମାନେ ଯାତ୍ରା ଆରମ୍ଭ କରିଛନ୍ତି। ଛାତ୍ରୀମାନଙ୍କର ଏହି କୃତିତ୍ୱ ପାଇଁ କଲେଜର କ୍ରୀଡ଼ା ଅଧ୍ୟାପକ ଦିଲୀପ ମହାରଣାଙ୍କୁ ଉଦ୍ୟମକୁ ପ୍ରଶଂସା କରାଯାଇଛି।

## 'ଆଗେଇବା' ପକ୍ଷରୁ ପାଠକ ସମ୍ମିଳନୀ

ତାଳଚେର,୨।୧(ସମିସ): ତାଳଚେରର ଅଗ୍ରଣୀ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ 'ଆମ ପ୍ରତିଭା ଆମ ପରିଚୟ' ଓ 'ଆଗେଇବା' ଖବରକାଗଜ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଦେଉଳବେଡ଼ାସ୍ଥିତ ପୂର୍ବତନ ସାଂସଦ ମହେଶ ସାହୁଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଏକ ପାଠକ ସମ୍ମିଳନୀ ତଥା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। 'ଆଗେଇବା'ର ସମ୍ପାଦକ ତଥା ଆମ ପ୍ରତିଭା ଆମ ପରିଚୟ ଅନୁଷ୍ଠାନର ପ୍ରତିଷ୍ଠାତା ପୂର୍ବତନ ସାଂସଦ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଓକିଲ ସଙ୍ଘର ସଭାପତି ସନ୍ତୋଷ ସାହୁ, ପ୍ରେସ କ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଅନୁଷ୍ଠାନର ସଭାପତି ପ୍ରାକ୍ତନ ଅଧ୍ୟାପକ ଉପେନ୍ଦ୍ର ପରିଡ଼ା, ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ବେହେରା ଆଗେଇବା ଖବରକାଗଜ ସମ୍ପର୍କରେ ଉଲ୍ଲେଖ କରିଥିଲେ। ମହିଳା କଲେଜର ପୂର୍ବତନ ଅଧ୍ୟକ୍ଷ ଶୋଭଗିନୀ ଦାସ, ପୂର୍ବତନ ଖମାର କଲେଜ ଅଧ୍ୟକ୍ଷ ସରୋଜ ପ୍ରଧାନ, ଅଧ୍ୟାପକ ନବକିଶୋର ମହାପାତ୍ର, ସରକାରୀ ଓକିଲ ନିର୍ମଳ ତ୍ରିପାଠୀ, ପରିବେଶବିତ୍ ତଥା ଆଇନଜୀବୀ ବାଉରୀବନ୍ଧୁ ବେଜ, ସିଟିଜେନ୍ ଫୋରମ ସଭାପତି ଜିତେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଆଗେଇବା ଓ ଅଞ୍ଚଳର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଆଗେଇବାର ବାର୍ତ୍ତା ସମ୍ପାଦକ ତପନ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଆଗକୁ ବିଭିନ୍ନ ଅଞ୍ଚଳରେ ପାଠକ ସମ୍ମିଳନୀ ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। କୁଶବିହାରୀ ସାମଲ, ଲିପୁରଥ, କାଳିଆ ସାମଲ ପ୍ରମୁଖ ସହଯୋଗ କରିଥିଲେ।

### ● ଜାତୀୟସ୍ତରୀୟ ସ୍କୋଏ ମାର୍ଶଲ ଆର୍ଟ ପ୍ରତିଯୋଗିତା

## ଅନୁଗୋଳ ଜିଲ୍ଲାରୁ ୯ ଖେଳାଳି ମନୋନୀତ



ଅନୁଗୋଳ,୨।୧(ସମିସ): ଜାନୁଆରୀ ୫ରୁ ୭ ପର୍ଯ୍ୟନ୍ତ ତେଲଙ୍ଗାନାର ହାଇଦରାବାଦରେ ଜାତୀୟସ୍ତରୀୟ ସ୍କୋଏ ମାର୍ଶଲ ଆର୍ଟ ପ୍ରତିଯୋଗତା ଅନୁଷ୍ଠିତ ହେବାକୁ ଯାଉଛି। ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଅନୁଗୋଳ ଜିଲ୍ଲାରୁ ୫ ବାଳିକା ଓ ୪ ବାଳକଙ୍କ ସମେତ ୯ ଖେଳାଳି ମନୋନୀତ ହୋଇଛନ୍ତି। ଏହି ଖେଳାଳିମାନଙ୍କୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ, ଅନୁଗୋଳ ଜିଲ୍ଲା ସ୍କୋଏ ମାର୍ଶାଲ ଆର୍ଟ ସଂଘ ସଭାପତି ଆଇନଜୀବୀ ଦ୍ୱାରିକାପ୍ରସାଦ ନନ୍ଦ, ଉପସଭାପତି ପ୍ରଦୀପ ଦେବତା, ସଞ୍ଜୟ ମହାପାତ୍ର ପ୍ରମୁଖ ଶୁଭକାମନା ଜଣାଇବା ସହ ପଦକ ହାସଲ କରି ଜିଲ୍ଲାର ନାଁ ରଖିବେ ବୋଲି କାମନା କରିଛନ୍ତି। ରାଜ୍ୟ ଉପସଭାପତି ଦୁଷ୍ୟନ୍ତ କୁମାର ନାଥ ଏହି ଖେଳାଳିମାନଙ୍କୁ ନେଇ ହାଇଦରାବାଦ ଅଭିମୁଖେ ଯାତ୍ରା କରିବେ।

## ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ଭେଟିଲେ ସାଂସଦ



ଅନୁଗୋଳ,୨।୧(ସମିସ): ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ହାତୀ ଆକ୍ରମଣରେ ମୃତ ଅନୁଗୋଳ ବିଧାନସଭା ଅନ୍ତର୍ଗତ ବନ୍ତଳା ପଞ୍ଚାୟତ ସାହାରାଗୁଡ଼ା ଗ୍ରାମ ସୁନାଭୂଇଁ ସାହିର ଝିଲ୍ଲି ବେହେରାଙ୍କ ବାସଭବନରେ ପହଞ୍ଚି ପରିବାର ଲୋକଙ୍କୁ ଭେଟିବା ସହ ସମବେଦନା ଜଣାଇଛନ୍ତି। ଝିଲ୍ଲିଙ୍କ ପରିବାରକୁ ତୁରନ୍ତ ସମସ୍ତ ସହାୟତା ଯୋଗାଇଦେବା ପାଇଁ ଅନୁଗୋଳ ଡିଏଫଓ ନୀତିଶ କୁମାରଙ୍କ ସହ ଆଲୋଚନା କରିଛନ୍ତି। ବନବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ସହ ପାଟ୍ରୋଲିଂ କଡ଼ାକଡ଼ି କରିବା ଓ ଆଲୋକ ବ୍ୟବସ୍ଥା କରିବାକୁ ଯଥେଷ୍ଟ ତତ୍ପରତା ପ୍ରକାଶ କରିବାକୁ ଡିଏଫ୍‌ଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସାଂସଦଙ୍କ ସହ ଅନୁଗୋଳ ବିଜେପି ସାଧାରଣ ସମ୍ପାଦକ ପ୍ରଭାତ ପ୍ରଧାନ, ଶିବରାମ ମହାଳିକ, ପ୍ରଶାନ୍ତ ପ୍ରଧାନ, ମାନସ ପ୍ରଧାନ, ମାନସ ପ୍ରଧାନ, ଲକ୍ଷ୍ମଣ ସାହୁ, ହେମନ୍ତ ବିଶ୍ୱାଳ, ସତ୍ୟନାରାୟଣ ସାହୁ, ଦ୍ୱାରି ବେହେରା ପ୍ରଦୀପ ନାୟକ, ବିଭୁ ଦେହୁରୀ, ସୁଲଭ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।















## ଜିଲ୍ଲାରେ ୯ ଲକ୍ଷ ଲୋକଙ୍କ ପାଇଁ ଅଛନ୍ତି ମାତ୍ର ୧୪୭ ଡାକ୍ତର

# ଖାଲିପଡ଼ିଛି ୩୧୨ ଡାକ୍ତର ପଦବୀ

ରାୟଗଡ଼ା,୨।୧(ସମିସ): ରାୟଗଡ଼ା ଜିଲ୍ଲା ଗସ୍ତରେ ଆସିଥିବା ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀଙ୍କ ସମେତ ଅନ୍ୟ ମନ୍ତ୍ରୀ, ସଚିବମାନେ ଜିଲ୍ଲାର ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର ଦେଖି ଯଥାଶୀଘ୍ର ଏକ ସରକାରୀ ମେଡିକାଲ କଲେଜ ଖୋଲାଯିବାର ପ୍ରତିଶୃତି ଦେଇଛନ୍ତି। ତେବେ ଜିଲ୍ଲା ପାଇଁ ମଞ୍ଜୁର ହୋଇଥିବା ମୋଟ ୪୫୯ଜଣ ଡାକ୍ତର ପଦବୀରୁ ମାତ୍ର ୧୪୭ଜଣ ଡାକ୍ତର ନିଯୁକ୍ତ ହୋଇଛନ୍ତି। ଫଳରେ ୩୧୨ଟି ଡାକ୍ତର ପଦବୀ ଖାଲି ପଡିଛି। ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧିନସ୍ଥ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ରାୟଗଡ଼ା ଦ୍ୱାରା ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲ୍ଲାରେ ସମୁଦ୍ରକୁ ଶଙ୍ଖେ ଭଳି ଡାକ୍ତର ନିଯୁକ୍ତ କରାଯାଉ ଥିବାରୁ ତରୁନ୍ତ ଖାଲି ପଡିଥିବା ଡାକ୍ତର ପଦବୀଗୁଡିକ ପୂରଣ କରାଯାଇ ଜିଲ୍ଲାବାସୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସିଡିଏମଓଙ୍କ କାର୍ଯ୍ୟାଳୟ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି କରାଯାଉଛି। ତେବେ ବାରମ୍ବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ଅବଗତ କରାଗଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଜଣାପଡିଛି। ଗତ ଅକ୍ଟୋବର ମାସ ୩୧ ତାରିଖ ସୁଦ୍ଧା ଜିଲ୍ଲାରେ ୧୪୦ଜଣ ଡାକ୍ତର ନିଯୁକ୍ତ ଥିବା ବେଳେ ୩୧୯ଟି ପଦବୀ ଖାଲି ପଡିଥିଲା। ପରେ ନଭେମ୍ବର ଓ ଡିସେମ୍ବର ଦୁଇ ମାସ ମଧ୍ୟରେ ୭ଜଣ ଡାକ୍ତରଙ୍କୁ ନିଯୁକ୍ତ କରାଯାଇଥିବାରୁ ଡାକ୍ତରଙ୍କ ସଂଖ୍ୟା ୧୪୭ରେ ପହଞ୍ଚିଛି। ଏହି ୭ଜଣ ଡାକ୍ତରଙ୍କ ମଧ୍ୟରେ ସର୍ଜରୀ ବିଶେଷଜ୍ଞ, ଚକ୍ଷୁ ବିଶେଷଜ୍ଞ, ସ୍କିନ୍ ଓ ଭିଡି, ପ୍ରସୂତି ବିଭାଗ ବିଶେଷଜ୍ଞ ଡାକ୍ତର ଓ ମିନିବାଇଓଲୋଜି ବିଶେଷଜ୍ଞ ରହିଛନ୍ତି। ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୫ଜଣ ଏବଂ ଗୁଣପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଜଣେ ଏବଂ କଲ୍ୟାଣସିଙ୍ଗପୁର ସିଏଚସିରେ ଜଣେ ମେଡିକଲ ଅଫିସର ଭାବେ ୭ଜଣ ଡାକ୍ତରଙ୍କୁ ନିଯୁକ୍ତ କରାଯାଇଥିବା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସୂଚନା ମିଳିଛି। ଦିନକୁ ଦିନ ରାୟଗଡ଼ା ଜିଲ୍ଲାରେ ଜନସଂଖ୍ୟା ବୃଦ୍ଧି ପାଉଥିବା ବେଳେ ବର୍ତ୍ତମାନ ଜିଲ୍ଲାର ଜନସଂଖ୍ୟା ୯ଲକ୍ଷ ୬୭ ହଜାର ୯୧୧ ରହିଛି। ଏତେ ସଂଖ୍ୟକ ଜନସଂଖ୍ୟା ମଧ୍ୟରେ ଜିଲ୍ଲାର ୧୧ ବ୍ଲକ୍, ରାୟଗଡ଼ା ଓ ଗୁଣପୁର ଦୁଇଟି ପୌର ପାଳିକା ଏବଂ ଗୁଡାରୀ ଏନଏସି ରହିଛି। ଆଦିବାସୀ ଅଧ୍ୟୁଷିତ, ଅଗମ୍ୟ ଏହି ଜିଲ୍ଲାରେ ଅନେକ ସମୟରେ ଜିଲ୍ଲାବାସୀ ଉଚିତ୍ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ରହୁଛନ୍ତି। ଏହାର ମୁଖ୍ୟ କାରଣ ମୁଖ୍ୟତଃ ଅଶିକ୍ଷା,ଗମନାଗମନର ଅସୁବିଧା ଓ ବଡ ହସ୍ପିଟାଲର ଅଭାବ ବୋଲି ବୁଦ୍ଧିଜୀବିମାନେ କହିଛନ୍ତି। ଜିଲ୍ଲାର ୧୧ଟି ବ୍ଲକରୁ ୫ଟି ବ୍ଲକରେ ଆଦିମ ଜନଜାତି ବସବାସ କରୁଛନ୍ତି। ସେମାନେ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ବହୁତ ଦୁର୍ବଳ। ଜିଲ୍ଲାର ଶିକ୍ଷାଗତ ହାର ୫୬ ଶତକଡା ଓ ୮୮ଶତକଡା ଲୋକ ଆଦିବାସୀ। ଗୌଗୋଳିକ ଓ ସାମାଜିକ ଅବସ୍ଥିତି ଦୃଷ୍ଟିରୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏଠାରେ ଅନେକ ସମସ୍ୟା ରହିଥିବା ବେଳେ ଏହାର ସମାଧାନ ଦିଗରେ ସରକାରଙ୍କ ପକ୍ଷରୁ ଦୃଢ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଆଜି ଜିଲ୍ଲାର ମୁଖ୍ୟ ହସ୍ପିଟାଲରୁ ଆରମ୍ଭ କରି ସିଏଚସି, ପିଏଚସି ଆଦି କେନ୍ଦ୍ରଗୁଡିକରେ ଡାକ୍ତରଙ୍କ ଅଭାବ ଲାଗି ରହିଛି। ଦୁର୍ଗମ ଅଞ୍ଚଳରେ ଥିବା ପିଏଚସି ଗୁଡିକରେ ଆବଶ୍ୟକ ଡାକ୍ତର ଓ ଅନ୍ୟାନ୍ୟ ଷ୍ଟାଫ୍ ନ ଥିବାରୁ ଲୋକେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇବାର ବଞ୍ଚିତ ହେଉଛନ୍ତି। ଅନେକ ରୋଗୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଉଚ୍ଚ ଚିକିତ୍ସା ନିମନ୍ତେ କୋରାପୁଟ, ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥାନ୍ତି। ଜିଲ୍ଲାର ୩୨୩୪ ଗ୍ରାମ ମଧ୍ୟରୁ ୫ଶହରୁ ଅଧିକ ଗାଁକୁ ପହଞ୍ଚିବାର ରାସ୍ତା ନ ଥିବାରୁ ଜିଲ୍ଲାରେ ଜନନୀ ଯନ୍ତ୍ରଣା ଅଧିକ ରହିଛି । ଏବଂ ଆନୁଷ୍ଠାନିକ ପ୍ରସବ ହୋଇ ପାରୁ ନ ଥିବାରୁ ଡାକ୍ତରଖାନାରେ ଶିଶୁ ଜନ୍ମ ହାର କମ୍ ରହିଛି। ତେବେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲାବାସୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗ ସହ ଆଲୋଚନା କରାଯାଉଛି ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି।

## ■ ଓଡ଼ିଶା ପୁଲିସର 'ସିସିଟିଏନ୍‌ଏସ୍' ପ୍ରଗତି ର୍ୟାଙ୍କିଂ

# ରାୟଗଡା ଜିଲ୍ଲାରେ ବିଷମ କଟକ ଥାନା ପ୍ରଥମ




ବିଷମ କଟକ,୨।୧(ସମିସ): ଓଡ଼ିଶା ପୁଲିସର କ୍ରାଇମ୍ ଆଣ୍ଡ କ୍ରିମିନାଲ୍ ଟ୍ରାକିଙ୍ଗ୍ ନେଟ୍ୱର୍କ ଆଣ୍ଡ ସିଷ୍ଟମ୍ (ସିସିଟିଏନ୍‌ଏସ୍) ଅଧୀନରେ ୨୦୨୫ ବର୍ଷର ପ୍ରଗତି ଡ୍ୟାସବୋର୍ଡର ର୍‌ୟାଙ୍କିଂଗ୍ ପ୍ରକାଶ ପାଇଛି। ଏଥିରେ ଜନସାଧାରଣଙ୍କୁ ହାତପାଆନ୍ତାରେ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସେବା ଯୋଗାଇବା, ଅନ୍‌ଲାଇନ୍‌ରେ ମାମଲା ପଞ୍ଜିକରଣ ଓ ସେଗୁଡିକ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ନେଇ ଜିଲ୍ଲା ସ୍ତରୀୟ ରିପୋର୍ଟ ପ୍ରକାଶ ପାଇଛି। ସିସିଟିଏନ୍‌ଏସ୍ ପ୍ରଗତି ଡ୍ୟାସବୋର୍ଡରେ ଥାନା ଓ ଥାନା ଅଧିକାରୀଙ୍କ ବର୍ଗରେ ପ୍ରକାଶିତ ରିପୋର୍ଟରେ ରାୟଗଡ଼ା ଜିଲ୍ଲା ବେଶ ସଫଳତା ହାସଲ କରିଛି। ରାୟଗଡ଼ା ଜିଲାର ବିଭିନ୍ନ ଥାନାର ଅଧିକାରୀ ମାନେ ଜିଲ୍ଲା ସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରି ଜିଲ୍ଲା ପାଇଁ ଗୌରବ ଅର୍ଜନ କରିଥିବା ବେଳେ ରାୟଗଡା ଜିଲ୍ଲାରେ ବିଷମକଟକ ଥାନା ପ୍ରଥମ ସ୍ଥାନ ଅଧିକାର କରିଛି। କାଶିପୁର ଥାନା ଦ୍ୱିତୀୟ, ଟିକିରି ଥାନା ତୃତୀୟ, ଦୋରଗୁଡା ଥାନା ଚତୁର୍ଥ, ଆମ୍ବାଦୋଳା ଥାନା ପଞ୍ଚମ ସ୍ଥାନ ଲାଭ କରି ଜିଲ୍ଲା ପୋଲିସ ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତା ପାଇଁ ବିଷମ କଟକ ଥାନା ଅଧିକାରୀ ସୂର୍ଯ୍ୟ ଚନ୍ଦ୍ର ପାଢି, କାଶିପୁର ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକ, ଟିକିରୀ ଥାନା ଅଧିକାରୀ ବିଶ୍ୱବନ୍ଦିନୀ ବାଗ, ଦୋରାଗୁଡ଼ା ଥାନା ଅଧିକାରୀ କିରଣ ବାଳା ସାମଲ ଓ ଆମ୍ବାଦୋଳା ଆଇଆଇସି କଳ୍ପନା ବେହେରାଙ୍କୁ ସବୁ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ଷ୍ଟେଟ୍ ବ୍ୟାଙ୍କ ଗ୍ରାମୀଣ ସ୍ୱରୋଜଗାର ପ୍ରଶିକ୍ଷଣ କେନ୍ଦ୍ରରେ ଆରସେଟି ବଜାର କାର୍ଯ୍ୟକ୍ରମ




ମାଲକାନଗିରି, ୨।୧(ସମିସ): ମାଲକାନାଗିରି ଜିଲ୍ଲାପରିଷଦ କାର୍ଯ୍ୟାଳୟ ନିକଟସ୍ଥ ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ସ୍ୱରୋଜଗାର ପ୍ରଶିକ୍ଷଣ ଅନୁଷ୍ଠାନ ପରିସରରେ ନୂତନ ଢଙ୍ଗରେ ଆରସେଟି ବଜାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ତାଲିମ ଅନୁଷ୍ଠାନର ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ବେହେରା ଏହି ବଜାରକୁ ଆନୁଷ୍ଠାନିକ ଭାବାରେ ଉଦ୍‌ଘାଟନ କରୁଥିଲେ। ଏହି ବଜାରରେ ଅନୁଷ୍ଠାନରେ ତାଲିମ ନେଇଥିବା ମହିଳା ମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ସାଗୁ ବଡି, ବିରି ବଡ଼ି, ପାମ୍ପଡ, ବିଭିନ୍ନ ମସଲା ପାଉଡର, ବିଭିନ୍ନ ପ୍ରକାରର ଡିଜାଇନ୍ ଡ୍ରେସ ପୋଷାକ, ହାତ ତିଆରି ପାରମ୍ପରିକ ମାଳି ଆଦି ପ୍ରଦର୍ଶନ କରାଯାଇ ଥିଲା। ଶ୍ରୀ ବେହେରା ଉପସ୍ଥିତ ସଦସ୍ୟ ମାନଙ୍କୁ ବଜାର ଚାହିଦା ମୁତାବକ ଦ୍ରବ୍ୟ ପ୍ରସ୍ତୁତି ଓ ବିକ୍ରୟ ପ୍ରଣାଳୀ ବିଷୟରେ ଆଲୋକପାତ କରି ଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ନିକଟସ୍ଥ ଗ୍ରାମବାସୀ ଓ ସୃଷ୍ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମୀ, ମହିଳା ଉଦ୍ୟୋଗୀ ଓ ବୁଦ୍ଧିଜୀବୀ ମାନେ ଉପସ୍ଥିତ ହୋଇ ପ୍ରଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରଶିକ୍ଷକ ବିପିନ ବିହାରୀ ଶତପଥୀ ଓ ରାଜ ଶେଖର ପଟ୍ଟନାୟକ ପରିଚାଳନା କରିଥିବା ବେଳେ ପ୍ରମୋଦ ସାହୁ, ଟି ମୋନଜ କୁମାର ପ୍ରମୁଖ ସହାୟତା କରିଥିଲେ।










## ଗୁଣପୁର ଟେନିସ୍ ଲିଗ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

# ଗୁଡ଼ାରି ଲାୟନ୍ସ ଓ ଥାଣ୍ଡେର ଷ୍ଟ୍ରାଇକ୍ ଦଳ ବିଜୟୀ



ଗୁଣପୁର,୨।୧(ସମିସ)

ଆଜି ସ୍ଥାନୀୟ ମିନିଷ୍ଟାଡିୟମରେ ଗୁଣପୁର ଟେନିସ ଲିଗ୍ ସିଜନ-୨ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟନ ହୋଇଯାଇଛି। ପ୍ରତିଯୋଗିତାକୁ ଗୁଣପୁର ବିଧାୟକ ସତ୍ୟଜିତ ଗାମାଙ୍ଗ ଓ ପୂର୍ବତନ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର କୁମାର ଦାଶ ଅତିଥି ରୂପେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଖେଳାଳି ମାନେ ଶୃଙ୍ଖଳାର ସହ ଖେଳୁଆଡ଼ ମନଭାବ ନେଇ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କ୍ରୀଡା ମାଧ୍ୟମରେ ସମାଜର ମଙ୍ଗଳ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ଆଇନଜୀବୀ ଦେବୀ ପ୍ରସାଦ ଆଚାର୍ଯ୍ୟ, ଭାଗୀରଥି ବିଷୋୟୀ, ଶିବ ପ୍ରସାଦ ପାଢ଼ୀ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଦେବ ପ୍ରସାଦ ପାଢ଼ୀ, କଳିଙ୍ଗ ବୈଶ୍ୟ ସଂଘ ସଭାପତି ଏସ ବାବା ପ୍ରସାଦ, ଗାନ୍ଧୀ ବିଶ୍ୱ ବିଦ୍ୟାଳୟର କ୍ରୀଡ଼ା ପ୍ରଶିକ୍ଷକ ରବିନ୍ଦ୍ର ପଣ୍ଡା, ପୂର୍ବତନ କାଉନସିଲର ସାନ ବାଉରୀ, ବିଜେଡି ନେତା ଗଗନ ଆଚାର୍ଯ୍ୟ, ସାଂସଦ ପ୍ରତିନିଧି ତରଣୀ ଶତପଥି, ବିବିଏନ ପୂଜା କମିଟିର ସମ୍ପାଦକ ବୁଲୁ ପାଢ଼ୀ, ଜିଆସିଏମଏସ ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ସାହୁ ପ୍ରମୁଖ ଉଦ୍‌ଘାଟନୀ ସମାରୋହରେ ଯୋଗ ଦେଇଥିଲେ। ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି କ୍ରିକେଟ ଲିଗ ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଉଦ୍‌ଘାଟନୀ ପ୍ରଥମ ମ୍ୟାଚ ରୋୟାଲ ରାଇଡେର ଓ ନ୍ୟୁ ଲାଏନ୍ସ ଗୁଡାରି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗୁଡାରି ଲାଏନ୍ସ ଦଳ ୧୮ ରନରେ ବିଜୟ ହାସଲ କରିଥିଲେ। ଗୁଡାରି ଦଳ ଟସ ଜିଣି ନିର୍ଦ୍ଧାରିତ ୧୨ ଓଭର ଖେଳି ମୋଟ ୧୫୩ ରନ କରିଥିଲେ। ଦଳ ପକ୍ଷରୁ ଚିତ୍ତରଞ୍ଜନ ଶବର ୩୨ ଟି ବଲରେ ୭୪ ରନ କରିଥିଲେ। ଜବାବରେ ରୋୟାଲ ରାଇଡେରସ ଦଳ ନିର୍ଦ୍ଧାରିତ ଓଭରରେ ୧୩୫ ରନ କରିବାକୁ ସକ୍ଷମ ହୋଇଥିଲେ। ଚିତ୍ତରଞ୍ଜନ ଶବରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ରୂପେ ବିବେଚିତ କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ସୁରିୟା କିଙ୍ଗ ଓ ଥାଣ୍ଡର ଷ୍ଟ୍ରାଇକ ମଧ୍ୟରେ ଖେଳାଯାଇଥିଲା। ସୁରିୟା କିଙ୍ଗ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ମୋଟ ୮୬ ରନ କରିଥିଲେ। ଏହାର ଜବାବରେ ଥାଣ୍ଡେର ଷ୍ଟ୍ରାଇକ ଦଳ ୪ ଉଇକେଟ ହରାଇ ବିଜୟ ପାଇଁ ଆବଶ୍ୟକ ୮୭ ରନ କରି ୬ ଉଇକେଟରେ ବିଜୟ ହାସଲ କରିଥିଲେ। ଦଳ ପକ୍ଷରୁ ୨୭ ରନ ସହ ଗୋଟିଏ ଉଇକେଟ ନେଇଥିବା କାର୍ତ୍ତିକକୁ ମ୍ୟାନ ଅଫ ଦି ମ୍ୟାଚ ରୂପେ ପୁରସ୍କୃତ କରାଯାଇଥିଲା। ଏହି ମ୍ୟାଚକୁ ରଞ୍ଜନ ଜେନା ଓ ବୈକୁଣ୍ଠ ଶବର ପରିଚାଳନା କରିଥିବାବେଳେ ସୁଦୀପ୍ତ ପାଳ ଓ ବିଶ୍? ଲିମା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଏହି ପ୍ରତିଯୋଗିତାକୁ ବଳିଆ ମହାନ୍ତି ,ପପୁନ, ପଞ୍ଚୁ,ଅନିଲ ପ୍ରମୁଖ ପରିଚାଳନା କରୁଛନ୍ତି।

## ● ହାଟରେ ବ୍ୟବସାୟ କରିବାକୁ ମନା !

# ଥାନା ଦ୍ୱାରସ୍ଥ ହେଲେ ବ୍ୟବସାୟୀ

ମାଲକାନଗିରି, ୨।୧(ସମିସ): ମାଲକାନଗିରି ବ୍ଲକ ଅନ୍ତର୍ଗତ ପଦ୍ମଗିରି ବୁଧବାର ସାପ୍ତାହିକ ହାଟକୁ ନିର୍ଦ୍ଧିଷ୍ଟ ଲୋକଙ୍କୁ ବଜାରରେ ଆସିବା ଓ ଦୋକାନ ଖୋଲିବାକୁ ମନା କରାଯାଉଥିବା ଅଭିଯୋଗରେ ଆଜି ମାଲକାନଗିରି ଥାନାର ଦ୍ୱାରସ୍ଥ ହୋଇଛନ୍ତି ହାଟ ବ୍ୟବସାୟୀମାନେ। ଅଭିଯୋଗ ଅନୁଯାୟୀ ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ପଦ୍ମଗିରି ଠାରେ ସପ୍ତାହର ବୁଧବାର ଦିନ ସାପ୍ତାହିକ ହାଟ ଦୀର୍ଘ ବର୍ଷ ଧରି ହୋଇ ଆସୁଛି। ଏହି ସାପ୍ତାହିକ ହାଟରେ ଆଖପାଖ ଅଞ୍ଚଳର ଅନେକ ବ୍ୟବସାୟୀ ନିଜର ଉତ୍ପାଦିତ ସାମଗ୍ରୀ ତଥା ଲୋକଙ୍କ ଦୈନନ୍ଦିନ ଆବଶ୍ୟକୀୟ ସାମଗ୍ରୀକୁ ବିକ୍ରୟ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ଗତ ଡିସେମ୍ବର ମାସରେ ଜିଲ୍ଲାର ରାଖେଲଗୁଡା ଓ ଏମଭି-୨୬ ଗ୍ରାମ ମଧ୍ୟରେ ହୋଇଥିବା ଅଶାନ୍ତକର ପରିସ୍ଥିତି ପରେ ବର୍ତ୍ତମାନ ଏହି ପଦ୍ମଗିରି ସାପ୍ତାହିକ ହାଟରେ ବଙ୍ଗୀୟ ସମ୍ପ୍ରଦାୟର ବ୍ୟବସାୟୀ ମାନଙ୍କୁ ବ୍ୟବସାୟ କରିବାକୁ ଦିଆଯାଉ ନଥିବା ଅଭିଯୋଗ ହୋଇଛି। ଏନେଇ ଉକ୍ତ ବ୍ୟବସାୟୀ ମାନେ ଆଜି ମାଲକାନଗିରି ଥାନାର ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଉକ୍ତ ହାଟରେ ଏହି ବଙ୍ଗୀୟ ବ୍ୟବସାୟୀ ମାନଙ୍କୁ ବ୍ୟବସାୟ କରିବାକୁ ଦିଆଯାଉ ନଥିବା ବେଳେ ସେମାନେ ନାନା ସମସ୍ୟାର ସମ୍ମୁଖୀନ ହେବା ସହ ହାଟକୁ ବିଭିନ୍ନ ସାମଗ୍ରୀ ବିକ୍ରୟ ପାଇଁ ନେଇ ଯାଇଥିବା ବେଳେ ବିକ୍ରି ନ କରି ପାରି କ୍ଷତିଗ୍ରସ୍ତ ହୋଇଥବା ଅଭିଯୋଗ କରିଥିଲେ। ତେବେ ଏହି ଅଭିଯୋଗକୁ ଆଧାର କରି ମାଲକାନଗିରି ଆଦର୍ଶ ଥାନା ପୁଲିସ ଉଭୟ ପକ୍ଷକୁ ଡାକି ପୂର୍ବରୁ ଆଲୋଚନା କରିଥିଲେ। ବର୍ତ୍ତମାନ ସମସ୍ତେ ସେଠାରେ ବ୍ୟବସାୟ କରି ପାରିବେ ବୋଲି ଥାନା ଅଧିକାରୀ ଶ୍ରୀ କିଣ୍ଡୋ ପ୍ରକାଶ କରିଛନ୍ତି।

# ସଡ଼କ ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ମାଲକାନଗିରି, ୨।୧(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅଞ୍ଚଳରେ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକର ଏମ୍‌ଭି ୬୬ରୁ ବେଜାଙ୍ଗୀୱାଡାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଏକ ମୋଟରସାଇକେଲ ଯୋଗେ ଏମ୍‌ଭି ୧୦୮ ଗ୍ରାମର ରାମଚନ୍ଦ୍ର କର୍ମକାର ଯାଉଥିଲେ। ଏହି ସମୟରେ ଏକ ଗାଈ ରାସ୍ତା ଉପରକୁ ହଠାତ୍ ଚାଲି ଆସିବାରୁ ରାମଚନ୍ଦ୍ରଙ୍କ ମୋଟର ସାଇକେଲଟି ଗାଈକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ରାମଚନ୍ଦ୍ର ଗୁରୁତର ହୋଇ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିବା ଜଣାପଡିଛି। ସ୍ଥାନୀୟ ଲୋକେ ଏନେଇ ପୋଲିସକୁ ଖବର ଦେଇଥିବା ବେଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ସ୍ୱାସ୍ଥ୍ୟସେବାରେ ଯୋଡ଼ିହେଲା ୫ ନୂଆ ୧୦୮ ଆମ୍ବୁଲାନ୍ସ



ରାୟଗଡ଼ା,୨।୧(ସମିସ): ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବାରେ ରାୟଗଡା ଜିଲ୍ଲା ପାଇଁ ଯୋଡି ହୋଇଛି ଆଉ ପାଞ୍ଚଟି ନୂଆ ୧୦୮ ଆମ୍ବୁଲାନ୍ସ । ଦୀର୍ଘଦିନ ହେଲା ରାୟଗଡା ଜିଲ୍ଲାରେ ବହୁ ଆମ୍ବୁଲାନ୍ସ ଗୁଡିକ ଯାନ୍ତ୍ରୀକ ତୃଟି, ଦୁର୍ଘଟଣା ଯୋଗୁଁ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବା ବେଳେ ବିଭିନ୍ନ ସମୟରେ ଜନସାଧାରଣ ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଥିଲେ। ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ଏ ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ତରଫରୁ ରାୟଗଡା ଜିଲ୍ଲାକୁ ନୂତନ ଭାବେ ୫ଟି ୧୦୮ ଆମ୍ବୁଲାନ୍ସ ପ୍ରଦାନ କରାଯାଇଥିବା ଜଣାପଡିଛି। ଏହି ୧୦୮ ଆମ୍ବୁଲାନ୍ସ ଗୁଡିକୁ ରାୟଗଡା ମୁଖ୍ୟ ଚିକିତ୍ସା କେନ୍ଦ୍ର,ଜେକେପୁର ଶି ଳ୍ପା ଞ୍ଚ ଳ , ମୁ ନି ଗୁ ଡ । ସିଏଚସି,କାଶିପୁର ସିଏଚସି ଓ ଆମ୍ବଦୋଳା ପିଏଚସିକୁ ପ୍ରଦାନ କରାଯାଇଥିବା ୧୦୮ ଆମ୍ବୁଲାନ୍ସ ପରିଚଳାନା ଜିଲ୍ଲା ମ୍ୟାନେଜର ଶୁଭ୍ରାଂଶୁ ଶେଖର ସେନାପତି ପ୍ରକାଶ କରିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସିଡିଏମଓ ଭି. ସରୋଜିନୀ ଦେବୀ,ଏଡିଏମଓ ଡାକ୍ତର ପ୍ରଶାନ୍ତ କୁମାର ମିଶ୍ର,ଫାର୍ମାସି ଅଧିକାରୀ ଜଗନ୍ନାଥ ନାୟକ, ଏନ ଏଚ ଏମ ଡିପିଏମ ଲକ୍ଷ୍ମୀଧର ମହାପାତ୍ର, ଶୁଭ୍ରାଂଶୁ ଶେଖର ସେନାପତି ଓ ଆମ୍ବୁଲାନ୍ସରେ ନିୟୋଜିତ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ ଯେ ୧୦୮ ଆମ୍ବୁଲାନ୍ସକୁ ଇଏମଆରଆଇ ଗ୍ରୀନ ହେଲ୍ଥ ସର୍ଭିସେସ ପରିଚାଳନା କରୁଛି।






# ଶ୍ରୀରାମ ସ୍ୱର୍ଣ୍ଣ ଧନୁର ଯାତ୍ରା ଆରମ୍ଭ




ରାଉରକେଲା, ୨।୧(ସମିସ)

ରାଉରକେଲାର ହନୁମାନ ବାଟିକାରୁ ଶୁକ୍ରବାର ଶ୍ରୀରାମ ସ୍ୱର୍ଣ୍ଣ ଧନୁର ଯାତ୍ରା ଆରମ୍ଭ ହୋଇଛି। ରାଉରକେଲା ସନାତନ ଜାଗରଣ ମଞ୍ଚର ଅଧ୍ୟକ୍ଷ ସନ୍ତୋଷ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ହନୁମାନ ବାଟିକାରେ ଆୟୋଜିତ ବର୍ଣ୍ଣାଢ଼୍ୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପରାୟ, ସମ୍ମାନିତ ଅତିଥି ଭାବେ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ, ବାବା କାଳିଦାସ ମହାରାଜ ଦୁଷ୍ମନ୍ତ ଗୌତମ, ରଘୁନାଥପାଲ୍ଲୀ ପୂର୍ବତନ ବିଧାୟକ ସୁବ୍ରତ ତରାଇ, ବିପିୟୁଟି କୁଳପତି ପ୍ରଫେସର ଅମୀୟ ରଥ, ହନୁମାନ ବାଟିକା ଚାରିଟେବୁଲ ଟ୍ରଷ୍ଟ ସମ୍ପାଦକ ସୁବ୍ରତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ରାଉରକେଲାର ସନାତନ ଜାଗରଣ ମଞ୍ଚ ପକ୍ଷରୁ ଦୀର୍ଘ ୮ ମାସର ପରିଶ୍ରମ ଏବଂ ୪୦ ଜଣ ତାମିଲନାଡୁ କାଞ୍ଚିପୁରମର କାରିଗରଙ୍କ ଦ୍ୱାରା ଏହି ଧନୁର ନିର୍ମାଣ ହୋଇଛି। ଏହି ଶ୍ରୀରାମ ସ୍ୱର୍ଣ୍ଣ ଧନୁରେ ରହିଛି ସୁନା, ରୂପା, ଜିଙ୍କ୍, ଲୁହା ଓ ଆଲୁମିନିୟମ ଭଳି ପଞ୍ଚ ଧାତୁ। ୮ ଫୁଟ ଲମ୍ବ ଓ ୩ ଫୁଟ ଉଚ୍ଚତା ବିଶିଷ୍ଟ ଏହି ଶ୍ରୀରାମ ସ୍ୱର୍ଣ୍ଣ ଧନୁର ଓଜନ ୨୮୬ କେଜି ରହିଛି। ଏଥିରେ ୯୮୬ ଗ୍ରାମ୍‌ର ସୁନା ଏବଂ ୨.୫ କେଜି ରୂପା ବ୍ୟବହାର କରାଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ସହିତ ଶ୍ରୀରାମଙ୍କ ବେଶରେ ସଜ୍ଜିତ ଜଣେ ବାଳକର ଉପସ୍ଥିତି ହଜାର ହଜାର ଭକ୍ତଙ୍କୁ ବିମୋହିତ କରିଥିଲା। ଜୟ ଜଗନ୍ନାଥ, ଜୟ ଶ୍ରୀରାମ ଧ୍ୱନୀରେ ହନୁମାନ ବାଟିକା ପରିସରରୁ ଶ୍ରୀରାମ ସ୍ୱର୍ଣ୍ଣ ଧନୁର ଯାତ୍ରା ଆରମ୍ଭ ହୋଇଥିଲା। ଏକ ସୁସଜ୍ଜିତ ଟ୍ରଲର ଗାଡିରେ ଆଜି ରାଉରକେଲାରୁ ବାହାରି ଜାନୁଆରୀ ୩ ସକାଳ ୯ରେ ସୁନ୍ଦରଗଡ଼ରେ ପହଞ୍ଚିବ ବୋଲି ସନାତନ ଜାଗରଣ ମଞ୍ଚର ଅଧ୍ୟକ୍ଷ ସନ୍ତୋଷ ବିଶ୍ୱାଳ ସୂଚନା ଦେଇଛନ୍ତି। ସେହିପରି ସେହିଦିନ ଅପରାହ୍ଣ ୩ଟା ସମୟରେ ଝାରସୁଗୁଡ଼ା ସହର, ସନ୍ଧ୍ୟା ୭ଟାରେ ରେଙ୍ଗାଲି, ଜାନୁଆରୀ ୪ ସକାଳ ୯ଟାରେ ସମ୍ବଲପୁର, ଦିନ ୩ଟାରେ ଦେବଗଡ଼ ସହର, ୫ ତାରିଖ ସକାଳ ୯ଟାରେ ବୌଦ୍ଧ, ଦିନ ୩ଟାରେ ସୋନପୁର, ୬ ତାରିଖ ସକାଳ ୯ଟାରେ ବରଗଡ଼, ଦିନ ୩ଟାରେ ବଲାଙ୍ଗିର, ୭ ତାରିଖ ସକାଳ ୯ଟାରେ ନୂଆପଡ଼ା, ଦିନ ୩ଟାରେ କଳାହାଣ୍ଡି, ୮ ତାରିଖ ସକାଳ ୯ଟାରେ ନବରଙ୍ଗପୁର, ଦିନ ୩ଟାରେ ମାଲକାନଗିରି, ୯ ତାରିଖ ସକାଳ ୯ଟାରେ କୋରାପୁଟ, ଦିନ ୩ଟାରେ ରାୟଗଡ଼ା, ୧୦ ତାରିଖ ସକାଳ ୯ଟାରେ ପାରଳାଖେମୁଣ୍ଡି ଏବଂ ଦିନ ୩ଟାରେ ବ୍ରହ୍ମପୁର, ୧୧ ତାରିଖ ସକାଳ ୯ଟାରେ ଫୁଲବାଣୀ ଏବଂ ଦିନ ୩ଟାରେ ନୟାଗଡ଼, ୧୩ ତାରିଖ ସକାଳ ୯ଟାରେ ଘସିପୁରା ଏବଂ ଦିନ ୩ଟାରେ କେଉଁଝର, ୧୪ ତାରିଖ ସକାଳ ୯ଟାରେ ରାମତୀର୍ଥ ଜଶିପୁର ଏବଂ ଦିନ ୩ଟାରେ ବାରିପଦା, ୧୫ ତାରିଖ ସକାଳ ୯ଟାରେ ବାଲେଶ୍ୱର ଏବଂ ଦିନ ୩ଟାରେ ଭଦ୍ରକ, ୧୬ ତାରିଖ ସକାଳ ୯ଟାରେ ଯାଜପୁର ଏବଂ ଦିନ ୩ଟାରେ କେନ୍ଦ୍ରାପଡ଼ା, ୧୭ ତାରିଖ ସକାଳ ୯ଟାରେ ପାରାଦ୍ୱୀପ, ଦିନ ୧ଟାରେ ଜଗତସିଂହପୁର ଏବଂ ଦିନ ୪ଟାରେ କଟକ, ୧୮ ତାରିଖ ସକାଳ ୯ଟାରେ ଭୁବନେଶ୍ୱର ଏବଂ ଜାନୁଆରୀ ୧୯ ତାରିଖ ସକାଳ ୯ଟାରେ ଶ୍ରୀଜଗନ୍ନାଥ ଧାମ ପୁରୀରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି ବୋଲି ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି। ସେହିପରି ଜାନୁଆରୀ ୨୨ରେ ଶ୍ରୀରାମ ସ୍ୱର୍ଣ୍ଣ ଧନୁଶ୍ ଯାତ୍ରା ଅଯୋଧାରେ ପହଞ୍ଚିବାର ଯୋଜନା ରହିଛି। ପୂର୍ବରୁ ସନ୍ତୋଷ ବିଶ୍ୱାଳଙ୍କ ନେତୃତ୍ୱରେ ସନାତନ ଜାଗରଣ ମଞ୍ଚ ପକ୍ଷରୁ ଏକ ବିଶାଳ ଦୀପ ଏବଂ ବିଶାଳ ଲଡୁ ପ୍ରସ୍ତୁତ କରାଯାଇ ସହର ପରିକ୍ରମା କରାଯାଇଥିଲା।

## ଆର୍‌ଏସ୍‌ପିରେ ସର୍ବାଧିକ ନିୟର-ମିସ୍ ମାମଲା ରିପୋର୍ଟ କରୁଥିବା ବିଭାଗ ପୁରସ୍କୃତ



**ରାଉରକେଲା, ୨।୧(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଯେଉଁ ବିଭାଗଗୁଡିକ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ଅର୍ଥାତ୍ ୨୦୨୫ ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ସର୍ବାଧିକ ସଂଖ୍ୟକ ନିୟର-ମିସ୍ ମାମଲା ରିପୋର୍ଟ କରିଛନ୍ତି, ସେମାନଙ୍କୁ ଜାନୁଆରୀ ୨ ତାରିଖରେ ମନ୍ଥନ ସମ୍ମିଳନୀ କକ୍ଷରେ ଆୟୋଜିତ ସୁରକ୍ଷା ସମୀକ୍ଷା ବୈଠକ ସମୟରେ ଡିଆଇସି ଆଲୋକ ବର୍ମା ପୁରସ୍କୃତ କରିଛନ୍ତି। ଏହି ଅବସରରେ ଖଣି ବିକାଶ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିକେ ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଆର ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମପି ସିଂହ, ଅର୍ଥ ବିଭାଗର ସିଜିଏମ ଇନଚାର୍ଜ ରାଜେଶ ଦାସଗୁପ୍ତାଙ୍କ ସମେତ ବହୁ ସିଜିଏମ ଏବଂ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ। ସୁରକ୍ଷା କ୍ଷେତ୍ରରେ ନିୟର-ମିସ୍ ମାମଲା ଗୁଡିକୁ ରିପୋର୍ଟ କରିବା ଏକ ଅଗ୍ରଣୀ ସୁରକ୍ଷା ମାପଦଣ୍ଡ ଅଟେ। ମୋଟ ୫୬୯ଟି ମାମଲା ରିପୋର୍ଟ କରିଥିବାରୁ ଷ୍ଟିଲ୍ ମେଲ୍ଟିଂ ସପ୍-୧ ବିଭାଗ ପ୍ରଥମ ପୁରସ୍କାର ହାସଲ କରିଛି। ଉକ୍ତ ବିଭାଗର ସିଜିଏମ୍ ସୁନୀଲ ବି କାର୍ଥା ଏବଂ ତାଙ୍କ ଦଳ ଏହି ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ମୋଟ ୨୭୩ଟି ମାମଲା ରିପୋର୍ଟ କରିଥିବାରୁ ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗ ଦ୍ୱିତୀୟ ସ୍ଥାନ ହାସଲ କରିଛି, ଯେଉଁଥି ପାଇଁ ଏଚଏସଏମ ଏବଂ ଆନୁଷଙ୍ଗିକ ବିଭାଗର ସିଜିଏମ ସୁବ୍ରତ ଏବଂ ତାଙ୍କ ଦଳକୁ ସମ୍ମାନିତ କରାଯାଇଛି। ନୂତନ ପ୍ଲେଟ୍ ମିଲ୍ ୧୮୮ଟି ମାମଲାର ରିପୋର୍ଟ କରିବା ସହିତ ତୃତୀୟ ସ୍ଥାନ ହାସଲ କରିଛି। ଏଥିପାଇଁ ଏନପିଏମ, ଏସପିପି ଏବଂ ଡିଜିଟାଇଜେସନ ବିଭାଗର ସିଜିଏମ ଆରକେ ମୁଦୁଲି ଓ ତାଙ୍କ ଦଳ ସହିତ ପୁରସ୍କାର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ହୀରାଲାଲ ମହାପାତ୍ର ଏବଂ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ ଅବକାଶ ବେହେରା ପରିଚାଳନା କରିଥିଲେ। ଉଲ୍ଲେଖ ଯୋଗ୍ୟ, ୨୦୨୫ରେ ମୋଟ ୪୬୬୧ଟି ନିୟର-ମିସ୍ ମାମଲା ରିପୋର୍ଟ ହୋଇଥିବା ବେଳେ ୨୦୨୪ ରେ ୧୬୯୧ ମାମଲା ରିପୋର୍ଟ ହୋଇଥିଲା।

## ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର

**ରାଉରକେଲା, ୨।୧(ସମିସ):** ବନ୍ଧମୁଣ୍ଡା ଥାନା ଅଧୀନ ଜବାଘାଟରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତେବେ ମୃତକଙ୍କ ପରିଚୟ ମିଳିପାରି ନାହିଁ। ଶୁକ୍ରବାର ସକାଳେ ଶବ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ। ମୃତକଙ୍କ ବୟସ ୪୦ରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଇଛି। ଆରଜିଏଚ ଶବାଗାରରେ ମୃତଦେହକୁ ରଖି ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି।

## ବାଇକ୍ ଦୁର୍ଘଟଣା, ଜଣେ ମୃତ

**ରାଉରକେଲା, ୨।୧(ସମିସ):** ବାଲୁଘାଟ ଛକ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ଗୁରୁବାର ରାତିରେ ଏକ ବାଇକ ଯୋଗେ ସାୟନ୍ ମହାନ୍ତି, ଆଶିଷ ଟେଟେ ଓ ରବୀନ୍ଦ୍ର ମହାତୋ ପାନପୋଷ ପଟୁ ଦେଓଗାଁ ଆଡକୁ ଯାଉଥିଲେ। ବାଲୁଘାଟ ଛକ ନିକଟରେ ଡିଭାଇଡରକୁ ପିଟି ବଡିଖୁଣ୍ଟରେ ଯାଇ ବାଇକ୍ ଧକ୍କା ଦେଇଥିଲା। ଫଳରେ ୩ ଜଣ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇ ଥିଲେ। ସେଠାରେ ଡାକ୍ତର ସାୟନଙ୍କୁ ମୃତ ଘୋଷଣା କରିଥିଲେ। ବେପରୁଆ ଗାଡି ଚାଳନା ଯୋଗୁଁ ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ରଘୁନାଥପାଲି ଥାନା ପୁଲିସ ଘଟଣାର ତଦନ୍ତ ଚଳାଇଛି।

## କୁତ୍ରା ଲ୍ୟାମ୍ପସରେ ଧାନମଣ୍ଡି ଉଦ୍‌ଘାଟିତ

**କୁତ୍ରା, ୨।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକର ସଦର ମହକୁମା କୁତ୍ରା ଲ୍ୟାମ୍ପସରେ ଶୁକ୍ରବାର ଧାନ ମଣ୍ଡିରେ ଧାନ କିଣା ଆରମ୍ଭ ହୋଇଯାଇଛି। କୁତ୍ରା ଲ୍ୟାମ୍ପସର ନିର୍ଦ୍ଦେଶକ ମଙ୍ଗଳୁ କୁଜୁର ଏହାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ କୁତ୍ରା ଲ୍ୟାମ୍ପସର ଏମଡି ସତ୍ୟନାରାୟଣ ମିଶ୍ର, କିଶମଣି ପଟେଲ, ବିଏମ ଏସଡିସିସିବି ରାଜଗାଙ୍ଗପୁର ଡିଲିପ ତନ୍ତି ଉପସ୍ଥିତ ଥିଲେ।

## ଅଚଳ ଅବସ୍ଥାରେ ସୋଲାର ପାନୀୟ ପ୍ରକଳ୍ପ

**ବଣାଇଁ, ୨।୧(ସମିସ):** ବଣାଇଁ ବ୍ଲକ ଅଧୀନ ବଣାଇଁଗଡ଼ ପଞ୍ଚାୟତର ଲ୍ୟାମ୍ପ ପଛ ପାର୍ଶ୍ୱରେ ଥିବା ସାହି ବାସିନ୍ଦା ପାନୀୟ ଜଳ ଟୋପେ ପାଇବା ପାଇଁ ଦୀର୍ଘ ଦିନ ହେବ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ସରକାରୀ ଜାଗା ଉପରେ ଥିବା ଏକ ନଳକୂପ ଉପରେ ମୋଟର ଲଗାଇ ସ୍ଥାନୀୟ ବାସିନ୍ଦା ପାନୀୟ ଜଳ ପାଇପାରୁ ଥିଲେ। କିନ୍ତୁ ଦେଢ଼ ବର୍ଷ ପୂର୍ବେ ବଣାଇ ପଞ୍ଚାୟତ ପକ୍ଷରୁ ୩ ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ସେହି ବୋର୍‌ୱେଲ ଉପରେ ସୋଲାର ପ୍ୟାନେଲ ବସାଯାଇଥିଲା। ଉପରେ ପାଣି ଟାଙ୍କି ରଖି ସ୍ଥାନୀୟ ବାସିନ୍ଦାଙ୍କୁ ପାଣି ଯୋଗାଇବାର ବ୍ୟବସ୍ଥା ହୋଇଥିଲା। କିନ୍ତୁ ମାତ୍ର ବର୍ଷେ ଠିକ୍‌ଠାକ୍ ଚାଲିବା ପରେ ଦୀର୍ଘ ଦେଢ଼ ମାସ ହେବ ତାହା ଅଚଳ ହୋଇ ପଡ଼ିରହିଛି। ତା ଚାରିପାଖେ ଘଞ୍ଚ ଜଙ୍ଗଲ ସୃଷ୍ଟି ହୋଇଛି। ପୂର୍ବରୁ ମାତ୍ର ୩୦ ଫୁଟ ଗଭୀରରେ ମଧ୍ୟ ପ୍ରଚୁର ପାଣି ବାହାରୁଥିବା ବେଳେ ଏବେ ଜଳସ୍ତର ହ୍ରାସ ଯୋଗୁଁ ଆଉ ପାଣି ଟାଙ୍କିକୁ ଉଠୁ ନଥିବା ସ୍ଥାନୀୟ ଲୋକେ କହିଛନ୍ତି। ଯଦ୍ୱାରା ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।। ଏହାକୁ ସଜାଡିବାରେ କାହାରି ଆନ୍ତରିକତା ନଥିବାରୁ ଲୋକେ ପାଣି ପାଇଁ ତହଲ ବିକଳ ହେଉଛନ୍ତି। ସରକାରୀ ଅର୍ଥରେ ସୋଲାର ପ୍ରକଳ୍ପ ତିଆରି ହୋଇଥିଲେ ହେଁ ଏଯାଏଁ ରକ୍ଷଣାବେକ୍ଷଣ ଅଭାବରୁ ଜୀବନ୍ୟାସ ପାଇ ନଥିବାରୁ ଅଞ୍ଚଳର ଲୋକଙ୍କ ପାଇଁ ପାଣି ମୁନ୍ଦାଏ ପାଇବା କାଠିକର ହୋଇଛି। ତେଣୁ ସାହି ବାସିନ୍ଦାଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ତୁରନ୍ତ ଏହାକୁ ମରାମତି କରିବାକୁ ଲୋକେ ଦାବି କରିଛନ୍ତି। ଏନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ରମ୍ୟରଞ୍ଜନ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ଅଳ୍ପ ଦିନ ମଧ୍ୟରେ ପଞ୍ଚାୟତ ପକ୍ଷରୁ ମରାମତି କରି ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦେବୁ ବୋଲି କହିଛନ୍ତି।



ପାଣି ପାଇଁ ସାହି ବାସିନ୍ଦା ହନ୍ତସନ୍ତ

## କୃଷକ ନେତାଙ୍କ ବିୟୋଗରେ ଶୋକ ସଭା

**ବଣାଇ, ୨।୧(ସମିସ):** ଭାରତୀୟ କିଷାନ ସଂଗଠନର ପୁଡୁଚେରୀ ପ୍ରଦେଶ ଅଧ୍ୟକ୍ଷ ଡ.ପି ବିରାପ୍ପାନଙ୍କ ବିୟୋଗରେ ଶୋକସଭା ଶୁକ୍ରବାର ବଣାଇ ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ବଣାଇ ଉପଖଣ୍ଡ ସଭାପତି ବସନ୍ତ କିଷାନଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଓଡ଼ିଶା ପ୍ରଦେଶ ଅଧ୍ୟକ୍ଷ ହରିଶଙ୍କର ପାଣି ଯୋଗଦେଇ ଶ୍ରୀ ବିରାପ୍ପାନଙ୍କୁ ସଂଗଠନର ପ୍ରମୁଖ ଅଙ୍ଗ ବୋଲି କହିବା ସହ ତାଙ୍କ ନେତୃତ୍ୱରେ ଅନେକ ଚାଷୀ ଓ ଗରିବ ଲୋକମାନଙ୍କୁ ନ୍ୟାୟ ମିଳିଥିବା ପ୍ରକାଶ କରିବା ସହ ତାଙ୍କ ସ୍ଥାନ ସଙ୍ଗଠନ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ସମାଜସେବୀ ସନ୍ତୋଷ ସାହୁ ଓ ପ୍ରଦ୍ୟୁମ୍ନ ସାହୁ, ଗୁରୁ ଚରଣ ବେହେରା, ଜଗନ୍ନାଥ କିଷାନ, ସୁନିଲରଞ୍ଜନ ଦାସ, ରାଜେଶ ମିଶ୍ର ଓ ପ୍ରଶାନ୍ତ ମହାନ୍ତ ପ୍ରମୁଖ ତାଙ୍କର ସ୍ମୃତିଚାରଣ କରିଥିଲେ। ଶେଷରେ ମାନିହର ଓରାମ ଧନ୍ୟବାଦ ପ୍ରଦାନ କରିଥିଲେ।

# ରାଉରକେଲା ପୁଲିସ ଜିଲ୍ଲାରେ ବାର୍ଷିକ ଅପରାଧ ହ୍ରାସ

ରାଉରକେଲା, ୨।୧(ସମିସ)



ରାଉରକେଲା ପୁଲିସ ଜିଲ୍ଲାରେ ୨୦୨୫ ମସିହାରେ ଉଲ୍ଲେଖନୀୟ ଅପରାଧ ହ୍ରାସ ପାଇଥିବା ଏକ ରିପୋର୍ଟରୁ ଜଣାପଡ଼ିଛି। ବିଶେଷ କରି ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରି ରାଉରକେଲା ପୁଲିସ ବିଭିନ୍ନ ଆପ୍ ଉନ୍ନତ କରି ରାଉରକେଲା ସହରକୁ ଅପରାଧ ମୁକ୍ତ କରିବା ସହ ପୁଲିସ ସେବା ଯୋଗାଇ ଦେବାରେ ସକ୍ଷମ ହୋଇଥିବା ପରିଲକ୍ଷିତ ହୋଇଛି। ରାଉରକେଲା ପୁଲିସ ପକ୍ଷରୁ ଏସପି ନିତେଶ ୱାଧୱାନୀଙ୍କ ତତ୍ତ୍ୱାବଧାନରେ 'ଅନୁସନ୍ଧାନ' ଏକ ନୂତନ ଆପ୍ ବିକଶିତ କରାଯାଇଛି। ଯାହାଦ୍ୱାରା ଯେକୌଣସି ଅଭିଯୋଗକାରୀ ସେ ଦେଇଥିବା ଏଫଆଇଆରର ସ୍ଥିତି ଅନଲାଇନରେ ଆପ୍ ମାଧ୍ୟମରେ ଜାଣିପାରିବା ସହ ଏ ନେଇ ଯେକୌଣସି ସନ୍ଦେହ ବିଷୟରେ ସମାଧାନ ପାଇପାରିବେ। ସେହିପରି ରାଉରକେଲା ପୁଲିସ ଦ୍ୱାରା ବିକଶିତ ହୋଇଥିବା ଇ-ବିଟ୍ ପାଟ୍ରୋଲିଂ ଆପ୍ ମାଧ୍ୟମରେ ବିଟ୍ ପାଟ୍ରୋଲିଂ ବିଷୟରେ ସହଜରେ ନିରୀକ୍ଷଣ କରିହେଉଛି। ୨୦୨୫ରେ ରାଉରକେଲା ପୁଲିସର ଏସପି ଶ୍ରୀ ୱାଧୱାନୀଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିକଶିତ ଆପ୍ ହେଉଛି ସିଲଡ୍ (ଏସଏଚଆଇଇଏଲଡି), ଯେଉଁ ଆପ୍ ମାଧ୍ୟମରେ ପୁଲିସ ସିସିଟିଭି କ୍ୟାମେରା, ହାଇ ଡେଫିନେସନ କ୍ୟାମେରା ଦ୍ୱାରା ସହରର ଅଭ୍ୟାସଗତ ଅପରାଧୀଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କ ଦ୍ୱାରା କୌଣସି ବଡଧରଣର ଅପରାଧିକ କାର୍ଯ୍ୟକଳାପ ଯୋଜନା ବେଳେ ପୁଲିସ ସେମାନଙ୍କୁ ଠାବ କରିବାରେ ସହାୟକ ହେଉଛି। ଏହା ଜିଲ୍ଲାର ସାମଗ୍ରିକ ଅପରାଧ ପରିସ୍ଥିତି ଉପରେ ସକାରାତ୍ମକ ପ୍ରଭାବ ପକାଇବା ସହ ରାଉରକେଲା ପୁଲିସ ସହରବାସୀଙ୍କର ବେଶ୍ ଆସ୍ଥା ଭାଜନ ହୋଇପାରିଛି।

ରାଉରକେଲା ପୁଲିସ ମୁଖ୍ୟାଳୟ ଅନୁସାରେ ୨୦୨୫ରେ, ରାଉରକେଲା ପୁଲିସ ଜିଲ୍ଲାରେ ପୂର୍ବ ବର୍ଷ ତୁଳନାରେ ପ୍ରମୁଖ ଅପରାଧ ବିଶେଷ କରି ଡକାୟତି ଏବଂ ଛିନତାଇରେ ମୋଟ ୭୦% ହ୍ରାସ କରି ପୂର୍ବ ବର୍ଷ ତୁଳନାରେ ରେକର୍ଡ ସୃଷ୍ଟି କରିଛି। ଗତ ୬ ମାସରେ ଇ-ବିଟ୍ ଆପ୍ ମାଧ୍ୟମରେ ତଦାରଖ କରାଯାଇଥିବା ବିଟ୍ ପାଟ୍ରୋଲିଂ ପ୍ରଚଳନ ଦ୍ୱାରା ଏହି ଉନ୍ନତି ପରିଲକ୍ଷିତ ହୋଇଛି। ୨୦୨୫ ବର୍ଷରେ ମୋଟ ୪୬୦ ଜଣ ଅପରାଧୀଙ୍କୁ ଗିରଫ କରାଯାଇଥିଲା। ସେହିପରି ସମ୍ପତ୍ତି ଅପରାଧରେ ଚିହ୍ନଟ ହାର ୩୨% ରୁ ୫୨%କୁ ଉନ୍ନତ ହୋଇଛି। ମହିଳା ଏବଂ ଶିଶୁଙ୍କ ବିରୁଦ୍ଧରେ ଅପରାଧକୁ ଶୂନ୍ୟ ସହନଶୀଳତା ସହିତ ପରିଚାଳନା କରାଯାଇଥିଲା। ଯାହା ତୁରନ୍ତ ପଞ୍ଜୀକରଣ, ସମ୍ବେଦନଶୀଳ ତଦନ୍ତ ଏବଂ ପ୍ରଭାବଶାଳୀ ଅନୁସରଣ ସୁନିଶ୍ଚିତ କରିଥିଲା। ଫଳରେ ୨୦୨୫ରେ ମହିଳାମାନଙ୍କ ବିରୁଦ୍ଧରେ ଅପରାଧ ୨୫% ହ୍ରାସ ପାଇଥିଲା। ବର୍ଦ୍ଧିତ ବୈଷୟିକ ତଦନ୍ତ ଏବଂ ଜନସଚେତନତା ଅଭିଯାନ ଯୋଗୁଁ ସାଇବର ଅପରାଧ ମାମଲାଗୁଡିକରେ ରିପୋର୍ଟିଂ ଏବଂ ଚିହ୍ନଟରେ ଉନ୍ନତି ଆସିଥିଲା। ଗତ ବର୍ଷ ମଧ୍ୟରେ ଠକେଇ ହୋଇଥିବା ପରିମାଣର ପୁନରାବୃତ୍ତି ଏବଂ ସାଇବର ଅପରାଧୀଙ୍କ ଚିହ୍ନଟରେ ଉନ୍ନତି ଆସିଛି। ୨୦୨୫ରେ ବିଭିନ୍ନ ରାଜ୍ୟରୁ ୬୫ ଜଣ ସାଇବର ଅପରାଧୀଙ୍କୁ ଗିରଫ କରାଯିବା ସହ ରାଉରକେଲା ପୁଲିସ ଜିଲ୍ଲାରେ ରାଉରକେଲା ପୁଲିସ ଜିଲ୍ଲା ସାଇବର ମାମଲାରେ ସର୍ବାଧିକ ଗିରଫଦାରୀ ହୋଇଛି। ରାଉରକେଲା ପୁଲିସ ଅନେକ ପ୍ରମୁଖ ଏବଂ ସମ୍ବେଦନଶୀଳ ମାମଲା ସଫଳତାର ସହ ସମାଧାନ କରିଛି। ଏନଡିପିଏସ ମାମଲାରେ ୬୨ ଜଣ ଏବଂ ଅସ୍ତ୍ରଶସ୍ତ୍ର ଆଇନ ମାମଲାରେ ୧୧୮ ଜଣଙ୍କୁ ଗିରଫ କରାଯାଇଥିଲା। ଏହା ଅସ୍ତ୍ରଶସ୍ତ୍ର ବ୍ୟବହାର କରି ସମ୍ପତ୍ତି ଅପରାଧ ଏବଂ ହିଂସାତ୍ମକ ଅପରାଧ ହାରକୁ ବହୁ ପରିମାଣରେ ହ୍ରାସ କରିଛି। ଏହାସହ ୨୦୨୫ର୍ରେ ବେଆଇନ ବାଲି ଖଣି ବିରୁଦ୍ଧରେ ୧୨୦ରୁ ଅଧିକ ମାମଲା ପଞ୍ଜିକୃତ ହୋଇଥିଲା। ସିସିଟିଭି, ଏଏନପିଆର, ଡିଜିଟାଲ୍ ଫରେନସିକ୍ସ ଏବଂ ରିଅଲ୍-ଟାଇମ୍ ମନିଟରିଂ ସିଷ୍ଟମର ପ୍ରଭାବଶାଳୀ ବ୍ୟବହାର ସହିତ ପ୍ରଯୁକ୍ତିବିଦ୍ୟା-ଚାଳିତ ପୁଲିସିଂ ଏକ ପ୍ରମୁଖ କେନ୍ଦ୍ରବିନ୍ଦୁ ହୋଇ ରହିଥିଲା। ତଥ୍ୟ-ଆଧାରିତ ନିୟୋଜନ ଏବଂ ଅପରାଧ ମ୍ୟାପିଂ ଅପରାଧକୁ ରୋକିବା ଏବଂ ପ୍ରତିକ୍ରିୟା ସମୟକୁ ଉନ୍ନତ କରିବାରେ ସାହାଯ୍ୟ କରିଥିଲା। ସ୍କୁଲ, କଲେଜ, ଶିଳ୍ପ ଏବଂ ଆବାସିକ ଅଞ୍ଚଳରେ, ବିଶେଷକରି ସାଇବର ସୁରକ୍ଷା, ଟ୍ରାଫିକ୍ ଶୃଙ୍ଖଳା ଏବଂ ମହିଳା ସୁରକ୍ଷା ଉପରେ ପ୍ରସାର ମାଧ୍ୟମରେ ସମ୍ପ୍ରଦାୟ ସମ୍ପୃକ୍ତି ଏବଂ ସଚେତନତା କାର୍ଯ୍ୟକ୍ରମକୁ ସୁଦୃଢ଼ କରାଯାଇଥିଲା। ଆଗାମୀ ଦିନରେ ବୃତ୍ତିଗତ, ପ୍ରଯୁକ୍ତିବିଦ୍ୟା ସକ୍ଷମ ଏବଂ ନାଗରିକ କୈନ୍ଦ୍ରିକ ପୁଲିସିଂ ଉପରେ ନିରନ୍ତର ଗୁରୁତ୍ୱ ଦିଆଯିବ ବୋଲି ଏସପି ଶ୍ରୀ ୱାଧୱାନୀ କହିଛନ୍ତି।

- ଡକାୟତି, ଛିନତାଇ ୭୦% ହ୍ରାସ
- ଗାଡ଼ି ଚୋରି ୨୦% ହ୍ରାସ

## କଳିଙ୍ଗ ସଂସଦ ପରିଷଦ ପକ୍ଷରୁ ସୁନ୍ଦରଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ

**ରାଉରକେଲା, ୨।୧(ସମିସ):** ଓଡ଼ିଶା ମାନଚିତ୍ରରେ ଆୟତନ ଦୃଷ୍ଟିରୁ ମୟୂରଭଞ୍ଜ ପରେ ସୁନ୍ଦରଗଡ଼ ଦ୍ୱିତୀୟ ବୃହତ୍ତମ ଜିଲ୍ଲା। ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପ୍ରାକୃତିକ ସମ୍ପଦର ଐଶ୍ୱର୍ଯ୍ୟରେ ଭରା ଏହା ରାଜ୍ୟର ଏକ ଧନୀ ଜିଲ୍ଲା। ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ର ଅନ୍ୟ ଏକ ବୈଶିଷ୍ଟ୍ୟ ହେଲା ଜିଲ୍ଲାଟି ଉଭୟ ଝାଡଖଣ୍ଡ ଓ ଛତିଶଗଡ଼ ରାଜ୍ୟର ସୀମା ସହ ସଂଲଗ୍ନ ରହିଛି। ପୂର୍ବରୁ ଥିବା ଦୁଇଟି ଗଡ଼ଜାତ ରାଜ୍ୟ ଗାଙ୍ଗପୁର ଓ ବଣାଇ ଏହି ଦିନ ଓଡ଼ିଶା ସହ ମିଶିଥିଲା ଓ ଏହା ସୁନ୍ଦରଗଡ଼ ଜିଲ୍ଲା ନାମରେ ନାମିତ ହୋଇଥିଲା। ସୁନ୍ଦରଗଡ଼ର ଅର୍ଥ ଏହା ଏକ ସୌନ୍ଦର୍ଯ୍ୟପୂର୍ଣ୍ଣ ଗଡ଼ ବା ଅଞ୍ଚଳ। ଯାହାର ୪୩ ଭାଗ ଜଙ୍ଗଲ ରହିଛି। ଜିଲ୍ଲା ଭାବେ ପ୍ରତିଷ୍ଠା ଦିନ ଠାରୁ ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ ଜିଲ୍ଲା ଭାବେ ନିଜର ସ୍ଥିତି ଜାହିର କରି ରଖିଛି। ଇଂରାଜୀ ନବବର୍ଷ ୧୯୪୮ ମସିହାରେ ଜିଲ୍ଲାର ସୃଷ୍ଟି ହୋଇଥିବାରୁ ଚଳିତ ବର୍ଷ ପ୍ରଥମ କରି ରାଉରକେଲା ସ୍ମାର୍ଟ ସିଟିରେ ସୁନ୍ଦରଗଡ଼ ଜିଲ୍ଲାର ଜନ୍ମଦିନକୁ ଧୂମଧାମରେ ବିଶ୍ରା ଛକ ଠାରେ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ପାଳନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ଯୋଗ ଦେଇ ଧରତୀ ଆବା ବୀର ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। କଳିଙ୍ଗ ସଂସଦ ପରିଷଦର ସଦସ୍ୟଙ୍କ ସହ ପ୍ରତିମୂର୍ତ୍ତି ଚର୍ତୁପାଶ୍ୱରେ ବାଜା ଓ ନୃତ୍ୟର ତାଳେ ତାଳେ ବୁଲିଥିଲେ। ସଂସଦର ଅଧ୍ୟକ୍ଷ ଗିରିଜା ଶଙ୍କର ଦ୍ୱିବେଦୀଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଆୟୋଜିତ ଉତ୍ସବରେ ସହରର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଂଗଠନ ମଧ୍ୟରେ ସ୍ମାଟ୍‌ର୍ ଲେଡିଜ କ୍ଲବ୍, ଅହିରାବନ୍ଧ ଜଗନ୍ନାଥ ମନ୍ଦିର କୀର୍ତ୍ତନ ମଣ୍ଡଳୀ, ଆନନ୍ଦ ସ୍କୁଲ ଅଫ୍ ଡ୍ୟାନ୍ସ, ଯୁବ ଜାଗୃତି ମଞ୍ଚ, କଳିଙ୍ଗ ବ୍ୟବସାୟୀ ସଂଘ ରାଉରକେଲା ପ୍ରମୁଖ ସାମିଲ ହୋଇଥିଲେ। ସଂସଦର ଜ୍ୟୋର୍ତିମୟ ଆଚାର୍ଯ୍ୟ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ପରିଚାଳନା କରିଥିଲେ। ପୂର୍ବରୁ ସେକ୍ଟର-୨ ବିଜୁ ପଟ୍ଟନାୟକ ଛକରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଥିଲା। କାର୍ଯ୍ୟକ୍ରମ ଆୟୋଜନରେ ସଂସଦର ସଞ୍ଜୀବ ନାୟକ, ଜିତେନ୍ଦ୍ର ପ୍ରସାଦ, ଅକ୍ଷୟ ଚୌଧୁରୀ, ଅଶୋକ ପଣ୍ଡା, ସୂର୍ଯ୍ୟ ଚୌଧୁରୀ, ଦାଶରଥି ବିଶ୍ୱାଳ, ଦିନେଶ ପ୍ରସାଦ, ସାହୁ, ଗୌତମ ଭଗତ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୀନା ନାୟକ, ପ୍ରତିଭା ପ୍ରିୟଦର୍ଶିନୀ, ହେମଲତା ପ୍ରସାଦ, ମାନୀନୀ ଜେନା, ନିରୁପମା, ଗୋପାଳ ଜେନା, ସଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆନନ୍ଦ ସୁନା ଧନ୍ୟବାଦ ଦେଇଥିଲେ।







